# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର, ମାର୍ଚ୍ଚ ୧୫/୨୦୨୧ (୧୬ ପୃଷ୍ଠା) | Dhenkanal, Monday, March 15/2021 | ★★★★★

୧୭ଶ ଭାଗ ୨୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-










'ପିଏଲ୍‌ଓଏସ୍ ବାୟୋଲୋଜି' ପତ୍ରିକାରେ ପ୍ରକାଶିତ ଅଧ୍ୟୟନ ରିପୋର୍ଟ ଅନୁସାରେ କରୋନା ଭୂତାଣୁର ମୂଳ ରୂପରେ ସାମାନ୍ୟ ପରିବର୍ତ୍ତନ ହୋଇ ଏହା ବାଦୁଡ଼ି ଦେହରୁ ମଣିଷ ଶରୀରକୁ ଆସିଥିଲା। ବାଦୁଡ଼ି ଶରୀରରେ ଥିବାବେଳେ ବିବର୍ତ୍ତନ ହୋଇ ଭୂତାଣୁ ମଣିଷ ଦେହକୁ ସଂକ୍ରମିତ ହେବାର କ୍ଷମତା ପାଇଥିଲା। ସାର୍କ-କୋଭ୍-୨ ଭୂତାଣୁର ହଜାର ହଜାର ଅନୁକ୍ରମ ଜିନୋମ୍‌କୁ ଅନୁଧାନ କରାଯାଇଥିଲା। ମହାମାରୀର ପ୍ରଥମ ୧୧ ମାସ ମଧ୍ୟରେ ଭୂତାଣୁରେ ଜିନ୍‌ଗତ ପରିବର୍ତ୍ତନ ହୋଇଥିଲା ବୋଲି ସ୍କଟଲାଣ୍ଡସ୍ଥିତ ଗ୍ଲାସଗୋ ୟୁନିଭର୍ସିଟି ସେଣ୍ଟର ଫର୍ ଭାଇରସ୍ ରିସର୍ଚ୍ଚ ପକ୍ଷରୁ କୁହାଯାଇଛି।



## ସଂକ୍ଷେପରେ

### ଦିନକରେ ୨୫,୩୨୦ ସଂକ୍ରମିତ

**ନୂଆଦିଲ୍ଲୀ,୧୪।୩(ଆଇଏଏନ୍‌ଏସ୍):** ଗୋଟିଏ ଦିନରେ ଭାରତରେ ୨୫,୩୨୦ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗତ ୮୪ ଦିନ ମଧ୍ୟରେ ଏହା ସର୍ବାଧିକ ସଂକ୍ରମଣ। କରୋନା ସଂକ୍ରମଣ ଜନିତ ମୃତ୍ୟୁସଂଖ୍ୟା ମଧ ଚିନ୍ତାଜନକ ଭାବେ ବଢ଼ିବାରେ ଲାଗିଛି। ଶନିବାର ନୂତନ ସଂକ୍ରମିତଙ୍କ ସଂଖ୍ୟା ୨୪,୮୮୨ ରହିଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ୧୬୧ ଜଣଙ୍କର କରୋନାରେ ମୃତ୍ୟୁ ଘଟିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୧୩,୫୯,୦୪୮ରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୧,୫୮,୬୦୭ ହୋଇଛି। ତେବେ ନୂତନ ସଂକ୍ରମିତଙ୍କ ମଧ୍ୟରୁ ୬୭ ପ୍ରତିଶତ କେବଳ ଦୁଇଟି ରାଜ୍ୟ ମହାରାଷ୍ଟ୍ର ଓ ପଞ୍ଜାବରୁ। ମହାରାଷ୍ଟ୍ରରେ ଗତ ୨୪ ଘଣ୍ଟାରେ ୧୫,୬୦୨ ଜଣ ସଂକ୍ରମିତ ହୋଇଥିବାବେଳେ ପଞ୍ଜାବରେ ୧,୫୧୫ ଜଣ ଆକ୍ରାନ୍ତ ହୋଇଛନ୍ତି। ଗତବର୍ଷ ଅକ୍ଟୋବର-ନଭେମ୍ବରରେ ଏଭଳି ସଂକ୍ରମଣ ରେକର୍ଡ କରାଯାଇଥିଲା। ପରେ ସେଥିରେ ହ୍ରାସ ଘଟିଥିଲା। ଏବେ ଦୈନିକ ସଂକ୍ରମଣ ହାର ପୁଣିଥରେ ଗତବର୍ଷ ଡିସେମ୍ବର ସ୍ତରକୁ ଆସିଛି। ଗତ ୪ ଦିନ ମଧ୍ୟରେ ପାଖାପାଖି ଲକ୍ଷେ ଲୋକ କରୋନାରେ ସଂକ୍ରମିତ ହେଲେଣି।

### ସବୁ ପୌର ନିଗମ ପୋଛିନେଲା ୱାଇଏସ୍‌ଆର୍ କଂଗ୍ରେସ

**ଅମରାବତୀ,୧୪।୩:** ଆନ୍ଧ୍ରପ୍ରଦେଶ ପୌର ନିର୍ବାଚନରେ ଜଗନ ମୋହନ ରେଡ୍ଡୀଙ୍କ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟିକୁ ବଡ଼ ସଫଳତା ମିଳିଛି। ଭୋଟ ଗଣତି ଶେଷ ହୋଇଥିବା ୭୧ ମ୍ୟୁନିସିପାଲିଟି ମଧ୍ୟରୁ ତାଙ୍କ ଦଳ ୬୯ଟିରେ ବିଜୟୀ ହୋଇଛି। ଏଥିସହିତ ୱାଇଏସ୍‌ଆର୍ କଂଗ୍ରେସ ସମସ୍ତ ୧୧ ମ୍ୟୁନିସିପାଲ କର୍ପୋରେଶନକୁ ହାତେଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଯୋଗୁ ଏଲୁରୁ ପୌର ନିଗମ ଭୋଟଗଣତି ହୋଇନାହିଁ। ୧୨ଟି ପୌର ନିଗମ, ୭୫ ମ୍ୟୁନିସିପାଲିଟି ଏବଂ ନଗର ପଞ୍ଚାୟତ ପାଇଁ ମାର୍ଚ୍ଚ ୧୦ରେ ଭୋଟ ହୋଇଥିଲା। ମିଡୁକୁର ମ୍ୟୁନିସିପାଲିଟିରେ ଟିଡିପି ୧୨ ୱାର୍ଡ ଏବଂ ୱାଇଏସ୍‌ଆର୍ କଂଗ୍ରେସ ୧୧ ୱାର୍ଡରେ ବିଜୟୀ ହୋଇଥିଲେ ମଧ୍ୟ ଏକ୍ସଅଫିସିଓ ଭୋଟ ବଳରେ ସେଠାରେ ୱାଇଏସ୍‌ଆର୍ କଂଗ୍ରେସ ପ୍ରାର୍ଥୀଙ୍କୁ ଅଧ୍ୟକ୍ଷ ପଦ ମିଳିଛି।

### ପାଲକ୍କାଡ଼ରୁ ଲଢ଼ିବେ ମେଟ୍ରୋମ୍ୟାନ୍



**ନୂଆଦିଲ୍ଲୀ,୧୪।୩(ଆଇଏଏନ୍‌ଏସ୍):** କେରଳ ବିଧାନସଭା ନିର୍ବାଚନ ପାଇଁ ଭାଜପା ରବିବାର ୧୧୨ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ରାଜ୍ୟ ଭାଜପା ସଭାପତି କେ. ସୁରେନ୍ଦ୍ରନ୍ ଦୁଇଟି ଆସନ ମଞ୍ଜେଶ୍ୱର ଏବଂ କୋନ୍ନିରୁ ନିର୍ବାଚନ ଲଢ଼ିବାକୁ ଥିବାବେଳେ ମେଟ୍ରୋମ୍ୟାନ୍ ଇ. ଶ୍ରୀଧରନଙ୍କୁ ପାଲକ୍କାଡ଼ରୁ ପ୍ରାର୍ଥୀ କରାଯାଇଛି। ଭାଜପା କେରଳରେ ୧୧୫ ଆସନରେ ଲଢ଼ିବ। ଭାଜପାର ପୂର୍ବତନ ରାଜ୍ୟ ସଭାପତି କୁମ୍ମନମ ରାଜଶେଖରନ୍ ନେମୋମ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ କେ.ଜେ. ଆଲଫୋନ୍ସ କଞ୍ଜିରାପଲ୍ଲୀରୁ ପ୍ରାର୍ଥୀ ହୋଇଛନ୍ତି।

## ଓସ୍କାର ମଞ୍ଚରେ ନଗ୍ନ ପ୍ରତିବାଦ



'ଫ୍ରେଞ୍ଚ ଓସ୍କାର' ଉତ୍ସବରେ ଅଭିନେତ୍ରୀ କୋରିନ୍ ମାସେରୋ ସମ୍ପୂର୍ଣ୍ଣ ନଗ୍ନ ହୋଇ ଫ୍ରାନ୍ସ ସରକାରଙ୍କ ବିରୋଧ କରିଛନ୍ତି। ୫୭ ବର୍ଷୀୟା କୋରିନ୍ ବେଷ୍ଟ କଷ୍ଟ୍ୟୁମ୍ ଆୱାର୍ଡ ପ୍ରଦାନ କରିବା ପାଇଁ ଷ୍ଟେଜକୁ ଆସିଥିଲେ। ସେ ଗଧ ଭଳି ଦିଶୁଥିବା ପୋଷାକ ପିନ୍ଧିଥିଲେ, ଯେଉଁଥିରେ ରକ୍ତଛିଟା ଲାଗିଥିଲା। ସେଠାରେ ହିଁ ସେ ସମସ୍ତଙ୍କ ସାମ୍ନାରେ ପୋଷାକ ଖୋଲି ଦେଇଥିଲେ। କରୋନା ପାଇଁ ଫ୍ରାନ୍ସରେ ୩ ମାସ ହେଲା ସିନେମା ହଲ୍ ବନ୍ଦ ପଡ଼ିଥିବାବେଳେ ସରକାର କଳାକାରମାନଙ୍କ ପାଇଁ ଆଦୌ ଚିନ୍ତା କରୁ ନ ଥିବା କୋରିନ୍ କହିଥିଲେ। 'ଆମକୁ ଆମ ସଂସ୍କୃତି ଫେରାଇ ଦିଅ' ବୋଲି ପ୍ରଧାନମନ୍ତ୍ରୀ ଜିନ୍ କାସ୍‌ଟେକ୍ସଙ୍କ ଉଦ୍ଦେଶ୍ୟରେ ନିଜ ପିଠିରେ ଲେଖିଥିଲେ।

## ନନ୍‌ଭେଜ ପିଜ୍ଜା ଆସିବାରୁ କୋଟିଏ ମାଗିଲେ



ଭେଜ୍ (ଶାକାହାରୀ) ପିଜ୍ଜା ବଦଳରେ ନନ୍‌ଭେଜ୍(ଆମିଷ) ପିଜ୍ଜା ଡେଲିଭରି ଦେବା ଉତ୍ତରପ୍ରଦେଶର ଗାଜିଆବାଦସ୍ଥିତ ଏକ କମ୍ପାନୀକୁ ମହଙ୍ଗା ପଡ଼ିଛି। ପିଜ୍ଜା ପାଇଥିବା ମହିଳା ଜଣକ କମ୍ପାନୀ ବିରୋଧରେ ଧାର୍ମିକ ଭାବନାକୁ ଆଘାତ ଦେଇଥିବା ଅଭିଯୋଗ ଆଣିବା ସହ ୧ କୋଟି ଟଙ୍କା ଦାବି କରି ଖାଉଟି ଅଦାଲତରେ ପିଟିଶନ ଦାଖଲ କରିଛନ୍ତି। ମହିଳା ଜଣକ ଆମେରିକୀୟ ଭେଜ୍ ପିଜ୍ଜା ପାଇଁ ଅର୍ଡର ଦେଇଥିଲେ। କିନ୍ତୁ ଭୁଲ୍‌ବଶତଃ ତାଙ୍କ ନିକଟରେ ନନ୍‌ଭେଜ୍ ପିଜ୍ଜା ପହଞ୍ଚିଥିଲା। ଏହି ପିଜ୍ଜା ଖାଇବା ଯୋଗୁ ତାଙ୍କ ଧାର୍ମିକ ବିଶ୍ୱାସ, ପାରିବାରିକ ପରମ୍ପରା ଭାଙ୍ଗିଛି। ଫଳରେ ସେ ପିଜ୍ଜା ଖାଇବା ଛାଡ଼ିଦେଇଛନ୍ତି ବୋଲି ପିଟିଶନରେ ଦର୍ଶାଇଛନ୍ତି।

# ଘାଇଲା ବାଘ ଅଧିକ ବିପଜ୍ଜନକ

## ହୁଇଲ୍ ଚେୟାରରେ ମମତାଙ୍କ ରୋଡ୍ ଶୋ'



**କୋଲକାତା,୧୪।୩**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରବିବାର ହୁଇଲ୍ ଚେୟାରରେ ବସି କୋଲକାତାରେ ରୋଡ୍ ଶୋ' କରିଥିଲେ। ଘାଇଲା ବାଘ ଅଧିକ ବିପଜ୍ଜନକ ହୋଇଥାଏ ବୋଲି ସେ କହିଛନ୍ତି। ରାଲିକୁ ସମ୍ବୋଧନ କରି ମମତା କହିଥିଲେ, ଜୀବନରେ ଅନେକ ଥର ଆକ୍ରମଣର ସମ୍ମୁଖୀନ ହୋଇଛି, ହେଲେ କେବେ ବି ମୁଣ୍ଡ ନୁଆଁଇ ନାହିଁ। ଗୋଡ଼ ଭାଙ୍ଗିଥିଲେ ମଧ ହୁଇଲ୍ ଚେୟାରରେ ସେ ସାରା ରାଜ୍ୟରେ ପ୍ରଚାର କରିବେ ବୋଲି ଘୋଷଣା କରିଛନ୍ତି। ଜନସାଧାରଣ ଆମକୁ ଭୋଟ ଦେଲେ ଗଣତନ୍ତ୍ର ସେମାନଙ୍କ ପାଖକୁ ନିଶ୍ଚୟ ଫେରିବ ଏବଂ ପଶ୍ଚିମବଙ୍ଗ ବିରୋଧରେ ସମସ୍ତ ଷଡ଼ଯନ୍ତ୍ର ଧ୍ୱଂସ ହୋଇଯିବ ବୋଲି ସେ କହିଛନ୍ତି। ୪ ଦିନ ପୂର୍ବରୁ ନନ୍ଦିଗ୍ରାମରେ ନିର୍ବାଚନ ପ୍ରଚାର ବେଳେ ମମତା ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଶୁକ୍ରବାର ସେ ହସ୍ପିଟାଲରୁ ଘରକୁ ଫେରିଥିଲେ।

ଜନସାଧାରଣଙ୍କ ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ଲାଗି ତାଙ୍କର ଲଢ଼େଇ ଜାରି ରହିବ। ଏଥିରୁ କେହି ତାଙ୍କୁ ନିବୃତ୍ତ କରିପାରିବେ ନାହିଁ ବୋଲି ୬୬ ବର୍ଷୀୟା ତୃଣମୂଳ କଂଗ୍ରେସ ନେତ୍ରୀ କହିଛନ୍ତି। ଅସୁସ୍ଥ ହେଲେ ମଧ ଲକ୍ଷ୍ୟରୁ ବିଚ୍ୟୁତ ହୋଇନାହିଁ। ଦେହରେ ଆଘାତ ଲାଗିଥିବା ସତ୍ତ୍ୱେ ହୁଇଲ୍ ଚେୟାରରେ ସାରା ରାଜ୍ୟ ବୁଲିବି ଓ କଦାପି ମୁଣ୍ଡ ନୁଆଁଇବି ନାହିଁ ବୋଲି ମମତା କହିଛନ୍ତି।

## ଭାଜପାର ୪ ଏମ୍‌ପି ହେଲେ ବିଧାୟକ ପ୍ରାର୍ଥୀ

### ସାମର୍ଥ୍ୟର ଅଭାବ କହିଲା ଟିଏମ୍‌ସି

**କୋଲକାତା,୧୪।୩**

ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ଭାଜପା ରବିବାର ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। କେନ୍ଦ୍ରମନ୍ତ୍ରୀ ବାବୁଲ୍ ସୁପ୍ରିୟୋଙ୍କ ସମେତ ୩ ଜଣ ଲୋକ ସଭା ସଦସ୍ୟ ଏବଂ ଜଣେ ରାଜ୍ୟ ସଭା ଏମ୍‌ପିଙ୍କୁ ପ୍ରାର୍ଥୀ କରାଯାଇଛି। ଅନ୍ୟ ଏମ୍‌ପିମାନେ ହେଲେ ଲକେଟ ଚାଟାର୍ଜୀ, ନୀତୀଶ ପ୍ରାମାଣିକ ଏବଂ ସ୍ୱପନ ଦାସଗୁପ୍ତା। ନିର୍ବାଚନ ଲଢ଼ିବା ପାଇଁ ଭାଜପାରେ ସାମର୍ଥ୍ୟର ଅଭାବ ଥିବା ୪ ଜଣ ଏମ୍‌ପିଙ୍କୁ ପ୍ରାର୍ଥୀ କରିବାରୁ ସ୍ପଷ୍ଟ ହେଉଛି ବୋଲି ତୃଣମୂଳ କଂଗ୍ରେସ ନେତା ତଥା ପଶ୍ଚିମବଙ୍ଗ ମନ୍ତ୍ରୀ ପାର୍ଥ ଚାଟାର୍ଜୀ କହିଛନ୍ତି।

ବାବୁଲ୍ ସୁପ୍ରିୟୋ ଗାୟକରୁ ରାଜନେତା ହେବା ସହ କେନ୍ଦ୍ରରେ ପରିବେଶ ରାଷ୍ଟ୍ରମନ୍ତ୍ରୀ ଅଛନ୍ତି। ସେ କୋଲକାତାର ଟଲିଗଞ୍ଜରୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ଲକେଟ ହୁଗ୍ଲି ଜିଲାର ଚିନସୁରାରୁ ଏବଂ ସ୍ୱପନ ଦାସଗୁପ୍ତା ତାରକେଶ୍ୱର ଆସନରୁ ଲଢ଼ିବେ। ନୀତୀଶ ପ୍ରାମାଣିକଙ୍କୁ କୁଚ୍‌ବିହାରର ଦିନ୍‌ହାଟରୁ ପ୍ରାର୍ଥୀ କରାଯାଇଛି। ଭାଜପା ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ୨୭ ଓ ଚତୁର୍ଥ ପର୍ଯ୍ୟାୟ ପାଇଁ ୩୮ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅଶୋକ ଲାହିରିଙ୍କୁ ଆଲିପୁରଦୁଆରରୁ ପ୍ରାର୍ଥୀ କରାଯାଇଥିବାବେଳେ ଅଭିନେତା ୟାଶ ଦାସଗୁପ୍ତା ଚଣ୍ଡିତାଲା,ଅଭିନେତ୍ରୀ ପାୟଲ ସର୍କାର ବେହାଲ ଇଷ୍ଟ, ତନୁଶ୍ରୀ ଚକ୍ରବର୍ତ୍ତୀ ଶ୍ୟାମପୁର ଏବଂ ଅଞ୍ଜନା ବସୁ ସୋନାରପୁର ସାଉଥରୁ ପ୍ରାର୍ଥୀ ହୋଇଛନ୍ତି। ନିକଟରେ ଭାଜପାରେ ସାମିଲ ହୋଇଥିବା ଟିଏମ୍‌ସି ବିଧାୟକ ରବୀନ୍ଦ୍ରନାଥ ଭଟ୍ଟାଚାର୍ଜୀ ସିଙ୍ଗୁର ଆସନରୁ, ରାଜୀବ ବାନାର୍ଜୀ ଡୋମଜୁର ଏବଂ ପ୍ରବୀର ଘୋଷାଲ ଉତ୍ତରପଡ଼ାରୁ ପ୍ରାର୍ଥୀ ହୋଇଛନ୍ତି।



କେନ୍ଦ୍ରମନ୍ତ୍ରୀ ବାବୁଲ୍ ସୁପ୍ରିୟୋ



ରାଜ୍ୟ ସଭା ସଦସ୍ୟ ସ୍ୱପନ ଦାସଗୁପ୍ତା

### ଏନ୍‌ଆଇଏ ରିମାଣ୍ଡରେ ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ



ସଚିନ ୱାଜେ

### ଅମ୍ବାନୀଙ୍କ ଘର ପାଖରୁ ବିସ୍ଫୋରକ ମିଳିବା ଘଟଣା

**ମୁମ୍ବାଇ,୧୪।୩**

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ବାସଭବନ ଆଣ୍ଟାଲିଆ ନିକଟରୁ ବିସ୍ଫୋରକ ଭର୍ତ୍ତି କାର ମିଳିବା ଘଟଣା ସହ ସମ୍ପୃକ୍ତି ନେଇ ଗିରଫ ହୋଇଥିବା ପୋଲିସ ଅଧିକାରୀ ସଚିନ ୱାଜେଙ୍କୁ ମୁମ୍ବାଇର ଏକ ଅଦାଲତ ମାର୍ଚ୍ଚ ୨୫ ପର୍ଯ୍ୟନ୍ତ ଏନ୍‌ଆଇଏ ରିମାଣ୍ଡରେ ପଠାଇଛନ୍ତି। ଉକ୍ତ କାର୍ ମାଲିକ ମନସୁଖ ହିରେନ୍ ମୃତ୍ୟୁ ଘଟଣାରେ ଗିରଫ ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ ସଚିନଙ୍କ ଅନ୍ତରୀଣ ଜାମିନ ଆବେଦନକୁ ଠାଣେର ଏକ ଅଦାଲତ ଶନିବାର ଖାରଜ କରିଦେଇଥିଲେ। ଶନିବାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ସଚିନଙ୍କୁ ୧୧ ଘଣ୍ଟା ଜେରା କରିବା ପରେ ଗିରଫ କରିଥିଲା। ତାଙ୍କର ହାଜତ ଜେରା ଜରୁରୀ ବୋଲି ଠାଣେ କୋର୍ଟ ଅନୁଭବ କରିବା ପରେ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ।

## ମନ୍ଦିର ଯାଇ ମାଡ଼ଖାଇଲେ ମୁସଲମାନ ନାବାଳକ

### ଭିଡିଓ ଭାଇରାଲ

■ପାଣି ପାଇଁ ଯାଇଥିଲେ

■ଗୋଇଠା, ଚାପୁଡ଼ା ମିଳିଲା

**ଗାଜିଆବାଦ, ୧୪।୩**

ଉତ୍ତରପ୍ରଦେଶର ଗାଜିଆବାଦସ୍ଥିତ ଏକ ମନ୍ଦିରରେ ଜଣେ ୧୪ ବର୍ଷୀୟ ମୁସଲମାନ ବାଳକ ପ୍ରବେଶ କରିବାରୁ ତାଙ୍କୁ ନିର୍ମମଭାବେ ମାଡ଼ ମରାଯାଇଛି। ନାବାଳକ ଜଣକ ପାଣି ପିଇବାକୁ ସେଠାକୁ ଯାଇଥିଲେ। ଅଭିଯୁକ୍ତ ତାଙ୍କୁ ଚାପୁଡ଼ା ସହ ଗୁପ୍ତାଙ୍ଗରେ ଗୋଇଠା ମାରି ଚାଲିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଗାଜିଆବାଦ ପୋଲିସ ମୁଖ୍ୟ ଅଭିଯୁକ୍ତ ଶ୍ରୀଙ୍ଗୀ ନନ୍ଦନ ଯାଦବ ଏବଂ ସହଯୋଗୀ ଶିବାନନ୍ଦଙ୍କୁ ଗିରଫ କରିଛି।



ମୁଖ୍ୟ ଅଭିଯୁକ୍ତ ଶ୍ରୀଙ୍ଗୀ ନନ୍ଦନ ଯାଦବ

ଗୁରୁବାର ସନ୍ଧ୍ୟାରେ ନାବାଳକ ଜଣକ ମନ୍ଦିରକୁ ଯାଇଥିଲେ। ସେଠାରେ ଯାଦବ ତାଙ୍କ ହାତ ଧରି ଟାଣି ଆଣିବା ସହ ନାବାଳକଙ୍କ ନାଁ ଓ ସେ ମନ୍ଦିରକୁ କାହିଁକି ଆସିଛନ୍ତି ବୋଲି ପଚାରିଥିଲେ। ନାବାଳକ ଜଣକ ନିଜର ଓ ତାଙ୍କ ବାପାଙ୍କ ନାଁ କହିବା ସହ ସେ ପାଣି ପିଇବାକୁ ମନ୍ଦିରକୁ ଆସିଥିବା କହିଥିଲେ। କିନ୍ତୁ ଯାଦବ କିଛି ନ ଶୁଣି ତାଙ୍କୁ ଚାପୁଡ଼ା ମାରିବା ସହ ଗୁପ୍ତାଙ୍ଗକୁ ଗୋଇଠା ମାରି ଚାଲିଥିଲେ। ଉକ୍ତ ମନ୍ଦିର କାନ୍ଥରେ 'ଏହା ହିନ୍ଦୁମାନଙ୍କ ପବିତ୍ର ପୀଠ, ଏଠାରେ ମୁସଲମାନଙ୍କ ପ୍ରବେଶ ନିଷେଧ' ବୋଲି ଲେଖାଯାଇଛି। ଏ ସମସ୍ତ ଘଟଣାର ଏକ ଭିଡିଓ ହିନ୍ଦୁ ଏକତା ସଂଘର ଇନଷ୍ଟାଗ୍ରାମ୍ ଆକାଉଣ୍ଟରେ ପୋଷ୍ଟ କରାଯାଇଥିଲା। ଅଭିଯୁକ୍ତଙ୍କ ଚିହ୍ନା ପରିଚିତ ବ୍ୟକ୍ତି ଭିଡିଓ ଅପଲୋଡ୍ କରିଥିବା ଜଣାପଡ଼ିଛି।

### ଟିକେଟ ନ ମିଳିବାରୁ ମୁଣ୍ଡନ



କେରଳ ମହିଳା କଂଗ୍ରେସ ସଭାପତି ଲଥିକା ସୁଭାଷଙ୍କୁ ଦଳୀୟ ଟିକେଟ ନ ମିଳିବାରୁ ସେ ପିସିସି କାର୍ଯ୍ୟାଳୟ ଆଗରେ ଲଣ୍ଡା ହୋଇ ପ୍ରତିବାଦ କରୁଛନ୍ତି।

## ଜେଡିୟୁରେ ମିଶିଲା ଆର୍‌ଏଲ୍‌ଏସ୍‌ପି

### ୮ ବର୍ଷ ପରେ ନୀତୀଶଙ୍କ ପାଖକୁ ଫେରିଲେ କୁଶ୍ୱାହା

**ପାଟନା,୧୪।୩**

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ)ରୁ ଅଲଗା ହୋଇ ରାଷ୍ଟ୍ରୀୟ ଲୋକ ସମତା ପାର୍ଟି (ଆର୍‌ଏଲ୍‌ଏସ୍‌ପି) ଗଢ଼ିଥିବା ଉପେନ୍ଦ୍ର କୁଶ୍ୱାହା ୮ ବର୍ଷ ପରେ ପୁଣି ମୂଳ ଦଳକୁ ଫେରିଛନ୍ତି। ରବିବାର କୁଶ୍ୱାହାଙ୍କ ଦଳ ଆର୍‌ଏଲ୍‌ଏସ୍‌ପିର ଜେଡିୟୁ ସହ ମିଶ୍ରଣ ହୋଇଛି। ଏଥିସହିତ ଘରବାହୁଡ଼ା ନେତା କୁଶ୍ୱାହାଙ୍କୁ ଜେଡିୟୁ ସଂସଦୀୟ ବୋର୍ଡ ଅଧ୍ୟକ୍ଷ କରାଯାଇଛି।



ଦଳର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନେବାକୁ ଆର୍‌ଏଲ୍‌ଏସ୍‌ପିର ଜାତୀୟ କାର୍ଯ୍ୟକାରିଣୀ କମିଟି ତାଙ୍କୁ କ୍ଷମତା ଦେଇଥିଲା ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ କୁଶ୍ୱାହା କହିଛନ୍ତି। ୧୧ଦିନ ପୂର୍ବରୁ ଆର୍‌ଏଲ୍‌ଏସ୍‌ପି ଏହାର ଅଷ୍ଟମ ପ୍ରତିଷ୍ଠା ଦିବସ ପାଳିଥିଲା। ତେବେ ଏହାର ୩୦ ଜଣ ରାଜ୍ୟ ଓ ଜିଲା କାର୍ଯ୍ୟକର୍ତ୍ତା ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି)ରେ ସାମିଲ ହେବାରୁ ଆର୍‌ଏଲ୍‌ଏସ୍‌ପିକୁ ଶକ୍ତ ଝଟ୍‌କା ଲାଗିଥିଲା। ଫଳରେ ଏହା ମୂଳ ଦଳକୁ ଫେରିଯିବା ଲାଗି ନିଷ୍ପତ୍ତି ନେଇଥିଲା। ଏହି ମିଶ୍ରଣ ଫଳରେ ନୀତୀଶ କୁମାରଙ୍କ ପାରମ୍ପରିକ କୁର୍ମୀ-କୁଶ୍ୱାହା ଜାତିଗତ ଭୋଟବ୍ୟାଙ୍କ ସୁଦୃଢ଼ ହୋଇପାରିବ। ଆର୍‌ଏଲ୍‌ଏସ୍‌ପି ପୂର୍ବରୁ ଏନ୍‌ଡିଏରେ ସାମିଲ ହେବା ସହ ମୋଦିଙ୍କ ପ୍ରଥମ ପାଳି ସରକାରରେ କୁଶ୍ୱାହା ମାନବ ସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ଏହା ପରେ ଆର୍‌ଏଲ୍‌ଏସ୍‌ପି ଆରଜେଡି-କଂଗ୍ରେସ ମହାମେଣ୍ଟରେ ସାମିଲ ହୋଇଥିଲା।

## ମେଘାନଙ୍କୁ ଫ୍ଲଏଡ୍ ସଜାଇଲା ଶାର୍ଲି ଏବ୍‌ଡୋ

### ମେଘାନଙ୍କ ବେକକୁ ଆଣ୍ଠୁରେ ଚାପିଛନ୍ତି ଏଲିଜାବେଥ




**ପ୍ୟାରିସ୍/ଲଣ୍ଡନ,୧୪।୩**

ଫ୍ରାନ୍ସର କାର୍ଟୁନ ମାଗାଜିନ ଶାର୍ଲି ଏବ୍‌ଡୋ ପୁଣି ବିବାଦରେ। ଏଥର ଉକ୍ତ ପତ୍ରିକାର ପ୍ରଚ୍ଛଦ ପୃଷ୍ଠାରେ ବ୍ରିଟେନ ରାଜପରିବାରକୁ ବ୍ୟଙ୍ଗ କରାଯାଇଛି। ଏଥିରେ ମହାରାଣୀ ଏଲିଜାବେଥ ଦ୍ୱିତୀୟ ତାଙ୍କ ନାତୁଣୀ ବୋହୂ ମେଘାନ ମର୍କେଲଙ୍କ ବେକକୁ ନିଜ ଆଣ୍ଠୁରେ ଚାପି ଧରିଥିବା ଦେଖିବାକୁ ମିଳିଛି। ମେଘାନଙ୍କ ରାଜପ୍ରାସାଦ ତ୍ୟାଗକୁ ଗତବର୍ଷ ଆମେରିକାର ମିନିଆପଲିସରେ କୃଷ୍ଣକାୟ ଜର୍ଜ ଫ୍ଲଏଡ୍‌ଙ୍କ ହତ୍ୟା ସହ ତୁଳନା କରାଯାଇଛି। କାର୍ଟୁନରେ ପ୍ରଶ୍ନ କରାଯାଇଛି, ମେଘାନ ମର୍କେଲ ବକିଂହାମ୍ ପ୍ୟାଲେସ କାହିଁକି ଛାଡ଼ିଲେ ? ମେଘାନ ଉତ୍ତର ଦେଉଛନ୍ତି, କାରଣ ମୁଁ ଅଣନିଃଶ୍ୱାସୀ ହୋଇଯାଇଥିଲି।

୨୦୨୦ ମେ ୨୫ରେ ଶ୍ୱେତାଙ୍ଗ ପୋଲିସ ଅଫିସର ଡେରେକ୍ ଚଉଭିନ୍ ଆଫ୍ରିକୀୟ-ଆମେରିକୀୟ ଜର୍ଜ ଫ୍ଲଏଡ୍‌ଙ୍କ ବେକକୁ ପ୍ରାୟ ୯ ମିନିଟ ଧରି ନିଜ ଆଣ୍ଠୁରେ ଚାପି ଧରିଥିଲେ। ଫ୍ଲଏଡ୍ ତାଙ୍କୁ ଛାଡ଼ିଦେବା ପାଇଁ ନେହୁରା ହୋଇ ବାରମ୍ବାର ଅନୁରୋଧ କରୁଥିଲେ। ହେଲେ ଚଉଭିନ୍ ଛାଡ଼ି ନ ଥିଲେ। ଫଳରେ ଫ୍ଲଏଡ୍‌ଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ମୃତ୍ୟୁପୂର୍ବରୁ କୃଷ୍ଣକାୟ ଫ୍ଲଏଡ୍ ଦୋହରାଉଥିଲେ, ଆଇ କାଣ୍ଟ ବ୍ରେଦ୍ ଅର୍ଥାତ୍ ମୁଁ ଅଣନିଃଶ୍ୱାସୀ ହୋଇଯାଇଛି। ଫ୍ଲଏଡ୍‌ଙ୍କ ମୃତ୍ୟୁ ବେଳର ସେହି ଦୃଶ୍ୟ କ୍ୟାମେରାରେ କଏଦ୍ ହୋଇଥିଲା। ଉକ୍ତ ଭିଡିଓର ବହୁଳ ପ୍ରସାର ଘଟିବାରୁ କେବଳ ଆମେରିକା ନୁହେଁ, ବିଶ୍ୱର ବିଭିନ୍ନ ଭାଗରେ ପୋଲିସ ବର୍ବରତା ଓ ବର୍ଣ୍ଣବୈଷମ୍ୟ ବିରୋଧୀ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଏହି ଆନ୍ଦୋଳନ 'ବ୍ଲାକ୍ ଲାଇଭ୍‌ସ ମ୍ୟାଟର' ନାମରେ ପରିଚିତ।

ଶାର୍ଲି ଏବ୍‌ଡୋର ଏହି କଭର ପେଜ୍ କାର୍ଟୁନକୁ ସୋସିଆଲ ମିଡିଆରେ ପ୍ରବଳ ନିନ୍ଦା କରାଯାଇଛି। ବ୍ରିଟେନର ବର୍ଣ୍ଣବୈଷମ୍ୟ ବିରୋଧୀ ବିଚାର ଗୋଷ୍ଠୀ ରନିମେଡ୍ ଟ୍ରଷ୍ଟର ସିଇଓ ହାଲିମା ବେଗମ୍ ଟୁଇଟ୍ କରି ଏହି ବ୍ୟଙ୍ଗଚିତ୍ରକୁ ସବୁ ଦିଗରୁ ଭୁଲ୍ ବୋଲି କହିଛନ୍ତି। ମହାରାଣୀଙ୍କୁ ଏଥିରେ ଭୁଲ୍ ରୂପେ ଚିତ୍ରଣ କରାଯାଇଥିବାରୁ ଅନେକେ ସମାଲୋଚନା କରିଛନ୍ତି।

➡ପ୍ରଚ୍ଛଦରେ ଲେଖାଅଛି 'ମେଘାନ କାହିଁକି ବକିଂହାମ୍ ପ୍ୟାଲେସ୍ ଛାଡ଼ିଲେ'

➡ମେଘାନ କହୁଛନ୍ତି, 'କାରଣ ମୁଁ ଅଣନିଃଶ୍ୱାସୀ ହୋଇଯାଇଥିଲି'

ପ୍ରକାଶ ଯେ, ସସେକ୍ସ ଡ୍ୟୁକ୍ ପ୍ରିନ୍ସ ହାରି ଓ ତାଙ୍କ ସ୍ତ୍ରୀ ତଥା ଡଚେସ୍ ମେଘାନ ମର୍କେଲ ନିକଟରେ ଆମେରିକୀୟ ଟେଲିଭିଜନ ଉପସ୍ଥାପିକା ଓପ୍ରାହ ୱିନ୍‌ଫ୍ରେଙ୍କୁ ଦେଇଥିବା ସାକ୍ଷାତ୍‌କାର ସାରା ବିଶ୍ୱରେ ଚହଳ ପକାଇଦେଇଛି। ସେମାନଙ୍କ ଶିଶୁର କୃଷ୍ଣବର୍ଣ୍ଣକୁ ନେଇ ରାଜପରିବାର ସନ୍ତୁଷ୍ଟ ନ ଥିଲା ବୋଲି ମେଘାନ ଏଥିରେ ପ୍ରଘଟ କରିଥିଲେ। ଏପରି କି ଏହାକୁ ନେଇ ରାଜପରିବାରର ବ୍ୟବହାର ତାଙ୍କୁ ନିଃସଙ୍ଗ କରିବା ସହ ଆତ୍ମହତ୍ୟା କରିବା ପାଇଁ ପ୍ରେରିତ କରିଥିଲା। ଏଠାରେ ସ୍ମରଣଯୋଗ୍ୟ ଯେ ଫ୍ରାନ୍ସରେ ଶାର୍ଲି ଏବ୍‌ଡୋ ଅଭିବ୍ୟକ୍ତି ସ୍ୱାଧୀନତାର ଏକ ମହତ୍ତ୍ୱପୂର୍ଣ୍ଣ ପ୍ରତୀକ ଭାବେ ପରିଗଣିତ। ୨୦୧୫ରେ ଏହି ପତ୍ରିକାରେ ପ୍ରକାଶିତ ପ୍ରଫେଟ୍ ମହମ୍ମଦଙ୍କ ଏକ କାର୍ଟୁନକୁ ନେଇ ଶାର୍ଲି ଏବ୍‌ଡୋ ଅଫିସ ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏଥିରେ ୧୧ ଜଣ କର୍ମଚାରୀ ପ୍ରାଣ ହରାଇଥିଲେ। ଏହା ପରେ ମଧ ଶାର୍ଲି ଏବ୍‌ଡୋ ଅନେକ ବ୍ୟଙ୍ଗଚିତ୍ର ନିଜ ପ୍ରଚ୍ଛଦ ପୃଷ୍ଠାରେ ଛାପି ବିବାଦୀୟ ହୋଇଛି।




ଜର୍ଜ ଫ୍ଲଏଡ୍ ଡେରେକ୍ ଚଉଭିନ୍

# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର, ମାର୍ଚ୍ଚ ୧୫/୨୦୨୧ | Dhenkanal, Monday, March 15/2021 | ପୃଷ୍ଠା-୧




**ପଦାର୍ପଣରେ ଇଶାନ କିଷନଙ୍କ ଅର୍ଦ୍ଧଶତକ**

ଇଂଲଣ୍ଡ ବିପକ୍ଷରେ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ୍ ପଦାର୍ପଣ ମ୍ୟାଚରେ ଭାରତର ଇଶାନ କିଷନ ଅର୍ଦ୍ଧଶତକ ହାସଲ କରିଛନ୍ତି।

୧୧

୧୨

**ଚର୍ଚ୍ଚାରେ ଜ୍ୟାକଲିନ**

ବଲିଉଡ ଅଭିନେତ୍ରୀ ଜ୍ୟାକଲିନ ଫର୍ଣ୍ଣାଡିଜ ଏବେ ଚର୍ଚ୍ଚାରେ। ଏଥର ସେ ଅଭିନୟ ପାଇଁ ନୁହଁନ୍ତି, ବରଂ ତାଙ୍କ ଟପ୍ ଲେସ୍ ଫଟୋକୁ ନେଇ ଆସିଛନ୍ତି ଚର୍ଚ୍ଚାକୁ।



# 'ଟଳିନି ବିପଦ, ସତର୍କ ରୁହ'

**ଶୂନ ସଂକ୍ରମଣ ଆମର ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ**

- ସହଯୋଗ ଲୋଡ଼ିଲେ, ଭରସା ରଖିଲେ
- ଲକ୍‌ଡାଉନ୍ କଷ୍ଟକୁ ମନେପକାଇ ଦେଲେ
- କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରିବାକୁ ଅନୁରୋଧ କଲେ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ


**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**

ଦେଶରେ ଏବେ କରୋନାର ଦ୍ୱିତୀୟ ଲହର ଦେଖାଦେଇଛି। କେରଳ, ମହାରାଷ୍ଟ୍ର, ଛତିଶଗଡ଼, ମଧ୍ୟପ୍ରଦେଶ, ପଞ୍ଜାବ, ହରିୟାଣାରେ ସଂକ୍ରମଣ ଉପରମୁହାଁ ରହିଛି। ଏଠାରେ କରୋନାର ନୂଆ ରୂପ ତା'ର କାୟା ବିସ୍ତାର କରିବାରେ ଲାଗିଛି। ଓଡ଼ିଶାରେ ଏହି ମହାମାରୀ ଏବେ ନିୟନ୍ତ୍ରଣରେ ରହିଥିଲେ ମଧ୍ୟ ଏସବୁ ରାଜ୍ୟରୁ ପ୍ରତିଦିନ ହଜାର ହଜାର ଲୋକ ଆସୁଥିବାରୁ ଆଶଙ୍କା ଦେଖାଦେଇଛି। ସମ୍ଭାବ୍ୟ ସ୍ଥିତିକୁ ଏଡ଼ାଇବା ପାଇଁ ରାଜ୍ୟ ସରକାର ଆଗୁଆ ପଦକ୍ଷେପ ଗ୍ରହଣ କରିଛନ୍ତି। ହେଲେ ରାଜ୍ୟରେ ସଂକ୍ରମଣ କମିବା ପରଠୁ ଅଧିକାଂଶ ଲୋକ ଗାଇଡ୍‌ଲାଇନ୍ ମାନୁନାହାନ୍ତି। ମାସ୍କ ପିନ୍ଧିବାକୁ ଗୁରୁତ୍ୱ ଦେଉ ନ ଥିବାବେଳେ ଭିଡ଼ ଜମାଉଥିବା ଦେଖିବାକୁ ମିଳିଛି। ଏପରିସ୍ଥଳେ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ସତର୍କ ଓ ସଚେତନ ରହିବାକୁ ଆହ୍ୱାନ ଦେଇଛନ୍ତି। ରାଜ୍ୟବାସୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସମସ୍ତଙ୍କ ସହଯୋଗରେ ଓଡ଼ିଶା କରୋନା ନିୟନ୍ତ୍ରଣରେ ଆଜି ଭଲ ସ୍ଥିତିରେ ରହିଛି। ଏ ଦିଗରେ ରାଜ୍ୟ ନେଇଥିବା ପଦକ୍ଷେପକୁ 'ହୁ' ମଧ୍ୟ ପ୍ରଶଂସା କରିଛି। ଏବେ ଆମର ଦୈନିକ ସଂକ୍ରମଣ ୧୦୦ ତଳେ ରହୁଛି। ଶୂନ ସଂକ୍ରମଣ ଆମର ଲକ୍ଷ୍ୟ। ରୋଗ କ୍ଷେତ୍ରରେ ଆତ୍ମସନ୍ତୋଷ ଠିକ୍ ନୁହେଁ। ବିପଦ ଏବେ ମଧ୍ୟ ଟଳିନାହିଁ, ସତର୍କ ରୁହ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସଂକ୍ରମଣ ଏବେ ପୁନର୍ବାର ବିଭିନ୍ନ ସ୍ଥାନରେ ବଢୁଥିବା ଲକ୍ଷ୍ୟ କରାଯାଉଛି। ତେଣୁ ଯେପରି ପୂର୍ବାବସ୍ଥା ନ ଫେରେ ସେନେଇ ସମସ୍ତେ ସଜାଗ ରହିବାର ଆବଶ୍ୟକତା ଥିବା ବିଶେଷଜ୍ଞମାନେ ମତ ରଖିଛନ୍ତି। ଏହାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇ କହିଛନ୍ତି, ଦେଶର କେତେକ ରାଜ୍ୟରେ ସ୍ଥିତି ବିଗିଡ଼ିବାରେ ଲାଗିଛି। ମହାରାଷ୍ଟ୍ରର କେତେକ ଅଞ୍ଚଳରେ ଲକ୍‌ଡାଉନ୍ ପୁଣି ଫେରିଛି। ଲକ୍‌ଡାଉନ୍ ସମୟର କଷ୍ଟ ଆମ ସ୍ମୃତିରେ ଏବେ ମଧ୍ୟ ତାଜା ଅଛି। ଆମ ଅର୍ଥନୀତି, ସାମାଜିକ ଜୀବନ, ପିଲାଙ୍କ ପାଠପଢ଼ା ସବୁ କ୍ଷେତ୍ରକୁ ଏହା ଗଭୀର ଭାବେ ପ୍ରଭାବିତ କରିଛି। ଆପଣମାନଙ୍କ ତ୍ୟାଗ ଓ ସହଯୋଗ ଯୋଗୁ ବର୍ତ୍ତମାନ ସ୍ୱାଭାବିକ ଅବସ୍ଥା ଫେରିଛି। ଆମେ ସତର୍କ ରହିଲେ ☞ପୃଷ୍ଠା-୨

# ଧମକାଉଛି ବିଏମ୍‌ସି

**ଭୁବନେଶ୍ୱର, ୧୪।୩ (ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଲୋକଙ୍କ ଉପରେ ଦିନକୁ ଦିନ ଚାପ ବଢ଼ାଇବାରେ ଲାଗିଛି। ଲୋକଙ୍କ ବିରୋଧ ହେଉ ନ ଥିବାରୁ ଏହାର ସୁଯୋଗ ନେଇ ହୋଲ୍‌ଡିଂ ଟିକସ ଖିଲାପକାରୀଙ୍କ ଘର ସିଲ୍ କରିବାକୁ ବସିଲାଣି ବିଏମ୍‌ସି। ନିୟମିତ ଟିକସ ପଇଠ କରୁ ନ ଥିବା ଘର ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗତ ୧୨ତାରିଖରେ ବିଏମ୍‌ସି ଡେପୁଟି କମିଶନର(ରାଜସ୍ୱ) ମହାନଗର ନିଗମର ସମସ୍ତ ଜୋନାଲ ଡେପୁଟି କମିଶନରଙ୍କୁ ଚିଠି ଜାରି କରିଥିବା ନେଇ ରବିବାର ଜଣାପଡ଼ିଛି। ଆବଶ୍ୟକ ସୁବିଧା ସୁଯୋଗ ନ ଯୋଗାଇ ବିଏମ୍‌ସିର ଏଭଳି କାର୍ଯ୍ୟାନୁଷ୍ଠାନ ଦେଶର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳୁନାହିଁ। ସେପଟେ ବିଏମ୍‌ସିର ଏଭଳି ଧମକ ବିଷୟରେ ଜଣାପଡ଼ିବା ପରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଏମ୍‌ସି ଯଦି ଏହାର ନିଷ୍ପତ୍ତିରେ ପରିବର୍ତ୍ତନ ନ କରେ ତେବେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବା ସହ ଆଇନର ଦ୍ୱାରସ୍ଥ ହେବାକୁ ଲୋକମାନେ ଚେତାବନୀ ଦେଲେଣି। ଅପରପକ୍ଷରେ ଲୋକମାନଙ୍କ ଆକ୍ରୋଶକୁ ଦେଖି ବିଏମ୍‌ସିର ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର ସଫେଇ ଦେଇ କହିଛନ୍ତି, ଏହି ନିର୍ଦ୍ଦେଶ ବ୍ୟକ୍ତିଗତ ମାଲିକାନାରେ



Bhubaneswar Municipal Corporation

Phone: 0674 - 2431253
Fax : 0674 - 2432895
E-mail : info@bmc.gov.in
Web : bmc.gov.in

No 18015 / Dtd. 12.3.21 /
[illegible] (TCM) - 18/16 (Pt.)

To

All Zonal Deputy Commissioners,
Bhubaneswar Municipal Corporation.

Sub: - Initiation of Certificate case under OPDR Act, 1962.

Sir,

With reference to the above, it is to say that there are a huge number of defaulters who have not paid Holding Tax. Their details are available in the online module also.

It is requested that certificate cases, under the OPDR Act, 1962 may be immediately initiated against all such defaulters. Steps may also be taken to seal the buildings of the defaulters, against whom certificate cases have been initiated, at the earliest to prevent loss of revenue. The Ward Officers may be instructed to file requisition before the ZDCs accordingly. The Ward Supervisors are to monitor filing certificate cases Strict action may be taken against defaulting Ward Officers and Ward Supervisors.

Yours faithfully,

Deputy Commissioner (Revenue)
Bhubaneswar Municipal Corporation

Memo No 18016 /Dt 12.3.21 /
Copy to All Ward Supervisors/ All Ward Officers for information and necessary action.

Deputy Commissioner (Revenue)
Bhubaneswar Municipal Corporation

Memo No 18017 /Dt 12.3.21 /
Copy Forwarded to PA to Administrator/ PA to Commissioner for Kind information of Administrator & Commissioner.

Deputy Commissioner (Revenue)
Bhubaneswar Municipal Corporation

Vivekananda Marg, Bhubaneswar - 751014, Orissa

ଥିବା ଘର ପାଇଁ ଉଦ୍ଦିଷ୍ଟ ନୁହେଁ। ଏହା କେବଳ ବ୍ୟବସାୟିକ ପ୍ରତିଷ୍ଠାନ ବା ୩ବର୍ଷରୁ ଊର୍ଦ୍ଧ୍ୱ ଧରି ଯେଉଁମାନଙ୍କ ଅଧିକ ଟିକସ ବକେୟା ରହିଥିବ ସେମାନଙ୍କ ବିରୋଧରେ ଓଡ଼ିଶା ପବ୍ଲିକ ଡିମାଣ୍ଡ ରିକଭରି(ଓପିଡିଆର୍)ଆକ୍ଟ-୧୯୬୨ ଅନୁସାରେ ସାର୍ଟିଫିକେଟ କେସ୍ କରିବାକୁ କୁହାଯାଇଛି।

ବିଏମ୍‌ସି ପକ୍ଷରୁ ଜାରି ହୋଇଥିବା ଚିଠିରେ ଉଲ୍ଲେଖ ରହିଛି ଯେ, ବହୁ ଲୋକ ହୋଲ୍ଡିଂ ଟିକସ ଦେଇ ନାହାନ୍ତି। ତେଣୁ ସେମାନଙ୍କ ବିରୋଧରେ ଯଥାଶୀଘ୍ର ଓପିଡିଆର ଆକ୍ଟ ଅନୁଯାୟୀ ସାର୍ଟିଫିକେଟ କେସ୍ ରୁଜୁ କରାଯାଉ। ସେହିପରି ଯେଉଁମାନଙ୍କ ବିରୋଧରେ ସାର୍ଟିଫିକେଟ କେସ୍ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ସେମାନଙ୍କ କୋଠାଗୁଡ଼ିକୁ ସିଲ୍ କରିବା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜସ୍ୱ କ୍ଷତି ରୋକିବାକୁ ଏପରି ପଦକ୍ଷେପ ନିଆଯାଇଛି। ତେବେ ଏନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେବା ପରେ ବିଏମ୍‌ସି ଡେପୁଟି କମିଶନର ମିଶ୍ର କହିଛନ୍ତି, ବଡ଼ ବଡ଼ ଟିକସ ଖିଲାପକାରୀଙ୍କ ବିରୋଧରେ ଓପିଡିଆର୍ ଆକ୍ଟ ଅନୁଯାୟୀ ସାର୍ଟିଫିକେଟ କେସ୍ କରାଯିବା ଏକ ନିୟମିତ ପ୍ରକ୍ରିୟା। ଏ ସମ୍ପର୍କରେ ଅଡିଟ୍‌ରେ ମଧ୍ୟ ନିର୍ଦ୍ଦେଶନାମା ରହିଛି। ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଜୋନାଲ୍ ଡେପୁଟି କମିଶନରଙ୍କୁ ଚିଠି କରାଯାଇଛି। ଏଥିରେ କୌଣସି ବ୍ୟକ୍ତିଗତ ଘର ବିରୋଧରେ କେସ୍ କରାଯାଏ ନାହିଁ। ତେଣୁ ଜନସାଧାରଣ ଅଯଥାରେ ଭୟଭୀତ ହେବା ଠିକ୍ ନୁହେଁ। ସେହିପରି ୨୦୧୯ରେ ନୂଆ ☞ପୃଷ୍ଠା-୨

# ଭାରତ ବିଜୟୀ

**ଅହମଦାବାଦ, ୧୪।୩**


ଅଧିନାୟକ ବିରାଟ କୋହଲି ଓ ପଦାର୍ପଣକାରୀ ଇଶାନ କିଷନଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ଭାରତ ରବିବାର ଅନୁଷ୍ଠିତ ଦ୍ୱିତୀୟ ଟି୨୦ କ୍ରିକେଟ ମ୍ୟାଚରେ ଇଂଲଣ୍ଡକୁ ୭ ଉଇକେଟରେ ପରାସ୍ତ କରିଛି। ଇଂଲଣ୍ଡ ୨୦ ଓଭରରେ ୬ ଉଇକେଟ ହରାଇ ୧୬୪ ରନ କରିଥିବାବେଳେ ଭାରତ ୧୭.୫ ଓଭରରେ ୩ ଉଇକେଟ ହରାଇ ୧୬୬ ରନ ସଂଗ୍ରହ କରି ନେଇଥିଲା। କିଷନ ୩୨ ବଲ୍‌ରୁ ୫୬(୫ ଚୌକା, ୪ ଛକା) ରନକରି ଆଉଟ ହୋଇଥିବାବେଳେ କୋହଲି ୪୯ ବଲ୍‌ରୁ ୫ ଚୌକା ଓ ୩ ଛକା ସହ ୭୩ ରନରେ ଅପରାଜିତ ରହିଥିଲେ। ଏହି ଅବସରରେ କୋହଲି ଟି୨୦ ଅନ୍ତର୍ଜାତୀୟରେ ୩୦୦୦ ରନ ପୂରଣ କରିଛନ୍ତି। ସିରିଜ ୧-୧ ସ୍ଥିତିରେ ପହଞ୍ଚିଥିବାବେଳେ ଭାରତ ପ୍ରଥମ ଟି୨୦ ପରାଜୟର ମଧୁର ପ୍ରତିଶୋଧ ନେଇଛି। (ସମ୍ପୂର୍ଣ୍ଣ ରିପୋର୍ଟ: ପୃଷ୍ଠା-୧୧)

**ଆଜିର ସମ୍ପାଦକୀୟ**

ବିଦେଶୀଙ୍କ ଚକ୍ଷୁରେ

# ଗାନ୍ଧିଜୀ ଶ୍ରୀମନ୍ଦିର ପରିଦର୍ଶନ କରିଥିଲେ

**ପୁରୀ ଅଫିସ୍, ୧୪।୩**



ଶ୍ରୀମନ୍ଦିର ଦର୍ଶନ ପୁସ୍ତିକାରେ ମହାତ୍ମା ଗାନ୍ଧୀଙ୍କ ହାତଲେଖା।

**ଯାତ୍ରୀପଣ୍ଡା ରଘୁନାଥ ଗୋଚ୍ଛିକାରଙ୍କ ପାଖରେ ରହିଛି ପ୍ରମାଣ**

ଏକ ଐତିହାସିକ ବିଶ୍ୱାସ ରହିଆସିଛି ଯେ, ମହାତ୍ମା ଗାନ୍ଧୀ ପୁରୀ ଶ୍ରୀମନ୍ଦିର ପରିଦର୍ଶନ କରି ନ ଥିଲେ। ଅସ୍ପୃଶ୍ୟମାନଙ୍କୁ ମନ୍ଦିର ପ୍ରବେଶ ନିଷେଧ ଥିବାରୁ ସେ ଏହାର ପ୍ରତିବାଦରେ ଶ୍ରୀଜୀଉଙ୍କୁ ଦର୍ଶନ କରିବାକୁ ଚାହୁଁ ନ ଥିଲେ ବୋଲି କୁହାଯାଉଥିଲା। ହେଲେ ଏବେ ଗାନ୍ଧିଜୀଙ୍କ ପରିଦର୍ଶନ ନେଇ ପ୍ରମାଣ ମିଳିଛି। ଶ୍ରୀମନ୍ଦିର କୌଳିକ ପଣ୍ଡା ତଥା ଗୁଜରାଟୀ ଯାତ୍ରୀପଣ୍ଡା ରଘୁନାଥ ଗୋଚ୍ଛିକାରଙ୍କ ନିକଟରେ ଥିବା ଶହେ ବର୍ଷ ପୁରୁଣା ନଥିରୁ ଜଣାପଡ଼ିଛି ଯେ, ବାପୁଜୀ କେବଳ ଯେ ମନ୍ଦିର ପରିଦର୍ଶନ କରିଥିଲେ ତାହା ନୁହେଁ, ଦସ୍ତଖତି (ପାରିବାରିକ ଡାଏରୀ)ରେ ନିଜ ଦର୍ଶନ ଅନୁଭୂତି ଗୁଜରାଟୀ ଭାଷାରେ ଲେଖିଥିଲେ।

ଅସ୍ପୃଶ୍ୟତା ବିରୋଧରେ ନିଜର ଶେଷ ଜୀବନ ପର୍ଯ୍ୟନ୍ତ ଲଢ଼େଇ କରିଥିବା ଗାନ୍ଧିଜୀ ୮ଥର ଓଡ଼ିଶା ଗସ୍ତରେ ଆସିଥିଲେ। ତେବେ ଏହି ସମୟ ମଧ୍ୟରେ ସେ ଶ୍ରୀମନ୍ଦିରକୁ ଯାଇଥିଲେ କି ନାହିଁ ସେ ନେଇ ଦ୍ୱନ୍ଦ୍ୱ ଲାଗିରହିଥିଲା। ମାତ୍ର ଏହି ଦ୍ୱନ୍ଦ୍ୱକୁ ଦୂର କରି ରଘୁନାଥ ରବିବାର ଗଣମାଧ୍ୟମକୁ କହିଛନ୍ତି, ମହାତ୍ମା ଗାନ୍ଧୀ ୧୯୨୧ ମାର୍ଚ୍ଚ ୨୭ରେ ଶ୍ରୀମନ୍ଦିର ପରିଦର୍ଶନ କରିଥିଲେ। ସେତେବେଳେ ତାଙ୍କ ସହିତ ସହଧର୍ମିଣୀ କସ୍ତୁରବା ଓ ପୁତ୍ର ଦେବଦାସ ଥିଲେ। ସେମାନେ ଗର୍ଭଗୃହକୁ ☞ପୃଷ୍ଠା-୨

# ଖସୁଛି ଭୂତଳ ଜଳସ୍ତର

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୧୪।୩**

- କୁଡୁମୁଲୁଗୁମ୍ମା ବ୍ଲକରେ ସର୍ବାଧିକ ହ୍ରାସ
- ୨୩ ବ୍ଲକରେ ଜଳସ୍ତର ୧୦ ଏମ୍‌ବିଜିଏଲ୍ ତଳେ
- ୯୦% ବ୍ଲକରେ ୫ ଏମ୍‌ବିଜିଏଲ୍
- ସ୍ଥିତି ଉଦ୍‌ବେଗଜନକ, ବଢ଼ିବ ଜଳକ୍ଲିଷ୍ଟତା



ଭୂତଳ ଜଳ ବ୍ୟବହାରକୁ ନେଇ ହୋଇଥିବା କଟକଣାକୁ କେହି ମାନୁନାହାନ୍ତି। ଏଥିଯୋଗୁ ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି। ଫଳରେ ଗ୍ରୀଷ୍ମମାସରେ ଜଳସ୍ତର ଅଧିକ ନିମ୍ନଗାମୀ ହୋଇ ନଳକୂପ, କୂଅ ଆଦିରୁ ପାଣି ଶୁଖିଯାଉଛି। ଏହିକ୍ରମରେ ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ବ୍ଲକ ଅଞ୍ଚଳରେ ମୌସୁମୀ ପୂର୍ବରୁ ସର୍ବାଧିକ ଭୂତଳ ଜଳସ୍ତର ହ୍ରାସ ପାଉଥିବା ହାଇଡ୍ରୋ ମେଟ୍ରିକ ନିର୍ଦ୍ଦେଶାଳୟରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ଗତ ୧୨ ତାରିଖରେ ଗ୍ଲୋବାଲ ୱାର୍ମିଂ ସଂକ୍ରାନ୍ତରେ ଲୋକ ସଭା ପ୍ରଶ୍ନସଂଖ୍ୟା ୭୪୫୭ର ଉତ୍ତରରେ ହାଇଡ୍ରୋମେଟ୍ରି ନିର୍ଦ୍ଦେଶକ ଗତ ୩ ବର୍ଷର ଭୂତଳ ଜଳସ୍ତରର ତଥ୍ୟ ଦାଖଲ କରିଛନ୍ତି। ଉକ୍ତ ତଥ୍ୟରେ ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ଓ ଖଇରପୁଟ ବ୍ଲକ ସମେତ ଅନୁଗୋଳ ଜିଲା ଛେଣ୍ଡିପଦା, ବାଲେଶ୍ୱର ଜିଲା ବାଳିଆପାଳ, ବୌଦ୍ଧ ଜିଲା ହରଭଙ୍ଗା, ଗଜପତି ଜିଲା ଗୁମ୍ମା, ଗଞ୍ଜାମ ଜିଲା ସୋରଡ଼ା, କୋରାପୁଟ ଜିଲା କୁନ୍ଦ୍ରା, ନାରାୟଣପାଟଣା ଓ ପଟାଙ୍ଗୀ, ମୟୂରଭଞ୍ଜ ଜିଲା ଯଶିପୁର, ନବରଙ୍ଗପୁର ଜିଲା ଡାବୁଗାଁ ଓ ଝରିଗାଁ, ନୂଆପଡ଼ା ଜିଲା ବୋଡେନ ଓ ଖରିଆର, ରାୟଗଡା ଜିଲା ରାୟଗଡ଼ା, ସୁନ୍ଦରଗଡ଼ ଜିଲା କୁଟ୍ରା ଓ ସୁନ୍ଦରଗଡ ବ୍ଲକ ଅଞ୍ଚଳରେ ଭୂତଳ ଜଳସ୍ତର ୧୦ ଏମ୍‌ବିଜିଏଲ୍(ମିଟର ବିଲୋ ଗ୍ରାଉଣ୍ଡ ଲେଭଲ)ରୁ ତଳକୁ ରହିଥିବା ଦର୍ଶାଯାଇଛି। ଏହା ସାଧାରଣ ଜଳସ୍ତରଠାରୁ ଉଦ୍‌ବେଗଜନକ ସ୍ଥିତିରେ ରହିଥିବା ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ରାଜ୍ୟର ପ୍ରାୟ ୯୦% ବ୍ଲକ ଅଞ୍ଚଳରେ ଭୂତଳ ଜଳସ୍ତର ୫ ଏମ୍‌ବିଜିଏଲ୍ ରହିଥିବା ଉକ୍ତ ତଥ୍ୟରୁ ଜଣାପଡ଼ିଛି।

କ୍ରମାଗତ ଭାବରେ ଭୂତଳ ଜଳସ୍ତର ହ୍ରାସ ପାଇବା କାରଣରୁ ରାଜ୍ୟରେ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରୁଛି। ପ୍ରତିବର୍ଷ ଗ୍ରୀଷ୍ମ ମାସରେ ଜଳ ସମସ୍ୟା ଦୁର୍ବିଷହ ସ୍ଥିତିରେ ପହଞ୍ଚିଛି। ରାଜ୍ୟରେ ଭୂତଳ ଜଳସ୍ତର ହ୍ରାସ, ଭୂତଳକୁ ଜଳ ପୁନଃଭରଣ ☞ପୃଷ୍ଠା-୭




**ଆଜିର ମନ୍ତବ୍ୟ**

"ଆଗାମୀ ନିର୍ବାଚନରେ ଆସାମକୁ ବାଦ୍ ଦେଲେ ଅନ୍ୟ ୩ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ଭାଜପା ହାରିବ।"
**-ଶରଦ ପାୱାର, ଏନ୍‌ସିପି ଅଧ୍ୟକ୍ଷ**


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ଅପି
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଷ୍ଟ୍ରୀୟ ପ୍ରବାସୀ ଓଡ଼ିଆ ପରିବାର ମୁଖ୍ୟାଳୟ ଉଦ୍‌ଘାଟିତ



**ନୂଆଦିଲ୍ଲୀ,୧୪।୩**

ରାଷ୍ଟ୍ରୀୟ ପ୍ରବାସୀ ଓଡ଼ିଆ ପରିବାରର ମୁଖ୍ୟାଳୟ ନୂଆଦିଲ୍ଲୀରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ବାହାରେ ରହୁଥିବା ୨ କୋଟି ପ୍ରବାସୀ ଓଡ଼ିଆଙ୍କୁ ଗୋଟିଏ ମଞ୍ଚରେ ଏକତ୍ରିତ କରି ସେମାନଙ୍କ ସର୍ବାଙ୍ଗୀଣ ଉନ୍ନୟନ ନିମନ୍ତେ ରାଷ୍ଟ୍ରୀୟ ପ୍ରବାସୀ ଓଡ଼ିଆ ପରିବାରର କ୍ରମାଗତ ଉତ୍ସର୍ଗୀକୃତ ପ୍ରୟାସ ବେଶ୍ ପ୍ରଶଂସନୀୟ ବୋଲି ମୁଖ୍ୟାଳୟ ଉଦ୍‌ଘାଟନ ଅବସରରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ୨୦୧୬ରେ ୫୦ ଓଡ଼ିଆ ସଂଗଠନକୁ ନେଇ ଏହି ପରିବାର ଗଢ଼ାଯାଇଥିଲା। ୫ ବର୍ଷ ମଧ୍ୟରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଆମାନଙ୍କୁ ସାମାଜିକ ସମ୍ବଳ, ଅର୍ଥନୈତିକ ସୁରକ୍ଷା ଓ ସାଂସ୍କୃତିକ ସମ୍ପନ୍ନତା ଯୋଗାଇଦେବାରେ ପ୍ରତିବଦ୍ଧ ଉଦ୍ୟମ ରଖିଥିବା ଏହାର କାର୍ଯ୍ୟକର୍ତ୍ତାମାନେ କହିଛନ୍ତି। ମୀନକେତନ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ବରିଷ୍ଠ ପ୍ରଶାସକ ସଞ୍ଜୀବ ପାଇଜୋଷୀ, ଆମ୍ବେଡ୍‌କର ଫାଉଣ୍ଡେଶନର ନିର୍ଦ୍ଦେଶକ ଦେବେନ୍ଦ୍ର ମାଝି, ସାହିତ୍ୟିକ ଚନ୍ଦ୍ରମଣି ବ୍ରହ୍ମଦତ୍ତ, ଭାରତୀୟ ଷ୍ଟକ୍ ଏକ୍ସଚେଞ୍ଜ୍ ମହାସଂଘର ଅଧ୍ୟକ୍ଷ ବି.କେ. ସାବରୱାଲ ପ୍ରମୁଖ ଯୋଗଦେଇ ରାଷ୍ଟ୍ରୀୟ ପ୍ରବାସୀ ଓଡ଼ିଆ ପରିବାରର ଯୋଜନା ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ।

## ପ୍ରଥମ ପୃଷ୍ଠାରୁ...

### 'ଟଳିନି ବିପଦ, ...

ଲକ୍‌ଡାଉନ୍ ଭଳି ସ୍ଥିତି ଉପୁଜିବ ନାହିଁ। ତେଣୁ ସମସ୍ତେ ପୂର୍ବଭଳି କୋଭିଡ୍ ଗାଇଡ୍‌ଲାଇନ୍‌କୁ କଡ଼ାକଡ଼ି ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ବାହାରକୁ ଗଲେ ମାସ୍କ ନିଶ୍ଚୟ ପିନ୍ଧିବା। ବେକରେ ଝୁଲାଇକି ନୁହେଁ, ଠିକ୍ ଭାବେ ପାଟି ଓ ନାକକୁ ଘୋଡାଇ ରଖି ପିନ୍ଧିବା। ଘରକୁ ଫେରିଲେ ସାବୁନ୍‌ରେ ଭଲରେ ହାତ ଧୋଇବା ଜରୁରୀ। ମୁହଁ, ନାକ ଓ ଆଖିରେ ବାରମ୍ବାର ହାତ ମାରିବା ନାହିଁ। ସାମାଜିକ ଦୂରତ୍ୱ ରକ୍ଷାକରି ହାଟ ବଜାର ଆଦି ସ୍ଥାନକୁ ଯିବା ଓ ଅନାବଶ୍ୟକ ଭାବେ ବାହାରେ ବୁଲାବୁଲି ନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।
ଆହୁରି ମଧ୍ୟ ସେ କହିଛନ୍ତି, ବର୍ତ୍ତମାନ ରାଜ୍ୟରେ କରୋନା ଟିକାକରଣ ସଫଳ ଭାବେ ଚାଲିଛି। ଏ ଦିଗରେ ସମସ୍ତଙ୍କ ସହଯୋଗ କାମନା କରୁଛି। କରୋନା ବିରୋଧୀ ଲଢ଼େଇରେ ଆମେ ଆମର ବହୁ ଯୋଦ୍ଧାଙ୍କୁ ହରାଇଛୁ। ସେମାନଙ୍କ ପରିବାର ଆଖିରୁ ଏବେ ମଧ୍ୟ ଲୁହ ଶୁଖିନାହିଁ। ସେହି ଯୋଦ୍ଧାମାନଙ୍କ ବଳିଦାନକୁ ଆମେ କେବେ ହେଲେ ବ୍ୟର୍ଥ ଯିବାକୁ ଦେବା ନାହିଁ। ସତର୍କ ରହିବା ହିଁ ଶହୀଦ କରୋନା ଯୋଦ୍ଧାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। କରୋନା ନିୟମାବଳୀର ଅନୁପାଳନକୁ କଡ଼ାକଡ଼ି ଭାବେ ତଦାରଖ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନ ଓ ପୋଲିସ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଆମେ ନିଜେ ସତର୍କ ରହିବା ହିଁ ସବୁଠାରୁ ଭଲ। ଆପଣମାନଙ୍କ ଉପରେ ମୋର ପୂର୍ଣ୍ଣ ଭରସା ରହିଛି। ଆପଣମାନେ ମୋର ଅନୁରୋଧ ରକ୍ଷା କରିବେ ଓ ସତର୍କ ରହିବେ। ଆମେ ସମସ୍ତେ ମିଶି ଶୂନ ସଂକ୍ରମଣ ଲକ୍ଷ୍ୟ ହାସଲ କରିପାରିବା ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

### ଧମକାଉଛି ବିଏମ୍‌ସି...

ବେଞ୍ଚମାର୍କ ଭାଲ୍ୟୁଏଶନ୍ ଅନୁଯାୟୀ ଟିକସ ଧାର୍ଯ୍ୟ କରାଯାଇଛି। ତେବେ ନୂଆ ଧାର୍ଯ୍ୟ ଟିକସ ଦେଇ ନ ଥିବା ଘରଗୁଡିକୁ ସିଲ୍ କରାଯିବ ବୋଲି ଯେଉଁ ସନ୍ଦେହ ଜାତ ହେଉଛି ତାହା ସମ୍ପୂର୍ଣ୍ଣ ଅମୂଳକ ବୋଲି ମିଶ୍ର କହିଛନ୍ତି।
ବିଏମ୍‌ସିର ଏଭଳି ନିର୍ଦ୍ଦେଶ ପରେ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ବମିଖାଲ୍ ଅଞ୍ଚଳରେ ରହୁଥିବା ସୁକାନ୍ତୀ ଚାନ୍ଦଙ୍କ କହିବା ହେଲା କୋଭିଡ୍-୧୯ ସମୟରେ ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତି ବିଗିଡ଼ି ଯାଇଥିବାବେଳେ ବିଏମ୍‌ସି ଅଧିକ ଟିକସ ସଂଗ୍ରହ କରିବାକୁ ଚାହୁଁଛି। ପୂର୍ବରୁ ହୋଲ୍‌ଡିଂ ଟିକସ ବାବଦରେ ତାଙ୍କୁ ୭୦୦ଟଙ୍କା ଦେବାକୁ ପଡୁଥିଲା। ଏବେ ମାସିକ ୧୭ହଜାର ଟଙ୍କା ଦେବାକୁ କୁହାଯାଉଛି। ଏପରି କି ବିଏମ୍‌ସି କର୍ତ୍ତୃପକ୍ଷ ଏବେ ଟିକସ ନ ଦେଲେ ଘର ସିଲ୍ କରିବାକୁ ମଧ୍ୟ ଧମକ୍ ଦେଲେଣି। ଏହା କେବଳ ଲୋକଙ୍କ ଉପରେ ଅଧିକ ଚାପ ସୃଷ୍ଟି କରୁ ନାହିଁ ବରଂ ଜୋର ଜବରଦସ୍ତ ଟଙ୍କା ଆଦାୟ କରିବାକୁ ଚେଷ୍ଟା କରାଯାଉଛି, ଯାହାକି ବେଆଇନ। ବିଏମ୍‌ସି କର୍ତ୍ତୃପକ୍ଷ ଏହାର ପୁନର୍ବିଚାର ନ କଲେ, ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ଲୋକମାନେ ପଛାଇବେ ନାହିଁ। ଭୀମଟାଙ୍ଗୀ ଅଞ୍ଚଳରେ ରହୁଥିବା ରଞ୍ଜିତ ବେହେରା କହିଛନ୍ତି ସେ ପ୍ରତିବର୍ଷ ଠିକ୍ ସମୟରେ ବିଏମ୍‌ସିକୁ ଟିକସ ପୈଠ କରିଥାନ୍ତି। ତେବେ ଗତ ୩ବର୍ଷ ହେବ କିଛି ବ୍ୟକ୍ତିଗତ କାରଣରୁ ଏହି ଟିକସ ପୈଠ କରିପାରି ନାହାନ୍ତି। ପୂର୍ବରୁ ଟିକସ ପୈଠ ନ କଲେ ବିଏମ୍‌ସିରୁ ଲୋକ ଘରକୁ ଆସନ୍ତି କିମ୍ବା ଫୋନ୍ କରନ୍ତି। ମାତ୍ର ଏବେ ୩ବର୍ଷ ହେବ ବିଏମ୍‌ସିରୁ କେହି ଆସିନାହାନ୍ତି। ତେବେ ହଠାତ୍ ଏବେ ବାକିଆ ଟିକସ ପୈଠ ନେଇ ବିଏମ୍‌ସିର ଏଭଳି ନିର୍ଦ୍ଦେଶନାମା ସାଧାରଣ ଲୋକଙ୍କୁ ଭୟଭୀତ କରାଇଛି। ସେହିପରି ସତ୍ୟନଗର ଅଞ୍ଚଳରେ ରହୁଥିବା ଜଣେ ମହିଳା ବ୍ୟବସାୟୀ ରଶ୍ମିରେଖା ବେହେରାଙ୍କ କହିବା ହେଲା, ସେ ଗତ ୨ବର୍ଷ ହେବ ବିଏମ୍‌ସିର ଟିକସ ଦେଇନାହାନ୍ତି। ତେବେ ବାକିଆ ଟିକସ ଥିବା ଲୋକଙ୍କ ଘର, ଦୋକାନ ସିଲ୍ ହେବା କଥା ଶୁଣିବା ପରେ ଭୟଭୀତ ହୋଇଯାଇଛନ୍ତି। ବିଏମ୍‌ସିର ଏଭଳି ନୂଆ ନୂଆ ନିୟମ ହଇରାଣରେ ପକାଉଛି।

### ଗାନ୍ଧିଜୀ ଶ୍ରୀମନ୍ଦିର ...

ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଖୁସିମନରେ ଫେରିଥିଲେ। ଏହାର ପ୍ରମାଣକୁ ସେ ସାଇତି ରଖିଛନ୍ତି ବୋଲି ରଘୁନାଥ ପ୍ରକାଶ କରିଛନ୍ତି। ସେ ପୁଣି କହିଛନ୍ତି, ତାଙ୍କ ପାଖରେ ଥିବା ନଥିରେ ଗାନ୍ଧିଜୀଙ୍କ ଦସ୍ତଖତ ରହିଛି। ଶ୍ରୀମନ୍ଦିରରେ ଦର୍ଶନ ସାରି ଗାନ୍ଧିଜୀ ଏହି ନଥିରେ ନିଜ ଅନୁଭୂତି ଲେଖି ଦସ୍ତଖତ କରିଥିଲେ। 'ଗର୍ଭଗୃହରେ ମହାପ୍ରଭୁଙ୍କ ଦର୍ଶନ କରି ଅତ୍ୟନ୍ତ ପ୍ରୀତ ହେଲି' ବୋଲି ଗୁଜରାଟୀ ଦର୍ଶନାର୍ଥୀଙ୍କ ଖାତାରେ ଗାନ୍ଧିଜୀ ଲେଖିଥିଲେ। ତେବେ ଏହା ତାଙ୍କ ଜେଜେ ଗୋପୀନାଥ ଗୋଚ୍ଛିକାରଙ୍କ ସମୟର କଥା ବୋଲି ରଘୁନାଥ କହିଛନ୍ତି। ସେହିପରି ଗାନ୍ଧିବାଦୀ ଲେଖକ ଗୌରାଙ୍ଗ ପରିଡ଼ା କହିଛନ୍ତି, ୧୯୨୧ ମାର୍ଚ୍ଚ ୨୩ରେ ଗାନ୍ଧିଜୀ ଓଡ଼ିଶା ଆସି ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ପୁରୀରେ ରହିଥିଲେ। ଏହି ସମୟରେ ବଡ଼ଦାଣ୍ଡରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ତତ୍‌କାଳୀନ ଗଜପତି ମହାରାଜା ଏଥିଲାଗି ଭବ୍ୟ ଆୟୋଜନ କରିଥିଲେ। ଶ୍ରୀକ୍ଷେତ୍ର ରହଣିର ଦ୍ୱିତୀୟ ଦିନରେ ମହାତ୍ମା ଗାନ୍ଧୀ ଶ୍ରୀଜୀଉଙ୍କ ଦର୍ଶନ କରିଥିବା ନଥିରେ ଉଲ୍ଲେଖ ରହିଥିବାରୁ ସେ ଶ୍ରୀମନ୍ଦିର ଯାଇ ନ ଥିବା ନେଇ ହେଉଥିବା ପ୍ରଚାର ପ୍ରସାର ମିଥ୍ୟା। ଉଲ୍ଲେଖଯୋଗ୍ୟ, ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଏକଶତତମ ପୂର୍ତ୍ତି ଉତ୍ସବ ରାଜ୍ୟସ୍ତରରେ ପାଳନ ହେଉଥିବା ବେଳେ ପୁରୀରେ ମଧ୍ୟ ନିଆରା ଢଙ୍ଗରେ ଏହାକୁ ପାଳନ କରାଯିବାକୁ ଜୋରଦାର ପ୍ରସ୍ତୁତି ଚାଲିଛି।

# ପଞ୍ଜାବରେ ପାକିସ୍ତାନୀ ଡ୍ରୋନ୍

**ଚଣ୍ଡିଗଡ଼,୧୪।୩**

ପାକିସ୍ତାନର ଏକ ଡ୍ରୋନ ରବିବାର ଭାରତୀୟ ଅଞ୍ଚଳ ମଧ୍ୟକୁ ପ୍ରବେଶ କରିଥିଲା। ବିଏସ୍‌ଏଫ୍ ଯବାନମାନେ ପଞ୍ଜାବର ପଠାନକୋଟ ଜିଲାରେ ଡ୍ରୋନ୍‌କୁ ଦେଖିବା ପରେ ଗୁଳି ଚଳାଇବାରୁ ତାହା ଫେରିଯାଇଥିଲା। ଭାରତ-ପାକ୍ ଅନ୍ତର୍ଜାତୀୟ ସୀମା ଅନ୍ତର୍ଗତ ଦିଣ୍ଡା ପୋଷ୍ଟ ନିକଟରେ ପାକିସ୍ତାନୀ ଡ୍ରୋନ୍ ଦେଖିବାକୁ ମିଳିଥିଲା ବୋଲି ପୋଲିସ ଅଧିକାରୀ ଗୁଲ୍‌ନୀତ୍ ସିଂ ଖୁରାନା କହିଛନ୍ତି। ବିଏସ୍‌ଏଫ୍ ଯବାନ ଗୁଳି ଚଳାଇବା ପୂର୍ବରୁ ଏହା ଭାରତୀୟ ପାର୍ଶ୍ୱରେ କିଛି ଜିନିଷ ପକାଇଥିଲା କି ନାହିଁ ତାହା ଜାଣିବା ପାଇଁ ତଲାସି ଅଭିଯାନ କରାଯାଇଥିଲା। ତେବେ କୌଣସି ଜିନିଷ ମିଳି ନ ଥିଲା। ସୂଚନାଯୋଗ୍ୟ ଗତବର୍ଷ ଡିସେମ୍ବରରେ ପାକିସ୍ତାନର ଏକ ଡ୍ରୋନ୍ ପଞ୍ଜାବର ଗୁରଦାସ୍‌ପୁର ଜିଲାରେ ୧୧ଟି ହ୍ୟାଣ୍ଡ ଗ୍ରେନେଡ୍ ପକାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବେଶିକ କୁପ୍ରଭାବ ଆଜିର ମାନସିକ ଓ ଶାରୀରିକ ଦିଗ ପାଇଁ ଅନୁକୂଳ ନ ହୋଇପାରେ। ସାମୟିକ ଆର୍ଥିକ ଅଭିବୃଦ୍ଧି, ଧର୍ମୀୟ ଭାବନା, ବନ୍ଧୁ ମିଳନ ଓ ଯାତ୍ରା କେତେକାଂଶରେ ଶାନ୍ତି ପ୍ରଦାୟକ ହେବ। ସାଧାରଣ ଆଲୋଚନା କ୍ଷେତ୍ରରେ ଦ୍ୱନ୍ଦ୍ୱ ଲାଗି ରହିବ। ଉପରିସ୍ଥଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ।

**ବୃଷ** ଉଚ୍ଚାରୋହୀ ଶୁକ୍ର ହେତୁ ସ୍ୱାସ୍ଥ୍ୟର ଉନ୍ନତି ପରିଲକ୍ଷିତ ହେବା କାରଣରୁ ବ୍ୟସ୍ତତା ଦୂର ହେବ। ଅର୍ଥ ସମ୍ପର୍କୀୟ ଅଭାବକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ। ମଝିରେ ମଝିରେ ପାରିବାରିକ ସମସ୍ୟା ଲାଗି ରହିବାରୁ କର୍ମକ୍ଷେତ୍ର ମଧ୍ୟ ତାହା ଦ୍ୱାରା ପ୍ରଭାବିତ ହୋଇପାରେ। ଯାତ୍ରା ଓ ବନ୍ଧୁମିଳନ, କଳା, ସାହିତ୍ୟ, ସଭା ସମିତିରେ ସମ୍ମାନିତ ହେବେ।

**ମିଥୁନ** ଶନି କ୍ଷେତ୍ରସ୍ଥ ବୁଧଙ୍କ ଯୋଗୁଁ ନିଜର ଉଦାରତା ଗୁଣରୁ ନିଜ କାମ ଛାଡ଼ି ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେବେ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରିବା ଭଲ ହେବ। ସହକର୍ମୀଙ୍କ ବାକି ରହିଥିବା ଟଙ୍କା, ପଇସାକୁ କେନ୍ଦ୍ରକରି ଅନର୍ଥ ସୃଷ୍ଟି ହୋଇପାରେ।

**କର୍କଟ** କର୍ମକ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭର ସୌଭାଗ୍ୟ ପାଇ ଖୁସି ହେବେ। ପ୍ରତିବନ୍ଧକ ମଧ୍ୟରେ ଅଟକି ରହିଯାଇଥିବା କାମ ସହଜ ଓ ସୁବିଧାରେ ହେବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସାଧାରଣ କଥାରେ ବନ୍ଧୁଙ୍କ ଭୁଲ୍ ବୁଝାମଣା ହେତୁ ସତର୍କତାର ସହ କାମ କରିବା ଭଲ।

**ସିଂହ** ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଜାଲରେ ଛନ୍ଦିହୋଇ ମାନସିକ ସନ୍ତୁଳନ ହରାଇବେ। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ କାମଗୁଡ଼ିକ ସୁବିଧାରେ ହୋଇପାରିବ ନାହିଁ। ରାଜନୀତି ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବାଣିଜ୍ୟ, ପରିବହନ, ଜମିଜମା, କଳକାରଖାନା, ସଭାସମିତିରେ ସଫଳତା ଅର୍ଜନ କରିବେ।

**କନ୍ୟା** ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ, କିନ୍ତୁ କିଛିବି କରିବେ ନାହିଁ। ଜମିଜମା କାରବାରରେ ଅର୍ଥ ଲାଭରୁ କିମ୍ବା କଳ୍ପନାର ବାହାରେ ଥିବା କୌଣସି କାର୍ଯ୍ୟ ହାସଲ ହେତୁ ଖୁସି ରହିବେ। ସଭାସମିତି, କଳା, ସାହିତ୍ୟ, ମନୋରଞ୍ଜନାଦି କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି। ପାରିବାରିକ ସମସ୍ୟା ସମାଧାନ ହୋଇଯିବ।

**ତୁଳା** ଆଜି ନିଜ ଲୋକଙ୍କ ଉପରେ ଭରସା କରି ନ ପାରି ଅନ୍ୟର ସାହାଯ୍ୟ ଲୋଡ଼ିବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ। କଠୋର ପରିଶ୍ରମ ପୂର୍ବକ ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ଦୈହିକ ଦୁର୍ବଳତା ଯୋଗୁଁ ମନୋବଳ କମି ଯାଇପାରେ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ସାବଧାନତା ସହ କାମ ନ କଲେ କେତେକ ସାମାନ୍ୟ ଭୁଲରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ଅଫିସ୍ କାମରେ ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ସାମାଜିକ ସ୍ତରରେ କୌଣସି ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଅପରାହ୍ନରେ ବନ୍ଧୁମିଳନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ଧନୁ** କୌଣସି ପ୍ରକାରେ ଟଙ୍କା ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ପାରିବାରିକ ଝଞ୍ଜାଳ ବୃଦ୍ଧି ପାଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ନିର୍ମାଣ, ଚୁକ୍ତିପତ୍ର, ମାଲିମକଦ୍ଦମା, ବ୍ୟବସାୟ, ଯାତ୍ରା ଓ ପାରିବାରିକ ସମସ୍ୟା କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ।

**ମକର** ସକାଳୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ମନରେ ଅସ୍ଥିରତା ସୃଷ୍ଟି କରିପାରନ୍ତି। କୌଶଳ ପ୍ରୟୋଗ କରି ନିଜ ଲୋକଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ଜମିଜମା ବିବାଦ, ପରିବହନ, ନିର୍ମାଣ, ରାଜନୀତି, ପ୍ରଶାସନ, ବ୍ୟବସାୟ ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ** ଆଜି ହଠାତ୍ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଆକସ୍ମିକ ଦୂର ଯାତ୍ରା କରିବାକୁ ପଡିପାରେ। ସମସ୍ୟା ସୁଧାରିବାକୁ ଯାଇ ପରିବାର ଭିତରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ, କିନ୍ତୁ କିଛି ଲାଭ ହେବନି।

**ମୀନ** ଅପରାହ୍ନରେ ସମସ୍ୟା ସମାଧାନ ହେବା ସାଙ୍ଗକୁ ଟେନସନ୍ କମିଯିବ। କର୍ମକ୍ଷେତ୍ରରେ ସହଯୋଗ ଭିତିରେ କାମ କଲେ ଉପକାର ପାଇବେ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବା ହେତୁ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସାଧାରଣ କଥାକୁ କେନ୍ଦ୍ର କରି ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇପାରେ।

ଆଜି ଫାଲ୍‌ଗୁନ ଶୁକ୍ଳ ଦ୍ୱିତୀୟା ସୋମବାର, ଶ୍ରୀରାମକୃଷ୍ଣ ପରମହଂସଙ୍କ ଜନ୍ମତିଥି, ମାର୍ଚ୍ଚ ୧୫ ତାରିଖ, ବିଶ୍ୱ ଖାଉଟି ଅଧିକାର ଦିବସ, ରାଶି ନକ୍ଷତ୍ର-ରେବତୀ/ମୀନ, ଧନୁରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୮ ଗତେ ଘ.୦୭।୩୩ ମଧ୍ୟେ, ଘ.୧୦।୪୪ ଗତେ ଘ.୦୧।୦୭ ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୩।୩୯ ଗତେ ଘ. ୦୫।୦୫ ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୭।୨୭ ଗତେ ଘ.୦୮।୫୭ ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

### real estate

## SALE

NH-16 ପିତାପଲ୍ଲୀ ରେ 750/ରେ 1200/- sqft.ରେ ପ୍ଲଟ୍ ମିଳୁଛି। 9348444368. D-70809

**3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658.** D-19996

ଘରବାରି ପ୍ଲଟ୍ ବିକ୍ରିହେବା ଗଂଗୁଆ ନାଳ ପାଖରେ ମଞ୍ଚେଶ୍ୱର ମୌଜା- **2178sqft. S.C. plot per sqft. 1550/-** କେବଳ କ୍ରୟ କରିବା ଲୋକ ଯୋଗାଯୋଗ କରନ୍ତୁ। **9437213581, 7008494831.** D-20217

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9668344479. D-70198

**40Acres Plotting Township Near Sumhospital Now Phase-2 open. We provide Facilities are 30ft. concrete road Park,Temple,Electricity with streetlight in every road children's playarea. For more details SHREE KRISHNA DEVELOPER, 8337900880/ 8337900881.** D-20241

One corner house at Nandan Vihar, Kalarahanga housing Board Colony for immediate sale. Contact: 9438644669. D-20236

**Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982.** D-70177

3BHK Flat near Lingaraj Station,, Bhubaneswar, immediate sale 56 Lakh. 7008005490. D-59983

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity, with 30ft. road, sqft.650/-ରେ ମିଳୁଛି। Contact: 7008045582, 7749800648.** D-20177

Genuine plot for sale with Bank Loan facility in Sundarpada, AIIMS. 8118050420. D-20210

**Bhubaneswar Baliantaର ସାଇଫନ୍ ଛକ ନିକଟରେ residential plot sqft.900/- ବିକ୍ରିହେବ। 8018242542, 6370621085.** D-70808

Bhubaneswar ସୁନ୍ଦରପଦାରେ ଘରବାରି ପ୍ଲଟ୍ sqft.-950/-, 350/- କାଟେଣୀରେ 650/- LIPSA- 9853150290. D-70812

## GENERAL SALE

Two 1.5ton carrier window A.C. domestically used in good running condition, sale Rs. 18,000/- each. Contact Mo- 8458080690. D-20205

### to-let

2Plot 1500sqft. and 2000sqft. available to sale at Dhauli, Bhubaneswar. Contact: 9438644669, 9861011511. D-20235

**4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658.** D-19997

2 BHK and 3BHK available for rent propose at Dhauli Chowk. Contact: 9861011511. D-20234

### healthcare

Swarna SPA newly open positively health benefits with expert therapist. 9556978408. D-70551

New opening Saikrupa Panchakarma and SPA jointpain, fullbody massage, 8984068077. D-65913

Zen SPA positively health benefits with experts therapeutic genuinely massage. 7205084157. D-70554

### business

SMS sending କାମକରି ଯୁବକ/ଯୁବତୀ, ଗୃହିଣୀମାନେ ମାସିକ 12000-35000/- +Laptop+ Mobile + other facilities free (Part/ fulltime). 9667693638, 9667693639. D-70558


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## LEGAL NOTICE

### ନୋଟିସ୍

ମାନ୍ୟବର ଅତିରିକ୍ତ କମିଶନର, ରିଭିଜନ କୋର୍ଟ ନଂ.-୧, ୪ର୍ଥ ମହଲା, ହେଡଅଫିସ୍ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ୍, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍. ଏସ୍. କେଶ ନଂ.-୯୧୦/୨୦୧୭
କଳିଙ୍ଗ ହସ୍ପିଟାଲ ପ୍ରାଇଭେଟ ଲିମିଟେଡ, ଭୁବନେଶ୍ୱର
........ବାଦୀ

ବନାମ

ଓଡ଼ିଶା ସରକାର ଓଗେର
.........ପ୍ରତିବାଦୀମାନେ

ନୋଟିସ୍ ଅର୍ଡର-୫, ରୁଲ-୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,
୧. ନକୁଳ ଜେନା, ପିତା- ୰ପୁରୁଷୋତ୍ତମ ଜେନା, ୨. ଶଙ୍କର ମାଝି, ପିତା- ୰ଶ୍ରୀଧର ମାଝି, ୩. ଅନି ନାୟକ, ସ୍ୱାମୀ- ୰ନାରଣ ନାୟକ, ୪. ହଟ ନାୟକ, ପିତା- ୰ବୁଦ୍ଧିରାମ ନାୟକ, ୫. ପରିକ୍ଷିତ ନାୟକ, ପିତା- ୰ଦେବରାଜ ନାୟକ, ୬. ଭିକାରୀ ଦେହୁରୀ, ପିତା- ୰ନନ୍ଦ ଦେହୁରୀ, ୭. ରଘୁ ନାୟକ, ପିତା- ୰ହୃଷି ନାୟକ, ୮. ବିକ୍ରମ ନାୟକ, ପିତା- ୰ଶଙ୍କର ନାୟକ, ୯. ଗୋପୀ ନାୟକ, ପିତା ୰ ରଘୁ ନାୟକ, ୧୦. ଡମ୍ବରୁଧର ଦେହୁରୀ, ପିତା- ୰ଭାବ ଦେହୁରୀ, ୧୧. ଡମ୍ବରୁ ଦେହୁରୀ, ପିତା- ୰ମୃତ୍ୟୁଞ୍ଜୟ ଦେହୁରୀ, ୧୨. ଶୈଳେନ୍ଦ୍ର ପାଢ଼ୀ, ପିତା- ୰ବିକ୍ରମ ପାଢ଼ୀ, ୧୩. ସୁରେନ୍ଦ୍ର କୁମାର ନାୟକ, ପିତା- ୰ବିଶୁନି ନାୟକ, ୧୪. ପାକୁଆ ଅମର ନାୟକ, ପିତା- ୰କୃଷ୍ଣ ନାୟକ, ୧୫. ପୁଷ୍ପା ମାଝି, ପିତା- ୰ଯୁଗଳ ମାଝି, ୧୬. ବିଜୟ ମାଝି, ପିତା- ୰ନୀଳମଣି ମାଝି, ୧୭. ପୁଷ୍ପା ମାଝି, ପିତା- ୰ବଚ୍ଛ ମାଝି, ୧୮. ସନାତନ ମାଝି, ପିତା- ୰ବଚ୍ଛ ମାଝି, ୧୯. କବି ଚନ୍ଦ୍ର ମାଝି, ପିତା- ୰ଗୋପାଳ ମାଝି, ୨୦. ଯୋଗୀ ନାୟକ, ପିତା- ୰ଅର୍ଜ୍ଜୁନ ନାୟକ, ୨୧. ଭୋଳ ନାୟକ, ପିତା- ୰ଭଗବାନ ନାୟକ, ୨୨. ଗଜେନ୍ଦ୍ର ନାୟକ, ପିତା- ୰ଫାଲଗୁନି ନାୟକ
କ୍ରମିକ ନଂ. ୧୦ାରୁ ୨୦ ପର୍ଯ୍ୟନ୍ତ ବାସସ୍ଥାନ ଗ୍ରାମ- ଦଳୁଆ, ପୋ/ଥାନା- ଚନ୍ଦକା, ଜି- ଖୋର୍ଦ୍ଧା
୨୩. ଭିକାରୀ ବେହେରା, ପିତା- ୰ପାଣ୍ଡୁ ବେହେରା, ୨୪. ସୁଦାମ ବେହେରା, ପିତା- ୰ଲବଣୀ ବେହେରା, ୨୫. ଶ୍ରୀଧର ବେହେରା, ପିତା- ୰ଉଚ୍ଛବ ବେହେରା, ୨୬. ନରି ରଥ, ପିତା- ୰ଚନ୍ଦ୍ରମଣି ରଥ, ୨୭. ଭୀମ ଜଟ, ପିତା- ୰ବାଞ୍ଛା ଜଟ
କ୍ରମିକ ନମ୍ବର ୨୧୦ାରୁ ୨୪ ବାସସ୍ଥାନ ଗ୍ରାମ- ଭୋଳା, ପୋ/ଥାନା- ଚନ୍ଦକା, ଜି- ଖୋର୍ଦ୍ଧା
୨୮. ଦୈତାରୀ ଦାସ, ପିତା- ୰ମାଧବ ଦାସ
ବାସସ୍ଥାନ ଗ୍ରାମ- ତାଳବସ୍ତ, ପୋ/ଥାନା- ବାଙ୍କୀ, ଜି-କଟକ
୨୯. ଏ.ଜେ. ଥୋମାସ୍, ପିତା- ୰ଏ.ଜେ. ଜୋସେଫ୍
ସାକିନି ପ୍ଲଟ୍ ନଂ.ଇ-୪୦/୧, ୟୁନିଟ୍-୯, ଥାନା- ଶହୀଦ ନଗର, ଭୁବନେଶ୍ୱର, ଜି- ଖୋର୍ଦ୍ଧା
ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ରିଭିଜନ୍ କେଶ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନରଙ୍କ ଅଦାଲତ ନଂ.-୧ ଇଜିଲାସ, ୪ର୍ଥ ମହଲା, ହେଡଅଫ ଡିପାର୍ଟମେଣ୍ଟ ବିଲଡିଙ୍ଗ, ଭୁବନେଶ୍ୱର, କାର୍ଯ୍ୟାଳୟରେ ଆସନ୍ତା ତା.୧୫।୦୪।୨୧ରିଖ ଦିବା ୧୧.୩୦ଘଟିକା ସମୟରେ ଶୁଣାଣି କାରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଭୋଳା।
ସାବକଖାତା, ସାବକ ପ୍ଲଟ୍, ରକବା, ହାଲ ଖାତା, ହାଲ ପ୍ଲଟ୍, ରକବା, ୧୪୦/୪୭, ୫୪୫/୭୪୬, ଏ.୮୧୦, ୩୦୫, ୭୮୩, ୭୮୪, ୭୮୫, ୭୮୬, ୭୬୮, ୧୪୦/୩୦, ୫୪୫/୭୩୩, ଏ୦.୮୧୦, ୧୪୦/୩୬, ୫୪୫/୭୬୯, ଏ୦.୮୧୦, ୧୪୦/୬୪, ୫୪୫/୭୬୬, ଏ୦.୮୧୦, ୧୪୦/୨୪, ୫୪୫/୭୨୭, ଏ୦.୮୧୦, ୧୪୦/୩୫, ୫୪୫/୭୩୮, ଏ୦.୮୧୦, ୧୪୦/୪୪, ୫୪୫/୭୪୮, ଏ୦.୮୧୦, ୧୪୦/୧୧, ୫୪୫/୭୧୪, ଏ୦.୮୧୦, ୧୪୦/୮, ୫୪୫/୭୧୧, ଏ୦.୮୧୦, ୧୪୦/୬୦, ୫୪୫/୭୬୪, ଏ୦.୮୧୦, ୧୪୦/୧୫, ୫୪୫/୭୦୮, ଏ୦.୮୧୦, ୧୪୦/୧୮, ୫୪୫/୭୨୨, ଏ୦.୮୧୦, ୧୪୦/୨୦, ୫୪୫/୭୨୩, ଏ୦.୮୧୦, ୧୪୦/୨୨, ୫୪୫/୭୨୫, ଏ୦.୮୧୦, ୧୪୦/୨୫, ୫୪୫/୭୨୮, ଏ୦.୮୧୦, ୧୪୦/୨୭, ୫୪୫/୭୩୦, ଏ୦.୮୧୦, ୧୪୦/୨୮, ୫୪୫/୭୩୧, ଏ୦.୮୧୦, ୧୪୦/୩୯, ୫୪୫/୭୪୩, ଏ୦.୮୧୦, ୧୪୦/୫୦, ୫୪୫/୭୫୪, ଏ୦.୮୧୦, ୧୪୦/୫୨, ୫୪୫/୭୫୬, ଏ୦.୮୧୦, ୧୪୦/୪୭, ୫୪୫/୭୫୧, ଏ୦.୮୧୦, ୧୪୦/୪୮, ୫୪୫/୭୫୨, ଏ୦.୮୧୦, ୧୪୦/୪୯, ୫୪୫/୭୫୩, ଏ୦.୮୧୦, ୧୪୦/୧୨୧, ୫୪୫/୭୫୦, ଏ୦.୮୧୦,
ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ନିଜେ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।
ତା.୧୨।୦୩।୨୧, ଭୁବନେଶ୍ୱର
ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ
ଏସ୍‌ଡି.- କୋର୍ଟ ଅଫିସର
ଧ-୨୦୨୨୮

# ‘ଜଙ୍ଗଲ ନିଆଁ ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ’

**ଆଜି ସରକାରଙ୍କ ସହ ଆଲୋଚନା କରିବ କେନ୍ଦ୍ରୀୟ ଟିମ୍**

ଭୁବନେଶ୍ୱର,୧୪।୩(ବ୍ୟୁରୋ)

ଶିମିଳିପାଳ ସମେତ ରାଜ୍ୟର ବିଭିନ୍ନ ଜଙ୍ଗଲରେ ଲାଗିଥିବା ନିଆଁ ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ରାଜ୍ୟ ସରକାର ତୁରନ୍ତ ଓ ସକ୍ରିୟ ପଦକ୍ଷେପ ନେଇଥିବାବେଳେ ସ୍ଥାନୀୟ ଜନସାଧାରଣଙ୍କ ସମସ୍ତ ପ୍ରକାର ନିରନ୍ତର ସହଯୋଗ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ଫରେଷ୍ଟ ଫାୟାର ଟାସ୍କ ଫୋର୍ସ ଅଧ୍ୟକ୍ଷ ସନ୍ଦୀପ ତ୍ରିପାଠୀ କହିଛନ୍ତି।

ଜଙ୍ଗଲ ନିଆଁ ସଂକ୍ରାନ୍ତରେ ରବିବାର ସୂଚନା ଦେଇ ସେ କହିଛନ୍ତି, ଗତ ମାସେ ହେବ ରାଜ୍ୟର ଅନେକ ଜଙ୍ଗଲରେ ନିଆଁ ଲାଗିଛି। ଏହାକୁ ଆୟତ୍ତ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ପିସିସିଏଫ୍ କାର୍ଯ୍ୟାଳୟର ଏଫ୍ଆଇଟିଜିସି ସେଲ୍ ମାଧ୍ୟମରେ ରାତ୍ରି ପାଟ୍ରୋଲିଂ ସମେତ କ୍ଷେତ୍ର ଅଧିକାରୀଙ୍କ ଅଗ୍ନି ନିର୍ବାପକ ପ୍ରୟାସ ଉପରେ ୨୪ ଘଣ୍ଟିଆ ତଦାରଖ କରାଯାଉଛି। ବିଟ୍-ଗାର୍ଡଙ୍କ ସହ ସମସ୍ତ ସ୍ତରର ବନକ୍ଷେତ୍ର କର୍ମଚାରୀଙ୍କୁ ଡେରାଡୁନ୍ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆରୁ ପ୍ରାପ୍ତ ବନାଗ୍ନି ସତର୍କ ସୂଚନା ଦିଆଯାଉଛି। ଫରେଷ୍ଟ ଫାୟାର୍ ପଏଣ୍ଟଗୁଡ଼ିକ ସମ୍ପର୍କରେ ସୂଚନା ମିଳିବା ପରେ ଅବିଳମ୍ବେ ତାହାକୁ ନିର୍ବାପିତ କରିବା ସହିତ ବିହିତ କାର୍ଯ୍ୟାନୁଷ୍ଠାନର ତଥ୍ୟ ଓ ଫଟୋ ପ୍ରଦତ୍ତ ପଞ୍ଜୀକୃତ ମୋବାଇଲ୍ ଫୋନ୍ ମାଧ୍ୟମରେ ଅପ୍‌ଲୋଡ୍ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ମୁଖ୍ୟାଳୟ ଦ୍ୱାରା ବନାଗ୍ନି ନିୟନ୍ତ୍ରଣ ପ୍ରସ୍ତୁତିର ଅନ୍‌ଲାଇନ୍ ମନିଟରିଂ ପାଇଁ ସହାୟକ ହେଉଛି। ଫଳରେ ରାଜ୍ୟର ଆଉ କ୍ରମାଗତ ବନାଗ୍ନି ଦୃଶ୍ୟ ଦୃଷ୍ଟିଗୋଚର ହୋଇନାହିଁ। ୯୫ ପ୍ରତିଶତରୁ ଅଧିକ କ୍ଷେତ୍ର ଅଧିକାରୀଙ୍କ ତଥ୍ୟରୁ ଏହା ଜଣାପଡୁଛି। ସେହିଭଳି ଏଫ୍ଏସ୍ଆଇ ଆଲର୍ଟ ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ଜଙ୍ଗଲଗୁଡ଼ିକରେ କ୍ରମାଗତ ନିଆଁ ଲାଗିବା ଘଟଣା ପ୍ରାୟତଃ ନାହିଁ। ତେବେ ଅଗ୍ନିକାଣ୍ଡ ପରିସ୍ଥିତିକୁ ହ୍ରାସ କରିବା ପାଇଁ ବିଶେଷ କରି ଚିହ୍ନଟ ହୋଇଥିବା ବନାଗ୍ନି ପ୍ରବଣ ଅଞ୍ଚଳରେ ବର୍ଦ୍ଧିତ ମାନବ ଶକ୍ତି ଏବଂ ଭିତ୍ତିଭୂମିକୁ ଆବଶ୍ୟକସ୍ଥଳେ ସ୍ଥାନାନ୍ତର କରି ନିୟୋଜିତ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି।

ସେପଟେ ଶିମିଳିପାଳ ଓ ରାଜ୍ୟରେ ବନାଗ୍ନି ସ୍ଥିତିର ଅନୁଧ୍ୟାନରେ ଆସିଥିବା କେନ୍ଦ୍ରୀୟ ଟିମ୍ ସୋମବାର ସରକାରଙ୍କ ସହ ଆଲୋଚନା କରିବେ। ଏହି ଟିମ୍ ପ୍ରଥମେ ଶିମିଳିପାଳ ଯାଇ ତଦାରଖ କରିବା ପରେ କୁଲଡିହା ଅଭୟାରଣ୍ୟ ପରିଦର୍ଶନ କରିଥିଲେ। ରବିବାର ସ୍ଥାନୀୟ ବନକ୍ଷେତ୍ର ଅଧିକାରଙ୍କ ସହ ଚନ୍ଦକା ଅଭୟାରଣ୍ୟ ପରିଦର୍ଶନ କରିଛନ୍ତି। ଏ ସମସ୍ତ ବିଷୟରେ କେନ୍ଦ୍ରୀୟ ଟିମ୍ ସରକାରଙ୍କ ସହ ଆଲୋଚନା କରିବେ ବୋଲି ସନ୍ଦୀପ ତ୍ରିପାଠୀ କହିଛନ୍ତି।

# ବରୁଣେଇ ଜଙ୍ଗଲରେ ନିଆଁ



- ୨ଘଣ୍ଟା ଉଦ୍ୟମ ପରେ ନିୟନ୍ତ୍ରଣାଧୀନ
- ଜଙ୍ଗଲରେ ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି କର୍ମଚାରୀ

**ଖୋର୍ଦ୍ଧା ଅଫିସ,୧୪।୩:** ଶିମିଳିପାଳ ପରେ ନିଆଁ ଆଁରେ ଖୋର୍ଦ୍ଧା ଜିଲାର ବରୁଣେଇ ଜଙ୍ଗଲ। ରବିବାର ଗଡ଼ଖୋର୍ଦ୍ଧା ନିକଟ ବରୁଣେଇ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟିଛି। ପ୍ରାୟ ୫ ହେକ୍ଟର ପରିମିତ ଅଞ୍ଚଳରେ ନିଆଁ ଲାଗିଛି। ତେବେ କୌଣସି ଗଛ ନଷ୍ଟ ହୋଇନାହିଁ, କେବଳ ତଳେ ପଡ଼ିରହିଥିବା ଶୁଖିଲା ଡାଳପତ୍ର ପୋଡ଼ିଯାଇଛି ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଅଗ୍ନିକାଣ୍ଡ କିପରି ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ତେବେ ଅଧାଜଳା ସିଗାରେଟ୍‌ରୁ କିମ୍ବା ଜଙ୍ଗଲରେ ପଡ଼ିରହିଥିବା ଶୁଖିଲା ଡାଳପତ୍ରରେ କୌଣସି ଦୁର୍ବୃତ୍ତ ଜାଣିଶୁଣି ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି।

ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୨ଟାରେ ଗଡ଼ଖୋର୍ଦ୍ଧା ନିକଟ ବରୁଣେଇ ଜଙ୍ଗଲରୁ ନିଆଁଧାସ ଉଠୁଥିବା ସ୍ଥାନୀୟ ଲୋକେ ଦେଖି ଅଗ୍ନିଶମ ଓ ବନବିଭାଗକୁ ଖବର ଦେଇଥିଲେ। ଜିଲାପାଳ ସନତ ମହାନ୍ତି ମଧ୍ୟ ଏହି ଖବର ପାଇ ଡିଏଫ୍ଓଙ୍କ ସହିତ ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଅଗ୍ନିଶମ ବିଭାଗ ଓ ବନ ବିଭାଗର ୨୧ଜଣ କର୍ମଚାରୀଙ୍କୁ ନେଇ ଗଠିତ ଏକ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ୨ଘଣ୍ଟାର ଅକ୍ଳାନ୍ତ ଉଦ୍ୟମ ପରେ ନିଆଁ ଆୟତ୍ତକୁ ଆସିପାରିଥିଲା ବୋଲି ଅଗ୍ନିଶମ ଭାରପ୍ରାପ୍ତ ଅଧିକାରୀ ଶରତ ଚନ୍ଦ୍ର ମଲିକ କହିଛନ୍ତି। ଅଗ୍ନିଶମ କର୍ମଚାରୀମାନେ ପ୍ରଥମେ ଜଙ୍ଗଲ ଭିତରକୁ ପ୍ରବେଶ କରିବାରେ ସମସ୍ୟା ହୋଇଥିଲା। ସେମାନେ ବାହାରୁ ରହି ନିଆଁ ଉପରକୁ ପାଣି ସ୍ପ୍ରେ କରିଥିଲେ। ପ୍ରାୟ ୧ ଘଣ୍ଟା ପରେ ସେମାନେ ଜଙ୍ଗଲ ଭିତରେ ପ୍ରବେଶ କରିଥିଲେ। ଏ ନେଇ ଖୋର୍ଦ୍ଧା ରେଞ୍ଜର ଅସିତ ମିଶ୍ର କହିଛନ୍ତି, ବରୁଣେଇ ଜଙ୍ଗଲରେ ନିଆଁ ଲାଗିଥିବା ଖବର ମିଳିବା ପରେ ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହ ମିଶି ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଛନ୍ତି। ନିଆଁ ଲାଗିବାର କାରଣ ସମ୍ପର୍କରେ କିଛି ସ୍ପଷ୍ଟ ହୋଇନାହିଁ। ଏ ନେଇ ତଦନ୍ତ ଜାରି ରହିଛି। ଏଭଳି ଘଟଣା ପ୍ରତି ବନ ବିଭାଗ ସଜାଗ ଅଛି। ଅନ୍ୟ କେଉଁ ସ୍ଥାନରେ ନିଆଁ ଲାଗିଛି କି ନାହିଁ ସେ ନେଇ ବିଭାଗୀୟ କର୍ମଚାରୀମାନେ ଜଙ୍ଗଲରେ ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଏବେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ମିଶ୍ର ପ୍ରକାଶ କରିଛନ୍ତି।

# ଜଳିଗଲା ଘାଗୁଡ଼ିବନ୍ଧ ଜଙ୍ଗଲ

ଖୋର୍ଦ୍ଧା ଅଫିସ,୧୪।୩

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଧୀନ ହରିପୁର ପଞ୍ଚାୟତର ପୋଡ଼ପଡ଼ା ଗ୍ରାମ ନିକଟ ଘାଗୁଡ଼ିବନ୍ଧ ସଂରକ୍ଷିତ ଜଙ୍ଗଲରେ ରବିବାର ଅଗ୍ନିକାଣ୍ଡ ଘଟିଛି। ପ୍ରାୟ ଏକ ଏକର ପରିମିତ ଅଞ୍ଚଳରେ ଥିବା ବହୁ ଗଛଲତା ପୋଡ଼ିଯାଇଛି। ନିମିଷକରେ ନିଆଁ କ୍ଷୀପ୍ର ଗତିରେ ବରୁଣେଇ ପାହାଡ଼ ପାଦଦେଶ ପର୍ଯ୍ୟନ୍ତ ବ୍ୟାପିଯାଇଥିଲା। ଏହାର ପ୍ରକୋପ ଏତେ ଭୟଙ୍କର ଥିଲା ଯେ, ଅଗ୍ନିଶମ କର୍ମଚାରୀମାନେ ଜଙ୍ଗଲ ଭିତରକୁ ପ୍ରବେଶ କରି ନ ପାରି ରାସ୍ତାପାର୍ଶ୍ୱରେ ରହି ପାଣି ସ୍ପ୍ରେ କରିଥିଲେ। ନିଆଁର ପ୍ରକୋପ କମିବା ପରେ ବନ ଓ ଅଗ୍ନିଶମ କର୍ମଚାରୀମାନେ ଜଙ୍ଗଲ ଭିତରେ ପ୍ରବେଶ କରିଥିଲେ।

ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୧ଟାରେ କେତେଜଣ ବ୍ୟକ୍ତି ପୋଡ଼ପଡ଼ା ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଥିବା ଦେଖି ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। ଖୋର୍ଦ୍ଧା ବନାଞ୍ଚଳ ଅଧିକାରୀ ଏବଂ ଅଗ୍ନିଶମ ଅଧିକାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜଟଣୀ ଅଗ୍ନିଶମ ବିଭାଗର ୧୫ରୁ ଊର୍ଦ୍ଧ୍ୱ କର୍ମଚାରୀ ଦୀର୍ଘ ୪ଘଣ୍ଟାର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲେ। ଏହି କାର୍ଯ୍ୟରେ ୪ଟି ପାଣି ଟ୍ୟାଙ୍କର ନିୟୋଜିତ ହୋଇଥିଲା। ଜଙ୍ଗଲରେ ଦୀର୍ଘଦିନ ଧରି ଶୁଖିଲା ଡାଳପତ୍ର ପଡ଼ିରହିଛି। କୌଣସି ଦୁର୍ବୃତ୍ତ ସେଥିରେ ନିଆଁ ଲଗାଇଦେଇଥିବା ଅନୁମାନ କରାଯାଉଛି। ପୂର୍ବରୁ ମଧ୍ୟ ଏହି ଜଙ୍ଗଲରେ ନିଆଁ ଲାଗିଥିଲା।







# ବିଦେଶୀଙ୍କ ଚକ୍ଷୁରେ

ନିକଟରେ ସ୍ୱିଡେନ୍‌ର ଭେରାଇଟିଜ୍ ଅଫ୍ ଡେମୋକ୍ରାସି ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି, ଯେଉଁଥିରେ ଭାରତ ଏକ ଇଲେକ୍ଟୋରାଲ ଅଟୋକ୍ରାସି ବା ନିର୍ବାଚିତ ଏକଚ୍ଛତ୍ର ଶାସନରେ ପରିଣତ ହୋଇଥିବା କୁହାଯାଇଛି। ଏପରି କି ଭାରତର ସ୍ଥିତି ପାକିସ୍ତାନ ଭଳି ହୋଇଯାଇଥିବା ବେଳେ ବାଂଲାଦେଶ ଓ ନେପାଳଠାରୁ ଖରାପ ସ୍ତରକୁ ଆସିଯାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

କିଛିବର୍ଷ ପୂର୍ବେ ଯେତେବେଳେ କେନ୍ଦ୍ରରେ ଭାଜପା ଶାସନ ଆସିଲା, ସେତେବେଳେ ମନେହେଲା ଯେପରି ଭାରତର ଅନ୍ତର୍ଜାତୀୟ ଭୂମିକା ବୃଦ୍ଧି ପାଇବ। ଲାଗିପଡ଼ି ଧାରଣା ସୃଷ୍ଟି କରାଗଲା ସତେଯେମିତି ଏହି ସରକାରଙ୍କ କାୟାବିସ୍ତାର ଫଳରେ ଭାରତୀୟ କୂଟନୀତି ମଧ୍ୟ ଶକ୍ତିଶାଳୀ ହୋଇଛି। ଯେହେତୁ ଅଧିକାଂଶ ଭାରତୀୟ ବିଦେଶୀ ଗଣମାଧ୍ୟମ ସହିତ ସମ୍ପୃକ୍ତ ରୁହନ୍ତି ନାହିଁ, ସେହେତୁ ସେମାନଙ୍କୁ ଦେଶର ଆଭ୍ୟନ୍ତରୀଣ ଗଣମାଧ୍ୟମ ଦ୍ୱାରା ତ୍ରୁଟିପୂର୍ଣ୍ଣ ଧାରଣା ସୃଷ୍ଟି କରାଇ ଦିଆଯାଇପାରିଲା। ଯେତେବେଳେ କଲମ୍ବୋ ବନ୍ଦର ପ୍ରକଳ୍ପରୁ ଭାରତକୁ ବିଦା କରିବା ପାଇଁ ଶ୍ରୀଲଙ୍କା ସରକାର ନିଷ୍ପତ୍ତି ନେଲେ ସେତେବେଳେ ଭାରତୀୟ ଗଣମାଧ୍ୟମ ଖବରଟିକୁ ଲୁକ୍କାୟିତ ରଖିଲା। ସେହିପରି ଯେତେବେଳେ ଗଲୱାନ ଘାଟିରେ ଅନେକ ଭାରତୀୟ ସୈନିକଙ୍କ ମୃତ୍ୟୁ ଘଟିଲା, ତାହାକୁ ଘୋଡ଼ାଇବା ପାଇଁ ଭାରତୀୟ ଗଣମାଧ୍ୟମ ଅଧିକ ସ୍ଥାନ ଦେଲା। ଏହାଫଳରେ ଦେଶର ନାଗରିକ ବାସ୍ତବ ସ୍ଥିତି ବୁଝିବାରୁ ବଞ୍ଚିତ ହେଲେ। ଏହିଭଳି ଅନେକ ଉଦାହରଣ ରହିଛି ଯେଉଁଥିରେ ପ୍ରମାଣ ମିଳିଛି ଯେ, ଅସତ୍ୟ ପ୍ରଚାର କରି ଆଜିର ସରକାର ନିଜର ଭାବମୂର୍ତ୍ତି ବୃଦ୍ଧି କରାଉଛି। ଏହି ପ୍ରକ୍ରିୟା ୨୦୧୬ ନଭେମ୍ବର ବିମୁଦ୍ରୀକରଣଠାରୁ ପରିଚିତ ହେଲା। ସେତେବେଳେ କୁହାଗଲା ଭାରତୀୟ ଟଙ୍କାକୁ ବଦଳାଇ ଦିଆଯିବା ଫଳରେ କଳାଧନର ସମାପ୍ତି ଘଟିବା ସହ ଧନୀ ଲୋକଙ୍କ କେନ୍ଦରା ବାଜିଲା। ଦୀର୍ଘ ୪ ବର୍ଷ ପୂରିଯାଇଛି ଏବଂ ସେତେବେଳେ କେନ୍ଦ୍ର ସରକାରଙ୍କ ଘୋଷଣାର ବାସ୍ତବତା ନିରପେକ୍ଷ ଭାରତୀୟ ଅତି ସହଜରେ ବୁଝି ପାରୁଥିବେ। ଅସତ୍ୟ ଖବର ପ୍ରଚାର କରାଇ ଲୋକଙ୍କୁ ବାଟବଣା କରିବା ହେଉଛି ଏକଚ୍ଛତ୍ରବାଦର ପ୍ରଥମ ସୋପାନ।

କେନ୍ଦ୍ର ସରକାରଙ୍କ ଦ୍ୱାରା ତିନି କୃଷି ଆଇନ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଆଇନର ପ୍ରଚଳନକୁ ପ୍ରାୟ ସବୁ ରାଜ୍ୟରେ ଏବଂ ବିଶେଷକରି ଉତ୍ତର ଭାରତରେ ପ୍ରବଳ ବିରୋଧ କରାଯାଉଛି। ଧାରଣା ଦେଇ ବସିଥିବା ଚାଷୀଙ୍କ ମଧ୍ୟରୁ ଅନେକଙ୍କ ମୃତ୍ୟୁ ଘଟିଲାଣି। କିନ୍ତୁ ବଡ଼ ବ୍ୟବସାୟୀଙ୍କୁ ସାହାଯ୍ୟ କରିବା ପାଇଁ ମନସ୍ଥ କରିଥିବା କେନ୍ଦ୍ର ସରକାର ଆଜି ତା'ର ନିଷ୍ପତ୍ତିରେ ଅଟଳ। ଗଣତାନ୍ତ୍ରିକ ଦେଶରେ ଭୋଟଦାତାର ମତ ସବୁବେଳେ ସର୍ବୋଚ୍ଚ ବୋଲି ଚିନ୍ତା କରାଯାଏ। ଏହି ଧାରଣାକୁ ଆଜିର ଭାରତରେ କେନ୍ଦ୍ର ସରକାର ଭୁଲ୍ ପ୍ରମାଣ କରିବା ପାଇଁ ଆଗଭର ହୋଇ ବାହାରି ପଡ଼ିଛନ୍ତି। ସେହିଭଳି ଜଳବାୟୁ କର୍ମୀ ଦିଶା ରବିଙ୍କ ଗିରଫ, ଗଣମାଧ୍ୟମ ପ୍ରତିନିଧିଙ୍କୁ ମାଡ଼, ହତ୍ୟା ଓ ଗିରଫ ସହ ସାମାଜିକ ଗଣମାଧ୍ୟମ ଉପରେ ଅଙ୍କୁଶ ଲଗାଇବାର ମନ୍ଦ ଉଦ୍ଦେଶ୍ୟକୁ ଏବେ ଅନ୍ତର୍ଜାତୀୟ ସ୍ତରରେ ସମସ୍ତେ ଚିହ୍ନିବାକୁ ଆରମ୍ଭ କଲେଣି। ଭାରତର ପ୍ରତିଷ୍ଠିତ ବୈଦେଶିକ ନୀତିକୁ ଏକ ବ୍ୟକ୍ତିବିଶେଷ ପରିବର୍ତ୍ତନ କରିବାକୁ ଚେଷ୍ଟାକରିବା ଫଳରେ ନେପାଳଠାରୁ ଆରମ୍ଭ କରି ସବୁ ଦେଶ ଆଜି ଭାରତକୁ ବେଖାତିର କରୁଛନ୍ତି। ଅନ୍ୟ ଏକ ଘଟଣାକ୍ରମେ ଓଭରସିଜ୍ ସିଟିଜେନ୍‌ଶିପ୍ ଅଫ୍ ଇଣ୍ଡିଆ (ଓସିଆଇ) ବା ବିଦେଶରେ ରହୁଥିବା ଭାରତୀୟମାନେ ସରକାରଙ୍କ ସପକ୍ଷରେ ରହିବେ ବୋଲି ଚିନ୍ତା କରାଯାଉଥିଲା। ତାହାର ଭିନ୍ନ ଦିଗ କୃଷକ ଆନ୍ଦୋଳନରେ ଦେଖିବାକୁ ମିଳିଲା। ବିଭିନ୍ନ ଦେଶର ରାଜଧାନୀରେ ଥିବା ଭାରତୀୟ ଦୂତାବାସ ସମ୍ମୁଖରେ ପ୍ରତିବାଦ ଏବଂ ବିକ୍ଷୋଭ ହେଲାବେଳକୁ ବିଦେଶରେ ରହୁଥିବା ଭାରତୀୟ ସେମାନଙ୍କୁ ପ୍ରତିରୋଧ କଲେନାହିଁ। ସେଥିପାଇଁ ଓସିଆଇ କାର୍ଡ ମାଧ୍ୟମରେ ଦିଆଯାଇଥିବା ବିଭିନ୍ନ ସୁବିଧାସୁଯୋଗକୁ ପ୍ରତ୍ୟାହାର କରିନେବାର ନିଷ୍ପତ୍ତି କେନ୍ଦ୍ର ସରକାରଙ୍କ ବିଫଳ ବୈଦେଶିକ ନୀତିର ଅନ୍ୟ ଏକ ଜ୍ୱଳନ୍ତ ଉଦାହରଣ।

ଶେଷ ଆଶ୍ରୟ ଭାବେ କ୍ୱାଡ୍ ଗୋଷ୍ଠୀରେ ଯୋଗଦେଇ ଭାରତର ନେତୃତ୍ୱ ଚିନ୍ତାକଲେ ଯେ ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆ ଆମ ଦେଶକୁ ସାହାଯ୍ୟ କରିବେ। ଏହି ସମର୍ଥନ କେବଳ ଚାଇନାକୁ ସମ୍ମୁଖୀନ ହେବା ପାଇଁ ଲୋଡ଼ାଯାଇଛି। ତେବେ ୧୨ ମାର୍ଚ୍ଚରେ ଅନୁଷ୍ଠିତ ଭର୍ଚୁଆଲ ବୈଠକରେ ଅନ୍ୟ ୩ ଦେଶର ନେତୃବୃନ୍ଦ ଭାରତ ଉପରେ ଏକ ବିରାଟ ବୋଝ ଲଦିଦେଇଛନ୍ତି। ସଦ୍ୟ କ୍ୱାଡ୍ ନିଷ୍ପତ୍ତି ଅନୁଯାୟୀ, ଏହି ଗୋଷ୍ଠୀ ଏକ ବିଲିୟନ କୋଭିଡ୍ ଭ୍ୟାକ୍‌ସିନ୍ ଚାଇନାର ପଡ଼ୋଶୀ ଦେଶମାନଙ୍କୁ ଯୋଗାଇବ। ଯେହେତୁ ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆରେ ଏଭଳି ଟିକା ପ୍ରସ୍ତୁତକାରୀ କାରଖାନା ନାହିଁ, ସେଥିପାଇଁ ଭାରତ ସମ୍ପୂର୍ଣ୍ଣ ଚାହିଦା ମେଣ୍ଟାଇବାକୁ ବାଧ୍ୟହେବ। ଫଳସ୍ୱରୂପ ଅନେକ ଭାରତୀୟ ନାଗରିକ ଏହି ଟିକାରୁ ବଞ୍ଚିତ ହେବାର ଆଶଙ୍କା ରହିଛି। କାରଣ ଭାରତର ନିଜସ୍ୱ ଜନସଂଖ୍ୟା ଏବେ ୧.୫ ବିଲିୟନ ହୋଇଗଲାଣି। ଏତେ ବିରାଟକାୟ ଜନସଂଖ୍ୟାର ଚାହିଦାକୁ ମେଣ୍ଟାଇବା ପରିବର୍ତ୍ତେ ବିଦେଶୀଙ୍କୁ ଭେଟିଦେବା ଫଳରେ ଭାରତ କ୍ଷତିଗ୍ରସ୍ତ ହେବା ସୁନିଶ୍ଚିତ। ଏହି ବାସ୍ତବ ସ୍ଥିତିକୁ ସ୍ୱୀକାର କରିବା ପରିବର୍ତ୍ତେ କେନ୍ଦ୍ର ସରକାର ଭିନ୍ନ ବିଷୟରେ ଆଲୋଚନା କରି ଲୋକଙ୍କ ଦୃଷ୍ଟିକୁ, ସଫଳତାର ସହିତ, ବାରମ୍ବାର ବାଟବଣା କରୁଛି। ଯେହେତୁ ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଗଣମାଧ୍ୟମ କେନ୍ଦ୍ର ସରକାରଙ୍କ ହାତମୁଠା ଭିତରେ ରହିଛନ୍ତି, ସେହେତୁ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ଦେଶ ଭାବେ ପରିଚିତ ଭାରତ ଆଜି ତା'ର ଭାବମୂର୍ତ୍ତିରେ କ୍ଷତି ଘଟୁଥିବାର ହୃଦ୍‌ବୋଧ କରୁଛି। ତଥାପି ଅନେକ ଅନ୍ଧ ନାଗରିକ ଏହି ସତ୍ୟକୁ ଚିହ୍ନିବା ପରିବର୍ତ୍ତେ ରାଜନୈତିକ ହୀନମନ୍ୟତାରେ ବୁଡ଼ି ରହୁଛନ୍ତି।

# ଧାନକିଣା: ଏଥର ସମସ୍ୟା ଟାର୍ଗେଟ୍



ଅଶୋକ କୁମାର ବରାଳ

ଧାନ ବିକ୍ରିକୁ ନେଇ ସମସ୍ୟା ଚାଷୀଙ୍କ ପିଛା ଛାଡୁନାହିଁ। ସରକାର ଧାନକିଣାରେ ଯେତେ ସୁଧାର ଆଣିଲେ ମଧ୍ୟ ସମସ୍ୟାର ସମାଧାନ ହୋଇ ପାରୁନାହିଁ। ଧାନକିଣାକୁ ନେଇ ଏବେ ଚାରିଆଡ଼େ ସମସ୍ୟା ଉପୁଜିଥିଲା ବେଳେ ବିଧାନସଭାରେ ଧାନକିଣାରେ ଅନିୟମିତତା ଏକ ମୁଖ୍ୟ ପ୍ରସଙ୍ଗ ହୋଇଛି। ଗତବର୍ଷ ଟୋକନ ବ୍ୟବସ୍ଥାକୁ ନେଇ ରାଜ୍ୟରେ ସମସ୍ୟା ଦେଖା ଦେଇଥିଲାବେଳେ ଚଳିତବର୍ଷ ଧାନକିଣା ପରିମାଣ (ଟାର୍ଗେଟ୍)କୁ ନେଇ ସମସ୍ୟା ଉପୁଜିଛି। ଏ ବର୍ଷ ଆଉ ଟୋକନ ସମସ୍ୟା ନାହିଁ। ରାଜ୍ୟର ପ୍ରାୟ ଶତପ୍ରତିଶତ ଚାଷୀଙ୍କୁ ଟୋକନ ମିଳିସାରିଛି। ଟୋକନ ଥାଇ ଚାଷୀ ଧାନ ବିକ୍ରି କରି ପାରୁନାହାନ୍ତି। ଟାର୍ଗେଟ୍ ନାହିଁ ବୋଲି କହି ସମବାୟ ସମିତିର ସମ୍ପାଦକମାନେ ଚାଷୀଙ୍କ ଧାନ ଉଠାଉ ନାହାନ୍ତି। ବହୁ ସ୍ଥାନରେ ଟୋକନ ଅବଧି ପୂରି ଯାଇଥିବାବେଳେ ଚାଷୀ ଟୋକନ ଧରି ବାରଦୁଆର ଶୁଙ୍ଖିପିଣ୍ଡା ହେଉଛନ୍ତି। ଏହା ପଛରେ ରହିଛି କିଛି କର୍ମଚାରୀ, ବ୍ୟବସାୟୀ ଏବଂ ବଡ଼ ଚାଷୀଙ୍କ ଅସାଧୁ ମେଣ୍ଟ। ଟୋକନ ସମସ୍ତଙ୍କ ପାଖରେ ଅଛି, ହେଲେ ଧାନକିଣା ପରିମାଣ (ଟାର୍ଗେଟ୍) ମଧ୍ୟରେ କେଉଁ ଚାଷୀ ପ୍ରଥମେ ଧାନ ଦେବ, ତାହା ଧାନ ସଂଗ୍ରହ କରୁଥିବା ସଂସ୍ଥାର ଇଚ୍ଛା ଉପରେ ନିର୍ଭର କରୁଥିବାରୁ ହଜାର ହଜାର କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେଉଛନ୍ତି। ବଡ଼ଚାଷୀ ବେଶରେ କିଛି ବ୍ୟବସାୟୀ ସମବାୟ ସଂସ୍ଥାର ସମ୍ପାଦକଙ୍କ ସହିତ ସଲାସୁତରା କରି ସେମାନଙ୍କର ସମସ୍ତ ଧାନ ବିକ୍ରି କରି ଦେଉଥିଲା ବେଳେ ଛୋଟ ଚାଷୀ ବେଳକୁ ଟାର୍ଗେଟ୍ ସରିଯାଉଛି, ଯାହା ବର୍ତ୍ତମାନର ସବୁଠାରୁ ବଡ଼ ସମସ୍ୟା। ଟାର୍ଗେଟ୍ ଶେଷ ହେବାର କାରଣଗୁଡ଼ିକ ମଧ୍ୟରୁ ପ୍ରଥମ କାରଣ ହେଉଛି, କିଛି ସ୍ଥାନରେ ଜଣେ ଜଣେ ବଡ଼ ଚାଷୀ ସେମାନଙ୍କ ସମସ୍ତ ଟୋକନ ଅନୁସାରେ ସମବାୟ ସମିତି ସେମାନଙ୍କର ସଂପୂର୍ଣ୍ଣ ଧାନ କ୍ରୟ କରିଦେଉଛି। ଦ୍ୱିତୀୟ କାରଣ ହେଉଛି, ଚାଉଳର ସୀମିତ ଆବଶ୍ୟକତା।

ଆମ ରାଜ୍ୟର ପ୍ରାୟ ୪୦ ଲକ୍ଷ ହେକ୍ଟର ଚାଷଜମିରେ ଧାନଚାଷ ହୋଇଥାଏ। ହେକ୍ଟର ପିଛା ପ୍ରାୟ ୩୦ କୁଇଣ୍ଟାଲ ଅମଳ ହାରରେ ପ୍ରାୟ ୧୩୦ ଲକ୍ଷ ଟନ୍ ଧାନ ଅମଳ ହୋଇଥାଏ। ରାଜ୍ୟର ପାଖାପାଖି ୬୫ ଲକ୍ଷ ଚାଷୀ ପରିବାର ଧାନ ଚାଷ କରି ଏହି ଧାନ ଉତ୍ପାଦନ କରିଥାଆନ୍ତି। ଯେଉଁଥିରେ ୯୨ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଥିବାବେଳେ ୮ ପ୍ରତିଶତ ମଧ୍ୟମ ଏବଂ ବଡ଼ ଚାଷୀ ଅଛନ୍ତି। କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଖରେ ପ୍ରାୟ ୬୦ ଭାଗ ଚାଷଜମି ଥିବାବେଳେ ବଡ଼ ଚାଷୀଙ୍କ ପାଖରେ ୪୦ ଭାଗ ଚାଷଜମି ରହିଛି। ଅର୍ଥାତ୍ ୮ ଭାଗ ଚାଷୀଙ୍କ ପାଖରେ ୪୦ ପ୍ରତିଶତ ଚାଷଜମି ଥିବାବେଳେ ୯୨ ଭାଗ ଚାଷୀଙ୍କ ପାଖରେ ମାତ୍ର ୬୦ ପ୍ରତିଶତ ଚାଷଜମି ଅଛି। ଏଥିପାଇଁ ୬୫ ଲକ୍ଷ ଚାଷୀ ପରିବାର ମଧ୍ୟରୁ ମାତ୍ର ୧୪ ଲକ୍ଷ ଚାଷୀ ପରିବାର ଧାନ ବିକ୍ରି ପାଇଁ ସରକାରଙ୍କ ପାଖରେ ନାମ ପଞ୍ଜୀକରଣ କରିଛନ୍ତି। ଏହି ୮ ଭାଗ ଚାଷୀ ଯାହାଙ୍କୁ ଆମେ ବଡ଼ ଚାଷୀ ବୋଲି କହିଥାଉ, ସେମାନେ ସର୍ବଦା ଧାନକିଣାର ଫାଇଦା ନେଇଥିବାବେଳେ କ୍ଷୁଦ୍ର ଓ ନାମକୁମାତ୍ର ଚାଷୀ ଏହାର ସୁଫଳ ପାଇପାରୁ ନାହାନ୍ତି। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଏକକାଳୀନ ଗୋଟିଏ ଟୋକନ ମିଳୁଥିବା ବେଳେ ଗୋଟିଏ ଗୋଟିଏ ମଧ୍ୟମ ଓ ବଡ଼ଚାଷୀଙ୍କୁ ଏକାଧିକ ଟୋକନ ମିଳୁଛି। ଫଳରେ ବଡ଼ଚାଷୀ ନିଜର ସମ୍ବଳ, କ୍ଷମତା ଏବଂ ପ୍ରଭାବ ମାଧ୍ୟମରେ ନିଜର ସମସ୍ତ ଧାନକୁ ମଣ୍ଡିରେ ବିକିବାକୁ ସକ୍ଷମ ହେଉଛି। ଏଥିରେ କିଛି ସ୍ଥାନରେ ଧାନ ସଂଗ୍ରହ ସଂସ୍ଥାର କର୍ମଚାରୀଙ୍କ ଭିତିରି ବ୍ୟାପାର ରହିଛି। ଗୋଟିଏ ବଡ଼ଚାଷୀଠାରୁ ଏକାଧିକ ଟୋକନ ବଳରେ ଅଧିକରୁ ଅଧିକ ଧାନ ସଂଗ୍ରହ କରୁଥିବା ବେଳେ ଛୋଟ ଓ ନାମମାତ୍ର ଚାଷୀଙ୍କ ବେଳକୁ ଟାର୍ଗେଟ ସରିଯାଉଛି ବୋଲି ସମବାୟ ସଂସ୍ଥା କହୁଛି।

ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଏବଂ ଗାଁରେ ଚାଷୀମାନଙ୍କ ଆୟ ବୃଦ୍ଧିକୁ ଦୃଷ୍ଟିରେ ରଖି ଗତ ୩ ବର୍ଷ ହେବ ସରକାର ଖାଦ୍ୟ ଓ ଯୋଗାଣ ବିଭାଗ ଏବଂ ସମବାୟ ବିଭାଗ ମାଧ୍ୟମରେ ଚାଷୀ ଉତ୍ପାଦନ କରୁଥିବା ସମସ୍ତ ଧାନ ସଂଗ୍ରହ ପାଇଁ ପ୍ରତିଶ୍ରୁତି ଦେଇ ଆସୁଛନ୍ତି, ହେଲେ ତାହା ସମ୍ଭବ ହେଉନାହିଁ। କିନ୍ତୁ ଏହା ସତ୍ୟ ଯେ, ଧାନକିଣାରେ ଆଗରୁ ଥିବା ନିୟମ ଯେଉଁଥିରେ ଚାଷୀ ନିଜ ପରିବାରର ପ୍ରତି ସଦସ୍ୟଙ୍କ ମୁଣ୍ଡ ପିଛା ୩ କୁଇଣ୍ଟାଲ ଧାନ ରଖି ଅବଶିଷ୍ଟ ଧାନ ସରକାରଙ୍କୁ ବିକ୍ରି କରିବାର ଥିଲା, ତାହା ଉଠିଯିବା ଫଳରେ ରାଜ୍ୟ ସରକାରଙ୍କୁ ବର୍ତ୍ତମାନ ପୂର୍ବ ଅପେକ୍ଷା ପ୍ରାୟ ୨୦ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ଧାନ କିଣିବାକୁ ପଡୁଛି। ଅଧିକ ଧାନ କିଣିବା ଦ୍ୱାରା ଚାଷୀର ଆର୍ଥିକ ସ୍ଥିତି ସୁଦୃଢ଼ ହେଉଛି, ଯାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ କଥା ଉଠୁଛି, ସରକାର ଏତେ ଧାନ ସଂଗ୍ରହ କଲେ ତାହାକୁ କରିବେ କ'ଣ? ଯଦି ଗତବର୍ଷର ଧାନକିଣା ଏବଂ ଏହାର ଉପଯୋଗ ପରିସଂଖ୍ୟାନ ଦେଖିବା, ତେବେ ଗତବର୍ଷ ସରକାର ସଂଗ୍ରହ କରିଥିବା ପ୍ରାୟ ୭୧ ଲକ୍ଷ ମେଟ୍ରିକ ଟନ୍ ଧାନରୁ ୪୮ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ କରିଥିଲେ। ସଂଗୃହୀତ ୪୮ ଲକ୍ଷ ମେଟ୍ରିକ ଟନ୍ ଚାଉଳ ମଧ୍ୟରୁ ସାଧାରଣ ବଣ୍ଟନ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଜନହିତକର କାର୍ଯ୍ୟରେ ପ୍ରାୟ ୩୧ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବଣ୍ଟନ କରାଯାଇଥିଲା ବେଳେ ଅବଶିଷ୍ଟ ୧୭ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ)କୁ ଯୋଗାଇଥିଲେ। କଥା ହେଉଛି ଯେ ଏଫ୍‌ସିଆଇ ଆଉ ଅଧିକ ଚାଉଳ ନେବାକୁ ଚାହୁଁନାହିଁ। ଗତବର୍ଷ ଦେଶରେ ରେକର୍ଡ ପରିମାଣର ଚାଉଳ ଏବଂ ଗହମ ଏଫ୍‌ସିଆଇ ସଂଗ୍ରହ କରିଛି, ଯାହା ୨୦୨୦ ଜୁନ୍ ସୁଦ୍ଧା ୮୩୨ ଲକ୍ଷ ମେଟ୍ରିକ୍ ଟନ୍। ଅନ୍ୟପଟେ ଦେଖିବାକୁ ଗଲେ ସରକାର ରାଜ୍ୟରେ ଉତ୍ପାଦନ ହେଉଥିବା ସମୁଦାୟ ଧାନର ପ୍ରାୟ ୬୦ ପ୍ରତିଶତ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ରେ କ୍ରୟ କରୁଛନ୍ତି। ଧାନ ସଂଗ୍ରହରେ ପଞ୍ଜାବ ପ୍ରଥମ ସ୍ଥାନରେ ଥିବାବେଳେ ଓଡ଼ିଶା ୫ମ ସ୍ଥାନରେ ଅଛି। ଏହା ବ୍ୟତୀତ ପି-ପିଏଏସ୍ ମାଧ୍ୟମରେ ଚାଷୀଙ୍କୁ ୪୮ ଘଣ୍ଟା ମଧ୍ୟରେ ପ୍ରାପ୍ୟ ପ୍ରଦାନ। ଆଇରିସ୍ ଏବଂ ବାୟୋମେଟ୍ରିକ ଯାଞ୍ଚ ମାଧ୍ୟମରେ ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରିବାରେ ଓଡ଼ିଶା ଅନ୍ୟ ରାଜ୍ୟଠାରୁ ଆଗରେ। ହେଲେ ଧାନ କିଣିବା ପାଇଁ ଯୋଗାଣ ବିଭାଗ ପାଖରେ ପର୍ଯ୍ୟାପ୍ତ ପାଣ୍ଠି ନ ଥିବାରୁ ଯୋଗାଣ ବିଭାଗ ବ୍ୟାଙ୍କରୁ ଋଣ ଆଣି ଧାନ କ୍ରୟ କରୁଛି। ଏବେ ସୁଦ୍ଧା ଯୋଗାଣ ବିଭାଗ ଋଣ ଟଙ୍କା ବାବଦରେ ପ୍ରାୟ ୧୨୦୦ କୋଟି ଟଙ୍କା ସୁଧ ଦେବାକୁ ବାକି ଅଛି। ସେହିପରି ପିଡିଏସ୍ ମାଧ୍ୟମରେ ଚାଉଳ ଯୋଗାଣର ବହୁ ବିଳମ୍ବରେ କେନ୍ଦ୍ର ସରକାର, ରାଜ୍ୟ ଖାଦ୍ୟ ଓ ଯୋଗାଣ ବିଭାଗକୁ ଅର୍ଥ ପ୍ରଦାନ କରିଥାନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟ ଯୋଗାଣ ବିଭାଗର ୪୫୦୦ କୋଟି ଟଙ୍କା କେନ୍ଦ୍ର ପାଖରେ ପଡ଼ିରହିଛି।

ସୋସାଇଟି ସ୍ତରରେ ଟୋକନ ବଣ୍ଟନରେ ଅନିୟମିତତା ପରିଲକ୍ଷିତ ହେବାରୁ ୨୦୧୯ରୁ ରାଜ୍ୟ ସରକାର ଧାନ କ୍ରୟବେଳେ ବାୟୋମେଟ୍ରିକ ଯାଞ୍ଚ ସହିତ ଟୋକନର କେନ୍ଦ୍ରୀୟକରଣ କରିଛନ୍ତି। ଏହାଫଳରେ ଚାଷୀ ସୋସାଇଟିର ସମ୍ପାଦକଙ୍କ ପ୍ରାଦୁର୍ଭାବରୁ ରକ୍ଷା ପାଇଛନ୍ତି। ଏହାର ଫଳ ମଧ୍ୟ ଚଳିତବର୍ଷ ଚାଷୀଙ୍କ ନାମ ପଞ୍ଜୀକରଣବେଳେ ପ୍ରତିଫଳିତ ହୋଇଛି। ୨୦୨୦-୨୧ରେ ପାଖାପାଖି ୨୧ ପ୍ରତିଶତ ଅଧିକ ଚାଷୀ ଧାନ ବିକ୍ରି ପାଇଁ ସରକାରଙ୍କ ପାଖରେ ସେମାନଙ୍କର ନାମ ପଞ୍ଜୀକରଣ କରିଛନ୍ତି ଏବଂ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୯ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହୋଇଛନ୍ତି। ଚଳିତମାସ ୧୧ ତାରିଖ ସୁଦ୍ଧା ଗତବର୍ଷ ଅପେକ୍ଷା ୧୯ ପ୍ରତିଶତ ଅଧିକ ଧାନ ସଂଗୃହୀତ ହୋଇଛି।

ହେଲେ ସର୍ବଦା ନିଜର ଫାଇଦା ପାଇଁ ବ୍ୟସ୍ତ ଥିବା କିଛି ସୋସାଇଟି ସମ୍ପାଦକ ନିଜର ମନ୍ଦ ଉଦ୍ଦେଶ୍ୟ ପୂରଣ ପାଇଁ ବେପାରୀ ଏବଂ ବଡ଼ ଚାଷୀଙ୍କଠାରୁ ଆଗୁଆ ଧାନ ସଂଗ୍ରହ କରିଦେଉଛନ୍ତି। କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ଧାନ ଆସିଲେ ଟାର୍ଗେଟ୍ ନାହିଁ କହି ତା'ର ଧାନ କିଣୁନାହାନ୍ତି। କିଛି ବେପାରୀ ବଡ଼ ଚାଷୀ ଭାବେ ସୋସାଇଟି କର୍ମଚାରୀଙ୍କ ସହିତ ସଲାସୁତୁରା କରି ଆଗୁଆ ଟୋକନର ଫାଇଦା ନେଉଛନ୍ତି, ଯାହାଫଳରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଧାନର ଏମ୍‌ଏସ୍‌ପି ପାଇବାରୁ ବଞ୍ଚିତ ହେଉଛି। ସୋସାଇଟି କର୍ମକର୍ତ୍ତାଙ୍କ ଉପରେ ସଂପୃକ୍ତ ବିଭାଗ ଏବଂ ଜିଲା ପ୍ରଶାସନର ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ରହୁନାହିଁ। ଗଳାବାଟ ଦେଇ ସୋସାଇଟି ସମ୍ପାଦକ ଏବଂ ବେପାରୀମାନେ ବ୍ୟବସ୍ଥାର ଅପ-ବ୍ୟବହାର କରୁଛନ୍ତି। କ୍ଷେତ୍ରକୁ ଯାଇ ଧାନ କିଣାବିକାର ତଦାରଖ କରିବା ପାଇଁ ବିଭାଗୀୟ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ବହୁ ଅଧିକାରୀ କ୍ଷେତ୍ର ପରିଦର୍ଶନ କରୁନାହାନ୍ତି। ରାଜ୍ୟରେ ଥିବା ୧୦ଟି କୃଷି ଭୌଗୋଳିକ ପରିବେଶ ମଧ୍ୟରେ ଚାଷୀମାନେ ଧାନଚାଷ କରିଥାଆନ୍ତି। ଧାନ ଅମଳ ସମୟରେ ବିଭିନ୍ନ ଜିଲାରେ ଭିନ୍ନ ହେଉଥିବା ବେଳେ କେନ୍ଦ୍ରୀୟ ଟୋକନ ବ୍ୟବସ୍ଥାରେ ଧାନ ଦେବା ପାଇଁ ଚାଷୀ କିଛିଟା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏପରିସ୍ଥଳେ ଚାଷୀମାନଙ୍କ ସମସ୍ୟାକୁ ସମାଧାନ କରିବା ପାଇଁ ଟୋକନ ପ୍ରଦାନ ଏବଂ ଟୋକନ ବ୍ୟବହାରରେ ସ୍ୱଚ୍ଛତା ଆଣିବା ଆବଶ୍ୟକତା ରହିଛି। କେନ୍ଦ୍ରୀୟ ଟୋକନ ବ୍ୟବସ୍ଥାକୁ ବିକେନ୍ଦ୍ରୀକରଣ କରି ଜିଲାସ୍ତରରେ ଟୋକନ ବଣ୍ଟନ କରାଯାଉ। ଜିଲାସ୍ତରୀୟ କ୍ରୟ କମିଟି (ଡିଏଲ୍‌ପିସି)କୁ ସୁଦୃଢ଼ କରିବା ପାଇଁ ଖାଦ୍ୟ ଯୋଗାଣ, ସମବାୟ, କୃଷି, ରାଜସ୍ୱ ବିଭାଗ ଅଧିକାରୀଙ୍କ ମଧ୍ୟରେ ଅଧିକ ସମନ୍ୱୟ ରଖାଯାଉ। ଜନପ୍ରତିନିଧି ଏବଂ ବିଭାଗ ମଧ୍ୟରେ ସମନ୍ୱୟ ରଖିବା ପାଇଁ ଜିଲାସ୍ତରରେ ଜଣେ ପ୍ରଶାସନିକ ଅଧିକାରୀଙ୍କୁ ନୋଡାଲ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଉ। ସବୁ ପଞ୍ଜୀକୃତ ଚାଷୀ ଯେପରି ଧାନକିଣା ବ୍ୟବସ୍ଥାରେ ନିଜର ଧାନ ବିକ୍ରି କରିପାରିବେ, ସେଥିପାଇଁ ପ୍ରଥମ ପର୍ଯ୍ୟାୟ ଟୋକନ ବଣ୍ଟନ ସମୟରେ ସମସ୍ତ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ସହିତ ମଧ୍ୟମ ଏବଂ ବଡ଼ ଚାଷୀଙ୍କୁ ୫୦ କୁଇଣ୍ଟାଲ କିମ୍ବା ୫୦ କୁଇଣ୍ଟାଲରୁ କମ୍ ପରିମାଣର ଟୋକନ ପ୍ରଦାନ କରାଯାଉ। ପରବର୍ତ୍ତୀ ପର୍ଯ୍ୟାୟରେ ଟାର୍ଗେଟ ଅନୁସାରେ ମଧ୍ୟମ ଏବଂ ବଡ଼ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଉ। ବଡ଼ ଚାଷୀମାନଙ୍କୁ ଅନ୍ୟ ଚାଷ ଯେପରି ମତ୍ସ୍ୟ, ପଶୁପାଳନ, କୁକୁଟ ପାଳନ ଏବଂ ଅନ୍ୟାନ୍ୟ ଅର୍ଥକରୀ ଚାଷ କରିବାକୁ ପ୍ରୋତ୍ସାହିତ କରାଯାଉ। ନାମ ପଞ୍ଜୀକରଣ ସମୟରେ ସ୍ୱଚ୍ଛତା ଆଣିବା ପାଇଁ ସମବାୟ ବିଭାଗ ସହିତ କୃଷି ଓ ରାଜସ୍ୱ ବିଭାଗ କର୍ମକର୍ତ୍ତାଙ୍କୁ ସାମିଲ କରାଯାଉ। ଏଥିସହିତ ରାଜ୍ୟରେ ଥିବା ସମସ୍ତ ପ୍ରାୟ ୬୫ ଲକ୍ଷ ଚାଷୀ ପରିବାରକୁ ସରକାରୀ ଧାନକିଣା ବ୍ୟବସ୍ଥାରେ ସାମିଲ କରାଯାଉ।

ପାଇକ ନଗର, ଭୁବନେଶ୍ୱର
ମୋ: ୯୪୩୮୦୪୧୦୨୦

# ଫାଲତୁ ପରୀକ୍ଷା



ଦ୍ୟୁତି ଚନ୍ଦ୍ର ସାହୁ

ପରୀକ୍ଷା ପାଇଁ ଗଳଦ୍‌ଘର୍ମ ଉଦ୍ୟମ। ବିଳମ୍ବିତ ରାତି ଯାଏ ପଢ଼ିବା। ପାହାନ୍ତ ପହରରୁ ଉଠି ପଢ଼ିବା ଲାଗି ପୁଣି ଘରେ ତାଗିଦ୍। ଖାଲି ତାଗିଦ୍ ନାହିଁ ପିଲାଟି ପଢୁଛି ନା ନାହିଁ ମଝିରେ ମଝିରେ ଉଠି ପରଖୁଥିଲା ମାଆ। ମାତ୍ର ତିନି ଯାଏ ପାଠ ପଢ଼ି ବିଦ୍ୟାଳୟରେ ଡୋରି ବାନ୍ଧିଥିବା ମାଆ କିନ୍ତୁ ଭାରି ସଚେତନ ପିଲାମାନେ କେମିତି ଭଲ ପଢ଼ିବେ। ସେଥିପାଇଁ ସଞ୍ଜରୁ ରୋଷେଇବାସ ସାରି ଲଣ୍ଠନ ପାଖରେ ବସିବ। ଚାରିପଟେ ବସିଥିବା ପିଲାଙ୍କୁ ନିର୍ଦ୍ଦେଶ ଦେବ ପାଟିକରି ପଢ଼ିବେ। ମାନେ ସରବ ପଠନ ଯେମିତି ହେବ। ଲଣ୍ଠନର କାଚ ତମ୍ବା ରଙ୍ଗ ଧାରଣ କରି ଆଲୁଅ ନିଷ୍ପ୍ରଭ ହେଲା ଯାଏ ଚାଲିଥିବ ପଢ଼ା। ବୁଝୁ ନ ବୁଝୁ ପାଟି କରି ପଢ଼ା ହେଉଥିବ। ପାହାନ୍ତା ପହରରେ ବି ସେଇ ଏକା ପଦ୍ଧତି। ଚଦର ଭିତରେ କାଳେ ଢୁଳେଇ ଶୋଇ ପଡ଼ିବେ ସେଥିପାଇଁ କାନରେ ପଢ଼ାର ଶବ୍ଦ ଶୁଭିବା ନେଇ ମାଆ ଭୋର ଚାରିଟାରୁ ଉଠେଇବ ଓ ନିଜ କାମରେ ଲାଗିଯିବ। ପରୀକ୍ଷା ଦିନ ସକାଳୁ ସକାଳୁ ଗାଧୋଇ ଦେବଦେବୀଙ୍କ ମନ୍ଦିରକୁ ଯାଇ ମୁଣ୍ଡିଆ ମାରିବାକୁ ହେବ। ସେଠୁ ଆସିଲା ପରେ ପରୀକ୍ଷା ପାଇଁ ସ୍କୁଲ ଗଲାବେଳକୁ ଦୁଆର ସାମ୍ନାରେ ରଖା ହେବ ହଳଦୀ ପାଣିରେ ଭର୍ତ୍ତି କୁମ୍ଭ। ପୁଣି ତାଗିଦ୍ ପଛକୁ ଫେରି ଚାହିଁବନି କେହି। ପରୀକ୍ଷା ହଲରେ ଯାଇ ବସିଲା ବେଳକୁ ପରୀକ୍ଷା ହଲରେ ଥିବା ଶିକ୍ଷକମାନଙ୍କ ବଡ଼ ବଡ଼ ଆଖି। ସାମାନ୍ୟ ହଲଚଲ ହେଲେ ପଛରୁ ଶୁଭିବ ଡାକ। ପରୀକ୍ଷା ଫଳାଫଳ ଦିନ ପୁଣି ମନ୍ଦିର ଯାଇ ପୂଜାପାଠ। ଏତେ ସବୁ କସରତ ପରେ ଧାର୍ଯ୍ୟ ମୋଟ ନମ୍ବରର ସୀମା ନ ଛୁଇଁ କେହି କେହି ଫେଲ୍ ହେଉଥିଲେ। ସେହି ଶ୍ରେଣୀରେ ରହୁଥିଲେ। କ୍ରମାଗତ ଏକା ଶ୍ରେଣୀରେ ଦୁଇ ବର୍ଷ ଫେଲ୍ ହେଲେ ବିଦ୍ୟାଳୟରୁ ବିଦା। ତେଣିକି ସେ ଅନ୍ୟ ବିଦ୍ୟାଳୟରେ ପଢ଼ିଲେ ଭଲ। ନ ହେଲେ ଅନ୍ୟ କାମ ଧନ୍ଦାରେ ଲାଗିଯିବ ସେ। ପରୀକ୍ଷାକୁ ନେଇ ଅଭିଭାବକ ଓ ପିଲାଙ୍କ ଭିତରେ ଏତେ ଭୟ ଯଦିଓ ଭଲ ନୁହଁ, କିନ୍ତୁ ପରୀକ୍ଷା ପ୍ରତି ଗୋଟେ ସମ୍ବେଦନଶୀଳତା ରହିଥିଲା। ପ୍ରସ୍ତୁତି ଥିଲା।

ଏବେ ପରିସ୍ଥିତି ଅଲଗା। ନିକଟରେ ପୁଅର ବାର୍ଷିକ ଆକଳନ ପରୀକ୍ଷା ହେଲା। ବର୍ଷତମାମ ସ୍କୁଲ ପିଣ୍ଡା ମାଡ଼ି ନ ଥିବା ପିଲା ପରୀକ୍ଷା ଦେବ। ସେଥିନେଇ ବାପା ଭିତରେ ଉଦ୍‌ବେଳନ। କେମିତି ଦେବ ପୁଅ ପରୀକ୍ଷା ! ଅବଶ୍ୟ ଗତ ଏକ ବର୍ଷ ଭିତରେ ଅନ୍‌ଲାଇନ କ୍ଲାସରେ ପାଠ ପଢ଼ି ପଞ୍ଚମ ପଢୁଥିବା ପୁଅ ମୋବାଇଲ ପରିଚାଳନାରେ ଅଭ୍ୟସ୍ତ ହୋଇଗଲାଣି। ତଥାପି ସବୁ ଅଭିଭାବକଙ୍କ ପରି ବାପାଟି ବ୍ୟସ୍ତ ହେବା ସ୍ୱାଭାବିକ କଥା। ନିର୍ଦ୍ଧାରିତ ତାରିଖରେ ଆରମ୍ଭ ହେଲା ପରୀକ୍ଷା। ତା'ର ବହୁ ପୂର୍ବରୁ ମୌଖିକ ପରୀକ୍ଷା ଯଥାରୀତିରେ ହୋଇଥିଲା। ପିଲାଙ୍କ ଭିଡିଓ କଲିଂ ଜରିଆରେ ପ୍ରତ୍ୟକ୍ଷ ଭାବେ ପିଲାଏ ଦେଲେ ମୌଖିକ ପରୀକ୍ଷା। ଲିଖିତ ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ପରୀକ୍ଷା ଲାଗି ଡେମୋ ବି କଲେ ବିଦ୍ୟାଳୟ କର୍ତ୍ତୃପକ୍ଷ। ପରୀକ୍ଷା ଆରମ୍ଭ ହେଲା। ଘଣ୍ଟାଏ ପରୀକ୍ଷା ଭିତରେ କିଛି ଅତି ସଂକ୍ଷିପ୍ତମୂଳକ ଓ କିଛି ସମ୍ଭ୍ୟାପକ ପ୍ରଶ୍ନର ଉତ୍ତର ଦେବାକୁ ହେବ। ପ୍ରଥମେ ଅତି ସଂକ୍ଷିପ୍ତ ଉତ୍ତରଗୁଡ଼ିକ ଚୟନ କରି ନିମିଷକରେ କରିଦେଲା ପୁଅ। ପରେ ନିଜ ନୋଟ୍ ଖାତାରେ ଲେଖିଲା ଉତ୍ତର। ଗୁଗଲ ଫର୍ମ ଜରିଆରେ ପ୍ରଶ୍ନ ମୁତାବକ ଲିଖିତ ଉତ୍ତରର ଫଟୋ କିମ୍ବା ପିଡିଏଫ୍ ଫାଇଲକୁ ସେଥିରେ ଅପ୍‌ଲୋଡ କରିବାକୁ ହେବ। ପୁଅ ଲେଖିଲା ଉତ୍ତର। ଦୈବାତ ତାହା ପ୍ରଥମ ପୃଷ୍ଠା ଅତିକ୍ରମ କରି ଦ୍ୱିତୀୟ ପୃଷ୍ଠାକୁ ଆସିଗଲା। ତେଣିକି ଦୁଇଟା ପୃଷ୍ଠାର ଫଟୋ ଉଠାଇ ଅପ୍‌ଲୋଡ କଲାବେଳେ ବାପାର ଅକଲ ଗୁଡୁମ ହୋଇଗଲା। ସେଥିରେ କେବଳ ଗୋଟିଏ ପୃଷ୍ଠା ଅପ୍‌ଲୋଡ ଲାଗି ସୁବିଧା ଥିଲା। ଏତିକିବେଳେ ସମୟ ଅତିକ୍ରାନ୍ତ ହେଉଥିବା କାରଣରୁ ବାପା ଭିତରେ ବିଦ୍ରୋହ ଜାତ ହେଲା। ପୁଅ ଉପରେ ବିରକ୍ତ ହେଲା ବାପା। ପୁଅ ପୁଣି ତୁରନ୍ତ ଖାତାରେ ଲେଖିଥିବା ପ୍ରଥମ ପୃଷ୍ଠାର ବାମ ପାର୍ଶ୍ୱରେ ଥିବା ଆର ଏକ ପୃଷ୍ଠାରେ ଲେଖିଲା ଏବଂ ତମାମ ଦୁଇ ପୃଷ୍ଠାକୁ ନେଇ ଗୋଟିଏ ଫଟୋ ଉଠାଇ ଅପ୍‌ଲୋଡ କଲା ବାପା। ବ୍ୟତିବ୍ୟସ୍ତ ପୁଅ ଓ ବାପା ତେଣିକି ଶାନ୍ତିରେ ନିଃଶ୍ୱାସ ମାରିଲେ। ଇଏ ହେଉଛି ପ୍ରଚଳିତ ପରୀକ୍ଷା ବ୍ୟବସ୍ଥାର ଏକ ନଗ୍ନ ନମୁନା। ଏବେ ପରୀକ୍ଷା ଦେବାକୁ ହେଲେ ଉଭୟ ପିଲା ଓ ଅଭିଭାବକଙ୍କ ବୈଷୟିକ ଦକ୍ଷତା ଥିବା ଆବଶ୍ୟକ। ପ୍ରତ୍ୟୁତ୍ପନ୍ନ ବିଚାରବୋଧ ବି ଥିବା ଆବଶ୍ୟକ। ପରୀକ୍ଷା ଦେବା ପାଇଁ ଉଭୟ ମୋବାଇଲ ଓ ଇଣ୍ଟରନେଟ ଠିକ୍ ଥିବା ଆବଶ୍ୟକ। ଏସବୁ ସୁବିଧା ଥିବା ସତ୍ତ୍ୱେ ପିଲାଟି ଲେଖି ଠିକ୍ ସମୟରେ ଅପ୍‌ଲୋଡ କରିବା ବି ଜରୁରୀ। ନ ହେଲେ ବିଚରା ପିଲାଟି ଲେଖିଥିଲେ ବି ହୁଏତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦୟାରେ ମୂଲ୍ୟାୟନ ସମ୍ଭବ ହୋଇପାରିବ।

ଏସବୁ ଭିତରେ ବି ପିଲା ଓ ଅଭିଭାବକ ପାଖରେ ଯଥେଷ୍ଟ ସୁଯୋଗ ରହିଛି ପରୀକ୍ଷାରେ କପି କରିବାକୁ। ଅଭିଭାବକ ବି ପରୀକ୍ଷାର୍ଥୀ ହୋଇଗଲେ ଅସୁବିଧା କିଛି ନାହିଁ। ପରୀକ୍ଷା ଆଉ ପରୀକ୍ଷା ହୋଇ ରହିନାହିଁ। ଘରୋଇ ବିଦ୍ୟାଳୟ କିମ୍ବା ସିବିଏସଇ ଅନୁବନ୍ଧିତ ସରକାରୀ ବିଦ୍ୟାଳୟରେ ହୁଏତ ଏତିକି ବି ହେଉଛି। କିନ୍ତୁ ସରକାରୀ ବିଦ୍ୟାଳୟରେ ପଢୁଥିବା ପ୍ରାଥମିକ ଶ୍ରେଣୀର ପିଲାଙ୍କ ପରୀକ୍ଷା ହେବାର ସମ୍ଭାବନା ବି ନାହିଁ। ଗତବର୍ଷ ଭଳି ଚଳିତବର୍ଷ ବି ବିନା ପରୀକ୍ଷାରେ ପରବର୍ତ୍ତୀ ଶ୍ରେଣୀକୁ ବୋଧେ ଉତ୍ତୀର୍ଣ୍ଣ ହେବେ ପିଲାଏ। କରୋନାଜନିତ କାରଣରୁ ହୁଏତ ଏଭଳି ବିନା ପରୀକ୍ଷାରେ ଉତ୍ତୀର୍ଣ୍ଣ ବ୍ୟବସ୍ଥା ହୋଇଛି। ତା' ପୂର୍ବରୁ ବି ପ୍ରଥମରୁ ଅଷ୍ଟମ ଯାଏ ପରୀକ୍ଷା ଦେଇଥିବା ସମସ୍ତ ପରୀକ୍ଷାର୍ଥୀ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବାରେ କୌଣସି ସମସ୍ୟା ନ ଥିଲା। ଫଳରେ ପରୀକ୍ଷାକୁ ନେଇ ପିଲାଙ୍କ ଭିତରେ ପୂର୍ବ ଭଳି ସମ୍ବେଦନା ନାହିଁ। ପୂର୍ବ ପ୍ରସ୍ତୁତି ନେଇ କୌଣସି ଚିନ୍ତା ବି ନାହିଁ। ସ୍ୱାଭାବିକ ଭାବରେ ଦିନଚର୍ଯ୍ୟା ଭିତରେ ପରୀକ୍ଷା ଦିଏ ପିଲା। ଭୟମୁକ୍ତ ବାତାବରଣରେ ପିଲାଟି ପଢ଼ିବା ଭଲ। ହେଲେ ଅତ୍ୟଧିକ ସ୍ୱାଧୀନତା ଯେମିତି ସ୍ୱେଚ୍ଛାଚାରିତା ହୋଇ ନ ଯାଏ ସେଥିପ୍ରତି ବି ଦୃଷ୍ଟି ଦେବା ଆବଶ୍ୟକ। ଏଦିଗରେ ଜାତୀୟ ଶିକ୍ଷା ନୀତି ହୁଏତ ନୂଆ ଆଶାର କିରଣ ବୋଲି ଧରାଯାଇପାରେ। ତଥାପି ଯାରି ଭିତରେ ନଦୀରେ ଅନେକ ପାଣି ବୋହିଯାଇଥିବ। ବହୁତ ପିଲା ଏମିତି ବିନା ବାଧାରେ ପାହାଚ ଚଢ଼ି ଚାଲିଯାଇଥିବେ। ଆଗକୁ ଦେଶ ପାଇଁ ଏଭଳି ବହୁ ପାଠୁଆ ଅଶିକ୍ଷିତ ତିଆରି ହୋଇ ସାରିଥିବେ। ଯେଉଁମାନେ ପାଶ୍ ହୋଇଥିବେ ସିନା ସମସ୍ତ ଶୈକ୍ଷିକ ଦକ୍ଷତାକୁ ହାସଲ କରିପାରି ନ ଥିବେ। ପିଲାଙ୍କ ପରୀକ୍ଷା ନେଇ ଏମିତି ଭାବିଲା ବେଳେ ପୁଅ ହଠାତ୍ କହିଲା- 'ସ୍କୁଲରେ ରୁମ୍‌ରେ ବସି ପରୀକ୍ଷା ବହୁତ ଭଲ ଥିଲା। କିଛି ଟେନସନ ନ ଥିଲା। ଯିବ ଆରାମରେ ପରୀକ୍ଷା ଦେବ। ଏବେ ବେଶି ଝମେଲା। ଏଇଟା ଫାଲତୁ ପରୀକ୍ଷା ! ଏତିକିବେଳେ ସଚେତନ ହୋଇଥିବା ବାପାଜଣକ ଭାବିଲା ଉଚିତରେ କୁନି ପିଲାଟି ପରୀକ୍ଷାକୁ ନେଇ ବାପା ଭିତରର ମାନସିକତାକୁ ପଢ଼ି ସୁନ୍ଦର ଓ ଉପଯୁକ୍ତ ଶବ୍ଦରେ ସଜେଇ ଦେଲା। ନୁହେଁ କି ?

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା,
ମୋ-୯୪୩୭୯୦୯୬୭୧

## ଏଇ ଭାରତରେ

ଜଣେ ଆଦର୍ଶ ଶିକ୍ଷକ ହେବ ତ ମଧ୍ୟପ୍ରଦେଶର ଆଲୋକ ତ୍ରିପାଠୀଙ୍କ ଭଳି ହେବା ଦରକାର। ସତନା ଜିଲା ସହଦେବା ଗାଁର ସରକାରୀ ପୂର୍ବ ମାଧ୍ୟମିକ ବିଦ୍ୟାଳୟରେ ଆଲୋକ ପ୍ରଧାନ ଶିକ୍ଷକ। ସେ ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ବିକାଶ କରିବା ସହ ଦୀର୍ଘ ୨୦ ବର୍ଷ ମଧ୍ୟରେ ସ୍କୁଲର ୩.୫ ଏକର ଟାଙ୍ଗର ଜମିକୁ ଜଙ୍ଗଲ କରିପାରିଛନ୍ତି। ଏଥିରେ ସେ ଆମ୍ବ, ଅଁଳା, ଜାମୁ, ନିମ୍ବ, ତୁଳସୀ, ଅଶ୍ୱଗନ୍ଧା, ଅଶ୍ୱତ୍ଥ, ମହୁଲ, ବର ଆଦି ପ୍ରାୟ ୨୪୦ ପ୍ରକାରରୁ ଅଧିକ ଗଛ ଲଗାଇଛନ୍ତି। ୧୯୮୬ରେ ଆଲୋକ ପ୍ରଥମେ ୫ଟି ଚାରା ଲଗାଇଥିଲେ ଓ ତାହାକୁ ଗୋରୁ ଖାଇ ଦେବା ପରେ ସେ ଏକ ଭିନ୍ନ ପନ୍ଥା ଆପଣାଇଥିଲେ। ପରେ ଜଣେ ଗ୍ରାମବାସୀ ତାଙ୍କ ପିତାଙ୍କ ସ୍ମୃତିରେ ଦାନ କରିଥିବା ୨୭ଟି ଚାରାର ସୁରକ୍ଷା ଦାୟିତ୍ୱ ନେଇଥିଲେ ଆଲୋକ। ପ୍ରତ୍ୟେକ ଗଛର ସୁରକ୍ଷାର ଖର୍ଚ୍ଚ ଆଲୋକ ବହନ କରନ୍ତି। ଯେଉଁ ବ୍ୟକ୍ତିଙ୍କ ସ୍ମୃତିରେ ଗଛ ଲଗାଯାଇଛି ସେଥିରେ ସେମାନଙ୍କ ନାମ ଉଲ୍ଲେଖ କରାଯାଇଛି। ଏହିସବୁ କାର୍ଯ୍ୟ ପାଇଁ ଆଲୋକଙ୍କୁ ମଧ୍ୟପ୍ରଦେଶ ସ୍କୁଲ ବିଭାଗ ଆଉଟ୍‌ଷ୍ଟାଣ୍ଡିଂ ଟିଚର୍ସ ଆୱାର୍ଡ ପ୍ରଦାନ କରିଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ମାର୍ଚ୍ଚ ୧୯୯୬

- କୋଟି କୋଟି ଟଙ୍କାର ପ୍ରତିଭୂତି ହେରଫେର ମାମଲାର ମୁଖ୍ୟ ନାୟକ ହର୍ଷଦ ମେହେଟ୍ଟାଙ୍କ ସମେତ ୨୬ ଜଣଙ୍କ ବିରୋଧରେ ଅଭିଯୋଗପତ୍ର ଦାଖଲ କରାଯାଇଛି।
- ହିନ୍ଦୀ ଚଳଚ୍ଚିତ୍ର ତଥା ଛୋଟ ପରଦାର ଜଣାଶୁଣା ଅଭିନେତା ସାଫି ଇନାମଦାରଙ୍କ ୪୬ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ଶ୍ରେଷ୍ଠ ମାନବ ଅନ୍ତର କେତେ ଏଥି ଆସିଅଛି ଧାଇଁ,
ଭକତି ପ୍ରେମର କେତେ ରସ-ଉତ୍ସ ଦେଇଛି ବୁହାଇ,
ତରଳାଇ ନିର୍ଜୀବ ଏ ପାଷାଣର ଅଙ୍ଗ
ଜୀବନ-ରସର କେତେ ଉଠିଛି ତରଙ୍ଗ,
କେତେ ଶତ ଜୀବନ୍ତ ଦେବତା
ବିଶ୍ୱ ପାଇଁ ପ୍ରକାଶିଛି ବ୍ୟଥା
ଏ ଶିଳା ବିଚିତ୍ର
ହୋଇଛି ପବିତ୍ର
ଲାଗି ଯେଉଁ
ପଦ-ରେଣୁ। -(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀମନ୍ଦିର ସୁରକ୍ଷା କଡ଼ାକଡ଼ି ହେଉ

ମହାଶୟ,

ନିକଟରେ ପୁନର୍ବାର ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି। ବିଶ୍ୱ ପ୍ରସିଦ୍ଧ ଶ୍ରୀମନ୍ଦିରରେ ଏହି ଘଟଣା ଲଗାତର ଭାବେ ୪/୫ ଥର ଭାଇରାଲ ହୋଇସାରିଛି। ପ୍ରକୃତ ପକ୍ଷେ ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ସୁରକ୍ଷା କର୍ମୀ ତଥା ପୋଲିସ ପ୍ରଶାସନ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଶ୍ରୀମନ୍ଦିର ପ୍ରଶାସନ ଏବଂ ପୋଲିସ କେବଳ କାର୍ଯ୍ୟାନୁଷ୍ଠାନ ଓ ତଦନ୍ତକୁ ଆଳ କରି ସେମାନଙ୍କ ଉପରୁ ଦୋଷ ଖସାଇଦେଉଛନ୍ତି। ମୋବାଇଲ ଫୋନର ଯାଞ୍ଚ ମେଟାଲ ଡିଟେକ୍ଟର ମାଧ୍ୟମରେ କରାଯିବାଟା ନିହାତି ଆବଶ୍ୟକ। ସର୍ବୋପରି ତନଖି ପରେ ମଧ୍ୟ ଯଦି ଦୋଷୀ ଧରାପଡେ ତେବେ କଡ଼ା ଦଣ୍ଡବିଧାନ କରା ନ ଗଲେ ଏ ସମସ୍ୟା ଦୂରେଇବ ନାହିଁ।

-ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | | | 2 | | | | | | | | 5 | | 4 |
| | 5 | 1 | | 0 | | | E | | | | | | | C |
| 0 | | 5 | | | | | 9 | 1 | | | | | 7 | E |
| 1 | C | | E | | | | D | A | | | | | 2 | 9 |
| 7 | 4 | | | C | | | B | | | | | | | 8 |
| | | A | | 6 | D | 5 | | | | | 4 | | | |
| | | C | | | | E | 6 | | | D | 1 | | | |
| E | D | 0 | | B | | | | | | | | | 8 | |
| | | | | | | | | A | 3 | 9 | | 0 | C | |
| | 2 | | 3 | | | | | | | | A | 0 | 5 | 6 |
| C | | | | 5 | 7 | | 2 | | | | | 6 | B | 0 |
| | | 7 | 4 | 3 | 6 | 0 | 5 | | | 8 | | 1 | | |
| | | | 6 | | | A | 4 | | | | 2 | | 9 | |
| B | | | | | C | 2 | 7 | | | | | | 8 | |
| | A | | | | | B | D | | 4 | 0 | | | 3 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 8 | 7 | D | B | 6 | 5 | 4 | 2 | E | 0 | 9 | 1 | C | 3 |
| 0 | 6 | 9 | A | 3 | 1 | E | D | C | 7 | B | 5 | 2 | 8 | 4 |
| 4 | 3 | D | E | C | 8 | 0 | 9 | B | 2 | 1 | 6 | 5 | A | 7 |
| 2 | 1 | 5 | 7 | 0 | 9 | 8 | A | 3 | 4 | D | C | 6 | B | E |
| E | C | B | 4 | 5 | 2 | 7 | 1 | 6 | 3 | A | 8 | 9 | 0 | D |
| D | A | 4 | 2 | 6 | E | 1 | 8 | 7 | C | 5 | 3 | B | 9 | 0 |
| 5 | 9 | C | 1 | 7 | B | 3 | 0 | A | 6 | 2 | E | D | 4 | 8 |
| 1 | 7 | 6 | 0 | 4 | 3 | D | C | B | 8 | 9 | A | E | 2 | 5 |
| B | 0 | 2 | 8 | 9 | A | 6 | 5 | E | 1 | 4 | D | 3 | 7 | C |
| 3 | E | 8 | C | D | 5 | 2 | 9 | 4 | B | 7 | 0 | A | 6 | 1 |
| 6 | B | A | 5 | 1 | 4 | C | 3 | 8 | 9 | E | 7 | 0 | D | 2 |
| C | 2 | E | 3 | A | D | 9 | 6 | 1 | 0 | 8 | 4 | 7 | 5 | B |
| 8 | D | 1 | 9 | E | 7 | A | 2 | 0 | 5 | C | B | 4 | 3 | 6 |
| 9 | 4 | 0 | 6 | 2 | C | B | 7 | 5 | D | 3 | 1 | 8 | E | A |
| 7 | 5 | 3 | B | 8 | 0 | 4 | E | D | A | 6 | 2 | C | 1 | 9 |

ଗତକାଲିର ଉତ୍ତର

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୨,୦୨,୪୧,୪୪୮ | ୨୬,୬୨,୩୦୩ | ୯,୬୮,୦୦,୧୬୭ |
| ଭାରତ | ୧,୧୩,୮୨,୬୧୦ | ୧,୫୮,୭୫୦ | ୧,୧୦,୦୩,୭୮୪ |
| ଓଡ଼ିଶା | ୩,୩୮,୧୯୨ | ୧୯୧୮(+୫୩) | ୩,୩୫,୬୬୦ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଓଡ଼ିଶା ଉଦ୍ୟୋଗପ୍ରିୟ ରାଜ୍ୟ



**ଏକ ସଫଳ ବ୍ୟବସାୟ ଛିଡ଼ା କରିବା ସହଜ କାମ ନୁହେଁ। ଏଥିପାଇଁ ଦୃଢ଼ ଇଚ୍ଛାଶକ୍ତି, କଠିନ ଅଧ୍ୟବସାୟ ଓ ଅତୁଟ ସମର୍ପଣ ଜରୁରୀ। ଏସବୁ ବଳରେ ବ୍ୟବସାୟିକ ସଫଳତାର ଶୀର୍ଷକୁ ଛୁଇଁଥିବା ଜ୍ୟୋତି ମୋଟର୍ସ ପ୍ରାଇଭେଟ ଲିଃ ପରିଚାଳନା ନିର୍ଦ୍ଦେଶକ ଦେବଜ୍ୟୋତି ପଟ୍ଟନାୟକଙ୍କୁ ଭେଟିଥିଲା ଧରିତ୍ରୀ।**

ଧରିତ୍ରୀ | OrissaPOST BUSINESS EMINENCE AWARDS

**➥ଅଟୋ ଉଦ୍ୟୋଗକୁ ମହାମାରୀ କିପରି ପ୍ରଭାବିତ କରିଛି?**

ମହାମାରୀ ଚାରିଚକିଆ ଯାନ ବିଶେଷକରି ମଧ୍ୟମ ଆକାରର ଯାନ କ୍ଷେତ୍ରକୁ ପ୍ରଭାବିତ କରିଛି। ଦୁଇଚକିଆ ଯାନ ଉପରେ ଏହାର ସେପରି ପ୍ରଭାବ ପଡ଼ିନାହିଁ। ତେବେ ୨୦୨୦ ଜୁଲାଇରୁ ୨୦୨୧ ମାର୍ଚ୍ଚ ମଧ୍ୟରେ ଆମେ ଚାହିଦାରେ କ୍ରମାଗତ ଅଭିବୃଦ୍ଧି ଲକ୍ଷ୍ୟ କରୁଛୁ। ଅଟୋ ଉଦ୍ୟୋଗ କ୍ଷେତ୍ରରେ ଇଂଲିଶ୍ ଅକ୍ଷର 'ଭି' ଆକୃତିର ଏକ ଅଭିବୃଦ୍ଧି ଦେଖାଯାଉଛି। ମହାମାରୀ ଯୋଗୁ ଲୋକେ ଏବେ ନିଜ କାର୍‌ରେ ଯା'ଆସ କରିବାକୁ ପସନ୍ଦ କରୁଛନ୍ତି। ଗ୍ରାମାଞ୍ଚଳରେ ମଧ୍ୟ ଏଭଳି ମାନସିକତା ଦେଖିବାକୁ ମିଳୁଛି। ଚାହିଦାରେ ଏକ ନୂଆ ଉତ୍‌ଥାନ ଆସିଛି। ଲକ୍‌ଜ୍ୟୁରି ବ୍ରାଣ୍ଡ୍ ଲାଗି ଆଗ୍ରହ କମିବା ସହ ଦୁଇଚକିଆ ଯାନ ପ୍ରତି ମଧ୍ୟ ଲୋକଙ୍କ ଚାହିଦା କିଛି ପରିମାଣରେ କମିବା ଲକ୍ଷ୍ୟ କରାଯାଇଛି।

**➥ଏ କ୍ଷେତ୍ରରେ ଆଗକୁ କ୍ରମାଗତ ଅଭିବୃଦ୍ଧି ଆଶା କରନ୍ତି କି?**

ଦେଖନ୍ତୁ, ୨୦୧୯ରେ ଯେତେବେଳେ ଜିଡିପି ହ୍ରାସ ପାଇଥିଲା ଆମେ ଏକ ନିରୁତ୍ସାହଜନକ ବଜାରକୁ ସାମ୍ନା କରିଥିଲୁ। ପରେ କରୋନା ମହାମାରୀ ବଜାରକୁ ଆକ୍ରାନ୍ତ କଲା। ତଥାପି ଅଟୋ ଉଦ୍ୟୋଗରେ ଅଭିବୃଦ୍ଧି ପରିଲକ୍ଷିତ ହେଲାଣି। ଏହା ପରବର୍ତ୍ତୀ ୨ରୁ ୩ ବର୍ଷ ଜାରି ରହିବ ବୋଲି ବିଶ୍ୱାସ। ଅଟୋ ଉଦ୍ୟୋଗ ଅଭିବୃଦ୍ଧି ସହିତ ଦେଶର ଜିଡିପି ମଧ୍ୟ ବୃଦ୍ଧି ପାଇବ।

**➥ସ୍କ୍ରାପେଜ୍ ପଲିସି ଉପରେ ଆପଣଙ୍କ ମନ୍ତବ୍ୟ କ'ଣ?**

ଏଥିରେ ବ୍ୟବସାୟିକ ଗାଡ଼ିଗୁଡ଼ିକର ୧୫ ଏବଂ ଘରୋଇ ଗାଡ଼ିଗୁଡିକର ୨୦ ବର୍ଷ ଅବଧି ରଖାଯାଇଛି। ଏହି ଯୋଜନାକୁ ଆମେ ଅପେକ୍ଷା କରିଥିଲୁ। ବ୍ୟବହାରକାରୀମାନେ ଏବେ ପୁରୁଣା ଗାଡ଼ି ବଦଳାଇବା ଆରମ୍ଭ କରିଥିବାରୁ ନୂଆ ଗାଡ଼ିର ଚାହିଦା ବଜାରରେ ଖୁବ୍ ଶୀଘ୍ର ବଢ଼ିଚାଲିବ। ଏହା ଦେଶର ଅର୍ଥନୀତି ପାଇଁ ସମ୍ପୂର୍ଣ୍ଣ ରୂପେ ସହାୟକ ହେବ।

**➥ସିଏନ୍‌ଜି ଏବଂ ଇଲେକ୍ଟ୍ରିକ୍ ଗାଡ଼ି ଲାଗି ଭିତ୍ତିଭୂମି ପ୍ରସ୍ତୁତ ହେଲାଣି କି?**

ଇଲେକ୍ଟ୍ରିକ୍ ଗାଡ଼ି ଏବେ ଆରମ୍ଭ ପର୍ଯ୍ୟାୟରେ ରହିଛି ଏବଂ ଏଥିଲାଗି ଆମ ପାଖରେ ବହୁତ ସମୟ ଅଛି। ୫-୭ବର୍ଷ ପରେ ଧୀରେ ଧୀରେ ବିଦ୍ୟୁତୀକରଣ ଆରମ୍ଭ ହୋଇପାରେ। ଇଲେକ୍ଟ୍ରିକ୍ ଗାଡ଼ିର ରେଞ୍ଜ ବଢ଼ାଇବା ସହ ଏହା ପାଇଁ ଉନ୍ନତ ଭିତ୍ତିଭୂମି ସୃଷ୍ଟି କରିବା ଆବଶ୍ୟକ। ଏବେ କିନ୍ତୁ ସିଏନ୍‌ଜି ଗାଡ଼ିଚଢ଼ାଳିଙ୍କ ପାଇଁ ଏକ ଉତ୍ତମ ବିକଳ୍ପ ରହିଛି। କେନ୍ଦ୍ର ଓ ରାଜ୍ୟ ସରକାର ଏହି ପ୍ରୋଜେକ୍ଟ ପାଇଁ ଖୁବ୍ ଜୋର୍ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ଆମ ପାଖରେ ବହୁସଂଖ୍ୟକ ସିଏନ୍‌ଜି ଷ୍ଟେଶନ୍ ଉପଲବ୍ଧ ଅଛି ଏବଂ ଆହୁରି ବହୁ ଷ୍ଟେଶନ୍ ପ୍ରତିଷ୍ଠା ଦିଗରେ କାମ ଚାଲିଛି। ଏବେ ପେଟ୍ରୋଲ, ଡିଜେଲ୍ ଗାଡ଼ିଗୁଡିକ ୯୮% ବିକ୍ରି ହେଉଛି। କିନ୍ତୁ ଆସନ୍ତା ଦୁଇବର୍ଷ ମଧ୍ୟରେ ସିଏନ୍‌ଜି ବିକ୍ରିର ୨୦% ସ୍ଥାନ ଅକ୍ତିଆର କରିନେବ। ଏବେ ଲୋକେ ସିଏନ୍‌ଜି ଗାଡ଼ି ବ୍ୟବହାର ଦିଗରେ ସଚେତନ ହେବା ଜରୁରୀ। ସେମାନେ ସିଏନ୍‌ଜି ଗାଡ଼ି ଚଳାଇବାରେ ନିରାପଦ ଅନୁଭବ କରିବା ଉଚିତ।

**➥ରାଜ୍ୟ ସରକାରଙ୍କ ସହଯୋଗ?**

ରାଜ୍ୟ ସରକାର ସବୁବେଳେ ସହଯୋଗୀ ମନୋଭାବ ରଖିଆସିଛନ୍ତି। ଆମର କୋଲକାତା ଓ ଓଡ଼ିଶାରେ ବ୍ୟବସାୟ ରହିଛି। ତେବେ ଆମେ ଓଡ଼ିଶାରେ ବ୍ୟବସାୟ କରିବା କ୍ଷେତ୍ରରେ ଖୁବ୍ ସହଜ ଅନୁଭବ କରୁଛୁ। ଏହା ଏକ ଉଦ୍ୟୋଗପ୍ରିୟ ରାଜ୍ୟ। କାର୍ ପାଇଁ ଦୁଇଦିନରେ ଡିଜିଟାଲ ରେଜିଷ୍ଟ୍ରେଶନ୍ କରାଇବାକୁ ଓଡ଼ିଶା ସରକାର ଦାୟିତ୍ୱ ନେଇଛନ୍ତି। ତେବେ ଆମ ପଡ଼ୋଶୀ ରାଜ୍ୟ ଏଥିପାଇଁ ୭ରୁ ୧୦ ଦିନ ସମୟ ନେଉଛି।

**➥କୌଣସି ପରାମର୍ଶ?**

ଅଟୋ ଉଦ୍ୟୋଗ ଏକ ପୁଞ୍ଜିପ୍ରଧାନ କ୍ଷେତ୍ର। ଅଟୋ ଡିଲରମାନେ ସେମାନଙ୍କ ସର୍ଭିସିଂ ସେଣ୍ଟର ପ୍ରତିଷ୍ଠା ଲାଗି ବଡ଼ବଡ଼ ଜମି ଆବଶ୍ୟକ କରିଥାନ୍ତି। ବିଭିନ୍ନ ସ୍ଥାନରେ ଡିଲରମାନଙ୍କ ଭିତ୍ତିଭୂମି ପ୍ରତିଷ୍ଠା ଲାଗି ଜମି ଯୋଗାଇ ସେମାନଙ୍କୁ ସହଯୋଗ କରିବାକୁ ସରକାର ଆଗେଇ ଆସିବା ଉଚିତ।

# ମହାମାରୀ ମୁକାବିଲାରେ ସହାୟକ ହୋଇଛି ପୂର୍ବ ଅନୁଭୂତି



**କରୋନା ସଂକ୍ରମଣ ରୋକିବାରେ ସ୍ୱାସ୍ଥ୍ୟକର୍ମୀମାନେ ଆଗଧାଡ଼ିର ଯୋଦ୍ଧା ଥିଲେ। ମହାମାରୀ ମୁହଁରୁ ଲୋକଙ୍କୁ ବଞ୍ଚାଇବା ପାଇଁ ସେମାନେ ନିଜ ଜୀବନକୁ ବାଜି ଲଗାଇ ଦେଇଥିଲେ। ଏହି କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇଥିବା ସ୍ପର୍ଶ ହସ୍‌ପିଟାଲ୍ସ ଆଣ୍ଡ କ୍ରିଟିକାଲ୍ କେୟାର ପ୍ରାଇଭେଟ୍ ଲିଃର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡା. ପ୍ରିୟବ୍ରତ ଧୀର ସ୍ୱାସ୍ଥ୍ୟସେବା ଉପରେ କୋଭିଡ୍-୧୯ର ପ୍ରଭାବ ସମ୍ପର୍କରେ ଧରିତ୍ରୀ ସହ କିଛି କଥା ଶେୟାର କରିଛନ୍ତି।**

ଧରିତ୍ରୀ | OrissaPOST BUSINESS EMINENCE AWARDS

**▶ ହସ୍ପିଟାଲ ପରିଚାଳନାରେ କୋଭିଡ୍-୧୯ କିପରି ପ୍ରଭାବ ପକାଇଥିଲା? ଏହାର ମୁକାବିଲା କିପରି କରିଥିଲେ?**

ଏହି ମହାମାରୀ ସାରା ବିଶ୍ୱର ଚିକିତ୍ସା ଉଦ୍ୟୋଗକୁ ପ୍ରଭାବିତ କରିଥିଲା। ବହୁ ହସ୍ପିଟାଲ ପଛଘୁଞ୍ଚା ଦେଇ ଅଣ-ଜରୁରିକାଳୀନ ସେବା ବନ୍ଦ କରିଦେଇଥିଲେ। ସ୍ୱାସ୍ଥ୍ୟ ଓ ସାମାଜିକ ବ୍ୟବସ୍ଥା ଏହି ସ୍ଥିତିର ସାମ୍ନା କରିବା ଲାଗି ଖୁବ୍ ସଂଘର୍ଷ କରିଥିଲା, ଯାହାକି ଅଦ୍ୟାବଧି ଜାରି ରହିଛି। ସ୍ପର୍ଶ ହସ୍ପିଟାଲରେ ବି ଆମେ ସମାନ ସମସ୍ୟା ଭୋଗିଛୁ। ତଥାପି ବିଭିନ୍ନ ବିପର୍ଯ୍ୟୟ ସମୟର ପୂର୍ବ ଅନୁଭୂତିକୁ ପାଥେୟ କରି ଆମ ରାପିଡ୍ ଆକ୍ସନ ଟିମ୍ କରୋନା ମହାମାରୀର ମୁକାବିଲା ଲାଗି ପ୍ରସ୍ତୁତ ହୋଇଗଲେ। ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଏବଂ ନୂଆ ଆସୁଥିବା ରୋଗୀଙ୍କ ସହ ଆମ କର୍ମଚାରୀମାନଙ୍କୁ ମଧ୍ୟ ଯେପରି ନିର୍ବିଘ୍ନରେ ସେବା ଯୋଗାଯାଇପାରିବ ସେଦିଗରେ ଯତ୍ନବାନ ଥିଲୁ।

**▶ ଉନ୍ନତ ରୋଗୀ ସେବା ଲାଗି କି ପ୍ରକାର ବ୍ୟବସ୍ଥା କରିଥିଲେ?**

କୋଭିଡ୍-୧୯ ମହାମାରୀ ଆମକୁ ହୃଦ୍‌ବୋଧ କରାଇଛି ଯେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ହିଁ ଏହି ସ୍ଥିତିରୁ ମୁକ୍ତି ସମ୍ଭବ। ତେଣୁ ମହାମାରୀ ବ୍ୟାପକ ଥିବା ସମୟରେ ସ୍ପର୍ଶର କ୍ରିଟିକାଲ କେୟାର ୟୁନିଟରେ ବିଶ୍ୱସ୍ତରୀୟ ଅତ୍ୟାଧୁନିକ ଭେଣ୍ଟିଲେଟର, ମନିଟର, ଡାଇଗ୍ନୋଷ୍ଟିକ୍ ଟୁଲ୍ ଆଦି ରଖିଥିଲୁ।

**▶ କୋଭିଡ୍ ସମୟ ପରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଉ କ'ଣ ସବୁ ଚ୍ୟାଲେଞ୍ଜ ଲକ୍ଷ୍ୟ କରୁଛନ୍ତି?**

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ତ ବହୁ ଆହ୍ୱାନ ରହିଛି। ଏହି ଉଦ୍ୟୋଗରେ ହଠାତ୍ ପତନ ଭଳି ସ୍ଥିତି ଉପୁଜିବାରୁ ଧାର୍ଯ୍ୟ ମୂଲ୍ୟଯୁକ୍ତ ବ୍ୟବସାୟ ପ୍ରଭାବିତ ହୋଇଥିଲା। ଯାନବାହନ, ପରିବହନ ବ୍ୟବସ୍ଥା କଟକଣା ଭିତରେ ରହି ଏକପ୍ରକାର ଠପ୍ ହୋଇଯିବାରୁ ଜରୁରୀ ସମୟରେ ଯୋଗାଣ ଉପରେ ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଥିଲା। ଉପଭୋକ୍ତା ଉପଯୋଗୀ ଏବଂ ଔଷଧ ପରି ସାମଗ୍ରୀ ଆମଦାନି ଓ ରପ୍ତାନି ହେବା କଷ୍ଟକର ହୋଇପଡ଼ିଲା। ବିଭିନ୍ନ ଗୋଷ୍ଠୀର ଲୋକଙ୍କ ମଧ୍ୟରେ କୋଭିଡ୍ ଭୟ ଯୋଗୁ ସେବା ପ୍ରଭାବିତ ହୋଇଥିଲା।

**▶ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ କିପରି ଯୋଜନା କରିଛନ୍ତି?**

ହଁ, ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଯୋଗାଇବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବ୍ୟକ୍ତିଗତ ସ୍ତରରେ ଖର୍ଚ୍ଚ ହ୍ରାସ ସହ ରାଜସ୍ୱ ଆୟ ହୋଇପାରୁଥିବା ମଡେଲ ଭିତ୍ତିରେ ଡାକ୍ତରଙ୍କୁ ନିୟୋଜିତ କରାଯାଉଛି। ଯୋଗାଣକାରୀଙ୍କ ସହ ଆଲୋଚନା କରି ଧାରସୂତ୍ରରେ ଫାର୍ମାସି ପାଇଁ ଆବଶ୍ୟକ ଜିନିଷ ଅଣାଯିବା ସହ ମହାମାରୀ ବେଳେ ବ୍ୟବହାର ହୋଇଥିବା ଔଷଧର ସରକାରୀ ମୂଲ୍ୟ ସ୍ଥିର ରଖାଯାଇଛି। କର୍ମଚାରୀମାନଙ୍କ ଇନ୍‌ସେଣ୍ଟିଭ, ଇନ୍‌କ୍ରିମେଣ୍ଟ, ଡ୍ୟୁଟି ସମୟ ଆଦିରେ ପରିବର୍ତ୍ତନ କରି ସେ କ୍ଷେତ୍ରରେ କିଛି ଖର୍ଚ୍ଚ କାଟ୍ କରାଯାଇପାରିଛି। ବିଭିନ୍ନ ଭଡ଼ା, ଭେଣ୍ଡରଙ୍କୁ ନିୟୋଜିତ କରିବା, ସୁରକ୍ଷା କର୍ମୀ, ବାର୍ଷିକ ରକ୍ଷଣାବେକ୍ଷଣ ଖର୍ଚ୍ଚ ଆଦିକୁ ମଧ୍ୟ ଯୋଜନାବଦ୍ଧ ଭାବେ ନିୟନ୍ତ୍ରଣ କରାଯାଇପାରିଛି। ଜିଏସ୍‌ଟି ହ୍ରାସ କରିବା କ୍ଷେତ୍ରରେ ସରକାରୀ ନିଷ୍ପତ୍ତି ଆମକୁ ଖର୍ଚ୍ଚ କାଟ କରିବା କ୍ଷେତ୍ରରେ ନିଶ୍ଚୟ ସହଯୋଗ କରିବ। ଏହା ମହାମାରୀ ବେଳେ ଅଧିକ ଜରୁରୀ ଥିଲା।

DSPL-252

ବାର୍ତ୍ତା



ବିଶ୍ୱ ଖାଉଟି ଅଧିକାର ଦିବସ-୨୦୨୧ ଅବସରରେ ମୁଁ ରାଜ୍ୟର ସମସ୍ତ ଉପଭୋକ୍ତାମାନଙ୍କୁ ଅଭିନନ୍ଦନ ତଥା ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରୁଛି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ବଳିଷ୍ଠ ନେତୃତ୍ୱରେ ଆମ ରାଜ୍ୟ ସରକାର ସମସ୍ତ ଉପଭୋକ୍ତାମାନଙ୍କର କଲ୍ୟାଣ ଉଦ୍ଦେଶ୍ୟରେ ସଂକଳ୍ପବଦ୍ଧ ।

ପ୍ରତିବର୍ଷ ମାର୍ଚ୍ଚ ମାସ ୧୫ ତାରିଖକୁ ବିଶ୍ୱ ଖାଉଟି ଅଧିକାର ଦିବସ ରୂପେ ସାରା ବିଶ୍ୱରେ ପାଳନ କରାଯାଉଅଛି । ଆମ ଦେଶରେ ୧୯୮୬ ଓ ୨୦୧୯ ମସିହାରେ ପ୍ରଣୀତ ଉପଭୋକ୍ତା ସୁରକ୍ଷା ଆଇନ୍ ଅନ୍ତର୍ଗତ ଉପଭୋକ୍ତାମାନଙ୍କର ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସେମାନଙ୍କୁ ସଚେତନ କରାଇବା ଓ ସୂଚନା ପ୍ରଦାନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ଉପଭୋକ୍ତା ଆନ୍ଦୋଳନକୁ ଲୋକାଭିମୁଖୀ କରାଇବା ପାଇଁ ଆମ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ଜିଲ୍ଲା ଖାଉଟି ବିବାଦ ପ୍ରତିକାର ମଞ୍ଚ ଏବଂ ଉପଭୋକ୍ତା ପରାମର୍ଶ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ରାଜ୍ୟ ସ୍ତରରେ ରାଜ୍ୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ଗଠନ କରାଯାଇ ସ୍ୱଳ୍ପ ଖର୍ଚ୍ଚରେ ଆଇନଗତ ନ୍ୟାୟ ପ୍ରଦାନ କରାଯାଉଅଛି । ଏହା ସହିତ ରାଜ୍ୟ ସ୍ତରରେ ଉପଭୋକ୍ତା ସମ୍ବନ୍ଧୀୟ ଅଭିଯୋଗକାରୀଙ୍କର ସହାୟତା ପାଇଁ ରାଜ୍ୟ ଉପଭୋକ୍ତା ସହାୟତା ଓ ପରାମର୍ଶ କେନ୍ଦ୍ର କାର୍ଯ୍ୟ କରୁଅଛି ।

ଏହା ବ୍ୟତୀତ ଉପଭୋକ୍ତାମାନଙ୍କର ସ୍ୱାର୍ଥର ସୁରକ୍ଷା ପାଇଁ ନିଶୁଳ୍କ ରାଜ୍ୟ ଉପଭୋକ୍ତା ପରାମର୍ଶ କେନ୍ଦ୍ର ନମ୍ବର-୧୮୦୦ ୩୪୫୬ ୭୬୦ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ସହାୟତା ନମ୍ବର-୧୯୬୭ ପ୍ରଚଳନ କରାଯାଇଛି । ଛୁଟିଦିନ ବ୍ୟତୀତ ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ଏହା ଉପଭୋକ୍ତାଙ୍କର ସେବା ନିମନ୍ତେ ଉପଲବ୍ଧ । ଜିଲ୍ଲାସ୍ତରରେ ଉପଭୋକ୍ତାଙ୍କୁ ସହାୟତା କରିବା ପାଇଁ ଗୋଟିଏ ଲେଖାଏଁ ଖାଉଟି ପରାମର୍ଶ କେନ୍ଦ୍ର କାର୍ଯ୍ୟ କରୁଅଛି ।

ଆସନ୍ତୁ, ଆମ୍ଭେ ସମସ୍ତେ ଏହି ଆନ୍ଦୋଳନରେ ସାମିଲ ହୋଇ ଏହି ବାର୍ତ୍ତାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ସହିତ ଉପଭୋକ୍ତାମାନଙ୍କର ଅଧିକାର ସାବ୍ୟସ୍ତ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହେବା ।

ବନ୍ଦେ ଉତ୍କଳ ଜନନୀ ।

(ରଣେନ୍ଦ୍ର ପ୍ରତାପ ସ୍ୱାଇଁ)
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ, ଓଡ଼ିଶା

07001/13/0013/2021

"ଆସନ୍ତୁ ସଭିଏଁ ମିଳିମିଶି ସଚେତନ ହେବା, କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା"




ଆପଣ କିପରି ନିଜ ରଣର ଅଧିକତମ ଲାଭ ପାଇପାରିବେ:

1. ଯେଉଁ କାମ ପାଇଁ ଲୋନ ନେଇଛନ୍ତି, ସେଥିପାଇଁ ଖର୍ଚ୍ଚ କରନ୍ତୁ
2. ନିଜର ଦେୟ ରାଶି ବାବଦରେ ସଚେତନ ରୁହନ୍ତୁ ଏବଂ ସମୟ ଭିତରେ ପରିଶୋଧ କରନ୍ତୁ

ଆରବିଆଇ କହେ... ଆର୍ଥିକ ଅନୁଶାସନ, ଚିନ୍ତାମୁକ୍ତ ଜୀବନ

rbikehtahai

ଏହି ବିଜ୍ଞାପନ ଉପରେ ମତାମତ ଦେବା ପାଇଁ rbikehtahai@rbi.org.in କୁ ଲେଖନ୍ତୁ।

ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

ଧରିତ୍ରୀ
DHARITRI
ସୋମବାର, ୧୫ ମାର୍ଚ୍ଚ, ୨୦୨୧

**ଗୁଳିମାଡ଼ରେ ଯୁବକ ଗୁରୁତର**

**ବ୍ରହ୍ମପୁର ଅଫିସ୍:** ବ୍ରହ୍ମପୁର ସହରରେ ଦିନକୁ ଦିନ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ନୂଆ ଖଜୁରିଆରେ ରବିବାର ରାତିରେ ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଛି। ଯୁବକ ଜଣକ ହେଲେ ଗୌରହରି ପ୍ରଧାନ। ଗୌରହରିଙ୍କ ଅଣ୍ଟାରେ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗୌରହରି ଓ ତାଙ୍କ ଭାଇ ବନବାସୀ ରାତି ପ୍ରାୟ ସାଢେ ୮ଟାରେ ଘର ବାରଣ୍ଡାରେ ବସିଥିଲେ। ଦୁଇଟି ବାଇକ୍‌ରେ ୬ ଦୁର୍ବୃତ୍ତ ସେଠାକୁ ଆସି ଗୌରହରିଙ୍କ ସହ ଯୁକ୍ତିତର୍କ କରିବା ପରେ ଗୁଳିମାଡ଼ କରି ପଳାଇଥିବା ବନବାସୀ କହିଛନ୍ତି।



## ସଂକ୍ଷେପରେ

### ଶୋଇଥିବାବେଳେ ଗୁଳିକରି ହତ୍ୟା

**ରାୟଗଡ଼ା ଅଫିସ/ଗୁଣପୁର, ୧୪।୩(ଡି.ଏନ୍.ଏ.):** ରାୟଗଡ଼ା ଜିଲା ଗୁଡାରି ଥାନା ତଥା ପଦ୍ମପୁର ବ୍ଲକ୍ ଅଧୀନ ନାଇରା ଗ୍ରାମରେ ଶନିବାର ରାତିରେ ଜଣେ ଯୁବକଙ୍କୁ ଶୋଇଥିବା ସମୟରେ ଗୁଳିକରି ହତ୍ୟା କରାଯାଇଛି। ମୃତ ବ୍ୟକ୍ତି ହେଲେ ଗାଁର କିରଣ ଟାକ୍ରି ଓରଫ ଗାଣ୍ଡା(୩୦)। ସୂଚନା ଅନୁଯାୟୀ, କିରଣଙ୍କ ନିଜ ଘର ଗୁଣପୁର ହାଉସିଂ ବୋର୍ଡ କଲୋନୀ ଅଞ୍ଚଳରେ। କିନ୍ତୁ ସେ ନାଇରାରେ ଶ୍ୱଶୁର ଘରେ ରହୁଥିଲେ। ଶନିବାର ରାତିରେ ସେ ଘର ବାହାରେ ଶୋଇଥିଲେ। ରାତି ଗୋଟାଏରୁ ୨ଟା ମଧ୍ୟରେ କେହି ଦୁର୍ବୃତ୍ତ ଆସି କିରଣଙ୍କ ମୁଣ୍ଡରେ ଗୁଳି କରି ହତ୍ୟା କରିଥିଲେ। ଶବ୍ଦ ଶୁଣି ଘରେ ଶୋଇଥିବା ପରିବାର ଲୋକେ ବାହାରକୁ ଆସି ଘଟଣା ବିଷୟରେ ଜାଣିବାକୁ ପାଇଥିଲେ। ଖବର ପାଇ ପୋଲିସ ଟିମ୍ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ଏ ନେଇ ଗୁଡାରି ଥାନାରେ ନଂ ୧୬/୨୧ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ହତ୍ୟାର ପ୍ରକୃତ କାରଣ ଅସ୍ପଷ୍ଟ ରହିଥିବାବେଳେ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚାଲିଥିବା ଗୁଣପୁର ଏସ୍‌ଡିପିଓ ରାଜକିଶୋର ଦାସ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମୃତଦେହର ଏକ୍ସ-ରେ ସମୟରେ ମୁଣ୍ଡରେ ଗୁଳି ରହିଥିବା ନେଇ ଜଣାପଡୁ ନ ଥିବାରୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଇବା ବ୍ୟବସ୍ଥା କରାଯାଇଥିବା ଏସ୍‌ଡିପିଓ କହିଛନ୍ତି।

### ବିପୁଳ ବିସ୍ଫୋରକ ସାମଗ୍ରୀ ଜବତ, ଜଣେ ଗିରଫ

**ଧର୍ମଶାଳା/ଜେନାପୁର, ୧୪।୩ (ଡି.ଏନ.ଏ.):** ଯାଜପୁର ଜିଲା ଜେନାପୁର ଥାନା ପୋଲିସ ରବିବାର ଚକ୍ରଧରପୁର ପଞ୍ଚାୟତ ଅଧୀନ ମୁକୁନ୍ଦପୁର ଗ୍ରାମରେ ଚଢ଼ାଉ କରି ବିପୁଳ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଏଥିସହିତ ଗ୍ରାମର ସୁଶାନ୍ତ କୁମାର ବେହେରାଙ୍କୁ ଗିରଫ କରିଛି। ସେ ଦୀର୍ଘଦିନ ହେଲା ନିଜ ଗ୍ରାମରେ ଥିବା ଏକ ପରିତ୍ୟକ୍ତ ଘରେ ବିସ୍ଫୋରକ ସାମଗ୍ରୀ ରଖି ବ୍ୟବସାୟ କରିଆସୁଥିଲେ। ଏ ସମ୍ପର୍କରେ ଖବର ପାଇ ପୂର୍ବାହ୍ନରେ ଏକ ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ୨୦ ବସ୍ତା ଆମୋନିଆ ନାଇଟ୍ରେଟ୍ ଓ ୫୦ ପେଟି ପାୱାରଜେଲ୍ ଜବତ କରିଥିଲା। ଜବତ ବିସ୍ଫୋରକ ସାମଗ୍ରୀର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ବିସ୍ଫୋରକ ସାମଗ୍ରୀଗୁଡ଼ିକ ଖାଦାନରେ କଳାପଥର ଫଟାଇବାରେ ବ୍ୟବହାର ହେଉଥିବା ଜଣାପଡ଼ିଛି। ଏନେଇ ପୋଲିସ ଏକ ମାମଲା (ନଂ.୭୧।୨୧)ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୋମବାର ସୁଶାନ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

### ଆମ୍ବୁଲାନ୍ସ ଧକ୍କାରେ ନାବାଳିକା ମୃତ, ରାସ୍ତାରୋକୋ


**ପାରଳାଖେମୁଣ୍ଡି, ୧୪।୩(ଡି.ଏନ.ଏ.):** ଗଜପତି ଜିଲା ପାରଳାଖେମୁଣ୍ଡି କତଲକଇଠା ଗ୍ରାମ ନିକଟରେ ରବିବାର ଆମ୍ବୁଲାନ୍ସ ଧକ୍କାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଏସ. ନଗରାଜୁଙ୍କ ଝିଅ ଏସ. ଲକ୍ଷ୍ମୀ (୧୦)। ଆମ୍ବୁଲାନ୍ସରେ ରୋଗୀ ବଦଳରେ ପରିବା ବୋଝେଇ ହୋଇଥିବା ଦେଖାଯାଇଥିଲା। ନାବାଳିକାଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଲକ୍ଷ୍ମୀ ଘରକୁ ଆସୁଥିବା ବେଳେ ଦୀପ୍ତି ସଦନ ନାମକ ଏକ ସଂସ୍ଥାର ଏକ ଆମ୍ବୁଲାନ୍ସ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ ୧୦ ଲକ୍ଷ କ୍ଷତିପୂରଣ ଦାବିରେ ଲୋକେ ରାସ୍ତାରୋକୋ କରିବାରୁ ପାରଳାଖେମୁଣ୍ଡି -ମୋହନା ମୁଖ୍ୟ ରାସ୍ତାରେ ଶତାଧିକ ଗାଡିମୋଟର ଅଟକି ରହିଥିଲା। ଖବରପାଇ ପାରଳାଖେମୁଣ୍ଡି ଏସ୍‌ଡିପିଓ ରାମକୃଷ୍ଣ ପତି ଓ ଅତିରିକ୍ତ ତହସିଲଦାର ପହଞ୍ଚି ବୁଝାଶୁଝା କରିଥିଲେ। ପରେ ଦୀପ୍ତି ସଦନ ସଂସ୍ଥାର କର୍ମକର୍ତ୍ତା ପହଞ୍ଚି କ୍ଷତିପୂରଣ ନିମନ୍ତେ ପ୍ରତିଶ୍ରୁତି ଦେବାରେ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏ ନେଇ ପାରଳାଖେମୁଣ୍ଡି ଥାନାରେ ୫୭/୨୧ରେ ମାମଲା ରୁଜୁ ହୋଇଛି।

# କୋଣାର୍କ ଭାରତର ଅନ୍ୟତମ ସ୍ଥାବରତୀର୍ଥ




**ସୁରେନ୍ଦ୍ର କୁମାର ମିଶ୍ର**

ପୂର୍ବରୁ ଆମେ ୧୯୭୧ ମସିହା ମଧ୍ୟରେ ରଚିତ କୋଣାର୍କ ମନ୍ଦିର ଇତିହାସ ସମ୍ବନ୍ଧରେ ମୋଟାମୋଟି ଏକ ତାଲିକା ଓ ସଂଖ୍ୟା ଦେଇଥିଲୁ। ୧୯୭୧ପରେ ଓଡ଼ିଆ, ବଙ୍ଗଳା, ଇଂଲିଶ ଓ ଅନ୍ୟାନ୍ୟ ଭାଷାରେ ୧୨ଟି ପୁସ୍ତକ ପାଇଛି। ସେଇ ୧୨ଟି ମଧ୍ୟରେ ରହିଛି 'ନିଉ ଲାଇଟ୍ ଅଫ୍ ଦି ସନ୍ ଟେମ୍ପୁଲ ଅଫ୍ କୋଣାର୍କ।' ବାରାଣସୀର ଚୌଖମ୍ବା ପ୍ରକାଶନ ୧୯୭୨ରେ ଏହାକୁ ପ୍ରକାଶ କରିଥିଲେ। ଏହି ପୁସ୍ତକଟି ଟୀକାଟିପ୍ପଣୀ ସହିତ ଇଂଲିଶରେ ଅନୁବାଦ ହୋଇଅଛି। ଅପ୍ରକାଶିତ ଚାରୋଟି ପୋଥିର ସହାୟତାରେ ପୁସ୍ତକଟି ପ୍ରସ୍ତୁତ ହୋଇଛି। ଆଲିସ ବୋନର ଓ ପଣ୍ଡିତ ସଦାଶିବ ରଥଶର୍ମା ଦୁହେଁ ରାଜେନ୍ଦ୍ର ପ୍ରସାଦ ଦାସଙ୍କ ସହିତ ଉକ୍ତ ଅନୁବାଦ ପୁସ୍ତକକୁ ପ୍ରସ୍ତୁତ କରିଛନ୍ତି। ଏଥିରେ ତୀର୍ଥ ଓ ଉପାସନା ଧାରାର କେତେକ ବର୍ଣ୍ଣନା କରିଛନ୍ତି ମୁଖବନ୍ଧରେ ଶ୍ରୀ ବୋନର ମହାଶୟ। ତଥାପି କେଉଁଠି ଅଭାବ ରହିଲା ପରି ବୋଧହୁଏ ସ୍ପଷ୍ଟ ଚିତ୍ର ମିଳିବାରେ। ସନାତନ ଧାରାରେ ନଦୀତଟ, ନଦୀ ନିକଟ କ୍ଷେତ୍ର, ସମୁଦ୍ରତଟ ଓ ନଦୀ ସଙ୍ଗମ ସ୍ଥାନର ପବିତ୍ର ସ୍ଥାନକୁ ତୀର୍ଥ ଅର୍ଥରେ ପ୍ରାୟ ଗ୍ରହଣ କରାଯାଏ। ଏହାକୁ 'ସ୍ଥାବରତୀର୍ଥ' କୁହାଯାଏ। ତିନିପ୍ରକାର ତୀର୍ଥ ମଧ୍ୟରୁ ଜଙ୍ଗମତୀର୍ଥ ଓ ମାନସତୀର୍ଥ ମଧ୍ୟ ରହିଛି। ସ୍ଥାବରତୀର୍ଥ ତାକୁ ହିଁ କୁହାଯାଏ ଯେଉଁଠାରେ ଭୂମିର ପ୍ରଭାବ, ଜଳର ପ୍ରଭାବ, ମୁନି, ଋଷି, ସାଧୁ, ସନ୍ଥ ଓ ସନ୍ନ୍ୟାସୀଙ୍କ ତପସ୍ୟାର ପ୍ରଭାବ ଥାଏ। ମଣିଷଟିଏ ତୀର୍ଥକୁ ଗଲେ ଭୂମି, ଜଳ ଓ ତପସ୍ୟାର ପ୍ରଭାବରେ (ତପସ୍ୟାର ପ୍ରଭାବ ଅନ୍ତରୀକ୍ଷ ଅର୍ଥାତ୍ ଶୂନ୍ୟରୁ ହୋଇଥାଏ) ଶକ୍ତି ଦ୍ୱାରା ପୂର୍ଣ୍ଣ ହୁଏ (ଚାର୍ଯ୍ୟ ହୁଏ)। ସେଥିପାଇଁ କୁହାଯାଏ ମୁକ୍ତିର ରାସ୍ତା ଖୋଲିଯାଏ। ମୁକ୍ତିର ଅର୍ଥ ମୋକ୍ଷ



କୋଣାର୍କରେ ୫ ନଦୀ ଥିବା ପ୍ରାଚୀନ ନକ୍ସା

### ଅର୍କକ୍ଷେତ୍ର ଥିଲା ତପସ୍ୟାର ଭୂମି

ନୁହେଁ। ଏହି ଜନ୍ମରୁ, ଜୀବନ ଜଞ୍ଜାଳରୁ, ମାନସିକ ସନ୍ତୁଳନରୁ, ଦୈହିକ ଚାପରୁ ମୁକ୍ତି ହୁଏ। ଶାସ୍ତ୍ରରେ କୁହାଗଲା– ଜଳେ ସ୍ଥଳେ ଅନ୍ତରୀକ୍ଷେ ଚ ମୁକ୍ତି ଶ୍ରୀପୁରୁଷୋତ୍ତମେ। ଅର୍କକ୍ଷେତ୍ର ଏହି ପର୍ଯ୍ୟାୟର। କୋଣାର୍କ ପରିଚିତ ଥିଲା ଅର୍କକ୍ଷେତ୍ର ବା ଅର୍କତୀର୍ଥ ଭାବରେ। ଏଠାରେ ଭୂମିର ପ୍ରଭାବ ଓ ଜଳର ପ୍ରଭାବ ରହିଥିଲା, ଅଛି ମଧ୍ୟ। ମୁନି ଋଷିମାନଙ୍କର ଆଶ୍ରମ ଥିଲା, ସାଧନା କ୍ଷେତ୍ର ଥିଲା ତଥା ତପସ୍ୟା ଭୂମି ଥିଲା, ତେଣୁ ଭାରତରେ ଏହି ତୀର୍ଥ ସ୍ଥାବରତୀର୍ଥ ଭାବରେ ପ୍ରସିଦ୍ଧ ଥିଲା। ଆମେ ପ୍ରସଙ୍ଗକ୍ରମେ ସୂଚନା ଦେଇଥିଲୁ ଏହି ତୀର୍ଥରେ ୫ଟି ନଦୀ ମହୋଦଧିରେ ମିଶିଥିଲେ। ମହାନଦୀର ଶାଖା ନଦୀ କୁଶଭଦ୍ରା ପଦ୍ମତୋଳାଗଣ୍ଡର ପଶ୍ଚିମ ଦିଗରେ ଗତି କରି ଦୁଇଭାଗ ହୋଇ ପୁଣି ଏକତ୍ରଭାବରେ ମହୋଦଧିରେ ମିଶିଥିଲେ। ପଦ୍ମକେଶର ଗଣ୍ଡ ବା ପଦ୍ମତୋଳା ଗଣ୍ଡ ରହିଥିଲା ପ୍ରାଚୀ ନଦୀରେ। ପ୍ରାଚୀ ନଦୀ ପ୍ରଥମେ ଶୋଲନଦୀ ରୂପେ କିଛି ବାଟ ଗତିକଲା ପରେ ଦୁଇଭାଗ ହୋଇଥିଲା। କାଦୁଆମଙ୍ଗଳା ଓ ଚନ୍ଦ୍ରଭାଗା। ଏଇ ଦୁଇଟି ପୁଣି ଏକାଠି ହୋଇ ମହୋଦଧିରେ ମିଶି ଥିଲା ପଦ୍ମକେଶର ମନ୍ଦିରର ପୂର୍ବ ଭାଗରେ। ଦେବୀ ନଦୀର ଏକ ଶାଖା ଗୋଲରାଗଡ଼ ପାଖଦେଇ ମହୋଦଧିରେ ମିଶିଥିଲା। ଗୋଲରାଗଡ଼ ବର୍ତ୍ତମାନ କୋଣାର୍କର ପୂର୍ବ ଦିଗରେ କାକଟପୁର ରାସ୍ତାରେ ଦକ୍ଷିଣ ପାର୍ଶ୍ୱକୁ ରହିଛି। ତେଣୁ ପବିତ୍ର ପଦ୍ମତୋଳା ଗଣ୍ଡର ଦାଢ଼ରେ ସୂର୍ଯ୍ୟଦେବଙ୍କ ପାଇଁ ଏକ ମନ୍ଦିର ତୋଳିବା ଲାଗି ସାହସିକ ପଦକ୍ଷେପ ନେଇଥିଲେ ଗଙ୍ଗବଂଶର ଗଜପତି ଲାଙ୍ଗୁଳା ନରସିଂହ ଦେବ। ଆମେ ଜାଣିଛେ ସ୍ଥାବରତୀର୍ଥ ଭାବରେ ଏହି କ୍ଷେତ୍ର ପ୍ରସିଦ୍ଧ ଥିଲା ଭାରତବର୍ଷରେ। ତୀର୍ଥ ପ୍ରଥମେ ଥିଲା। କେଶରୀ ବଂଶର ରାଜତ୍ୱକାଳରେ ମଧ୍ୟ ଗୋଟିଏ ଛୋଟମନ୍ଦିର ସୂର୍ଯ୍ୟଦେବଙ୍କ ପାଇଁ ନିର୍ମିତ ହୋଇଥିଲା। ଗଜପତି ନରସିଂହ ଦେବ ମନ୍ଦିର ନିର୍ମାଣ କରିବା ପରେ ସେ ମନ୍ଦିର ଓ ସେଠାରେ ପୂଜିତ ସୂର୍ଯ୍ୟ ବିଗ୍ରହଙ୍କ ସମ୍ବନ୍ଧରେ ଆଗକୁ ଯଥାସ୍ଥାନରେ ବର୍ଣ୍ଣିତ ହେବ।

# କ୍ଷମା ମାଗିଲେ ଅସୁବିଧା କେଉଁଠି: ବାଚସ୍ପତି

**ବିଧାନସଭାରେ ବିଧାୟକଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା**

**ମୁଖ୍ୟମନ୍ତ୍ରୀ ପ୍ରଥମେ କ୍ଷମା ମାଗନ୍ତୁ, ପରେ ମୁଁ କ୍ଷମା ମାଗିବି: ସୁବାସ**

**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**

ବିଧାନସଭାରେ ଭାଜପା ବିଧାୟକ ସୁବାସ ପାଣିଗ୍ରାହୀଙ୍କ ଆତ୍ମହତ୍ୟା ଉଦ୍ୟମ ପ୍ରସଙ୍ଗ ନେଇ ୨ ଦିନ ହେଲା ଗୃହରେ ହୋହଲ୍ଲା ଜାରି ରହିବା ସାଙ୍ଗକୁ ବାରମ୍ବାର ଗୃହ ମୁଲତବୀ ହେଉଛି। ପ୍ରଥମେ ବିରୋଧୀ ମଣ୍ଡିରୁ ଧାନ ନ ଉଠିବା ପ୍ରସଙ୍ଗ ନେଇ ବିରୋଧ ପ୍ରଦର୍ଶନ କରିବା ସମୟରେ ଏପରିସ୍ଥିତି ଉପୁଜିଥିଲା। ଏହାର ପରବର୍ତ୍ତୀ ସମୟରେ ବିଧାୟକ ସୁବାସ ପାଣିଗ୍ରାହୀଙ୍କ ପଦକ୍ଷେପକୁ ଶାସକ ଦଳ ନିନ୍ଦା କରିଥିବା ବେଳେ ସେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରି ଗୃହ କାର୍ଯ୍ୟ ଚଳାଇ ଦେଇ ନ ଥିଲେ। ତେବେ ଏହି ପ୍ରସଙ୍ଗରେ ରବିବାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମୁହଁ ଖୋଲିଛନ୍ତି। ବାଚସ୍ପତି ପାତ୍ର କହିଛନ୍ତି, ବିଧାୟକ ପାଣିଗ୍ରାହୀ ବେଆଇନ କାମ କରିଛନ୍ତି। ସେ କ୍ଷମା ମାଗିଦେଲେ ଅସୁବିଧା କ'ଣ। ତାଙ୍କ ମତରେ ପାଣିଗ୍ରାହୀ ଭୁଲ୍ କରିଛନ୍ତି, ଗୃହକୁ ଠିକ୍ ଭାବେ ଚଳାଇବା ଲାଗି କ୍ଷମା ମାଗିଦେଲେ ଅସୁବିଧା କେଉଁଠାରେ ବୋଲି ପାତ୍ର କହିଛନ୍ତି। ଏଥିସହ ବାଚସ୍ପତିଙ୍କ ଏଭଳି ମତ ଗ୍ରହଣୀୟ ନୁହେଁ ବୋଲି କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି। ଅନ୍ୟପଟେ ବିଧାନସଭା ଭିତରେ ଆତ୍ମହତ୍ୟା ଉଦ୍ୟମ କରିବା ଠିକ୍ ହୋଇନାହିଁ ବୋଲି ସୁରେଶ କହିଛନ୍ତି। ଅନ୍ୟପଟେ ସୁବାସ କହିଛନ୍ତି, ମୁଖ୍ୟମନ୍ତ୍ରୀ ପ୍ରଥମେ କ୍ଷମା ମାଗନ୍ତୁ। ତାପରେ ମୁଁ କ୍ଷମା ମାଗିବେ, ଏଥିରେ କୌଣସି ଅସୁବିଧା ନାହିଁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟର ମଣ୍ଡିରେ ଚାଷୀମାନେ ଧାନ ବିକ୍ରି କରିପାରୁ ନ ଥିବାରୁ ବିଧାୟକ ସୁବାସ ପାଣିଗ୍ରାହୀ ବିଧାନସଭା ଗୃହ ଭିତରେ ସାନିଟାଇଜର ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ବିଧାୟକଙ୍କ ଏଭଳି କାର୍ଯ୍ୟ ଦେଖି ଭାଜପାର ଅନ୍ୟ ବିଧାୟକଙ୍କ ସମେତ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବଂ ଶାସକ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ତାଙ୍କ ନିକଟକୁ ଦୌଡି ଯାଇ ପାଣିଗ୍ରାହୀଙ୍କୁ ସେଥିରୁ ବାରଣ କରିଥିଲେ। ବିଧାୟକ ସାଲୁଜା ତାଙ୍କ ହାତରୁ ସାନିଟାଇଜର ଛଡାଇ ନେଇଥିଲେ।

# ଓଳାଶୁଣୀ ପାହାଡ଼ରେ ନିଆଁ


ଓଳାଶୁଣୀ ପାହାଡ଼ରେ ଥିବା ଗଛଗୁଡ଼ିକ ଜଳୁଛି।

**ଚଣ୍ଡିଖୋଲ, ୧୪।୩(ଡି.ଏନ.ଏ.)**

ଯାଜପୁର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଓଳାଶୁଣୀ ପାହାଡ଼ରେ ରବିବାର ସନ୍ଧ୍ୟାରେ ନିଆଁ ଲାଗି ବହୁ ଗଛ ପୋଡ଼ିଯାଇଛି। ଘଟଣାସ୍ଥଳରେ ଡେରାବିଶ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ଦମକଳ ବାହିନୀଙ୍କ ସହ ଜଙ୍ଗଲ ବିଭାଗ ଓ ସ୍ଥାନୀୟ ବନ୍ଦରେଶ୍ୱର, ଶୁଖୁଆପଡ଼ା ଓ ଗଜେନ୍ଦ୍ରପୁର ଗ୍ରାମର ଯୁବକମାନେ ନିଆଁ ଲିଭା କାର୍ଯ୍ୟରେ ସହାୟତା କରୁଛନ୍ତି। ଅପରାହ୍ନ ପ୍ରାୟ ୫ଟାରେ ୫୩ ନମ୍ବର ଜାତୀୟ ରାଜପଥରୁ ଲଳିତଗିରି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ସମ୍ମୁଖ ପାହାଡ଼ ମଧ୍ୟଭାଗରେ ନିଆଁ ଜଳୁଥିବା ଦେଖାଯାଇଥିଲା। ଏହାକୁ ଦେଖି ସ୍ଥାନୀୟ ଲୋକେ ପାହାଡ଼ ଉପରକୁ ଯିବା ସହିତ ଦମକଳ ବାହିନୀକୁ ଖବର ଦେଇଥିଲେ। ଡେରାବିଶ ଦମକଳ ବାହିନୀ ପ୍ରଥମେ ପହଞ୍ଚି ନିଆଁ ଲିଭା କାର୍ଯ୍ୟ ଜାରିରଖିଥିବା ବେଳେ ପରେ ଚଣ୍ଡିଖୋଲ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଉଛନ୍ତି। ଖବର ଲେଖାହେବା ବେଳକୁ ନିଆଁ ଲିଭା ଜାରି ରହିଥିଲା। ନିଆଁ ଲାଗିବାର କାରଣ ଜଣାପଡ଼ି ନ ଥିବା ବେଳେ କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ଓଡ଼ିଶାରୁ ରାମମନ୍ଦିର ଲାଗି ୪୨ କୋଟି ନିଧି ସଂଗ୍ରହ

**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**

ଦୀର୍ଘ ୫୦୦ ବର୍ଷର ସଂଘର୍ଷମୟ କାଳଖଣ୍ଡର ଅବସାନ ଘଟାଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ କ୍ରମେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ପଥ ପରିଷ୍କାର ହୋଇଥିଲା। ମନ୍ଦିର ନିର୍ମାଣ ଓ ସୁପରିଚାଳନା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଭାରତ ସରକାରଙ୍କ ଦ୍ୱାରା 'ରାମଜନ୍ମଭୂମି ତୀର୍ଥକ୍ଷେତ୍ର' ନାମକ ଏକ ନ୍ୟାସ (ଟ୍ରଷ୍ଟ) ମଧ୍ୟ ଗଠନ ହେଲା। ସାଧୁସନ୍ଥମାନଙ୍କ ପରାମର୍ଶ କ୍ରମେ ସମଗ୍ର ଭାରତବର୍ଷର ପ୍ରତ୍ୟେକ ରାମଭକ୍ତଙ୍କଠାରୁ ଅର୍ଥ ସଂଗ୍ରହ କରି ସେଥିରେ ହିଁ ମନ୍ଦିର ନିର୍ମାଣ ପାଇଁ ଏକ ବ୍ୟାପକ ଯୋଜନା ନ୍ୟାସ(ଟ୍ରଷ୍ଟ) ଦ୍ୱାରା ପ୍ରସ୍ତୁତ କରାଗଲା। ଫଳତଃ ସମଗ୍ର ଭାରତରେ ମକର ସଂକ୍ରାନ୍ତି ଗତ ୧୪ ଜାନୁୟାରୀ ଠାରୁ ମାଘପୂର୍ଣ୍ଣିମା ଗତ ୨ ଫେବୃୟାରୀ ପର୍ଯ୍ୟନ୍ତ ଏକ ବ୍ୟାପକ ଅର୍ଥ ସଂଗ୍ରହ ଅଭିଯାନର କାର୍ଯ୍ୟ ଚାଲିଲା। ସମଗ୍ର ଭାରତବର୍ଷ ସହିତ ଓଡ଼ିଶାରେ ମଧ୍ୟ ରାମ ଭକ୍ତିର ପ୍ରବଳ ପ୍ରବାହ ଦେଖିବାକୁ ମିଳିଥିଲା। ଏହି ନିଧି ସଂଗ୍ରହ ଅଭିଯାନର କାର୍ଯ୍ୟ ଶ୍ରୀରାମ ଜନ୍ମଭୂମି ମନ୍ଦିର ନିଧି ସମର୍ପଣ ସମିତି, ଓଡ଼ିଶା ମାଧ୍ୟମରେ ସମ୍ପନ୍ନ ହୋଇଛି। ଅଭିଯାନରେ ମୋଟ ୫୮,୯୯୨ କାର୍ଯ୍ୟକର୍ତ୍ତା ଭାଗ ନେଇଥିଲେ। ୫୫୩ ଜଣ ସାଧୁସନ୍ଥ ମଧ୍ୟ ଏହି ନିଧି ସଂଗ୍ରହ ଅଭିଯାନରେ ଯୋଗ ଦେଇଥିଲେ। କାର୍ଯ୍ୟକର୍ତ୍ତାମାନେ ମୋଟ ୪୩,୭୪୯ ଗ୍ରାମର ୭୪,୯୫,୭୯୯ ପରିବାର ସହ ସମ୍ପର୍କ ସ୍ଥାପନ କରିଥିଲେ। ଓଡ଼ିଶାର ଜନସାଧାରଣ ସମ୍ପୂର୍ଣ୍ଣ ସହଯୋଗ କରି ୪୨,୦୩,୦୭,୦୬୬ଟଙ୍କା ପରିମାଣର ଅର୍ଥ ମାଧ୍ୟମରେ ରାମମନ୍ଦିର ନିର୍ମାଣ ପାଇଁ ନିଜର ଭକ୍ତି ନୈବେଦ୍ୟ ସମର୍ପଣ କରିଛନ୍ତି।

# କୋଷ୍ଟଗାର୍ଡର 'ଆଜାଦ କି ଅମୃତ' ମହୋତ୍ସବ

**ପାରାଦୀପ, ୧୪।୩(ସ୍ୱ.ପ୍ର.):** ଓଡିଶା କୋଷ୍ଟଗାର୍ଡ ମୁଖ୍ୟାଳୟ ପକ୍ଷରୁ ପୂର୍ବ ଉପକୂଳ ଜିଲାରେ ମତ୍ସ୍ୟଜୀବୀଙ୍କୁ ନେଇ 'ଆଜାଦ କି ଅମୃତ' ମହୋତ୍ସବ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ଜିଲାର ଷଣ୍ଢକୁଦ, ଗଡ଼କୁଜଙ୍ଗ, ନୋଳିଆସାହି, କେନ୍ଦ୍ରାପଡା ଜିଲାର ଖରିନାସି, ଗଞ୍ଜାମ ଜିଲାର ଗୋଖୋରକୁଦା, ପୁରୀ ଜିଲା ଅରଖକୁଦରେ ମତ୍ସ୍ୟଜୀବୀ ଓ ମତ୍ସ୍ୟ ବିଭାଗ ଅଧିକାରୀଙ୍କ ମଧ୍ୟରେ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏଥିରେ ସମୁଦ୍ର ଉପକୂଳରେ କୌଣସି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଜାଣିବା ମାତ୍ରେ କୋଷ୍ଟଗାର୍ଡକୁ ସୂଚନା ଦେବାକୁ କୁହାଯାଇଛି।

# ଅସୁସ୍ଥ କଏଦୀଙ୍କ ମୃତ୍ୟୁ

**ବାଲେଶ୍ୱର ଅଫିସ, ୧୪।୩**

ବାଲେଶ୍ୱର ଜିଲା କାରାଗାରରେ ଏକ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ନୀଳଗିରି ଥାନା ଶାଳବଣି ଗ୍ରାମର ବୁଦ୍ଧିରାମ ସିଂ (୬୫)ଙ୍କ ରବିବାର ମୃତ୍ୟୁ ହୋଇଛି।

ବୁଦ୍ଧିରାମ ଜେଲକୁ ଆସିବା ପରଠାରୁ ବିଭିନ୍ନ ରୋଗରେ ପୀଡ଼ିତ ଥିଲେ। ପୂର୍ବରୁ ବାଲେଶ୍ୱର ଓ କଟକ ଡାକ୍ତରଖାନାରୁ ଚିକିତ୍ସା ହୋଇ ଫେରିଥିବା ବେଳେ ରବିବାର ହଠାତ୍ ଦେହ ଅସୁସ୍ଥ ହୋଇଥିଲା। ଖବର ଜାଣିବା ପରେ ଜିଲା କାରାଗାର ଅଧିକାରିଣୀ ଦୀପ୍ତିରେଖା ରାଉତ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଉଥିଲା। ସାଙ୍ଗରେ ଜେଲ୍ କର୍ମଚାରୀ ଯାଇଥିଲେ। କଟକ ଯିବା ରାସ୍ତାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜିଲା କାରାଗାର ଅଧିକାରିଣୀ ରାଉତ ପ୍ରକାଶ କରିଛନ୍ତି।

# ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗ: ୨ଗିରଫ

**ବାଉଁଶୁଣୀ, ୧୪।୩ (ଡି.ଏନ.ଏ.)**


ଗିରଫ ଦୁଇ ଅଭିଯୁକ୍ତ।

ବୌଦ୍ଧ ଜିଲା ମନମୁଣ୍ଡା ରେଞ୍ଜ ଅଧୀନ ସୁବର୍ଣ୍ଣଗିରି ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇ ବନ୍ୟଜନ୍ତୁ ଶିକାର କରୁଥିବା ବେଳେ ଦୁଇ ଶିକାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ସହ ଗୁଳି, ବାରୁଦ, ଗୋଟିଏ ବାଇକ ଓ ଦିଆସିଲ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁଦେଶ କହଁର ଏବଂ ବ୍ରଜେନ୍ଦ୍ର କହଁର। ସେମାନଙ୍କ ଘର କନ୍ଧମାଳ ଜିଲା ଗୁଛପଡା ଥାନା ଅଞ୍ଚଳରେ। ସେମାନେ ଜଙ୍ଗଲର ଉପର ମୁଣ୍ଡରେ ନିଆଁ ଲଗାଇ ତଳେ ଶିକାର କରିବା ପାଇଁ ଯୋଜନା କରୁଥିଲେ। ଏହି ସମୟରେ ମନମୁଣ୍ଡା ରେଞ୍ଜର ନାରାୟଣ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଉଭୟଙ୍କୁ କାବୁ କରିଥିଲେ। ରବିବାର ଗିରଫ ଦୁଇ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନ ବିଭାଗ ସୂଚନା ଦେଇଛି। ସୂଚନାଯୋଗ୍ୟ ଯେ, ବନ ବିଭାଗ ପକ୍ଷରୁ ଜଙ୍ଗଲ ସୁରକ୍ଷା ପାଇଁ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଉଥିଲେ ମଧ୍ୟ କେତେକ ବ୍ୟକ୍ତି ଏହା ନ ମାନି ଜଙ୍ଗଲରେ ନିଆଁ ଲଗାଇ ଦେଉଥିବା ଦେଖିବାକୁ ମିଳୁଛି।

# ଅନିନ୍ଦିତାଙ୍କୁ କବିତା ଦେଇଛି ସଫଳତା

**୧୩ଦେଶରେ ପ୍ରକାଶ ପାଇଛି ପ୍ରିଲ୍ୟୁଡସ୍ ଅଫ୍ ଲଭ୍**


ଅନିନ୍ଦିତା।

**ଜୟପୁର, ୧୪।୩ (ନି.ପ୍ର.)**

ଅନ୍ତର୍ଜାତୀୟ ସାହିତ୍ୟ ଦୁନିଆରେ ନିଜ ପାଇଁ ସ୍ଥାନ ତିଆରି କରୁଛନ୍ତି କୋରାପୁଟ ଜିଲା ଜୟପୁର ସହରର ଯୁବ ଲେଖିକା ଅନିନ୍ଦିତା ଜାହ୍ନବୀ ସୁଆର। ପାଠପଢା ସାଙ୍ଗକୁ କବିତା ଲେଖିବାରେ ରୁଚି ରଖୁଥିବା ଅନିନ୍ଦିତାଙ୍କ ତୃତୀୟ କବିତା ସଂକଳନ ୧୩ଟି ଦେଶରେ ପ୍ରକାଶ ପାଇଛି ବୟସ ଅଳ୍ପ ହେଲେ ମଧ୍ୟ ଉଚ୍ଚକୋଟୀର ଭାବନା ତଥା ଶବ୍ଦ ସଂଯୋଜନା ତାଙ୍କୁ ଆଣି ଦେଇଛି ସଫଳତା। ତାଙ୍କ ପାଇଁ ସୃଷ୍ଟି କରିଛି ନୂଆ ପରିଚୟ।

ଏହି କବିତା ସଂକଳନ ପ୍ରିଲ୍ୟୁଡସ୍ ଅଫ୍ ଲଭ୍‌ରେ ରହିଛି ୩୮ଟି କବିତା। ଏହାର ପ୍ରକାଶନ ଦାୟିତ୍ୱ ନେଇଛି ମୁମ୍ବାଇର ଅଗ୍ରଣୀ ପ୍ରକାଶନ ସଂସ୍ଥା ପେନ୍ସିଲ ପବ୍ଲିଶର। ଅନଲାଇନରେ ଏହାର ବିକ୍ରି ଦାୟିତ୍ୱ ନେଇଛନ୍ତି ଆମାଜନ, ଫ୍ଲିପକାର୍ଟ ଭଳି ୮ଟି ସଂସ୍ଥା। ଏହା ପୂର୍ବରୁ ଅନିନ୍ଦିତାଙ୍କ ୧୬ଟି କବିତାକୁ ନେଇ ଫ୍ଲେମ୍ସ ଅଫ ଏ ବର୍ନିଂ ହାର୍ଟ ଏବଂ ୧୭ଟି କବିତାକୁ ନେଇ ସ୍ନୋଫ୍ଲେକ୍ସ ନାମକ କବିତା ସଂକଳନ ପ୍ରକାଶ ପାଇସାରିଛି। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ଅନିନ୍ଦିତା ସ୍କୁଲରେ ପଢା ସମୟରୁ ହିଁ କବିତା ଲେଖି ଆସୁଛନ୍ତି। ପ୍ରଥମେ ତାଙ୍କର କ୍ଷୁଦ୍ର କବିତା ସଂକଳନ ସିକ୍ରେଟ ତୁଲିପ୍ସ ପ୍ରକାଶିତ ହୋଇଥିଲା। ତାଙ୍କ ବାପା ରବୀନ୍ଦ୍ର କୁମାର ସୁଆର ଆଇନ ମହାବିଦ୍ୟାଳୟର ଜଣେ ଅଧ୍ୟାପକ ହୋଇଥିବା ବେଳେ ମା' ସୁନୀତା ସ୍ଥାନୀୟ ଏକ ଘରୋଇ ବିଦ୍ୟାଳୟର ଶିକ୍ଷୟିତ୍ରୀ। ତାଙ୍କର କବିତା ପ୍ରତି ଆଗ୍ରହ ଦେଖି ପିଲାଦିନରୁ ମା'ବାପା ଉଭୟେ ଉତ୍ସାହିତ କରିଛନ୍ତି ବୋଲି କହନ୍ତି ଅନିନ୍ଦିତା।

# 'ରାଜନୈତିକ ଫାଇଦା ଲାଗି ଯୁବକଙ୍କୁ ବ୍ୟବହାର ଦୁର୍ଭାଗ୍ୟଜନକ'

**ଭୁବନେଶ୍ୱର, ୧୪।୩(ବ୍ୟୁରୋ)**

ବିଜେଡି ସରକାର ଓଡ଼ିଶାର ଯୁବକମାନଙ୍କୁ ବୋକା ବନେଇ ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଛନ୍ତି। ୨୦୧୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଜୁ ଯୁବ ବାହିନୀ ଗଠନ କରିଥିଲେ। ଏବେ ଏହି ଯୁବ ବାହିନୀକୁ ରାଜ୍ୟ ସରକାର ବନ୍ଦ କରି ଲକ୍ଷ ଲକ୍ଷ ଯୁବତୀଯୁବକଙ୍କ ଭବିଷ୍ୟତକୁ ଅନ୍ଧକାର ଭିତରକୁ ଠେଲି ଦେଇଛନ୍ତି। ଓଡ଼ିଶା ଲୋକଙ୍କ ଝାଳବୁହା ପଇସାରେ ଯୁବକମାନଙ୍କୁ ପଥଭ୍ରଷ୍ଟ କରି ନିଜ ରାଜନୈତିକ ଫାଇଦା ପାଇଁ ବ୍ୟବହାର କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ଘଟଣା ବୋଲି ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି।

ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଇରାଶିଷ କହିଛନ୍ତି, ୨୦୧୩ ଷ୍ଟେଟ ଯୁଥ୍ ପଲିସିକୁ ଆଧାର କରି ଯୁବ ଏବଂ କ୍ରୀଡ଼ା ମନ୍ତ୍ରଣାଳୟ "ବିଜୁ ଯୁବ ସଶକ୍ତୀକରଣ ଯୋଜନା" କରିଥିଲେ। ଏହାକୁ ଆହୁରି କ୍ରିୟାଶୀଳ କରିବା ପାଇଁ ବିଜୁ ଯୁବ ବାହିନୀ ଗଠନ କରାଯାଇଥିଲା। ୧୪ ମାର୍ଚ୍ଚ ୨୦୧୮ରେ କ୍ୟାବିନେଟ୍ ବୈଠକରେ ଏହା ପାରିତ ହୋଇଥିଲା। ଓଡ଼ିଶାରେ ୮ ହଜାର ଯୁବ ବାହିନୀ ତିଆରି ହେବ ବୋଲି ସେତେବେଳେ କୁହାଯାଇଥିଲା। ୬୭୯୯ ଗ୍ରାମପଞ୍ଚାୟତ ତଥା ୧୧୪ ଏନ୍‌ଏସି ଓ ମ୍ୟୁନିସିପାଲିଟି ପାଇଁ ୩ ବର୍ଷ ନିମନ୍ତେ ପ୍ରାୟ ୪୫୦ କୋଟି ଟଙ୍କା ବଜେଟ୍‌ର ପ୍ରାବଧାନ କରାଗଲା। 'ମୁଁ ହିରୋ' କାର୍ଯ୍ୟକ୍ରମ ମାଧ୍ୟମରେ ବିଜୁ ଯୁବ ବାହିନୀ ସମାଜରେ ପରିବର୍ତ୍ତନର ଧାରା ଆଣିବ ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ କହିଥିଲେ। ଓଡ଼ିଶାର ୧୫ରୁ ୩୫ ବର୍ଷର ପ୍ରାୟ ୩ ଲକ୍ଷ ଯୁବତୀଯୁବକଙ୍କୁ କିଛିଦିନ ମାସିକିଆ ଭତ୍ତା ଦେଇ ମୁଖ୍ୟମନ୍ତ୍ରୀ ପୁଣି ସେମାନଙ୍କୁ ବେକାର କରିଦେଲେ ବୋଲି ଇରାଶିଷ ଅଭିଯୋଗ କରିଛନ୍ତି। ଏନେଇ ବିଜେଡି ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

ଧରିତ୍ରୀ
DHARITRI
ସୋମବାର, ୧୫ ମାର୍ଚ୍ଚ, ୨୦୨୧



## ସଂକ୍ଷେପରେ

### ମମତାଙ୍କ ଉପରେ ଆକ୍ରମଣ ହୋଇନାହିଁ: ଇସି

**ସୁରକ୍ଷା ଅଧିକାରୀ ନିଲମ୍ବିତ**

ନୂଆଦିଲ୍ଲୀ,୧୪।୩: ନନ୍ଦିଗ୍ରାମରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପରେ ହୋଇଥିବା ଆକ୍ରମଣ ଅଭିଯୋଗକୁ ନିର୍ବାଚନ କମିଶନ ଖଣ୍ଡନ କରିଛନ୍ତି। ଏହା ଏକ ଦୁର୍ଘଟଣା ଥିଲା, ଯେଉଁଥିରେ ମମତା ଆହତ ହୋଇଥିବା ଇସି କହିଛନ୍ତି। ଇସି ଶୁକ୍ରବାର ରିପୋର୍ଟ ପାଇବା ପରେ ଏକ ବୈଠକରେ ଏହା ଉପରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା କର୍ମଚାରୀଙ୍କ ଅବହେଳାରୁ ମମତା ଭିଡ଼ରେ ଚାପି ହୋଇ ଆହତ ହୋଇଥିଲେ। ଜେଡ୍ ପ୍ଲସ ସୁରକ୍ଷା ପାଇଥିବା ମମତା ବୁଲେଟ୍ ପ୍ରୁଫ୍ କାରରେ ଯିବାର ଥିଲା। ସେ ଅନ୍ୟ ଗାଡ଼ିରେ ଯିବା ସହ ତାଙ୍କ ମୁଖ୍ୟ ସୁରକ୍ଷା ଅଧିକାରୀ ବିବେକ ସହାୟ ବୁଲେଟ୍ ପ୍ରୁଫ୍ କାରରେ ବସିଥିଲେ। ସହାୟଙ୍କୁ ତୁରନ୍ତ ନିଲମ୍ବନ କରାଯାଇଛି। ସପ୍ତାହେ ମଧ୍ୟରେ ତାଙ୍କ ବିରୋଧରେ ଚାର୍ଜଫ୍ରେମ୍ ହେବ ବୋଲି କମିଶନ କହିଛନ୍ତି। ବୁଧବାର ମମତା ନନ୍ଦିଗ୍ରାମରେ ନାମାଙ୍କନପତ୍ର ଦାଖଲ କରି ଫେରୁଥିବାବେଳେ ୪/୫ ଜଣ ଲୋକ ତାଙ୍କୁ ଠେଲି ଦେବାରୁ କାର୍‌ର ଡୋର ଚାପିହୋଇ ସେ ଆହତ ହୋଇଥିବା ଅଭିଯୋଗ କରିଥିଲେ। ତା ପରିଦିନ ଏକ ଭିଡିଓ ବାର୍ତ୍ତାରେ ସେ ଆକ୍ରମଣ କଥା ନ କହି ବହୁସଂଖ୍ୟାରେ ଲୋକ ତାଙ୍କ ପାଖକୁ ମାଡ଼ି ଆସିବାରୁ ଭିଡ଼ରେ ଚାପି ହୋଇ ଆହତ ହୋଇଥିବା କହିଥିଲେ।

### ଦାନ୍ତ ବାହାଡ଼ା ହେବାରୁ କୁକୁର ସହ ବିବାହ

କାମାକ୍ଷାନଗର, ୧୪।୩(ଡି.ଏନ.ଏ.): ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ଅନ୍ଧବିଶ୍ୱାସର ଅନ୍ଧଗଳିରୁ ମୁକୁଳିପାରୁନି ମଣିଷ। ଓଡ଼ିଶାର ଆଦିବାସୀ ଅଧୁଷିତ ତଥା ଶିକ୍ଷାରେ ପଛୁଆ ଅଞ୍ଚଳରେ ଗୁଣିଗାରେଡ଼ିକୁ ନେଇ ସାମାଜିକ ବାସନ୍ଦ, ହତ୍ୟା ଭଳି ଘଟଣା ଅନେକ ସମୟରେ ଶିରୋନାମା ପାଲଟୁଛି। ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକର ଫୁଲଝରି ଗ୍ରାମରେ ଏଭଳି ଏକ ସ୍ପର୍ଶକାତର ଘଟଣା ଘଟିଛି। ଦାନ୍ତ ବାହାଡ଼ା ହେବାରୁ ଜଣେ ନାବାଳକଙ୍କୁ କୁକୁର ସହ ବିବାହ କରାଇଛନ୍ତି ପରିବାର ଲୋକେ। ବ୍ଲକର ଆଦିବାସୀ ଗ୍ରାମରେ ଶିଶୁର ଦାନ୍ତ ବେହେଡ଼ା ହେଲେ ଅଶୁଭ ବୋଲି ବିଚାର କରାଯାଏ। ଏହାଦ୍ୱାରା ପରିବାରକୁ ବିପଦ ପଡ଼େ ଏବଂ କୁକୁର ସହ ବିବାହ କରିଦେବା ପରେ ଏଥିରୁ ମୁକ୍ତି ମିଳିବ ବୋଲି ପରିବାର ଲୋକଙ୍କ ବିଶ୍ୱାସ ରହିଛି। ତେଣୁ ବେହେଡ଼ା ଦାନ୍ତ ଉଠିଲେ ଝିଅ ହେଉ ବା ପୁଅ ତାଙ୍କୁ କୁକୁର ସହ ବିବାହ କରି ଦିଆଯାଇଥାଏ। ଭୋଜିଭାତ ମଧ କରାଯାଇ ଗ୍ରାମବାସୀଙ୍କୁ ଆପ୍ୟାୟିତ କରାଯିବା ପରମ୍ପରା ରହିଛି। ସାଧାରଣତଃ ଦୁର୍ଗମ ଅଞ୍ଚଳରେ ଏଭଳି ଘଟଣା ଘଟୁଥିବାରୁ ପୋଲିସ କିମ୍ବା ଶିଶୁ ସୁରକ୍ଷା ବିଭାଗ ନିକଟରେ ସୂଚନା ରହୁନାହିଁ। ଏ ସଂକ୍ରାନ୍ତରେ କଙ୍କଡ଼ାହାଡ଼ ଥାନାରେ କୌଣସି ସୂଚନା ନ ଥିବାବେଳେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀଙ୍କ ମୋବାଇଲ (ନଂ. ୯୮୬୧୨୦୯୬୦୩)ରେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ ଉଠାଇ ନ ଥିଲେ।

### ଯୁବକଙ୍କୁ ଗୋଡ଼େଇ ହାଣିଲେ

**ଦିଗପହଣ୍ଡି,୧୪।୩(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅଧୀନ ବଚ୍ଛପଲ୍ଲୀ ଗାଁରେ ପୂର୍ବ ଯୋଜନା ପ୍ରକାରେ ଦୁର୍ବୃତ୍ତମାନେ ରବିବାର ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି। ଖଣ୍ଡା ଚୋଟରେ ଗୁରୁତର ହୋଇଥିବା ପଞ୍ଚୁ ଭୂୟାଁଙ୍କୁ ପ୍ରଥମେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ବଚ୍ଛପଲ୍ଲୀ ଗାଁ ସାପୁଆ ନାଳକୁ ସକାଳେ ପଞ୍ଚୁ ଗାଧୋଇବାକୁ ଯାଇଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରି ଫେରାର୍ ହୋଇଯାଇଥିଲେ। ଗତ କିଛିଦିନ ପୂର୍ବେ ପଞ୍ଚୁଙ୍କୁ ହତ୍ୟା କରିବା ପାଇଁ ବ୍ଲୁ - ପ୍ରିଣ୍ଟ ପ୍ରସ୍ତୁତ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ କହିଛନ୍ତି। ୨୦୨୦ ଅକ୍ଟୋବର ୨୪ରେ ଗାଁର ଜଣେ ଜଣାଶୁଣା ଅପରାଧୀ ବଚ୍ଚନ ସ୍ୱାଇଁଙ୍କୁ ହତ୍ୟା କରାଯାଇଥିଲା। ପଞ୍ଚୁଙ୍କ ସମେତ ତାଙ୍କ ସମସ୍ତ ଭାଇ ଉକ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ଏତଲାକୁ ଭିତ୍ତିକରି ଦିଗପହଣ୍ଡି ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଘଟଣାର ୪ ମାସ ପରେ ମଧ ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିନଥିବାରୁ ମୃତ ବଚ୍ଚନଙ୍କ ପ୍ରତିଶୋଧ ନେବା ପାଇଁ ପଞ୍ଚୁଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା କିଛି ସ୍ଥାନୀୟ ଲୋକ କହିଛନ୍ତି। ତେବେ ରିପୋର୍ଟ ଲେଖାହେବା ସୁଦ୍ଧା ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

# ୧୨ ବର୍ଷ ପରେ ଗିରଫ ହେଲେ ଶେଷ ଅଭିଯୁକ୍ତ

**ବହୁଚର୍ଚ୍ଚିତ ସଙ୍ଗୀତ ନିର୍ଦ୍ଦେଶକ ସୁମନ୍ତ ମହାନ୍ତି ହତ୍ୟା ଘଟଣା**

ଭୁବନେଶ୍ୱର,୧୪।୩(ବ୍ୟୁରୋ)

ବହୁଚର୍ଚ୍ଚିତ ସଙ୍ଗୀତ ନିର୍ଦ୍ଦେଶକ ସୁମନ୍ତ ମହାନ୍ତି ହତ୍ୟା ଘଟଣାର ୧୨ ବର୍ଷ ପରେ ଶେଷ ଅଭିଯୁକ୍ତ ଶେଷରେ ଧରାପଡ଼ିଛନ୍ତି। କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ତାଙ୍କୁ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଞ୍ଚଳରୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଲିଟୁଆ ଓରଫ ବିକ୍ରମାଦିତ୍ୟ ଜେନା (୪୫)। ଘଟଣା ପରଠୁ ଫେରାର ଥିବା ବିକ୍ରମାଦିତ୍ୟ ପୁଣେରେ ଲୁଚି ରହିଥିଲେ। ଗତ ମାସେ ହେବ ସେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବମିଖାଲ ଜେନାସ୍ଥିତ ଘରକୁ ଆସିଥିଲେ ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ରବିବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ୨୦୦୮ ଅକ୍ଟୋବର ୯ରେ ଏହି ଘଟଣା ଘଟିଥିବାବେଳେ ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ମାନସ କୁମାର ବେଦାନ୍ତଙ୍କ ସମେତ ୪ଜଣଙ୍କୁ ଗିରଫ କରିଥିଲା ପୋଲିସ। ଅନ୍ୟ ଅଭିଯୁକ୍ତମାନେ ହେଲେ ସୁନିଲ କୁମାର ଜେନା, ସାଗର ଜେନା ଓ ସୁଶୀଲ ସାମନ୍ତରାୟ। ଅଭିଯୁକ୍ତମାନେ ସମସ୍ତେ ସମ୍ପର୍କୀୟ ହୋଇଥିବାବେଳେ ଏବେ ଗିରଫ ହୋଇଥିବା ବିକ୍ରମାଦିତ୍ୟ ହେଉଛନ୍ତି ସୁନିଲଙ୍କ ମାମୁଁ ପୁଅ ବୋଲି କମିଶନର କହିଛନ୍ତି। ଏଥିସହ ପୂରା ଘଟଣା ସମ୍ପର୍କରେ କହିଛନ୍ତି।



ମୃତ ସୁମନ୍ତ ମହାନ୍ତିଙ୍କ ଫାଇଲ୍ ଫଟୋ।



ଗିରଫ ଅଭିଯୁକ୍ତ ବିକ୍ରମାଦିତ୍ୟ

### କଲେଜ ଶତ୍ରୁତାରୁ ପ୍ରତିଶୋଧ, ୭ବର୍ଷ ପରେ ମିଳିଥିଲା ସୁଯୋଗ

୨୦୦୧ରେ ମୁଖ୍ୟ ଅଭିଯୁକ୍ତ ମାନସ ସଙ୍ଗୀତ ମହାବିଦ୍ୟାଳୟର ଜଣେ ଛାତ୍ର ନେତା ଥିଲେ। ହତ୍ୟାର ଶିକାର ସୁମନ୍ତ ତାଙ୍କର ସିନିୟର ଥିଲେ। କଲେଜର କୌଣସି କଥାକୁ ନେଇ ମାନସ ଓ ସୁମନ୍ତଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସୁମନ୍ତ ଖାରବେଳନଗର ଥାନାରେ ମାନସଙ୍କ ନାମରେ ଅଭିଯୋଗ କରିଥିଲେ। ମାନସ ଗିରଫ ହୋଇ ଜେଲ୍ ଯାଇଥିଲେ। ଏହାପରେ ମାନସଙ୍କୁ କଲେଜରୁ ବହିଷ୍କାର କରାଯାଇଥିଲା। ଏଥିରେ ମାନସ ପ୍ରତିଶୋଧ ପରାୟଣ ହୋଇଉଠିଥିଲେ। ସୁମନ୍ତଙ୍କୁ ହତ୍ୟା କରି ପ୍ରତିଶୋଧ ନେବାକୁ ୭ବର୍ଷ ଧରି ସୁଯୋଗ ଖୋଜୁଥିଲେ।

### କେମିତି ହତ୍ୟା କରିଥିଲେ

ସୁମନ୍ତଙ୍କୁ ହତ୍ୟା କରିବାକୁ ମାନସ ସହଯୋଗୀ ତଥା ସମ୍ପର୍କୀୟ ସାଗର, ସୁନୀଲ, ସୁଶୀଲ ଓ ବିକ୍ରମାଦିତ୍ୟଙ୍କ ସହ ମିଶି ଯୋଜନା ପ୍ରସ୍ତୁତ କରିଥିଲେ। ସେମାନେ ସୁମନ୍ତଙ୍କୁ ଏକ ମ୍ୟୁଜିକ୍ ଷ୍ଟୁଡିଓ ତିଆରି କରିବା ବାବଦ ଆଲୋଚନା କରିବାକୁ ଏକାମ୍ର ଟକିଜ୍ ନିକଟରେ ଥିବା ମାନସଙ୍କ ଘରକୁ ଡାକିଥିଲେ। ସୁମନ୍ତ ପହଞ୍ଚିବା ପରେ ତାଙ୍କୁ ଏକ କୋଠରୀରେ ବନ୍ଦ କରି ହାତକୁ ରଶିରେ ବାନ୍ଧି ବାଡି ଓ ଭୁଜାଲିରେ ଆକ୍ରମଣ କରିଥିଲେ। ସୁମନ୍ତ ଜୀବନ ବଞ୍ଚାଇବାକୁ ଅଭିଯୁକ୍ତଙ୍କ ପାଦତଳେ ପଡିଯାଇଥିଲେ। ପକେଟ୍‌ରେ ଥିବା ୨୨ହଜାର ଟଙ୍କା ନେଇ ତାଙ୍କୁ ଛାଡିଦେବାକୁ କାକୁତି ମିନତି ହୋଇଥିଲେ। ହେଲେ ଅଭିଯୁକ୍ତମାନେ କିଛି ଶୁଣି ନ ଥିଲେ। ସୁମନ୍ତଙ୍କୁ ଉଲଗ୍ନ କରିବା ସହ ଭୁଜାଲିରେ ବିଭିନ୍ନ ଅଙ୍ଗକୁ ହାଣି ଅତି ନୃଶଂସ ଭାବେ ହତ୍ୟା କରିଥିଲେ। ପରେ ସୁମନ୍ତ ଆସିଥିବା ମାରୁତି କାର ଡିକିରେ ମୃତଦେହକୁ ଭର୍ତ୍ତି କରି ଚକେଇସିଆଣି ନିକଟ କେନାଲ ବ୍ରିଜ୍ ତଳକୁ ଗଡ଼ାଇ ଦେଇ ଦୁର୍ଘଟଣାର ରୂପ ଦେଇଥିଲେ। ସୁମନ୍ତ ଘରକୁ ନ ଫେରିବାରୁ ତାଙ୍କ ବାପା ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ମଧ ବିକ୍ରମାଦିତ୍ୟ ଫେରାର ହୋଇଯାଇଥିଲେ।

### ପୁଣେରେ ଜିମ୍ ଟ୍ରେନର, ଆଇଟି କମ୍ପାନୀରେ କାର୍ଯ୍ୟ କରୁଥିଲେ

ବିକ୍ରମାଦିତ୍ୟ ପୋଲିସକୁ ଚକ୍‌ମା ଦେଇ ରାଜ୍ୟ ବାହାରକୁ ଚାଲିଯାଇଥିଲେ। ପୁଣେରେ ଆତ୍ମଗୋପନ କରିବା ସହ ସେଠାରେ ଜିମ୍ ଟ୍ରେନର ଭାବେ କାର୍ଯ୍ୟ କରୁଥିଲେ। ଏଥିସହିତ ସେ ଜଣେ ଆଇଟି ଛାତ୍ର ହୋଇଥିବାରୁ ସେଠାରେ ଥିବା ଏକ ଆଇଟି କମ୍ପାନୀରେ ମଧ କାର୍ଯ୍ୟ କରୁଥିଲେ। ଭୁବନେଶ୍ୱର ଓ ତାଙ୍କ ପରିବାର ସହ ସମସ୍ତ ସମ୍ପର୍କ କାଟିଦେଇଥିବାରୁ ପୋଲିସ ତାଙ୍କର ସୁରାକ ପାଇପାରି ନ ଥିଲା। କିଛିବର୍ଷ ପରେ ତାଙ୍କ ମା' ଅସୁସ୍ଥ ହୋଇପଡ଼ିଥିବା ଶୁଣି ଘରକୁ କଲ୍ କରି କଥା ହେଉଥିଲେ।

### ପୁରୁଣା ଫାଇଲ୍ ଦେଲା ବିକ୍ରମଙ୍କ ସୂଚନା

ଦୀର୍ଘବର୍ଷ ଧରି ଫେରାର ଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ୍ ଚାଲିଛି। ଅପରାଧୀଙ୍କ ପୁରୁଣା ଫାଇଲ ଓଲଟାଇବା ସମୟରେ ୨୦୦୮ ମସିହାର ଏହି ଚର୍ଚ୍ଚିତ ହତ୍ୟା ଘଟଣା ପୋଲିସ ନଜରକୁ ଆସିଥିଲା ଓ ବିକ୍ରମାଦିତ୍ୟ ଫେରାର ଥିବା ସମ୍ପର୍କରେ ଜଣାପଡିଥିଲା। ପରେ ଏହାର ତଦନ୍ତ ନିମନ୍ତେ ସ୍ପେଶାଲ୍ ସ୍କ୍ୱାଡ୍‌କୁ ନିର୍ଦ୍ଦେଶ ଦିଆଯାଇଥିଲା। ପୋଲିସ ତାଙ୍କ ପରିବାର ଲୋକ ଓ ଅନ୍ୟମାନଙ୍କ ଉପରେ ନଜର ରଖିଥିଲା। ତେବେ ତଦନ୍ତ ସମୟରେ ସେ ଭୁବନେଶ୍ୱର ଆସି ନିଜ ଘରେ ଆତ୍ମଗୋପନ କରିଥିବା ପୋଲିସ ସୂଚନା ପାଇଥିଲା।

### ଦୁର୍ଘଟଣା ପରେ ଭୁବନେଶ୍ୱର ଫେରିଆସିଥିଲେ

୨୦୧୯ରେ ବିକ୍ରମାଦିତ୍ୟ ପୁଣେରେ ଏକ ସଡକ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ତାଙ୍କ ମୁଣ୍ଡ ଓ ହାତରେ ଆଘାତ ଲାଗିଥିଲା। ଏହା ପରଠାରୁ ସେ କୌଣସି କାମ କରିପାରୁ ନ ଥିଲେ। ସେଠାରେ ରହିବାରେ ଘୋର ଅସୁବିଧା ହେବାରୁ ସେ ଘରକୁ ଫେରି ଆସିବାକୁ ଚେଷ୍ଟା ଚଳାଇଥିଲେ। ଗତ ମାସେ ହେବ ସେ ଭୁବନେଶ୍ୱର ଆସି ନିଜ ଘରେ ଲୁଚି ରହିଥିଲେ।

### ଚିହ୍ନଟ ପାଇଁ ୩ଦିନ ପଇଁତରା ମାରିଥିଲା ପୋଲିସ

ଘଟଣାର ୧୨ ବର୍ଷ ପରେ ବିକ୍ରମାଦିତ୍ୟଙ୍କୁ ଚିହ୍ନିବା ପୋଲିସ ପାଇଁ କଷ୍ଟ ସାଧ୍ୟ ଥିଲା। ବୟସ ବଢିଯାଇଥିବାରୁ ତାଙ୍କ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଘଟିଥିଲା। ପୁଣି ବିକ୍ରମାଦିତ୍ୟ ଅଧିକ ଦାଢି ରଖିଥିବାରୁ ତାଙ୍କୁ ଚିହ୍ନିବାରେ ପୋଲିସକୁ ଅସୁବିଧା ହୋଇଥିଲା। ତେଣୁ ପୋଲିସ ୩ ଦିନ ଧରି ତାଙ୍କ ଘର ଆଗରେ ସାଧା ପୋଷାକରେ ପଇଁତରା ମାରିବା ସହ ତାଙ୍କ ସମସ୍ତ କାର୍ଯ୍ୟକଳାପ ଉପରେ ନଜର ରଖିଥିଲା। ଏହାପରେ ସେ ହିଁ ଫେରାର ବିକ୍ରମାଦିତ୍ୟ ବୋଲି ସ୍ପଷ୍ଟ ହେବା ପରେ ସ୍ପେଶାଲ ସ୍କ୍ୱାଡ୍ ତାଙ୍କୁ ଉଠାଇଆଣିଥିଲା।

### ପୁଣି ଥରେ ଫେରାର ହେବାକୁ ଉଦ୍ୟମ କରୁଥିଲେ

ବିକ୍ରମାଦିତ୍ୟଙ୍କୁ ଧରିବା ପାଇଁ ସ୍ପେଶାଲ ସ୍କ୍ୱାଡ୍ ଓ ମଞ୍ଚେଶ୍ୱର ଥାନା ପୋଲିସ ତାଙ୍କ ଘର ସାମ୍ନାରେ ପଇଁତରା ମାରିଥିଲା। ୨ଦିନ ପରେ ବିକ୍ରମାଦିତ୍ୟଙ୍କୁ ଏନେଇ ସନ୍ଦେହ ହୋଇଥିଲା। ସେ ଜାଣିଯାଇଥିଲେ ତାଙ୍କୁ ଧରିବା ପାଇଁ ପୋଲିସ ଜାଲ ବିଛାଇଛି। ତେଣୁ ସେ ଭୁବନେଶ୍ୱରରୁ ଫେରାର ହୋଇଯିବାକୁ ଉଦ୍ୟମ କରୁଥିଲେ। ହେଲେ ଏହା ପୂର୍ବରୁ ପୋଲିସ ତାଙ୍କୁ କାବୁ କରିଥିଲା।

# ବିଧାନସଭାରେ ତଥ୍ୟ ଉପସ୍ଥାପନ କରାଯିବ



ଭାଜପା ବିଧାୟକମାନେ ଶିମିଳିପାଳ ସ୍ଥିତି ବୁଲି ଦେଖୁଛନ୍ତି।

ବାରିପଦା ଅଫିସ,୧୪।୩

- ଶିମିଳିପାଳରେ ଭାଜପା ବିଧାୟକ ଦଳ
- ସ୍ଥିତି ସମୀକ୍ଷା ସହ ଅଗ୍ନିକାଣ୍ଡର କାରଣ,ନିରାକରଣ ସମ୍ପର୍କରେ ତଥ୍ୟ ସଂଗ୍ରହ

ଶିମିଳିପାଳ ଅଗ୍ନିକାଣ୍ଡର ଅନୁଧ୍ୟାନ ପାଇଁ ରବିବାର ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ନେତୃତ୍ୱରେ ୧୩ ଜଣିଆ ଭାଜପା ବିଧାୟକ ଦଳ ଶିମିଳିପାଳ ଗସ୍ତରେ ଆସିଥିଲେ। ସେମାନେ ସ୍ଥିତି ସମୀକ୍ଷା ସହ କାରଣ ଓ ନିରାକରଣ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। ପୂର୍ବାହ୍ନରେ ବାରିପଦା ସର୍କିଟ ହାଉସରେ ବନକର୍ମଚାରୀଙ୍କ ସହ ସମସ୍ତ ବିଧାୟକ ଆଲୋଚନା କରିଥିଲେ। ପରେ ଲୁଲୁଙ୍ଗ ପିଠାବଟା ଗେଟ ଦେଇ ଶିମିଳିପାଳ ମଧ୍ୟରେ ଥିବା ବରେହିପାଣି, ନଅାଁଣା, ଗୁଡୁଗୁଡ଼ିଆ ଅଞ୍ଚଳକୁ ଯାଇ ଜଙ୍ଗଲର କ୍ଷୟକ୍ଷତି, ବନ୍ୟଜନ୍ତୁଙ୍କ ଉପରେ ପଡ଼ିଥିବା ପ୍ରଭାବ ଓ ବନବାସୀମାନେ ଏହା ଦ୍ୱାରା କେତେ ପ୍ରଭାବିତ ହୋଇଛନ୍ତି ସେ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଅପରାହ୍ନରେ ଯଶିପୁର ସ୍ଥିତ ରାମତୀର୍ଥ ଗେଷ୍ଟ ହାଉସ୍‌ରେ ଏକ ଖବରଦାତା ସମ୍ମିଳନୀ କରି ଅଗ୍ନିକାଣ୍ଡରେ କ୍ଷୟକ୍ଷତି ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବା ସହିତ ବିଧାନସଭାରେ ତଥ୍ୟ ଉପସ୍ଥାପନ କରାଯିବ ବୋଲି ବିଧାୟକ ମିଶ୍ର କହିଛନ୍ତି। ନିଆଁ ଲିଭାଇବା ପାଇଁ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କରେ ଜଙ୍ଗଲ ବିଭାଗ କର୍ତ୍ତୃପକ୍ଷଙ୍କ ସହ ଭାଜପା ବିଧାୟକ ଦଳ ଆଲୋଚନା କରିଥିଲେ। ଅଗ୍ନିକାଣ୍ଡକୁ ଏଡ଼ାଇବା ନିମନ୍ତେ ଜଙ୍ଗଲରେ ଫାୟାର ଲାଇନ କରିବା ପାଇଁ ପ୍ରତିବର୍ଷ ଆସୁଥିବା ଅନୁଦାନର ବିନିଯୋଗ କିଭଳି ଭାବେ କରାଯାଇଛି ସେ ସମ୍ପର୍କରେ ମଧ ସମୀକ୍ଷା କରିଥିଲେ। ବର୍ଷା ଯୋଗୁ ନିଆଁ ପ୍ରଶମିତ ହୋଇଥିବା ବେଳେ ଏକ ସଙ୍ଗରେ ଶିମିଳିପାଳରେ ନିଆଁ ଲାଗିବା ଘଟଣାକୁ ନେଇ ସବିଶେଷ ଅନୁଧ୍ୟାନ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଲାଗିଥିବା ନିଆଁକୁ ଆୟତ୍ତ କରିବାରେ ବନବିଭାଗ ବିଫଳ ହୋଇଥିବା ବେଳେ ଅଧିକାରୀଙ୍କ ଅପାରଗତା, ଉଦାସୀନତା ଓ ମନମୁଖି କାର୍ଯ୍ୟ ପାଇଁ ଅଭୟାରଣ୍ୟର ହଜାର ହଜାର ହେକ୍ଟର ଜଙ୍ଗଲ ପୋଡ଼ି ପାଉଁଶ ହୋଇଯାଇଥିବା ବିଧାୟକ ଦଳ ଅଭିଯୋଗ କରିଥିଲେ।

ଏହି ଦଳରେ ଦେଓଘର ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ନୀଳଗିରିର ସୁକାନ୍ତ ନାଏକ, ଉଦଳାର ଭାସ୍କର ମଢ଼େଇ, ରେଙ୍ଗାଲୀର ନାଉରୀ ନାଏକ, ରାଇରଙ୍ଗପୁରର ନବଚରଣ ମାଝି, ବ୍ରହ୍ମଗିରିର ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଯଶିପୁରର ଗଣେଶରାମ ସିଂ ଖୁଣ୍ଟିଆ, ବାରିପଦାର ପ୍ରକାଶ ସୋରେନ, ପୁରୀର ଜୟନ୍ତ ଷଡ଼ଙ୍ଗୀ, ସାରସକଣାର ଡାକ୍ତର ବୁଢ଼ାନ ମୁର୍ମୁ, ବଡ଼ସାହିର ସନାତନ ବିଜୁଳି ପ୍ରମୁଖ ସାମିଲ ଥିବା ବେଳେ ମୟୂରଭଞ୍ଜ ଜିଲା (ପୂର୍ବ) ଭାଜପାର ପୂର୍ବତନ ସଭାପତି ଡ.କୃଷ୍ଣଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ।

**ପ୍ରଥମ ପୃଷ୍ଠାରୁ...**

### ଖସୁଛି ଭୂତଳ ...

ଓ ପ୍ରଦୂଷଣମୁକ୍ତ କରିବା ପାଇଁ ସେତେଟା ଗୁରୁତ୍ୱ ଦିଆଯାଉନାହିଁ। ରାଜ୍ୟରେ ଭୂତଳ ଜଳସ୍ତର ହ୍ରାସ ପାଇବା ସହ ପ୍ରବାହିତ ବିଭିନ୍ନ ପ୍ରାକୃତିକ ଜଳଉତ୍ସ, ଝରଣା, ନଦୀ, ନାଳ ଶୁଷ୍କ ହୋଇ ପଡୁଛି। ଫଳରେ ମଣିଷଠାରୁ ଜୀବଜନ୍ତୁ ପର୍ଯ୍ୟନ୍ତ ପାଣି ପାଇଁ ଡହଳବିକଳ ହେଉଛନ୍ତି। ରାଜ୍ୟରେ ଖଣି ଖନନ, ଶିଳ୍ପାୟନ ଓ ଗୃହ ନିର୍ମାଣ ପାଇଁ ବ୍ୟାପକ ଭାବେ ବୃକ୍ଷଲତା କଟାଯାଉଛି। ତା' ବଦଳରେ ବୃକ୍ଷରୋପଣ କରା ନ ଯିବା କାରଣରୁ ପ୍ରବହମାନ ଜଳଉତ୍ସଗୁଡ଼ିକର ଜଳ ନିର୍ଗମନ କ୍ଷମତା ହ୍ରାସପାଉଛି। ଜଳଧାର ଦିନକୁ ଦିନ ଶୁଷ୍କ ହେବା ସହ ତାହା ସ୍ଥାଣୁ ତଥା ମୃତ ପାଲଟୁଛି।

> "ଭୂତଳ ଜଳ ଉତ୍ତୋଳନ କେବଳ ଭାରତ ନୁହେଁ ବିଶ୍ୱବ୍ୟାପୀ ଏକ ବଡ଼ ସମସ୍ୟା। ଜଳବାୟୁ ପରିବର୍ତ୍ତନ ଭୂତଳ ଜଳ ସଙ୍କଟକୁ ଆହୁରି ବଢ଼ାଉଛି। ଯେତେବେଳେ ତାପମାତ୍ରା ଏବଂ ବାଷ୍ପୀକରଣ ବୃଦ୍ଧିପାଏ, ଭୂତଳକୁ ଭୂପୃଷ୍ଠ ଜଳ ଝରିବା ହ୍ରାସ ପାଏ। ଏହାର ଅର୍ଥ ଭୂତଳ ଜଳ ରିଚାର୍ଜ କମିଯାଏ। ଜଳବାୟୁ ପରିବର୍ତ୍ତନ ମଧ ଅଧିକରୁ ଅଧିକ ବୃଷ୍ଟିପାତର କାରଣ ହୋଇଥାଏ। ଯଦି କୌଣସି ଅଞ୍ଚଳରେ ବହୁତ କମ୍ ସମୟ ମଧ୍ୟରେ ବହୁ ପରିମାଣର ବର୍ଷା ହୁଏ, ତା'ହେଲେ ଅଧିକାଂଶ ବୃଷ୍ଟିପାତ ଭୂପୃଷ୍ଠରେ ପ୍ରବାହିତ ହୁଏ ଏବଂ ଭୂତଳକୁ ପ୍ରବେଶ କରିପାରେ ନାହିଁ। ଏହାମଧ ଭୂତଳ ଜଳ ରିଚାର୍ଜକୁ ପ୍ରଭାବିତ କରିଥାଏ। ମାଟି ଉଦ୍ଭିଦ ଆବରଣ ବିନା ବର୍ଷା ଜଳକୁ ଧରିରଖିପାରେ ନାହିଁ। ତେଣୁ ଆମକୁ ଠିକ୍ ଭାବେ ଜମି ବିକାଶ ପଦକ୍ଷେପ ସାଙ୍ଗକୁ ଜଙ୍ଗଲ ସଂରକ୍ଷଣ ଏବଂ ବର୍ଷା ଜଳ ଅମଳ ପାଇଁ କାର୍ଯ୍ୟ କରିବାକୁ ପଡିବ।
>
> –ରଞ୍ଜନ ପଣ୍ଡା, ଜଳ ମାନବ

ଏହାସହ ଶିଳ୍ପ କମ୍ପାନୀଗୁଡିକ ଖରାଦିନରେ ଆଖିବୁଜା ଭୂତଳ ଜଳ ବ୍ୟବହାର କରୁଛନ୍ତି। ଏହା ଭୂତଳ ଜଳସ୍ତର ହ୍ରାସର ପ୍ରମୁଖ କାରଣ ହୋଇଛି। ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ବ୍ଲକ ଅଞ୍ଚଳରେ ଅଧିକାଂଶ ଲଣ୍ଡା ପାହାଡ଼ ରହିଛି। ଏହାସହ ସେପରି କିଛି ବୃହତ୍ ନଦୀନାଳ ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ହୋଇନାହିଁ। ଜଳ ସଂରକ୍ଷଣ ଓ ପୁନଃଭରଣ ବ୍ୟବସ୍ଥା ହୋଇ ପାରି ନ ଥିବାରୁ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଜଣାପଡ଼ିଛି।


ହାଇଡ୍ରୋମେଟ୍ରି ନିର୍ଦ୍ଦେଶକଙ୍କ ତଥ୍ୟକୁ ଆଧାର କରି ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ଡେପୁଟି ସେକ୍ରେଟାରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜଙ୍ଗଲ ଓ ପରିବେଶ ବିଭାଗ ନିର୍ଦ୍ଦେଶକଙ୍କୁ ୧୨।୩।୨୦୨୧ରେ ପତ୍ର ଲେଖିଛନ୍ତି। ଉକ୍ତ ତଥ୍ୟ ଅନୁସାରେ ଗତ ୩ ବର୍ଷର ଜଳସ୍ତର ଏମ୍‌ବିଜିଏଲ୍‌କୁ ଅବଲୋକନ କଲେ ରାଜ୍ୟରେ ତାହା ଉଦବେଗଜନକ ବୋଲି କୁହାଯାଉଛି। ବେଳହୁଁ ରାଜ୍ୟରେ ଜଳସଂରକ୍ଷଣ ଓ ଭୂତଳକୁ ଜଳ ପୁନଃଭରଣ ପାଇଁ ଜଳସମ୍ପଦ, ଗ୍ରାମ୍ୟ ଉନ୍ନୟନ, କୃଷି, ଜଙ୍ଗଲ, ପରିବେଶ ଓ ପଞ୍ଚାୟତିରାଜ ବିଭାଗ ମଧ୍ୟରେ ସମନ୍ୱୟ ସ୍ଥାପନ କରି ପ୍ରଣୀତ ଯୋଜନାଗୁଡିକ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରାଗଲେ ଜଳସ୍ତର ବୃଦ୍ଧି ସମ୍ଭାବନା ରହିଛି ବୋଲି ମତପ୍ରକାଶ ପାଇଛି।

**ସର୍ବାଧିକ ଜଳସ୍ତର ହ୍ରାସ ଘଟିଥିବା ବ୍ଲକ**
(ମୌସୁମୀ ପୂର୍ବରୁ ଏମ୍‌ବିଜିଏଲ୍‌ରେ)

| ଜିଲା | ବ୍ଲକ | ୨୦୧୮ | ୨୦୧୯ | ୨୦୨୦ |
|---|---|---|---|---|
| ମାଲକାନଗିରି | କୁଡୁମୁଲୁଗୁମ୍ମା | ୨୦.୮୫୦ | ୨୮.୪୮୦ | ୨୦.୩୮୦ |
| | ଖଇରପୁଟ | ୧୦.୧୩୦ | ୮.୪୨୦ | ୧୨.୮୯୫ |
| କୋରାପୁଟ | କୁନ୍ଦ୍ରା | ୧୨.୫୩୦ | ୧୩.୮୦୦ | ୧୨.୬୦୦ |
| | ନାରାୟଣପାଟଣା | ୧୨.୫୨୦ | ୧୨.୬୮୦ | ୧୧.୯୦୦ |
| | ପଟାଙ୍ଗୀ | ୯.୩୫୦ | ୧୧.୦୫୦ | ୧୧.୦୨୦ |
| ଅନୁଗୋଳ | ଛେଣ୍ଡିପଦା | ୧୦.୫୭୫ | ୧୦.୩୫୦ | ୧୦.୧୭୫ |
| ବାଲେଶ୍ୱର | ବାଲିଆପାଳ | ୧୧.୫୭୦ | ୧୨.୦୦୦ | ୧୨.୨୮୦ |
| ବୌଦ୍ଧ | ହରଭଙ୍ଗା | ୧୦.୦୮୦ | ୧୦.୦୮୦ | ୭.୫୫୦ |
| ଗଜପତି | ଗୁମ୍ମା | ୧୦.୩୯୦ | ୧୦.୩୩୦ | ୧୦.୧୪୦ |
| ଗଞ୍ଜାମ | ସୋରଡ଼ା | ୧୦.୮୩୦ | ୧୦.୪୫୦ | ୧୦.୯୮୦ |
| କନ୍ଧମାଳ | ଫୁଲବାଣୀ | ୯.୪୬୮ | ୧୦.୧୦୦ | ୯.୬୨୮ |
| ମୟୂରଭଞ୍ଜ | ଯଶୀପୁର | ୧୦.୨୦୦ | ୧୦.୪୦୦ | ୧୦.୬୦୦ |
| ନବରଙ୍ଗପୁର | ଡାବୁଗାଁ | ୧୧.୩୫୫ | ୧୧.୩୩୦ | ୯.୯୮୦ |
| | ଝରିଗାଁ | ୧୧.୩୯୦ | ୧୧.୪୨୦ | ୧୧.୧୯୫ |
| ନୂଆପଡ଼ା | ବୋଡେନ | ୧୦.୫୬୭ | ୧୦.୭୧୭ | ୧୦.୦୫୦ |
| | ଖରିଆର | ୧୧.୩୬୦ | ୧୧.୦୯୦ | ୮.୩୪୦ |
| ରାୟଗଡ଼ା | ଗୁଡ଼ାରୀ | ୯.୯୧୦ | ୧୫.୫୮୦ | ୧୦.୨୯୫ |
| | ରାୟଗଡ଼ା | ୧୬.୭୮୫ | ୧୭.୨୦୦ | ୧୭.୧୮୫ |
| ସୁନ୍ଦରଗଡ଼ | କୁଆଁରମୁଣ୍ଡା | ୧୧.୨୦୨ | ୯.୯୪୮ | ୮.୧୯୩ |
| | କୁତ୍ରା | ୯.୯୦୦ | ୧୦.୮୧୦ | ୧୦.୪୨୦ |
| | ସୁନ୍ଦରଗଡ଼ | ୧୧.୦୬୦ | ୧୧.୦୯୦ | ୧୦.୫୦୦ |
| | ବାଲିଶଙ୍କରା | ୧୦.୫୯୦ | ୧୦.୧୩୦ | ୮.୯୮୦ |
| | ବିଶ୍ରା | ୧୨.୭୨୦ | ୧୦.୫୫୦ | ୭.୭୭୦ |

# ଔପନ୍ୟାସିକ ଶ୍ୟାମ ସୁନ୍ଦର ମିଶ୍ରଙ୍କ ପରଲୋକ

କଟକ ଅଫିସ,୧୪।୩



କଟକ ଖାଞ୍ଜିରିମଙ୍ଗଳା ତାରାଚାନ୍ଦ ପାଟଣାସ୍ଥିତ ବାସଭବନରେ ଔପନ୍ୟାସିକ ଡ. ଶ୍ୟାମ ସୁନ୍ଦର ମିଶ୍ରଙ୍କର ରବିବାର ପରଲୋକ ଘଟିଛି। ତାଙ୍କୁ ୮୯ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ୩ପୁଅ, ବୋହୂ ଓ ନାତୁଣୀନାତି ଉପସ୍ଥିତ ଥିଲେ। କଟକ ଖାନ୍‌ନଗରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଦୀପକ ମିଶ୍ର ମୁଖାଗ୍ନି ଦେଇଥିଲେ। ତାରାଚାନ୍ଦ ପାଟଣାଠାରେ ଡ.ମିଶ୍ର ୧୯୩୨ରେ ଜନ୍ମଗ୍ରହଣ କରିଥିଲେ। ସେ ରେଭେନ୍‌ଶା କଲେଜରୁ ଏମ୍‌ଏ ପାସ କରିଥିଲେ। ପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସେ ପିଏଚ୍‌ଡ଼ି ଡିଗ୍ରୀ ହାସଲ କରିଥିଲେ। ରାଜ୍ୟ ସରକାରଙ୍କ ସମବାୟ ବିଭାଗରୁ ତାଙ୍କର କର୍ମମୟ ଜୀବନ ଆରମ୍ଭ ହୋଇଥିଲା। ପରେ ସେ ବାଣପୁରସ୍ଥିତ ଗୋଦାବରୀଶ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ଏହାପରେ ସେ ବ୍ରହ୍ମପୁରର ସାନ୍ଧ୍ୟ କଲେଜ, ପାରଳାଖେମୁଣ୍ଡିର ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟ, କଟକର ରେଭେନ୍‌ଶା ସାନ୍ଧ୍ୟ ମହାବିଦ୍ୟାଳୟ, ଜେକେବିକେ ମହାବିଦ୍ୟାଳୟ, ରେଭେନ୍‌ଶା ମହା ବିଦ୍ୟାଳୟରେ ଅଧ୍ୟାପକ ଥିଲେ। ୧୯୯୨ରେ ରେଭେନ୍‌ଶା ମହାବିଦ୍ୟାଳୟରେ ସେ ଚାକିରିରୁ ଅବସର ନେଇଥିଲେ। ସେ ଅନେକ ଉପନ୍ୟାସ ଲେଖିଥିଲେ। ସେଥିମଧ୍ୟରୁ ଚକୋରୀ, ଯୋଗଜନ୍ମା, କ୍ଷୁଦ୍ରଗଳ୍ପ, ସ୍ୱୟଂସମ୍ପୂର୍ଣ୍ଣା, ଡିଙ୍କି ଦେ ଚମକାଇ, ଶିଶୁ ଓ କିଶୋର ସାହିତ୍ୟ, ଅନୁପମା, କଥା ସହିତ ସାଗର ଆଦି ପ୍ରକାଶ ପାଇଛି।

# ୮୦୦ ଗ୍ରାମ୍ ସୁନା ଜବତ : ୨ ଗିରଫ

**କଟକରେ ସୁନା ଠକେଇ ର୍‍ୟାକେଟ୍**

କଟକ ଅଫିସ, ୧୪।୩

କଟକରେ ଦୀର୍ଘଦିନ ଧରି ଚାଲିଥିବା ବଡଧରଣର ସୁନା ଠକେଇ ର୍‍ୟାକେଟ୍ ଧରାପଡିଛି। ଏହି ଘଟଣାରେ ପୁରୀଘାଟ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଯାଜପୁର ଦେବୀଦ୍ୱାର ଅଞ୍ଚଳର ଜିତେନ୍ଦ୍ର ସାହୁ(୨୫) ଓ ଭଦ୍ରକ ଜିଲା ଆଗରପଡା ଥାନା ଅଞ୍ଚଳର ରାଜକିଶୋର ସାହୁ (୪୦)। ସେମାନଙ୍କ ନିକଟରୁ ୮୦୦ ଗ୍ରାମ୍‌ରୁ ଊର୍ଦ୍ଧ୍ୱ ସୁନା ଜବତ କରିଛି। ଜବତ ସୁନାର ଆନୁମାନିକ ମୂଲ୍ୟ ୩୬ ଲକ୍ଷ ୯୭ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ରବିବାର ପୁରୀଘାଟ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସିପି ଶୁଭନାରାୟଣ ମୁଦୁଲି ସୂଚନା ଦେଇଛନ୍ତି।



ଏସିପିଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ଓ ବାଲେଶ୍ୱର ଜିଲା ରେମୁଣା ଅଞ୍ଚଳର ସନ୍ତୋଷ କୁମାର ରଣାଙ୍କ ମଧ୍ୟରେ ସୁନା ବ୍ୟବସାୟ ଚାଲିଥିଲା। ଅଭିଯୁକ୍ତ ଦ୍ୱୟ ବିଭିନ୍ନ ସମୟରେ ସନ୍ତୋଷଙ୍କୁ କଟକ ଡକାଇ ସୁନା ବଦଳରେ ଅଧିକ ଓଜନର ସୁନା ଅଳଙ୍କାର ଦେଇଥାନ୍ତି। ଗତ ୯ ତାରିଖରେ ମଧ୍ୟ ସେମାନେ ୮୦୦ ଗ୍ରାମ୍‌ର ୨୪ କ୍ୟାରେଟ୍ ସୁନା ବଦଳରେ ୨୦/୨୨ କ୍ୟାରେଟ୍‌ର ୧ କେଜି ଓଜନର ସୁନାଗହଣା ଦେବାକୁ କହି ଡକାଇଥିଲେ। ପରେ ସନ୍ତୋଷ କଟକରେ ପହଞ୍ଚିବା ପରେ ଅଭିଯୁକ୍ତ ଦ୍ୱୟଙ୍କ ସହ ଚୌଧୁରୀବଜାର ଯାଉଁଳିଆପଟିସ୍ଥିତ ଏକ ସୁନା ଯାଞ୍ଚ କେନ୍ଦ୍ରକୁ ଯାଇଥିଲେ। ସେଠାରେ ସନ୍ତୋଷ ଆଣିଥିବା ସୁନାକୁ ସେମାନେ ଯାଞ୍ଚ କରାଇବା ସହ କୌଶଳକ୍ରମେ ନେଇ ପଳାଇ ଯାଇଥିଲେ। ସନ୍ତୋଷ ବହୁ ସମୟ ଧରି ଅପେକ୍ଷା କରିଥିଲେ ମଧ ଅଭିଯୁକ୍ତମାନେ ଫେରି ନ ଥିଲେ। ଏ ନେଇ ଗତ ୧୧ ତାରିଖରେ ସନ୍ତୋଷ ପୁରୀଘାଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫୪/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ଉପରେ ଆଲୋଚନା

**ଢେଙ୍କାନାଳ ଅଫିସ, ୧୪।୩:** ଢେଙ୍କାନାଳ ସଦର ବ୍ଲକ ବଣସିଂହ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଦିବସୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଇଓ ମୌସୁମୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ବିପିନ ବିହାରୀ ପାଣି ଅଧକ୍ଷତା କରିଥିବାବେଳେ ସିଆର୍‌ସିସି ବିକାଶ ଚନ୍ଦ୍ର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଲାଗି ଉଦ୍ଦିଷ୍ଟ ସୁବିଧା, ସରକାରୀ ସହାୟତା, ମୂଲ୍ୟାୟନ ପଦ୍ଧତି, ସହାୟକ ଉପକରଣର ଯତ୍ନ, ମୌଖିକ ସହାୟତା, ଶାରୀରିକ ଓ ବୌଦ୍ଧିକ ବିକାଶ ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ବୀଣାପାଣି ସେନାପତି, ଇତିଶ୍ରୀ ମହାନ୍ତି ସାଧନକର୍ମୀ ଭାବେ ଯୋଗଦେଇ ତାଲିମ ଦେଇଥିଲେ। ଏଥିରେ ୪୫ଜଣ ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଥିଲେ। ସଦର ବିଆର୍‌ସିସି ଅଦ୍ୱୈତ କୁମାର ସାମଲ, ସାମାଜିକ କର୍ମୀ ବବିତା ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମହିଳାଙ୍କୁ ଦୁର୍ବ୍ୟବହାର, ୨ ଗିରଫ

**ଭୁବନ, ୧୪।୩(ଡି.ଏନ.ଏ.):** ଜଣେ ମହିଳାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ଏବଂ ଟଣାଓଟରା କରିବା ଅଭିଯୋଗରେ ଢେଙ୍କାନାଳ ଜିଲା ଭୁବନ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କେନ୍ଦୁଝର ଜିଲା ଘଷିପୁରା ଥାନା ଦୁପଲି ଗ୍ରାମର କଣ୍ଡ ଜେନା (୬୧) ଏବଂ ଅନ୍ୟଜଣେ ଅପରାଖାଇ ଗ୍ରାମର ହୃଷୀକେଶ ସାହୁ (୨୮)। ଏ ସଂକ୍ରାନ୍ତରେ ନଂ. ୧୦୦/୨୧, ଦଫା ୩୫୪ (ଏ), ୩୪ ଆଇପିସିରେ ମାମଲା ରୁଜୁ ହୋଇଛି। ଘଟଣାରେ ବ୍ୟବହୃତ କାର୍ ଜବତ କରାଯାଇଥିବା ଥାନାଧିକାରୀ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଗତ ଶନିବାର ରାତି ପ୍ରାୟ ୧୦ଟାରେ ଉକ୍ତ ମହିଳା ନିଜ ବନ୍ଧୁଙ୍କ ଘରକୁ ଯାଉଥିଲେ। ଭୁବନ ଏନ୍‌ଏସି ବାଜି ରାଉତ କଲେଜ ଛକରେ ସମ୍ପୃକ୍ତ ୨ଜଣ ଅଭିଯୁକ୍ତ ଏକ ବୋଲେରୋରେ ଆସି ତାଙ୍କୁ ଟଣାଓଟରା କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ମହିଳା ଜଣକ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ପହଞ୍ଚି ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଅଟକ ରଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି କଣ୍ଡ ଏବଂ ହୃଷୀକେଶଙ୍କୁ ଜିମା ନେଇଥିଲା।

### ଫେରାର ଅଭିଯୁକ୍ତ ଗିରଫ

**ଭୁବନ,୧୪।୩(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ଥାନା ରାମକୃଷ୍ଣପୁର ଗ୍ରାମର ସୁନାକର ମୁଣ୍ଡା (୩୩)ଙ୍କୁ ରବିବାର ପୋଲିସ ଗିରଫ କରିଛି। ସୁନାକରଙ୍କ ନାମରେ ୨୦୧୪ ଏବଂ ୨୦୧୭ରୁ ଦୁଇଟି ଚୋରି ମାମଲା ଥିଲା। ଘଟଣା ପରେ ସେ ଫେରାର ଥିଲେ। ଅଭିଯୁକ୍ତ ଘରେ ଥିବା ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା। ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଜିତେନ୍ଦ୍ର ସାହୁ କହିଛନ୍ତି।

# ପାସେଞ୍ଜର ହଲ୍ଟରେ ସେବା ଠପ୍

**ଢେଙ୍କାନାଳ ଅଫିସ, ୧୪।୩**




- ଅବହେଳିତ ଶ୍ୟାମାଚରଣପୁର ଟ୍ରେନ୍ ରହଣିସ୍ଥଳ
- କରୋନା କଟକଣା ପାଇଁ ସେବା ବନ୍ଦ
- ଟିକେଟ କାଉଣ୍ଟରରେ ଝୁଲୁଛି ତାଲା
- ପାଲଟିଛି ଅସାମାଜିକଙ୍କ ପେଣ୍ଠସ୍ଥଳୀ

କରୋନାକୁ ପୂରିଲାଣି ବର୍ଷେ। ତଥାପି ଶତପ୍ରତିଶତ ସ୍ୱାଭାବିକ ହୋଇପାରିନି ଟ୍ରେନ୍ ଚଳାଚଳ। ହାତଗଣତି ରେଳ ସେବା ଯୋଗାଉଥିବାବେଳେ ଟ୍ରାକ୍‌ରେ ଗଡ଼ିନି ପାସେଞ୍ଜର ଟ୍ରେନ୍। ଏବେ ଅଧିକ ଶକ୍ତିଶାଳୀ ହୋଇ କୋଭିଡ୍ ବାହୁଡ଼ିଥିବାବେଳେ ଶସ୍ତା ଏବଂ ଜରୁରୀ ସେବା ଯୋଗାଉଥିବା ଏଭଳି ଟ୍ରେନ୍ କେବେ ଚାଲିବ ତାହାକୁ ନେଇ ଲାଗିରହିଛି ଦ୍ୱନ୍ଦ୍ୱ। ଅନ୍ୟପଟେ ଦୀର୍ଘଦିନ ଧରି ବନ୍ଦ ରହିବା ଏବଂ ପରିଚାଳନା ଅଭାବରୁ ଅବହେଳିତ ହୋଇପଡ଼ିଥିବା ପାସେଞ୍ଜର ରହଣି ଷ୍ଟେଶନଗୁଡ଼ିକ ଅସାମାଜିକଙ୍କ ଆଡ୍ଡା ପାଲଟିଲାଣି। ଢେଙ୍କାନାଳ ସହର ଉପକଣ୍ଠ ଶ୍ୟାମାଚରଣପୁରସ୍ଥିତ ପାସେଞ୍ଜର ହଲ୍ଟ ଏହାର ସଦ୍ୟତମ ଉଦାହରଣ।

ଢେଙ୍କାନାଳ ଜିଲା ଏବଂ ସହରବାସୀଙ୍କ ଟ୍ରେନ୍ ଯାତ୍ରାକୁ ଅଧିକ ସୁଗମ କରିବା ଲାଗି ୨୭ ବର୍ଷ ତଳେ କାର୍ଯ୍ୟକ୍ଷମ ହୋଇଥିଲା ଶ୍ୟାମାଚରଣପୁର ପାସେଞ୍ଜର ହଲ୍ଟ। ଏହି ଷ୍ଟେଶନରେ ପୁରୀ-ତାଳଚେର, ତାଳଚେର-ପୁରୀ, ଅନୁଗୋଳ-ପୁରୀ, ପୁରୀ-ଅନୁଗୋଳ, ରାଉରକେଲା-ପୁରୀ, ପୁରୀ-ରାଉରକେଲା ଆଦି ପାସେଞ୍ଜର ଟ୍ରେନ୍ ରହଣି କରିଥାଏ। ଭୁବନେଶ୍ୱରରେ କାର୍ଯ୍ୟରତ ୭୦୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଦୈନନ୍ଦିନ ସକାଳ ସାଢ଼େ ୭ଟାରେ ଅନୁଗୋଳ-ପୁରୀ ପାସେଞ୍ଜର ଟ୍ରେନ୍‌ରେ ଯାଇଥାନ୍ତି। ସନ୍ଧ୍ୟା ସାଢ଼େ ୭ଟାରେ ପୁଣି ଉକ୍ତ ଟ୍ରେନ୍‌ରେ ଫେରିଥାନ୍ତି। ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ଚାକିରି କରୁଥିବା ଜିଲାର ଚାକିରିଆଙ୍କ ଲାଗି ଏହି ପାସେଞ୍ଜର ହଲ୍ଟର ଗୁରୁତ୍ୱ ଅନେକ। ଗତବର୍ଷ ମାର୍ଚ୍ଚରେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଟ୍ରେନ୍ ଚଳାଚଳ ବନ୍ଦ କରାଯାଇଥିଲା। ଅନ୍‌ଲକ୍ ପରେ ହାତଗଣତି ଦୂରଗାମୀ ଟ୍ରେନ୍ ଚଳାଚଳ କରୁଛି। ଅଦ୍ୟାବଧି ପାସେଞ୍ଜର ଟ୍ରେନ୍ ଚାଲୁ ନ ଥିବାରୁ ବର୍ଷେ ହେଲା ଏହି ଷ୍ଟେଶନ ଯାତ୍ରୀଙ୍କ ସେବାରେ ଆସୁନାହିଁ। ଟିକେଟ୍ କାଉଣ୍ଟରରେ ତାଲା ଝୁଲୁଛି। ବିଶ୍ରାମାଗାର ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଅନ୍ୟପଟେ ବାଧ୍ୟ ହୋଇ ଦୈନିକ ଟ୍ରେନ୍ ଉପରେ ନିର୍ଭରଶୀଳ ଯାତ୍ରୀମାନେ ଅଧିକ ଭଡ଼ା ଦେଇ ବସ୍‌ରେ ଯାଉଛନ୍ତି। ଗାଡ଼ିରେ ଅସମ୍ଭାଳ ଭିଡ଼ ଯୋଗୁ ସିଟ୍ ନ ପାଇ ଠିଆ ହୋଇ ଯାତ୍ରା କରିବାକୁ ପଡୁଛି। ଧୀରେ ଧୀରେ ସବୁ କିଛି ସ୍ୱାଭାବିକ ହେଉଥିବାବେଳେ ସରକାରଙ୍କ ପକ୍ଷରୁ ପାସେଞ୍ଜର ଟ୍ରେନ୍ ଚଳାଚଳକୁ ଅନୁମତି ଦିଆଯାଉନାହିଁ, ଯାହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

#### ଯାତ୍ରୀଙ୍କ ସମସ୍ୟା ବଢୁଛି



"ଶ୍ୟାମାଚରଣପୁର ପାସେଞ୍ଜର ହଲ୍ଟ ଉପରେ ଦୈନିକ ୭୦୦ରୁ ଊର୍ଦ୍ଧ୍ୱ ଯାତ୍ରୀ ନିର୍ଭର କରୁଥିଲେ। କରୋନା ପାଇଁ ଟ୍ରେନ୍ ଚଳାଚଳ ବନ୍ଦ ହୋଇଯିବା ପରେ ଏଠାରେ କୌଣସି ଟ୍ରେନ୍ ଅଟକୁନି। ଷ୍ଟେଶନ ପରିସରରେ ଅସାମାଜିକ ବ୍ୟକ୍ତି ରାଜୁତି କରୁଛନ୍ତି। ଟ୍ରେନ୍ ରହୁ ନ ଥିବାରୁ ଯାତ୍ରୀମାନେ ହନ୍ତସନ୍ତ ହୋଇ ବସ୍‌ରେ ଯିବାଆସିବା କରୁଛନ୍ତି।

-ବିଭୂତି ଭୂଷଣ ପଟ୍ଟନାୟକ
ରାଜସ୍ୱ ଅମଲା ସଂଘ ଜିଲା ସଭାପତି

#### ସରକାର, ରେଳ ବିଭାଗ ଦୃଷ୍ଟି ଦେବା ଉଚିତ



"ପ୍ରାୟ ବର୍ଷେ ହେବ ଶ୍ୟାମାଚରଣପୁର ପାସେଞ୍ଜର ହଲ୍‌ଟରେ ଟ୍ରେନ୍ ରହୁନାହିଁ। ଯାତ୍ରୀ ସେବା ଠପ୍ ହୋଇଯାଇଛି। ପାସେଞ୍ଜର ଟ୍ରେନ୍ ଚଳାଇବା ପାଇଁ ଢେଙ୍କାନାଳ-ଅନୁଗୋଳ ରେଳଯାତ୍ରୀ ସଂଘ ପକ୍ଷରୁ ଦାବି କରାଯାଇଛି। ସରକାର, ରେଳ ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ପ୍ରଦାନ କରିବା ଉଚିତ।

-ରୁଦ୍ର ମାଧବ ମହାପାତ୍ର
ଢେଙ୍କାନାଳ-ଅନୁଗୋଳ ରେଳଯାତ୍ରୀ ସଂଘ ଉପଦେଷ୍ଟା

#### ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିଛୁ



"ପଶ୍ଚିମବଙ୍ଗ, ମହାରାଷ୍ଟ୍ରରେ ଲୋକାଲ ଟ୍ରେନ୍ ଚଳାଚଳ ଆରମ୍ଭ କରିଛି। ଓଡ଼ିଶାରେ ନ ଚାଲିବା ଦୁଃଖର ବିଷୟ। ତାଳଚେର ଅଞ୍ଚଳରୁ ରେଳ ବିଭାଗ ଅଧିକ ରାଜସ୍ୱ ପାଇଥାଏ। କିନ୍ତୁ ଯାତ୍ରୀସେବା ପ୍ରତି ଦୃଷ୍ଟି ଦିଆଯାଉନାହିଁ। ଟ୍ରେନ୍ ଚଳାଚଳ କରିବା ପାଇଁ ପୂର୍ବତଟ ରେଳୱେର ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିଛୁ। ତଥାପି ପଦକ୍ଷେପ ନିଆଯାଉନାହିଁ।

-ବଦ୍ରିନାରାୟଣ ମିଶ୍ର
ଢେଙ୍କାନାଳ-ଅନୁଗୋଳ ରେଳଯାତ୍ରୀ ସଂଘ ସମ୍ପାଦକ

# ୧୫ କି.ମି. ରାସ୍ତା ପାଇଁ ଭିତ୍ତିପ୍ରସ୍ତର



ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ରାସ୍ତାର ଭିତ୍ତିପ୍ରସ୍ତର ଫଳକ ଅନାବରଣ କରୁଛନ୍ତି।

**ଭୁବନ, ୧୪।୩(ଡି.ଏନ.ଏ.)**

- ଖର୍ଚ୍ଚ ହେବ ୭ କୋଟି ୩୭ ଲକ୍ଷ ୭୬ ହଜାର
- କୃଷ୍ଣପୁରରୁ ଛାଟିଆ ସାହିକୁ ସଂଯୋଗ କରିବ

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଜମୁନାକୋଟ ଛକରେ ରବିବାର ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ୧୫କି.ମି. ରାସ୍ତା ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏମ୍‌ପି ମହେଶ ସାହୁ, ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ଅତିଥି ଭାବେ ଯୋଗଦେଇଥିଲେ।

ବ୍ଲକର କୃଷ୍ଣପୁର-ଜମୁନାକୋଟ-କହ୍ନେଇପାଳ-ଛାଟିଆ ସାହିକୁ ଏହି ରାସ୍ତା ସଂଯୋଗ କରିବ। ଏଥିଲାଗି ୭କୋଟି ୩୭ ଲକ୍ଷ ୭୬ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ୫୩ନଂ. ଜାତୀୟ ରାଜପଥ ଦେଇ ଏହି ରାସ୍ତା ନିର୍ମାଣ ହେଉଥିବାରୁ ଅଞ୍ଚଳବାସୀଙ୍କ ଯାତାୟାତ ସୁଗମ ହେବ। ଏଥିସହ ବ୍ୟବସାୟିକ ଉନ୍ନତି ମଧ୍ୟ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଜମୁନାକୋଟ ଅଞ୍ଚଳବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିକାଶମୂଳକ କାର୍ଯ୍ୟରେ ସ୍ଥାନୀୟ ବାସିନ୍ଦାଙ୍କ ସହଭାଗିତା ନିହାତି ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ନକାରାତ୍ମକ ଚିନ୍ତାଧାରା ବଦଳାଇ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ କରିବାକୁ ଏମ୍‌ପି ସାହୁ ପରାମର୍ଶ ଦେଇଛନ୍ତି।

# ଡକାୟତି ଘଟଣା, ଜଣେ ଗିରଫ

**ଅନୁଗୋଳ ଅଫିସ,୧୪।୩**

ଏକ ଡକାୟତି ମାମଲାରେ ଫେରାର ଥିବା ଅମଲାପଡ଼ାର ଅନିରୁଦ୍ଧ ବେହେରା (୩୨)ଙ୍କୁ ରବିବାର ଅନୁଗୋଳ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ନାମରେ ପୂର୍ବରୁ ଏକ ଡକାୟତି ମାମଲା ଥିଲା। ସେ ଦୀର୍ଘଦିନ ହେଲା ଫେରାର ଥିଲେ ବୋଲି ପୋଲିସ ସୂଚନା ଦେଇଛି।

# ୧୦୮ ହନୁମାନ ଚାଳିଶା ପାଠ

**ଢେଙ୍କାନାଳ ଅଫିସ, ୧୪।୩**

ମୀନ ସଂକ୍ରାନ୍ତି ଅବସରରେ ଢେଙ୍କାନାଳ ବସ୍‌ଷ୍ଟାଣ୍ଡ ଗୋଲେଇ ଛକ ନିକଟସ୍ଥ ହନୁମାନ ବାଟିକା ପରିସରରେ ରବିବାର ୧୦୮ ହନୁମାନ ଚାଳିଶା ପାଠ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ ପୂଜାର୍ଚ୍ଚନା ପରେ ହନୁମାନ ଚାଳିଶା ପାଠ ଆରମ୍ଭ ହୋଇଥିଲା। ସଦର ବ୍ଲକ କାକୁଡ଼ିଭାଗ ପଞ୍ଚାୟତର ଗୁହାଳଡ଼ିହ ହରିବୋଲ ମଠର ମହନ୍ତ ଭଗବାନ ଦାସଜୀ ମହାରାଜ ମୁଖ୍ୟବ୍ୟାସ ଭାବେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବେଗୁନିଆପାଳ ଭଜନସନ୍ଧ୍ୟା କୀର୍ତ୍ତନମଣ୍ଡଳୀ ବାଦ୍ୟ ସହଯୋଗୀ ଭାବେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅପରାହ୍ନ ୧ଟାରେ ଆୟୋଜିତ ପ୍ରସାଦସେବନ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।



ହନୁମାନ ଚାଳିଶା ପାଠ କରାଯାଉଛି।

# ପାଲା ମାଧ୍ୟମରେ ବନାଗ୍ନି ସଚେତନତା

**ବଇଣ୍ଡା, ୧୪।୩(ଡି.ଏନ.ଏ.)**

ଆଠମଲ୍ଲିକ ଏବଂ କିଶୋରନଗର ବ୍ଲକର ହଣ୍ଡପା, ଧଣ୍ଡାତୋପା ରେଞ୍ଜର ରାଇନାଳି, ରାଣୀବନ୍ଧ, ବାଦୀବାହଳ, କେଞ୍ଝୁଆନାଳୀ, ଜମ୍ବୁନାଳି, କଣ୍ଟେଇକୋଳିଆ, ଇଚ୍ଛାପୁର, ବନ୍ତଲୁ, ଲକ୍ଷ୍ମୀପୁର ଜଙ୍ଗଲ କିଛିଦିନ ହେଲା ଜଳୁଛି। ଜଙ୍ଗଲକୁ ବନାଗ୍ନି କବଳରୁ ସୁରକ୍ଷିତ ରଖିବା ଲାଗି ପାଲା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବିଶ୍ୱଯୁବ କେନ୍ଦ୍ର ଆନୁକୂଲ୍ୟରେ ପାଲା କଳାକାର ମୋହନ ମିଶ୍ର, ବିନୟ ସ୍ୱାଇଁ, ରଘୁନାଥ ବେହେରା, ରାକେଶ ମିଶ୍ର ପ୍ରମୁଖ ବିଭିନ୍ନ ଗ୍ରାମରେ ସଚେତନତା ବାଣ୍ଟୁଛନ୍ତି। ବଣିନାଳୀ, କଣ୍ଟେଇକୋଳିଆ, ମାଧପୁର, ବାଲିଆମ୍ବ, ଗୁଣ୍ଡୁରୀଝରଣ, ବିଡିଶିଙ୍ଗୀ, ଟକବା, ରାଇନାଳି, ଧଣ୍ଡାତୋପା ସମେତ ୩୫ ଗ୍ରାମରେ ପାଲା ପରିବେଷଣ କରାଯାଇଛି। ଜଙ୍ଗଲରେ ନିଆଁ ଉତ୍ତାପ ବୃଦ୍ଧିର କାରଣ। ଏହାଦ୍ୱାରା ଜୈବ ବିବିଧତା ଉପରେ କୁପ୍ରଭାବ ପଡୁଛି। ନିଆଁ ଉଡ଼ି ଘର ଜଳିଯାଉଛି। ଜଙ୍ଗଲ ଛାରଖାର ହେଲେ ଜୀବଜଗତକୁ ବିପଦ ମାଡ଼ି ଆସିବ। ବର୍ଷାରେ ବାଧକ ସୃଷ୍ଟି ହେବ। ତେଣୁ ନିଜସ୍ୱ ସ୍ୱାର୍ଥ ପାଇଁ ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ପାଲା ମାଧ୍ୟମରେ ସଚେତନତା କରାଯାଉଛି।



ପାଲା ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଉଛି।

# ଫାଇନାଲରେ ତାଳଚେରକୁ ଭେଟିବ କଟକ

**ପରଜଙ୍ଗ, ୧୪।୩(ଡି.ଏନ.ଏ.)**

**ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ**

ଢେଙ୍କାନାଳ ଜିଲା ପରଜଙ୍ଗ ମିନିଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଏନ୍‌ଆର୍‌ସିଏ ନାଲ୍‌କୋକୁ ହରାଇ କଟକ ଆର୍‌ସିସି ୱିଙ୍ଗଷ୍ଟାର ବିଜୟୀ ହୋଇଛି। ସୋମବାର ଫାଇନାଲ ମ୍ୟାଚ୍‌ରେ କଟକ ପ୍ରତିପକ୍ଷ ତାଳଚେରକୁ ଏଫ୍‌ସିସିକୁ ଭେଟିବ।

ରବିବାର ଆୟୋଜିତ ମ୍ୟାଚ୍‌ରେ କଟକ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭର ମଧ୍ୟରୁ ୨୩ ଓଭର ଖେଳି ୧୭୨ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ନାଲ୍‌କୋ ୨୫ ଓଭରରେ ୫ ଉଇକେଟ ହରାଇ ୧୬୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବିଜୟୀ କଟକ ଦଳର କ୍ଷମାସାଗର ବଳ 'ମ୍ୟାନ ଅଫ ଦି ମ୍ୟାଚ' ବିବେଚିତ ହୋଇଥିଲେ। ବିଭୂତି ଭୂଷଣ ଭଞ୍ଜ ଏବଂ ପ୍ରକାଶ ସେଠୀ ଖେଳ ପରିଚାଳନା କରିଥିଲେ। ଶାନ୍ତିସ୍ୱରୂପ ତ୍ରିପାଠୀ ଧାରାବିବରଣୀ ଦେଇଥିବାବେଳେ ସଂଗ୍ରାମ ଦଳବେହେରା ସ୍କୋରର ରହିଥିଲେ। ଖେଳ ଦେଖିବାକୁ ବହୁ କ୍ରୀଡ଼ାପ୍ରେମୀଙ୍କ ସମାଗମ ହୋଇଥିଲା।



ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

# ମୃଦଙ୍ଗ ତାନ ମୋହୁଛି ମନ

**କାମାକ୍ଷାନଗର, ୧୪।୩(ଡି.ଏନ.ଏ.)**

ମୃଦଙ୍ଗଟିଏ ପାଇଲେ ସେ ହୋଇଯାଆନ୍ତି ଆନମନା। ତାଙ୍କ ସୂକ୍ଷ୍ମ ହସ୍ତଚାଳନାରେ କଥା କୁହେ ଏହି ପାରମ୍ପରିକ ବାଦ୍ୟ। ହରେକୃଷ୍ଣ ହରେରାମ ହେଉ କି ଆଧୁନିକ ସଙ୍ଗୀତ, ଗୀତର ତାଳେ ତାଳେ ମୃଦଙ୍ଗ ବାଦନ କରି ଅଳ୍ପ ସମୟରେ ସୃଷ୍ଟି କରନ୍ତି ମନୋରଞ୍ଜନଧର୍ମୀ ପରିବେଶ। ମାତ୍ର ୯ବର୍ଷ ବୟସରେ ଏଭଳି ପ୍ରତିଭା ପାଇଁ ପ୍ରଶଂସା ସାଉଁଟୁଛନ୍ତି ଶିଶୁ ବାଦ୍ୟକାର ସାଗର ବେହେରା।



- ସଂକୀର୍ତ୍ତନମଣ୍ଡଳୀର ଶିଶୁ ବାଦ୍ୟକାର ସାଗର
- ବିନା ଗୁରୁରେ ଆୟତ୍ତ କରିଛନ୍ତି କୌଶଳ
- ୯ ବର୍ଷ ବୟସରେ ସାଉଁଟୁଛନ୍ତି ପ୍ରଶଂସା

ବିନାଗୁରୁରେ ମୃଦଙ୍ଗକୁ କରିଛନ୍ତି ଆୟତ୍ତ। ତାହା ବି ମାତ୍ର ୯ ବର୍ଷ ବୟସରେ। ଯେଉଁ ସମୟରେ ସାଙ୍ଗସାଥୀଙ୍କ ମେଳରେ ଖେଳିବୁଲିବା କଥା, ସେହି ବୟସରେ ଏଭଳି ଚମତ୍କାରିତା କରି ଦେଖାଇଛନ୍ତି ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ରାୟନୃସିଂହପୁର ପଞ୍ଚାୟତ ଅନ୍ତର୍ଗତ କମଗରାପାଟଣାର ସାଗର ବେହେରା। ମୃଦଙ୍ଗବାଦନରେ ଦକ୍ଷତା ହାସଲ କରିଥିବାବେଳେ ଏହି ଶିଶୁ ବାଦ୍ୟକାର ଏବେ ଗ୍ରାମର ମହିଳା ସଂକୀର୍ତ୍ତନ ମଣ୍ଡଳୀର ନିୟମିତ ସଦସ୍ୟ ପାଲଟିଛନ୍ତି ଏବଂ ବିଭିନ୍ନ ସ୍ଥାନରେ ସଂକୀର୍ତ୍ତନ ପରିବେଷଣ କରି ସାଉଁଟୁଛନ୍ତି ପ୍ରଶଂସା।

କମଗରାପାଟଣାର କାର୍ତ୍ତିକ ବେହେରା ଏବଂ ଅମୃତି ବେହେରାଙ୍କ ୨ ସନ୍ତାନ ମଧ୍ୟରେ ସାଗର ହେଉଛନ୍ତି ସାନ। ଝିଅ ସ୍ୱାଗତିକା ୯ମ ଶ୍ରେଣୀର ଛାତ୍ରୀ ହୋଇଥିବାବେଳେ ସାଗର ପଢୁଛନ୍ତି ୪ର୍ଥରେ। ବାପା କାର୍ତ୍ତିକ ଦିନ ମଜୁରିଆ। ଖଟିଲେ ପରିବାର ଚଳେ। ଏପରିସ୍ଥଳେ ଗରିବ ପରିବାର ପାଇଁ ଆଶାର କିରଣ ସାଜିଛନ୍ତି ସାଗର। ପୁଅର ପ୍ରତିଭା ସମ୍ପର୍କରେ ଅମୃତି କୁହନ୍ତି, ତୁଳସୀ ଦୁଇପତ୍ରରୁ ବାସିବା ପରି ପିଲାଟିଦିନରୁ ପୁଅ ଭିତରେ ଥିବା ପ୍ରତିଭା ଲୋକଲୋଚନକୁ ଆସିଥିଲା। ଦୁଇବର୍ଷ ତଳେ ସେ ସଂକୀର୍ତ୍ତନମଣ୍ଡଳୀ ସଂସ୍ପର୍ଶରେ ଆସିଥିଲେ। ମୃଦଙ୍ଗ ପ୍ରତି ଦୁର୍ବଳତା ଥିବାରୁ ଏହାକୁ ବଜାଇବା ଆରମ୍ଭ କରିଥିଲେ। ଧୀରେ ଧୀରେ ଏଥିରେ ଦକ୍ଷତା ବଢ଼ିଲା। ଏବେ ଗ୍ରାମର ମହିଳା ସଂକୀର୍ତ୍ତନମଣ୍ଡଳୀର ସଦସ୍ୟ ପାଲଟିଯାଇଛନ୍ତି ସାଗର। ସେମାନଙ୍କ ସହ ବିଭିନ୍ନ ସ୍ଥାନକୁ ଯାଉଛନ୍ତି। ଜିଲାର ୨୦ରୁ ଊର୍ଦ୍ଧ୍ୱ ଗ୍ରାମରେ ସଂକୀର୍ତ୍ତନ ପରିବେଷଣ କରି ସେ ବହୁ ପୁରସ୍କାର ଜିତିଛନ୍ତି। ଆର୍ଥିକ ଅନଟନ ଭିତରେ ଇଚ୍ଛା ଥିଲେ ବି ପୁଅ ପାଇଁ ମୃଦଙ୍ଗଟିଏ କିଣିବା ସମ୍ଭବପର ହୋଇପାରି ନ ଥିବା ଅମୃତି କହିଛନ୍ତି। ବାପା କାର୍ତ୍ତିକ କୁହନ୍ତି, ପୁଅର ମୃଦଙ୍ଗ ବଜାଇବା ଇଚ୍ଛା ଦେଖି ତାକୁ ଜଣେ ଭଲ ଗୁରୁଙ୍କ ନିକଟରେ ଶିଖାଇବା ପାଇଁ ଆଶା ରଖିଛି। ହେଲେ ଏଥିରେ ଅର୍ଥ ବାଧକ ସାଜିଛି। ସେ ଯେଉଁଆଡ଼େ ଯାଏ, ଶହେ ଦୁଇଶହ ଟଙ୍କା ପୁରସ୍କାର ଆଣିଥାଏ। ସେହି ଟଙ୍କା ବି ଘର ଖର୍ଚ୍ଚରେ ଚାଲିଯାଉଛି। କୌଣସି ଅନୁଷ୍ଠାନ କିମ୍ବା ବ୍ୟକ୍ତି ମୃଦଙ୍ଗ ବାଦ୍ୟଟିଏ ପାଇଁ ସହଯୋଗ କରିବାକୁ କାର୍ତ୍ତିକ ନିବେଦନ କରିଛନ୍ତି। ନିଜ ପ୍ରତିକ୍ରିୟାରେ ସାଗର କୁହନ୍ତି, ବୟସ ଅନୁପାତରେ ମୃଦଙ୍ଗ ବଡ଼। ତେଣୁ ବଜାଇବାରେ ସାମାନ୍ୟ କଷ୍ଟ ହୁଏ। ତଥାପି ଆପେ ଆପେ ମୃଦଙ୍ଗ ବଜାଇବା ଲାଗି ହାତ ଚାଲିଯାଏ। କେବଳ ମୃଦଙ୍ଗ ନୁହେଁ, ଜଣେ ସଫଳ ବାଦ୍ୟକାର ହେବାକୁ ସେ ଇଚ୍ଛା ରଖିଛନ୍ତି। ଏବେ ନ ହେଲେ ବି ଭବିଷ୍ୟତରେ ସେ ଏହା କରି ଦେଖାଇବେ ବୋଲି କହିଛନ୍ତି।

**ମୁଦ୍ରାନୀତି ତ୍ୱରିତ ପରିବର୍ତ୍ତନକୁ ନେଇ ସତର୍କ କଲେ ରାଜନ**

ମୁଦ୍ରାନୀତିରେ ତ୍ୱରିତ ପରିବର୍ତ୍ତନ ନେଇ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ସତର୍କ କରାଇଛନ୍ତି। ଏପରି କରିବା ଦ୍ୱାରା ବଣ୍ଡ୍ ମାର୍କେଟ ଗଭୀର ଭାବେ ପ୍ରଭାବିତ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ପ୍ରଭାବିତ ହୋଇପାରେ ବ୍ୟାଙ୍କ ସେବା




- ୟୁଏଫ୍‌ବିୟୁ ପକ୍ଷରୁ ସୋମବାର, ମଙ୍ଗଳବାର ଧର୍ମଘଟ ଡାକରା
- ସାମିଲ ହେବେ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ
- ଘରୋଇକରଣକୁ ବିରୋଧ

**ନୂଆଦିଲ୍ଲୀ,୧୪।୩**

ସୋମବାର ଏବଂ ମଙ୍ଗଳବାର ୨ ଦିନ ସାରା ଦେଶରେ ବ୍ୟାଙ୍କ ସେବା ବାଧାପ୍ରାପ୍ତ ହୋଇପାରେ। ୟୁନାଇଟେଡ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ୍ସ (ୟୁଏଫ୍‌ବିୟୁ) ପକ୍ଷରୁ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଥିବାରୁ ବ୍ୟାଙ୍କ ସେବାରେ ଏଭଳି ବାଧା ଆସିବ ବୋଲି ଆଶଙ୍କା କରାଯାଉଛି। ୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଘରୋଇକରଣକୁ ସଂଘଗୁଡିକ ବିରୋଧ କରୁଛନ୍ତି। କର୍ମଚାରୀମାନେ ଧାରଣା ଦେବାକୁ ଥିବାରୁ ବ୍ୟାଙ୍କ ଶାଖାଗୁଡିକରେ ଉଠାଣ, ଜମା, ଚେକ୍ କ୍ଲିୟରାନ୍ସ ଏବଂ ଋଣ ମଞ୍ଜୁରୀ ଭଳି କାର୍ଯ୍ୟ ପ୍ରଭାବିତ ହେବା ନେଇ ଆଶଙ୍କା କରାଯାଉଛି।

ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କ ୯ ସଂଘର ଛାମୁଆ ସଙ୍ଗଠନ ୟୁଏଫ୍‌ବିୟୁ ସୂଚନା ମୁତାବକ, ୧୦ ଲକ୍ଷ କର୍ମଚାରୀ ଧର୍ମଘଟରେ ସାମିଲ ହେବେ। ଧର୍ମଘଟରେ କର୍ମଚାରୀ ବହୁ ମାତ୍ରାରେ ଯଦି ସାମିଲ ହୁଅନ୍ତି ତେବେ ବ୍ୟାଙ୍କ ସେବା ବାଧାପ୍ରାପ୍ତ ହେବା ନେଇ ଏସ୍‌ବିଆଇ ଏହାର ଗ୍ରାହକଙ୍କୁ ଅବଗତ କରାଇ ଦେଇଛି। ବ୍ୟାଙ୍କ ଶାଖା ଏବଂ କାର୍ଯ୍ୟାଳୟ ଯେଭଳି ଠିକ୍ ଭାବେ କାର୍ଯ୍ୟ କରିବ ତାକୁ ଧ୍ୟାନରେ ରଖାଯାଉଛି ବୋଲି ଏସ୍‌ବିଆଇ କହିଛି। ଗତ ମାସରେ ଆସିଥିବା ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଘୋଷଣା କରିଥିଲେ ଯେ, ସରକାରଙ୍କ ପୁଞ୍ଜି ପ୍ରତ୍ୟାହାର ଯୋଜନା ମୁତାବକ, ୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଘରୋଇକରଣ କରାଯିବ।

ସୂଚନାଯୋଗ୍ୟ, ସରକାର ଆଇଡିବିଆଇ ବ୍ୟାଙ୍କକୁ ଘରୋଇକରଣ କରିସାରିଛନ୍ତି। ଏହି ବ୍ୟାଙ୍କରେ ରହିଥିବା ଅଧିକାଂଶ ଅଂଶଧନକୁ ସରକାର ଏଲ୍‌ଆଇସିକୁ ୨୦୧୯ରେ ବିକ୍ରି କରିଦେଇଥିଲେ। ଗତ ୪ ବର୍ଷରେ ୧୪ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ମିଶ୍ରଣ କରାଯାଇଛି। ଅତିରିକ୍ତ ମୁଖ୍ୟ ଶ୍ରମ ଆୟୁକ୍ତଙ୍କ ସହ ହୋଇଥିବା ବୈଠକରେ କୌଣସି ନିଷ୍କର୍ଷ ନ ବାହାରିବାକୁ ବାଧ୍ୟ ହୋଇ ଧର୍ମଘଟକୁ ଓହ୍ଲାଉଥିବା ସର୍ବଭାରତୀୟ ବ୍ୟାଙ୍କ କର୍ମଚାରୀ ସଂଘ(ଏଆଇବିଇଏ)ସାଧାରଣ ସମ୍ପାଦକ ସି.ଏଚ୍. ଭେଙ୍କଟଚଲମ କହିଛନ୍ତି। ବର୍ତ୍ତମାନ ୟୁଏଫ୍‌ବିୟୁରେ ଏଆଇବିଇଏ, ଏଆଇବିଓସି, ଏନ୍‌ସିବିଇ, ଏଆଇବିଓଏ, ବିଇଏଫ୍‌ଆଇ ସଂଘ ରହିଛନ୍ତି। ସେହିଭଳି ଅନ୍ୟ ସଙ୍ଗଠନଗୁଡିକ ମଧ୍ୟରେ ଆଇଏନ୍‌ବିଇଏଫ୍, ଆଇଏନ୍‌ବିଓସି, ଏନ୍‌ଓବିଡବ୍ଲ୍ୟୁ ଏବଂ ଏନ୍‌ଓବିଓ ରହିଥିବା ଜଣାପଡିଛି।

## ସଂକ୍ଷେପରେ

### ଅର୍ଥ ବ୍ୟବସ୍ଥାରେ ଭି ଆକୃତିର ସୁଧାର



**ମୁମ୍ବାଇ,୧୪।୩:** ଅର୍ଥ ବ୍ୟବସ୍ଥାର ବିଭିନ୍ନ କ୍ଷେତ୍ରରେ ଭି ଆକୃତିର ସୁଧାର ପରିଲକ୍ଷିତ ହେଉଛି। ବିଭିନ୍ନ କ୍ଷେତ୍ରରେ ସବୁଜ ସଙ୍କେତ ଦେଖିବାକୁ ମିଳୁଥିବା ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ସେ କହିଛନ୍ତି, ଭାରତୀୟ ବଜାରରେ ବିଦେଶୀ ପୋର୍ଟଫୋଲିଓ ପୁଞ୍ଜି ନିବେଶକ (ଏଫ୍‌ପିଆଇ) ଫେବୃୟାରୀରେ ୨୫,୭୮୭ କୋଟି ଟଙ୍କା ନିବେଶ କରିଛନ୍ତି। ୨ ତ୍ରୈମାସ ଧରି ଜିଡିପି ଖସିବା ପରେ ଅକ୍ଟୋବର-ଡିସେମ୍ବର ତ୍ରୈମାସରେ ଏହା ୦.୪% ଅଭିବୃଦ୍ଧି ହାସଲ କରିଛି। ଗତ କିଛିମାସ ଧରି ବିଦେଶୀ ମୁଦ୍ରାଭଣ୍ଡାରରେ ଧୀରେ ଧୀରେ ବୃଦ୍ଧି ପରିଲକ୍ଷିତ ହୋଇଛି। ଏହା ୨୦୨୧ ଜାନୁୟାରୀରେ ୫୯୦ ବିଲିୟନ ଡଲାର ସ୍ତରରେ ରହିଥିଲା। ଗତ ୮ ମାସରେ ବିଦେଶୀ ମୁଦ୍ରା ଭଣ୍ଡାର ୧୦୦ ବିଲିୟନ ଡଲାର ବଢିଛି। ଭାରତର ଅଭିବୃଦ୍ଧିକୁ ନଜରରେ ରଖି ବିଦେଶୀ ନିବେଶକମାନେ ଭାରତ ଉପରେ ଆଶା ପ୍ରକଟ କରୁଥିବା ସେ ମତ ପ୍ରକାଶ କରିଛନ୍ତି।

### ଭାରତ ଇ-ଭେଣ୍ଡର ଆପ୍‌ରେ ୩୦ ହଜାର ସେଲର

**ମୁମ୍ବାଇ,୧୪।୩:** ସର୍ବଭାରତୀୟ ବ୍ୟବସାୟୀ ମହାସଂଘ (ସିଏଆଇଟି) ପକ୍ଷରୁ ଲଞ୍ଚ ହୋଇଥିବା ଭାରତ ଇ-ଭେଣ୍ଡର ଆପ୍‌ରେ ୩୦ ହଜାର ସେଲର ଯୋଡି ହୋଇଛନ୍ତି। ଶୀଘ୍ର ଭାରତ ଇ-ମାର୍କେଟ ଆପ୍ଲିକେଶନକୁ ସିଏଆଇଟି ଶୁଭାରମ୍ଭ କରିବ। ୨୪ ଘଣ୍ଟାରୁ କମ୍ ସମୟ ମଧ୍ୟରେ ଏଭଳି ରେସପନ୍ସ ଲାଭ କରିଥିବା ସିଏଆଇଟି ପ୍ରକାଶ କରିଛି। ସିଏଆଇଟି ସଭାପତି ବି.ସି. ଭାରତୀୟା କହିଛନ୍ତି, ଏଭଳି ରେସପନ୍ସକୁ ଦେଖି ଅତ୍ୟନ୍ତ ଖୁସି। ଏହାକୁ ଦେଖିଲେ ଜଣାପଡୁଛି ଯେ, ବିଦେଶୀ ଇ-କମର୍ସ କମ୍ପାନୀଗୁଡିକ ଭାରତୀୟ ସେଲରଙ୍କୁ ଠିକ୍ ସୁଯୋଗ ଦେଉନାହାନ୍ତି। ଭାରତ ଇ-ମାର୍କେଟ ପୋର୍ଟାଲ ଲାଗି ୪୦ ଟ୍ରେଡ ଲିଡରଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ଚୟନ କରାଯାଇଥିବା ଭାରତୀୟା କହିଛନ୍ତି। ଭାରତ ଇ-ମାର୍କେଟ ଲାଗି ସିଏଆଇଟି ମଙ୍ଗଳବାର ଭେଣ୍ଡର ଅନବୋର୍ଡିଂ ମୋବାଇଲ ଆପ୍ଲିକେଶନ ଶୁଭାରମ୍ଭ କରିଥିଲା। ଏଥିରେ ରେଜିଷ୍ଟର କରି ବିଜ୍‌ନେସ ଏବଂ ସର୍ଭିସ ପ୍ରୋଭାଇଡରମାନେ ନିଜର ଇ-ଦୋକାନ ଖୋଲିପାରିବେ। ପୋର୍ଟାଲ ସମ୍ପୂର୍ଣ୍ଣ ସ୍ୱଦେଶୀ ହୋଇଥିବା ବେଳେ ଦେଶର ସମସ୍ତ ନିୟମକୁ ପାଳନ କରିବ। ଉଲ୍ଲେଖଯୋଗ୍ୟ, ବିଦେଶୀ କମ୍ପାନୀଗୁଡିକ ବିଭିନ୍ନ ନିୟମ ଉଲ୍ଲଂଘନ କରୁଥିବା ସଂଘ ଅଭିଯୋଗ ଆଣୁଛି।

### ୧.୩୭ ଲକ୍ଷ କୋଟି କମିଲା ନିବେଶକଙ୍କ ସମ୍ପତ୍ତି



**ନୂଆଦିଲ୍ଲୀ,୧୪।୩:** ଶୁକ୍ରବାର ଶେୟାର ବଜାର କାରବାର ଖସିବା ଯୋଗୁ ନିବେଶକଙ୍କ ସମ୍ପତ୍ତି ୧.୩୭ ଲକ୍ଷ କୋଟି ଟଙ୍କା ହ୍ରାସ ହୋଇଛି। ୩୦ ଶେୟାରବିଶିଷ୍ଟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ୪୮୭.୪୩ ପଏଣ୍ଟ ନିମ୍ନରେ ରହିବା ଯୋଗୁ ୫୦,୭୯୨ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଫଳରେ ବିଏସ୍‌ଇ ସୂଚୀଭୁକ୍ତ କମ୍ପାନୀଙ୍କ ବଜାର ପୁଞ୍ଜୀକରଣ ୧.୩୭ ଲକ୍ଷ କୋଟି ଟଙ୍କା ହ୍ରାସ ହୋଇଛି। ବଣ୍ଡ୍‌ରେ ଅଧିକ ଲାଭ ମିଳିବା ଆଶାରେ ନିବେଶକ ଶେୟାର ବଜାରରୁ ଶେୟାର ବିକିବା ଫଳରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ଏହି ସମୟରେ ବଜାଜ ଅଟୋର ଶେୟାର କାରବାର ୩.୧୦% ହ୍ରାସ ହୋଇଛି। ସେହିଭଳି ମାରୁତି, ଆଇସିଆଇସିଆଇ ବ୍ୟାଙ୍କ, ସନ୍ ଫାର୍ମା, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଏବଂ ଅଲଟ୍ରାଟେକ ସିମେଣ୍ଟ ଶେୟାର କାରବାର ମଧ୍ୟ ଖସିଛି। ଏହାବାଦ ପାୱାରଗ୍ରୀଡ, ଟାଇଟାନ, ଓଏନ୍‌ଜିସି, ଇନ୍‌ଫୋସିସ, ବଜାଜ ଫାଇନାନ୍ସ ଲିମିଟେଡର ଶେୟାର କାରବାର ୨.୨୮% ବୃଦ୍ଧି ପାଇଛି। ବିଏସ୍‌ଇର ମିଡକ୍ୟାପ ସୂଚକାଙ୍କ ୦.୪୫% କମିଥିବା ବେଳେ ସ୍ମଲ କ୍ୟାପ ୦.୧୪% ବଢିଛି। ବିଏସ୍‌ଇର ଅଟୋ, ଏନର୍ଜି, ବ୍ୟାଙ୍କ, ଫାଇନାନ୍ସ ଏବଂ ଏଫ୍‌ଏମ୍‌ସିଜି ଶେୟାର ୧.୬୦% ନିମ୍ନରେ ରହିଛି।

# କୋଭିଡ୍ ନିୟମ ନ ମାନିଲେ କାର୍ଯ୍ୟାନୁଷ୍ଠାନ



**ବିମାନଯାତ୍ରୀଙ୍କ ପାଇଁ ଡିଜିସିଏର ନିର୍ଦ୍ଦେଶ**

**ନୂଆଦିଲ୍ଲୀ,୧୪।୩**

ବିମାନଯାତ୍ରୀଙ୍କ ଲାଗି ମାସ୍କ ନିୟମ କଡ଼ାକଡ଼ି କରିବାକୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପଦକ୍ଷେପ ନେଇଛି। ଯେଉଁ ଯାତ୍ରୀ ମାସ୍କ ପିନ୍ଧୁ ନାହାନ୍ତି ସେମାନଙ୍କୁ ବିମାନ ବନ୍ଦର ମଧ୍ୟକୁ ପ୍ରବେଶ କରାଇବା ଉପରେ କଟକଣା ଲାଗୁ କରିବାକୁ ନିର୍ଦ୍ଦେଶାଳୟ ପକ୍ଷରୁ ନିରାପତ୍ତା ଏଜେନ୍ସିଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ନୂଆ ଗାଇଡଲାଇନ ମୁତାବକ ଯେଉଁ ଯାତ୍ରୀ ମାସ୍କ ପିନ୍ଧିବାକୁ ଅଗ୍ରାହ୍ୟ କରିବେ ବିମାନ ଉଡିବା ଆଗରୁ ତାଙ୍କୁ ବିମାନରୁ ବାହାର କରିଦିଆଯିବ। ବାରମ୍ବାର ତାଗିଦ ପରେ ଯଦି ଯାତ୍ରୀ ଏହାକୁ ଧ୍ୟାନ ଦେଉନାହାନ୍ତି ତେବେ ଏହାକୁ ନିୟମ ଉଲ୍ଲଂଘନ ବୋଲି ବିଚାର କରାଯିବ। ଯାତ୍ରୀ ମାସ୍କ ଠିକ୍ ଭାବେ ଲଗାଇବେ ଏବଂ ବିମାନ ବନ୍ଦର ମଧ୍ୟରେ ସାମାଜିକ ଦୂରତ୍ୱ ନିୟମ ପାଳନ କରିବେ। ସମସ୍ତ ବିମାନ କମ୍ପାନୀଙ୍କୁ ଏ ନେଇ ଅବଗତ କରାଯାଇଛି। ବିମାନ ଯାତ୍ରା ସମୟରେ କୋଭିଡ୍-୧୯ ନିୟମକୁ ଯାତ୍ରୀମାନେ ଯେଭଳି ପାଳନ କରନ୍ତି ସେ ନେଇ ସମସ୍ତ ଅଂଶୀଦାର ଧ୍ୟାନ ଦେବାକୁ ଡିଜିସିଏ ଏହାର ସର୍କୁଲାରରେ ସ୍ପଷ୍ଟ କରିଛି। ନିୟମ ପାଳନ କରୁ ନ ଥିବା ଯାତ୍ରୀଙ୍କ ଲାଗି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସର୍କୁଲାରରୁ ଜଣାପଡିଛି।

# ପ୍ରବାସୀଙ୍କୁ ମିଳିବ ପିଡିଏସ୍ ରାଶନ

**ମେରା ରାଶନ ମୋବାଇଲ ଆପ୍ ଆରମ୍ଭ**



**ନୂଆଦିଲ୍ଲୀ,୧୪।୩**

ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ପ୍ରବାସୀ ଶ୍ରମିକଙ୍କୁ ରାଶନ ଯୋଗାଣ ଧାରାକୁ ତ୍ୱରାନ୍ୱିତ କରିବା ଲାଗି ନୂଆ ପଦକ୍ଷେପ ହାତକୁ ନେଇଛନ୍ତି। ଏହି ପଦକ୍ଷେପ ଅନ୍ତର୍ଗତ କେନ୍ଦ୍ର ସରକାର ମେରା ରାଶନ ମୋବାଇଲ ଆପ୍ଲିକେଶନର ଶୁଭାରମ୍ଭ କରିଛନ୍ତି। ଏହା ଦ୍ୱାରା ବିଶେଷ କରି ପ୍ରବାସୀ ଶ୍ରମିକମାନେ ଲାଭବାନ ହୋଇପାରିବେ। ନ୍ୟାଶନାଲ ଇନଫରମେଟିକ୍ସ ସେଣ୍ଟର (ଏନ୍‌ଆଇସି) ପକ୍ଷରୁ ଏହି ମୋବାଇଲ ଆଣ୍ଡ୍ରଏଡ ଆପ୍ଲିକେଶନକୁ ଶୁଭାରମ୍ଭ କରାଯାଇଛି। ବର୍ତ୍ତମାନ ଏହା ହିନ୍ଦୀ ଏବଂ ଇଂଲିଶରେ ଉପଲବ୍ଧ ହେଉଥିବା ବେଳେ ପର୍ଯ୍ୟାୟକ୍ରମେ ଅନ୍ୟ ୧୪ଟି ଭାଷାରେ ଉପଲବ୍ଧ ହେବ।

ଉଲ୍ଲେଖଯୋଗ୍ୟ, ଜାତୀୟ ଖାଦ୍ୟ ନିରାପତ୍ତା ଆଇନ (ଏନ୍‌ଏଫ୍‌ଏସ୍‌ଏ) ସରକାର ଉଚ୍ଚ ସବ୍‌ସିଡି ହାରରେ ୮୧ କୋଟି ଲୋକଙ୍କୁ କିଲୋପ୍ରତି ୧ରୁ ୩ ଟଙ୍କାରେ ଖାଦ୍ୟଶସ୍ୟ ଯୋଗାଇ ଦେଉଛନ୍ତି। ଏମାନେ ସମସ୍ତେ ସାଧାରଣ ବଣ୍ଟନ ବ୍ୟବସ୍ଥାର ପରିସରଭୁକ୍ତ। ୱାନ ନେଶନ ୱାନ ରାଶନ କାର୍ଡ ବ୍ୟବସ୍ଥା ଅଧୀନରେ ୩୨ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ରାଶନ କାର୍ଡ ପୋର୍ଟାବିଲିଟି ସୁବିଧା କରାଯାଇଛି। ନୂଆ ବ୍ୟବସ୍ଥାର ଶୁଭାରମ୍ଭ ପରେ ଖାଦ୍ୟ ସଚିବ ସୁଧାଂଶୁ ପାଣ୍ଡେ କହିଛନ୍ତି, ପ୍ରବାସୀ ଶ୍ରମିକଙ୍କୁ ଉଚିତ ମୂଲ୍ୟରେ ସେବା ଯୋଗାଣ ଲକ୍ଷ୍ୟ ନେଇ ଏଭଳି ଏକ ସୁବିଧା ହାତକୁ ନିଆଯାଇଛି। ମୋବାଇଲ ଆପ୍‌ରେ ପ୍ରବାସୀମାନେ ସେମାନଙ୍କ ତଥ୍ୟ ଦେଇ ପଞ୍ଜୀକୃତ ହୋଇପାରିବେ। ପରେ ସିଷ୍ଟମ ଅନୁସାରେ ତାଙ୍କୁ ଖାଦ୍ୟଶସ୍ୟ ଯୋଗାଣ କରାଯିବ। ଆଧାର ଏବଂ ରାଶନ କାର୍ଡ ନମ୍ବର ଦେଇ ଏହାକୁ ଲଗ୍‌ଇନ କରାଯାଇପାରିବ। ସରକାର ପ୍ରତି ବ୍ୟକ୍ତିଙ୍କୁ ମାସିକ ୫ କିଲୋ ଖାଦ୍ୟଶସ୍ୟ ୫.୪ ଲକ୍ଷ ରାଶନ ଶପ୍‌ରେ ଯୋଗାଇ ଦେଉଛନ୍ତି।

# ମହିଳାଙ୍କୁ ପ୍ରୋତ୍ସାହିତ କରୁଛି ବିଆଇପିଏଫ୍



**ଭୁବନେଶ୍ୱର,୧୪।୩**

ମହିଳାଙ୍କୁ ପ୍ରୋତ୍ସାହିତ କରିବା ଦିଗରେ ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେଶନ (ବିଆଇପିଏଫ୍) କାର୍ଯ୍ୟ କରୁଛି। ଅନୁଷ୍ଠାନ ପକ୍ଷରୁ ପ୍ରୋଜେକ୍ଟ ଉନ୍ନତି କାର୍ଯ୍ୟକାରୀ କରାଯାଉଛି। ଏହି ପ୍ରକଳ୍ପ ଅଧୀନରେ ଛତୁଚାଷ ସମ୍ପର୍କିତ ତାଲିମ ନେଇ ଭାରତୀ ମହନ୍ତ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ୨୬ ବର୍ଷୀୟା ଭାରତୀଙ୍କ ଘର ଯାଜପୁର, ସୁକିନ୍ଦା ବ୍ଲକ କାଳିଆପାଣିର କ୍ଷୁଦ୍ର ପଡାରେ। ଗ୍ରାମରେ ଉପଲବ୍ଧ ସମ୍ବଳ ବ୍ୟବହାର କରି ଆତ୍ମନିର୍ଭରଶୀଳ ହେବାକୁ ସେ ସକ୍ଷମ ହୋଇପାରିଛନ୍ତି। ନିଜର ୭୫୦ ବର୍ଗଫୁଟ୍ ପରିମିତ ଛତୁଚାଷ ସ୍ଥଳରେ ସେ ଛତୁ ଉତ୍ପାଦନ କରୁଛନ୍ତି। ଜଣେ ସାଧାରଣ ଗୃହିଣୀରୁ ସେ ଛତୁଚାଷୀ ପାଲଟି ଯାଇଛନ୍ତି। ବିଆଇପିଏଫ୍‌ର ପ୍ରୋଜେକ୍ଟ ଉନ୍ନତି ସମ୍ପର୍କରେ ଜାଣିବା ପରେ ସେ ଏଭଳି କାର୍ଯ୍ୟ କରିବାକୁ ଉତ୍ସାହିତ ହୋଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମଧ୍ୟରେ ଛତୁ ଚାଷକୁ ଉତ୍ସାହିତ କରିବା ଦିଗରେ ଅନୁଷ୍ଠାନ ଏକ ପ୍ରକଳ୍ପ ହାତକୁ ନେଇଥିଲା। ଅନୁଷ୍ଠାନ ମହିଳାଙ୍କ ଲାଗି ଏଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ଆସୁଛି। ଗ୍ରାମର ଅନ୍ୟ ମହିଳାଙ୍କ ଭଳି ଭାରତୀଙ୍କୁ ସମ୍ବଳ ଏବଂ ଠିକ୍ ମାର୍ଗଦର୍ଶନ କରିବାକୁ ବିଆଇପିଏଫ୍ ଆଗେଇ ଆସିଥିବା ସ୍ପଷ୍ଟ କରିଛି।

# ସବୁ କ୍ରିପ୍ଟୋକରେନ୍ସି ବନ୍ଦ ହେବନି

**ନୂଆଦିଲ୍ଲୀ,୧୪।୩**

ଭାରତ ସବୁ କ୍ରିପ୍ଟୋକରେନ୍ସିକୁ ବନ୍ଦ କରିବ ନାହିଁ। ବିକଳ୍ପ ପେମେଣ୍ଟ ନେଇ ଗବେଷଣା ଏବଂ ଟେକ୍ନୋଲୋଜି ବ୍ୟବହାରକୁ ବିଚାର କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରବିବାର ମତ ପ୍ରକାଶ କରିଛନ୍ତି। ଏ ଦିଗରେ କେନ୍ଦ୍ରୀୟ ବ୍ୟାଙ୍କ ନିଷ୍ପତ୍ତି ଗ୍ରହଣ କରିବ ବୋଲି ସେ କହିଛନ୍ତି। ଶନିବାର ବିଶ୍ୱର ସର୍ବବୃହତ୍ କ୍ରିପ୍ଟୋକରେନ୍ସି ରେକର୍ଡ ସ୍ତର ୬୦ ହଜାର ଡଲାର ଛୁଇଁଛି। ଏହାକୁ ପେମେଣ୍ଟ ଭାବେ ଗ୍ରହଣ କରାଯାଉଥିବାରୁ ଚଳିତ ବର୍ଷ ଏଥିରେ ଦ୍ରୁତ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। କ୍ରିପ୍ଟୋକରେନ୍ସି ବିଲ୍ ଆଣିବା ଲାଗି କେନ୍ଦ୍ର ସରକାର ବର୍ତ୍ତମାନ ପ୍ରସ୍ତୁତି ଆରମ୍ଭ କରିଛନ୍ତି। କ୍ରିପ୍ଟୋକରେନ୍ସି ବ୍ୟାନ କରିବା ପାଇଁ ଆନ୍ତଃ ମନ୍ତ୍ରୀସ୍ତରୀୟ ଗୋଷ୍ଠୀ ପରାମର୍ଶ ଦେଇଥିଲେ। କ୍ରିପ୍ଟୋକରେନ୍ସି ଟ୍ରେଡିଂ ପ୍ଲାଟଫର୍ମ ଉପରେ ଆର୍‌ବିଆଇ କଟକଣା ଲଗାଇଥିବା ବେଳେ ଏହାକୁ ସୁପ୍ରିମକୋର୍ଟ ହଟାଇ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ନିର୍ମଳା କହିଛନ୍ତି, ସରକାର ସବୁ ବିକଳ୍ପକୁ ବନ୍ଦ କରି ଦେଇନାହାନ୍ତି। ବ୍ଲକଚେନ, ବିଟ୍‌କଏନ କିମ୍ବା କ୍ରିପ୍ଟୋକରେନ୍ସି ଉପରେ ଗବେଷଣା ଲାଗି ସରକାର ଏକ ୱିଣ୍ଡୋକୁ ଅନୁମତି ପ୍ରଦାନ କରିବେ ବୋଲି ଏଠାରେ ଏକ କାର୍ଯ୍ୟକ୍ରମରେ ସେ ମତ ପ୍ରକାଶ କରିଛନ୍ତି।

# ବ୍ୟାଙ୍କ ପାଇପାରନ୍ତି ୧୪ ହଜାର କୋଟି



**ନୂଆଦିଲ୍ଲୀ,୧୪।୩**

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) କିଛି ବ୍ୟାଙ୍କକୁ ପ୍ରମ୍ପଟ୍ କରେକ୍ଟିଭ ଆକ୍ସନ (ପିସିଏ) ପରିସରରେ ରଖିଛି। ଏହି ବ୍ୟାଙ୍କଗୁଡିକର ଆର୍ଥିକ ସ୍ଥିତି ବିଗିଡି ଥିବା ଜଣାପଡିଛି। ଫଳରେ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବାର ଆବଶ୍ୟକତା ରହିଛି। ଏଭଳି ପିସିଏ ଅଧୀନରେ ରହିଥିବା ବ୍ୟାଙ୍କଗୁଡିକୁ ଆର୍ଥିକ ସ୍ଥିତି ସୁଧାରିବା ଲାଗି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ୧୪ ହଜାର କୋଟି ଟଙ୍କାର ପୁଞ୍ଜି ଯୋଗାଣ କରିପାରେ। ପିସିଏ ଅଧୀନରେ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ୟୁକୋ ବ୍ୟାଙ୍କ ରହିଛି। ଏମାନେ କଟକଣାରେ ଥିବାରୁ ଋଣ ଯୋଗାଣ ସମେତ ଅନ୍ୟ କାର୍ଯ୍ୟ କରିବାକୁ ସକ୍ଷମ ହେଉନାହାନ୍ତି। କେଉଁ ସଂସ୍ଥାଗୁଡିକୁ ପୁଞ୍ଜି ଯୋଗାଣ କରାଯିବ ସେ ନେଇ ଚୂଡାନ୍ତ ହୋଇସାରିଛି ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ କହିଛନ୍ତି। ଅଧିକାରୀଙ୍କ କହିବା ମୁତାବକ ଆଗାମୀ କିଛିଦିନରେ ଏହି ଅର୍ଥ ସରକାର ଯୋଗାଣ କରିବେ। ଅର୍ଥ ମିଳିସାରିବା ପରେ ବ୍ୟାଙ୍କଗୁଡିକ ଆର୍‌ବିଆଇର ପିସିଏ କଟକଣାରୁ ମୁକୁଳି ପାରିବେ ବୋଲି ଆଶା କରାଯାଉଛି। ବର୍ତ୍ତମାନ ବଜାରରୁ କିଛି ବ୍ୟାଙ୍କ ପୁଞ୍ଜି ଉଠାଣ କରିଛନ୍ତି। ଏହି ବ୍ୟାଙ୍କଗୁଡିକ ମଧ୍ୟରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, କାନାରା ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଏବଂ ଇଣ୍ଡିଆନ ବ୍ୟାଙ୍କ ରହିଛି। ନିୟାମକ ଆବଶ୍ୟକତା ପୂରଣ ଲାଗି ସରକାର ଚଳିତ ଆର୍ଥିକ ବର୍ଷରେ ବ୍ୟାଙ୍କଗୁଡିକୁ ୨୦ ହଜାର କୋଟି ଟଙ୍କାର ପୁଞ୍ଜି ଯୋଗାଣ କରିଛନ୍ତି। ୧୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମଧ୍ୟରୁ ପଞ୍ଜାବ ଏବଂ ସିନ୍ଧ ବ୍ୟାଙ୍କକୁ ୫,୫୦୦ କୋଟି ଟଙ୍କାର ପୁଞ୍ଜି ମିଳିଛି।

# ବିଓବି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ



**ଭୁବନେଶ୍ୱର,୧୪।୩**

ବ୍ୟାଙ୍କ ଅଫ୍‌ବରୋଦା (ବିଓବି) କ୍ଷେତ୍ରୀୟ କାର୍ଯ୍ୟାଳୟ-୨ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ସ୍ଥାନୀୟ ପାନ୍ଥନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡାଇରେକ୍ଟୋରେଟ୍ ଅଫ୍ ଏମ୍ପ୍ଲୟମେଣ୍ଟର ନିର୍ଦ୍ଦେଶିକା ତଥା ଓଡ଼ିଶା ସ୍କିଲ୍ ଡେଭଲପ୍‌ମେଣ୍ଟ ଅଥରିଟିର ସିଇଓ ତଥା ପ୍ରଶାସନିକ ଅଧିକାରୀ ରଶ୍ମିତା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗାୟିକା ସୁସ୍ମିତା ଦାସ, ବ୍ୟାଙ୍କର ପାଟନା ଅଞ୍ଚଳ ପ୍ରମୁଖ ନିତ୍ୟାନନ୍ଦ ବେହେରାଙ୍କ ସ୍ତ୍ରୀ ପ୍ରମୋଦିନୀ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ପକ୍ଷରୁ ସମସ୍ତ ଶାଖାରେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ସମସ୍ତ ମହିଳା କର୍ମଚାରୀମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କ୍ଷେତ୍ରୀୟ କାର୍ଯ୍ୟାଳୟ-୨ର ମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ଅନ୍ୱୟ କୁମାର ମିଶ୍ର, ଉପମହାପ୍ରବନ୍ଧକ ତଥା ଉପକ୍ଷେତ୍ରୀୟ ପ୍ରବନ୍ଧକ ନିର୍ବିକାର ରଥ ଏବଂ ସମସ୍ତ କର୍ମଚାରୀଙ୍କ ସମେତ ବିଭିନ୍ନ ଜିଲାରେ ଥିବା ଶାଖାର ମହିଳା କର୍ମଚାରୀ ଏବଂ ଶାଖା ପ୍ରବନ୍ଧକ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଭାରତର ଫରେକ୍ସ ରିଜର୍ଭ ୪ର୍ଥ ସର୍ବବୃହତ୍

**ରୁଷିଆକୁ ଟପିଲା**

**ନୂଆଦିଲ୍ଲୀ,୧୪।୩**



ଭାରତର ଫରେକ୍ସ ରିଜର୍ଭ ବା ବିଦେଶୀ ମୁଦ୍ରାଭଣ୍ଡାର ଲଗାତର ଭାବେ ବଢି ଚାଲିଛି। ଏହା ରୁଷିଆକୁ ଟପି ବିଶ୍ୱର ୪ର୍ଥ ସର୍ବବୃହତ୍ ମୁଦ୍ରାଭଣ୍ଡାର ହୋଇଥିବା ଜଣାପଡିଛି। ବର୍ତ୍ତମାନ ଆର୍‌ବିଆଇ ବିଦେଶୀ ମୁଦ୍ରା ଗଚ୍ଛିତ କରି ରଖୁଛି। ଅର୍ଥ ବ୍ୟବସ୍ଥାରୁ ଯଦି ହଠାତ୍ କୌଣସି ସମୟରେ ଅର୍ଥ ବିଦେଶକୁ ଚାଲିଯାଏ ସେ କ୍ଷେତ୍ରରେ ସ୍ଥିତି ସମ୍ଭାଳିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ଏଭଳି ପଦକ୍ଷେପ ହାତକୁ ନେଇଛି। ଉଭୟ ଦେଶର ବିଦେଶୀ ମୁଦ୍ରାଭଣ୍ଡାର ଲଗାତର ବଢିବା ପରେ ବର୍ତ୍ତମାନ ସ୍ଥିର ରହିଛି। ମାତ୍ର ଗତ କିଛି ସପ୍ତାହ ହେବ ରୁଷିଆ ବିଦେଶୀ ମୁଦ୍ରାଭଣ୍ଡାର କମିଥିବା ଜଣାପଡିଛି। ଏଭଳି ସ୍ଥିତିରେ ଭାରତୀୟ ମୁଦ୍ରାଭଣ୍ଡାରରେ ସ୍ଥିତାବସ୍ଥା ଜାରି ରହିଛି।

ସୂଚନା ମୁତାବକ, ଭାରତର ବିଦେଶୀ ମୁଦ୍ରାଭଣ୍ଡାର ୪.୩ ବିଲିୟନ ଡଲାର ହ୍ରାସ ହେବା ଫଳରେ ୫୮୦.୩ ବିଲିୟନ ଡଲାର ସ୍ତରରେ ରହିଛି। ସେହିଭଳି ରୁଷିଆ ବିଦେଶୀ ମୁଦ୍ରାଭଣ୍ଡାରରେ ୫୮୦.୧ ବିଲିୟନ ଡଲାର ରହିଛି। ଚାଇନା ବିଦେଶୀ ମୁଦ୍ରା ଭଣ୍ଡାର ବିଶ୍ୱର ସବୁଠାରୁ ବଡ଼ ହୋଇଥିବା ବେଳେ ଏହା ପରେ ଜାପାନ, ତୃତୀୟରେ ସ୍ୱିଜରଲାଣ୍ଡ ଏବଂ ଚତୁର୍ଥରେ ଭାରତ ରହିଛି। ଭାରତ ନିକଟରେ ଯେତେ ପରିମାଣର ବିଦେଶୀ ମୁଦ୍ରା ରହିଛି ଏହା ୧୮ ମାସର ଆମଦାନୀକୁ ପରିଚାଳନା କରିବାରେ ସହାୟକ ହେବ ବୋଲି ଏକ ରିପୋର୍ଟରେ କୁହାଯାଇଛି। ସ୍ଥାନୀୟ ପୁଞ୍ଜି ବଜାର, ବିଦେଶୀ ପୁଞ୍ଜି ନିବେଶ ଏବଂ ଚଳନ୍ତି ଖାତା ନିଅଣ୍ଟ କ୍ଷେତ୍ରରେ ମଧ୍ୟ ବଳକା ସ୍ଥିତି ଦେଖାଯାଇଛି।

ଗତ ୪ ଦଶନ୍ଧି ମଧ୍ୟରେ ଭାରତୀୟ ଅର୍ଥ ବ୍ୟବସ୍ଥା ସବୁଠାରୁ ଖରାପ ସ୍ଥିତିରେ ରହିଛି। କରୋନା ମହାମାରୀ ବଜାରକୁ କ୍ଷତିଗ୍ରସ୍ତ କରିବା ଫଳରେ ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ଋଣାତ୍ମକ ରହିବ। ମାତ୍ର ବିଦେଶୀ ମୁଦ୍ରାଭଣ୍ଡାର ଦୃଢ ରହିବା କାରଣରୁ ବିଦେଶୀ ନିବେଶକ ଏବଂ କ୍ରେଡିଟ ରେଟିଂ ଏଜେନ୍ସିଗୁଡିକ ଭାରତ ପ୍ରତି ଏକ ସକାରାତ୍ମକ ମନୋଭାବ ସୃଷ୍ଟି କରିବ। ଏହି ପରିପ୍ରେକ୍ଷୀରେ ଡଚ୍ ବ୍ୟାଙ୍କର ଘରୋଇ ବଜାର ଲାଗି ମୁଖ୍ୟ ଅର୍ଥନୀତିଜ୍ଞ କୌଶିକ ଦାସ କହିଛନ୍ତି, ଗତ କିଛିବର୍ଷ ହେବ ଭାରତର ବିଦେଶୀ ମୁଦ୍ରାଭଣ୍ଡାର ଲଗାତର ବଢୁଛି। ଏହି ସ୍ଥିତି ଉନ୍ନତ ରହିଲେ ବାହ୍ୟ ଚାପରୁ ମୁକୁଳିବାକୁ ଭାରତ ସକ୍ଷମ ହୋଇପାରିବ। ଗତ ବର୍ଷ ଆର୍‌ବିଆଇ ୮୮ ବିଲିୟନ ଡଲାର କିଣିଥିଲା। ମୁଦ୍ରାଭଣ୍ଡାରକୁ ଦୃଢ କରିବା ଲାଗି ଆର୍‌ବିଆଇ ଏହାର ରିପୋର୍ଟରେ କହିଥିଲା। ବାହ୍ୟ ଚାପରୁ ମୁକୁଳିବା ଲାଗି ସାରା ବିଶ୍ୱର ଅଭିବୃଦ୍ଧିଶୀଳ କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ସେମାନଙ୍କ ବିଦେଶୀ ମୁଦ୍ରାଭଣ୍ଡାରକୁ ଦୃଢ଼କରନ୍ତୁ ବୋଲି ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଥିଲେ।

**MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5039

**OFFICE OF THE NOTIFIED AREA COUNCIL, ATHMALLIK**

No.632 Dt.13.03.21

**e-Procurement**

Bid Identification No. Alkn-05/2020-21 & Alkn-01 (San) 2020-21
Bid documents consisting of work, estimated cost, cost of tender paper, EMD, time of completion, class of contractors and the set of term and conditions of contract and details of other necessary documents can be seen in Govt. website i.e. www.tendersorissa.gov.in.

| | |
|---|---|
| Name of the work | : Electrical HT work & Sanitation works |
| No. of works Electrical | : 01 No. |
| No. of work Sanitation | : 01 No. |
| Estimated cost Electrical | : Rs.5,58,365/- |
| Estimated cost Sanitation | : Rs.30,57,600/- |
| Date & time of availability of bid documents in the portal | : From 10.00 A.M. of dt.15.03.2021 to 24.03.2021 upto 5.00 P.M. |
| Last date of receive of bid through online | : On or before 24.03.2021 upto 5.00 P.M. |
| Submission of original document | : On or before 26.03.2021 at 11.00 A.M. |
| Date of opening of bid on | : At 11.00 A.M. on 26.03.2021 |

Sd./- Executive Officer, N.A.C., Athmallik

ଧରିତ୍ରୀ
DHARITRI
ସୋମବାର, ୧୫ ମାର୍ଚ୍ଚ, ୨୦୨୧



# ଡ୍ରୋନ୍ ଜଗିବ ଜଙ୍ଗଲ ନିଆଁ

**ଢେଙ୍କାନାଳ ଅଫିସ, ୧୪।୩**

ଶିମିଳିପାଳ ଅଭୟାରଣ୍ୟର ଜଙ୍ଗଲ ନିଆଁ ଢେଙ୍କାନାଳ ବନ ବିଭାଗ ପାଇଁ ସତର୍କ ଘଣ୍ଟି ବଜାଇଛି। ବନାଗ୍ନି କବଳରୁ ଜଙ୍ଗଲକୁ ସୁରକ୍ଷିତ ରଖିବାକୁ ବନ ବିଭାଗ ପକ୍ଷରୁ ନିଆଯାଇଛି ବୈଷୟିକ ଜ୍ଞାନ କୌଶଳର ସହାୟତା। କପିଳାସ ଅଭୟାରଣ୍ୟର ଫାୟାର ପଏଣ୍ଟ ଚିହ୍ନଟ କରିବା ଲାଗି ୨ଟି ଅତ୍ୟାଧୁନିକ ଥର୍ମୋସେନ୍ସର କ୍ୟାମେରାଯୁକ୍ତ ଡ୍ରୋନ୍ ବନ ବିଭାଗକୁ ମିଳିଛି। ଏହି ଡ୍ରୋନ୍ କ୍ୟାମେରାର ମୂଲ୍ୟ ୮ଲକ୍ଷ ୬୦ହଜାର ଟଙ୍କା। ଏଥିରେ ସ୍ପିକର, ତାପମାତ୍ରା ମାପିବା ଆଦି ବ୍ୟବସ୍ଥା ରହିଛି। ଏହି ଡ୍ରୋନ୍ ୭୦୦ମିଟର ଉଚ୍ଚତା ଯାଏ ଉଡିପାରିବ। ଡ୍ରୋନ୍ ଉଡ଼ାଇବା କୌଶଳ ସମ୍ପର୍କରେ ବନ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ବର୍ତ୍ତମାନ ସମୟରେ କପିଳାସ ଅଭୟାରଣ୍ୟ ପାଇଁ ଏବେ ଗୋଟିଏ ଡ୍ରୋନ୍ ବ୍ୟବହାର କରାଯାଉଛି। ଏହା ସହାୟତାରେ ରାତିରେ ମଧ୍ୟ ଜଙ୍ଗଲ ନିଆଁକୁ ଚିହ୍ନଟ କରାଯାଇପାରିବ। ପ୍ରତି ଦୁଇଘଣ୍ଟାରେ ଥରେ ଏହାକୁ ଉଡ଼ାଯାଉଛି। ଅନ୍ୟଟି ଜିଲା ବନଖଣ୍ଡ କାର୍ଯ୍ୟାଳୟରେ ରହିଛି। ଜରୁରୀ ପରିସ୍ଥିତିରେ ଏହାକୁ ବ୍ୟବହାର କରାଯିବ। ସେହିପରି ଢେଙ୍କାନାଳ ସହରକୁ ଲାଗିରହିଥିବା ଚାରଖୋଲା ଏବଂ ପାଣିଓହଳା ପାହାଡ଼ରେ ନିଆଁ ଉପରେ ନଜର ରଖିବାକୁ ମାନୁଆଲ ଡ୍ରୋନ୍ ବ୍ୟବହାର କରାଯାଉଛି। କେବଳ ଦିନବେଳା ଉଡ଼ିପାରିବା କ୍ଷମତା ଥିବାରୁ ଏହାକୁ ସକାଳୁ ଅପରାହ୍ନ ଯାଏ ବ୍ୟବହାର କରାଯାଉଛି।

ସୂଚନାଯୋଗ୍ୟ, କିଛିଦିନ ମଧ୍ୟରେ କପିଳାସ ଅଭୟାରଣ୍ୟ, ହିନ୍ଦୋଳ ରେଞ୍ଜ୍, ଷଡଙ୍ଗୀ ରେଞ୍ଜ୍, କଙ୍କଡ଼ାହାଡ଼ ବନାଞ୍ଚଳ, ଭୁବନ ବନାଞ୍ଚଳ ଅନ୍ତର୍ଗତ ବହୁ ସଂରକ୍ଷିତ ଜଙ୍ଗଲ ବନାଗ୍ନି କବଳିତ ହୋଇଥିଲା। ଏଥିରୁ ବାଦ୍ ପଡ଼ି ନ ଥିଲା ଢେଙ୍କାନାଳ ସହରକୁ ଲାଗିଥିବା ପାଣିଓହଳା, ଚାରଖୋଲା ଏବଂ ମେଘା ସଂରକ୍ଷିତ ଜଙ୍ଗଲ। ଖରାଦିନେ ଜଙ୍ଗଲ ନିଆଁ ଭୟଙ୍କର ରୂପ ନେଉଛି। ସ୍ଥଳ ବିଶେଷରେ ପବନରେ ନିଆଁ ଝୁଲ ଉଡ଼ି ଜନବସତିରେ କ୍ଷୟକ୍ଷତି ଘଟାଉଛି। ବନ୍ୟପ୍ରାଣୀଙ୍କ ପ୍ରାକୃତିକ ଆବାସ କ୍ଷତିଗ୍ରସ୍ତ ହେଉଛି। ଏହାକୁ ରୋକିବାକୁ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ମଧ୍ୟ ଆରମ୍ଭ ହୋଇଛି। ବନ ସୁରକ୍ଷା ସମିତି ଏବଂ ଅଞ୍ଚଳବାସୀଙ୍କୁ ସଚେତନ କରାଯାଉଛି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ସଦର ରେଞ୍ଜ୍ ଚାରଖୋଲା ସଂରକ୍ଷିତ ଜଙ୍ଗଲ, ପାଣିଓହଳାରେ ଦିନବେଳେ ମାନୁଆଲ ଡ୍ରୋନ୍ ଉଡାଯାଉଛି। କପିଳାସ ଅଭୟାରଣ୍ୟରେ ନିଆଁକୁ ଆୟତ୍ତ କରିବା ଏବଂ ବନାଗ୍ନି ଉପରେ ନଜର ରଖିବାକୁ ନୂତନ ଭାବେ ଅଣାଯାଇଥିବା ଥର୍ମୋସେନସର ଡ୍ରୋନ୍‌କୁ ପ୍ରତି ଦୁଇଘଣ୍ଟା ବ୍ୟବଧାନରେ ଉଡ଼ାଯାଉଛି। ନିଜେ ଡ୍ରୋନ୍ ବ୍ୟବହାର ତାଲିମ ନେଉଥିବା ଡିଏଫ୍‌ଓ କହିଛନ୍ତି।





ଜଙ୍ଗଲରେ ନିଆଁ ଚିହ୍ନଟ ପାଇଁ ଡ୍ରୋନ୍ ଉଡ଼ାଯାଉଛି।

- ଫାୟାର ପଏଣ୍ଟ ଚିହ୍ନଟ କରିବ
- ଢେଙ୍କାନାଳକୁ ଆସିଲା ୨ଡ୍ରୋନ୍
- ବନ କର୍ମଚାରୀଙ୍କୁ ପ୍ରଶିକ୍ଷଣ

## ସଂକ୍ଷେପରେ

### ଠକେଇ ଅଭିଯୋଗ, ଜଣେ ଗିରଫ

**ଅନୁଗୋଳ ଅଫିସ, ୧୪।୩:** ଠକେଇ ଅଭିଯୋଗରେ ଅନୁଗୋଳ ପୋଲିସ ଗୋତମରା ଅଞ୍ଚଳର ବୀରେନ୍ଦ୍ର ସାହୁ(୫୦)ଙ୍କୁ ରବିବାର ଗିରଫ କରିଛି। ୨୦୧୭ରେ ଅନୁଗୋଳର ଏକ ବ୍ୟାଙ୍କରେ ଜମି ବନ୍ଧକ ରଖି ବୀରେନ୍ଦ୍ର ୧୨ ଲକ୍ଷ ଟଙ୍କାର ଋଣ ନେଇଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଜମିକୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ୧୫ ଲକ୍ଷ ଟଙ୍କାରେ ବିକ୍ରି କରିଦେଇଥିଲେ। ଋଣ ପରିଶୋଧ ନ କରିବାରୁ ବ୍ୟାଙ୍କ ପକ୍ଷରୁ ବାରମ୍ବାର ନୋଟିସ୍ ଜାରି କରାଯାଇଥିଲା। ହେଲେ ବୀରେନ୍ଦ୍ରଙ୍କ ପାଖରୁ ଉତ୍ତର ମିଳି ନ ଥିଲା। ଏହାପରେ ବ୍ୟାଙ୍କ କର୍ତ୍ତୃପକ୍ଷ ଉକ୍ତ ଜମିକୁ ନିଲାମ କରିବାକୁ ଯୋଜନା କରିଥିଲେ। ହେଲେ ସେହି ଜମି ବିକ୍ରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଜମି କିଣିଥିବା ବ୍ୟକ୍ତି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଦସ୍ତାବିଜ ଦେଖାଇବା ପରେ ବ୍ୟାଙ୍କ ଅଧିକାରୀଙ୍କ ଚିନ୍ତା ବଢ଼ିଥିଲା। ଏହାପରେ ଅନୁଗୋଳ ଥାନାରେ ବୀରେନ୍ଦ୍ରଙ୍କ ନାମରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଅନୁଗୋଳରୁ ଜଣେ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ,୧୪।୩:** ଅନୁଗୋଳ ଜିଲାରୁ ରବିବାର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୨ ହଜାର ୪୦୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତ ଜଣକ ବଅଁରପାଳ ବ୍ଲକ ଅଞ୍ଚଳରୁ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାରୁ ୩ ଜଣ କରୋନା ରୋଗୀ ହୋମ୍ ଆଇସୋଲେଶନ୍‌ରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ୧୨ ହଜାର ଜରିମାନା ଆଦାୟ

**କଣିହାଁ,୧୪।୩(ଡି.ଏନ.ଏ.):** କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ପୋଲିସ ପକ୍ଷରୁ ରବିବାର ବିଭିନ୍ନ ସ୍ଥାନରେ ହେଲମେଟ୍ ଯାଞ୍ଚ କରାଯାଇଥିଲା। ହେଲମେଟ ନ ପିନ୍ଧିବା ଅଭିଯୋଗରେ ଗାଡ଼ି ଚାଳକଙ୍କଠାରୁ ୧୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଗକୁ ହେଲମେଟ୍ ଯାଞ୍ଚ କଡ଼ାକଡ଼ି ହେବ ବୋଲି ଆଇଆଇସି ଦୀପିକାଦେବୀ ରାୟ ସୂଚନା ଦେଇଛନ୍ତି।

### ଚୋରା କୋଇଲା ବୋଝେଇ ଟ୍ରକ ଜବତ, ଜଣେ ଗିରଫ

**କଣିହାଁ,୧୪।୩(ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ଥାନା ପୋଲିସ ରବିବାର ଏକ ଚୋରା କୋଇଲା ବୋଝେଇ ଟ୍ରକ ଜବତ କରିଛି। ଟ୍ରକ ଚାଳକ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମର ସିପୁନ ନାୟକଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୫୫/୨୧ରେ ମାମଲା ରୁଜୁ ହୋଇଥିବା ଆଇଆଇସି ଚାରୁଲତା ବେହେରା ସୂଚନା ଦେଇଛନ୍ତି।

### କୋଇଲା ଖାତରେ ପଡ଼ି ଶ୍ରମିକ ମୃତ୍ୟୁ ଘଟଣା, ଖାତ ମାଲିକ ଗିରଫ

**ଛେଣ୍ଡିପଦା,୧୪।୩(ସ୍ୱ.ପ୍ର):** ଛେଣ୍ଡିପଦା ଥାନା ବାହାଲସାହି ଗ୍ରାମରେ ଗତ ଶନିବାର ଭୋର ସମୟରେ କୋଇଲା ଖାତରେ ପଡି ଶ୍ରମିକ ଲବଣୀ ଭୂତିଆଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ରବିବାର ଛେଣ୍ଡିପଦା ପୋଲିସ ଖାତ ମାଲିକ ସୁଶାନ୍ତ ସାହୁଙ୍କୁ ଗିରଫ କରିଛି। ପୋଲିସ କହିଛି, ଗତ ଶୁକ୍ରବାର ରାତିରେ ଲବଣୀ ଖାତ ଭିତରୁ କୋଇଲା ଉତ୍ତୋଳନ କରିଥିଲେ। ସାଇକେଲରେ ଏକ ବସ୍ତାରେ କୋଇଲା ବୋଝେଇ କରୁଥିବା ସମୟରେ ୫୦ଫୁଟ ଖାତ ଭିତରେ ପଡିଯାଇଥିଲେ। ଖାତ ମାଲିକ ସୁଶାନ୍ତ ସେଠାରୁ ଲବଣୀଙ୍କୁ ଉଦ୍ଧାର କରି ଅନୁଗୋଳର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁଶାନ୍ତ ଘଟଣାର ଦଫାରଫା କରିବାକୁ ଉଦ୍ୟମ କରିଥିଲେ। ତେବେ ଏହି ଖବର ଗଣମାଧ୍ୟମରେ ପ୍ରସାରିତ ହେବା ପରେ ଅନୁଗୋଳ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ଏକ ମାମଲା ରୁଜୁ କରି ସୁଶାନ୍ତଙ୍କୁ ଗିରଫ କରିଛନ୍ତି।

# ବିବାହ ପାଇଁ କହିବାରୁ ମାରିଦେଲି

**ବଇଣ୍ଡା, ୧୪।୩(ଡି.ଏନ.ଏ.)**

- ସସ୍ମିତା ମୁଣ୍ଡା ହତ୍ୟାକାଣ୍ଡର ପର୍ଦ୍ଦାଫାଶ
- ମୁଖ୍ୟ ଅଭିଯୁକ୍ତ ବଳରାମ ସାହୁ ଗିରଫ

ଅନୁଗୋଳ ଜିଲା କିଶୋରନଗର ଥାନା ସାନରୋହିଲା ବ୍ରିଜ ନିକଟସ୍ଥ ନାଳରୁ ୮ ତାରିଖରେ ଜବତ ହୋଇଥିଲା ଆଠମଲ୍ଲିକ ଥାନା ସୋରିଷପଙ୍କ ଗ୍ରାମର ସସ୍ମିତା ମୁଣ୍ଡା ମୃତଦେହ। ଏହି ମାମଲାର ପର୍ଦ୍ଦାଫାଶ କରିଛି ପୋଲିସ। ପ୍ରେମିକ ବଳରାମ ସାହୁଙ୍କୁ ବିବାହ କରିବାକୁ ଜିଦ୍ ଧରିବା ଏବଂ ସ୍ତ୍ରୀର ମାନ୍ୟତା ମାଗିବା ବିବାହିତା ସସ୍ମିତାଙ୍କ ପାଇଁ କାଳ ହେଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବଳରାମ ତାଙ୍କୁ ହତ୍ୟା କରିଥିଲେ ବୋଲି ସ୍ୱୀକାର କରିଥିବା ପୋଲିସ କହିଛି।

କିଶୋରନଗର ଆଇଆଇସି ପ୍ରତିଭା ମାଝି କହିଛନ୍ତି, ସସ୍ମିତା ବିବାହିତା। ବଳରାମଙ୍କ ସହ ତାଙ୍କର ସମ୍ପର୍କ ଗଢ଼ିଉଠିଥିଲା। ସସ୍ମିତା ବିବାହ କରିବାକୁ ଜିଦ୍ ଧରିବାରୁ ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ ବଳରାମ। ଗତ ୫ ତାରିଖରେ ସସ୍ମିତାଙ୍କୁ ଘରଛାଡ଼ି ଚାଲି ଆସିବାକୁ ବଳରାମ କହିଥିଲେ। ସସ୍ମିତା ଘରୁ ଆସିବା ପରେ ସାନରୋହିଲା ବ୍ରିଜ ନିକଟରେ ପିନ୍ଧା ଲୁଗାରେ ତଣ୍ଟି ଚିପି ମାରି ଦେଇଥିବା ବଳରାମ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଏ ନେଇ ରବିବାର କିଶୋରନଗର ଥାନାରେ ପୋଲିସ ଅଧିକାରୀ ଆର. ବେହେରାଙ୍କ ଅଭିଯୋଗକ୍ରମେ ନଂ. ୩୮/୨୧ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କ ଘର ଆଠମଲ୍ଲିକ ଥାନା ନୂଆଁ ଶରଧାପୁର ଗ୍ରାମରେ। ତାଙ୍କୁ ଆଠମଲ୍ଲିକ କୋର୍ଟଚାଲାଣ କରାଯାଇଛି।

# ‘ସାହିତ୍ୟ ପ୍ରତି ରୁଚି ରହୁ’



କାର୍ଯ୍ୟକ୍ରମରେ ଅତିଥିମାନେ।

**ବଇଣ୍ଡା,୧୪।୩(ଡି.ଏନ.ଏ.)**

କିଶୋରନଗର ବ୍ଲକ ବନିନାଳୀ ବିଶ୍ୱ ଯୁବକେନ୍ଦ୍ରଠାରେ ରବିବାର ତ୍ରିଧାରା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀବସ୍ତ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ସମ୍ମାନିତ ଅତିଥି ଭାବେ କବି ତଥା ଗବେଷକ ପଣ୍ଡିତ ଡ. ଅନ୍ତର୍ଯାମୀ ମିଶ୍ର, ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି, ମନୋଜ ମହାପାତ୍ର, ମନୋଜ ମିଶ୍ର, ଯୋଗ ଦେଇଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ସମସ୍ତ ସବୁ ଓଡ଼ିଆଙ୍କ ରୁଚି ରହିଲେ ସାହିତ୍ୟର ବିକାଶ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ତ୍ରିଧାରା ମୁଖପତ୍ର ସହ ୪ ପୁସ୍ତକ ଉନ୍ମୋଚନ ହୋଇଥିଲା। ଏଥିସହ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଅଞ୍ଚଳରୁ କବିମାନେ ଯୋଗଦେଇ କବିତା ପାଠ କରିଥିଲେ। ବୈରାଗୀ ମଲ୍ଲିକ, ବିନିତା ପ୍ରଧାନ ସଂଯୋଜନା କରିଥିଲେ। ରମେଶ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।

# ୨୧ ବର୍ଷ ପରେ ଧରାପଡ଼ିଲେ ଅଭିଯୁକ୍ତ

**ଅନୁଗୋଳ ଅଫିସ, ୧୪।୩**



ଗୋବିନ୍ଦ ବେହେରା।

- ରୁଜୁ ହୋଇଥିଲା ବଳାତ୍କାର ମାମଲା, ୨୦୦୦ରୁ ଫେରାର ଥିଲେ
- ନାମ ପରିବର୍ତ୍ତନ କରି କୁକୁଡ଼ା ଦୋକାନରେ କରୁଥିଲେ କାମ

ଅନୁଗୋଳ ସହରର ଜଣେ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ ମାମଲାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ବେହେରାଙ୍କୁ ପୋଲିସ ଦୀର୍ଘ ୨୧ବର୍ଷ ପରେ ଗିରଫ କରିଛି। ଗୋବିନ୍ଦ ପରିଚୟ ବଦଳାଇ ଅନିଲ ନାମରେ ସ୍ଥାନୀୟ ଏକ କୁକୁଡ଼ା ଦୋକାନରେ କାମ କରୁଥିଲେ। ନିଜ ଘର ପାଖରେ ରହୁଥିଲେ ମଧ୍ୟ ତାଙ୍କର ଟେର୍ ମିଳୁ ନ ଥିଲା। ଅନୁଗୋଳ ପୋଲିସ ପକ୍ଷରୁ ଗଢ଼ା ହୋଇଥିବା ସ୍ୱତନ୍ତ୍ର ଟିମ୍ ଗୋବିନ୍ଦଙ୍କୁ ଗିରଫ କରିବା ପରେ ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନାଯୋଗ୍ୟ, ୨୦୦୦ ମସିହାରେ ଗୋବିନ୍ଦଙ୍କ ନାମରେ ଜଣେ ଯୁବତୀ ବଳାତ୍କାର ଉଦ୍ୟମ ଅଭିଯୋଗ ଆଣିଥିଲେ। ସେତେବେଳେ ସେ ନାବାଳକ ଥିଲେ। ଘଟଣା ଘଟାଇ ସେ ରାଜ୍ୟ ବାହାରକୁ ପଳାଇଥିଲେ। ଏହାପରେ ପୈତୃକ ଗ୍ରାମ ହୁଲୁରିସିଂହା ବଦଳରେ ଅନୁଗୋଳ ଶୁଖୁଆସାହିରେ ଅନିଲ ନାମରେ ପରିଚୟ ବଦଳାଇ ବିବାହ କରି ରହିଆସୁଥିଲେ। ସହରର ଏକ କୁକୁଡ଼ା ଦୋକାନରେ କାମ କରୁଥିଲେ। ପୋଲିସ ପୈତୃକ ଗ୍ରାମରେ ଚଢ଼ାଉ କରିବା ପରେ ଘଟଣାର ସୁରାକ୍ ମିଳିଥିଲା। ଏହାପରେ ଅନିଲଙ୍କୁ ଧରିବାକୁ ବିଧିବଦ୍ଧ ଯୋଜନା କରାଯାଇଥିଲା। ଶୁଖୁଆସାହିସ୍ଥିତ ଘରେ ଚଢ଼ାଉ କରି ତାଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି। ଏସ୍‌ଆଇ ଅବଦୁଲ ୱାସିମ୍ ଖାନ୍‌ଙ୍କ ସହ ଏକ ଟିମ୍ ଚଢ଼ାଉରେ ସାମିଲ ହୋଇଥିଲେ।

### ଫେରାର ତାଲିକାରେ ଆହୁରି ୭୫ ଅଭିଯୁକ୍ତ

ଅନୁଗୋଳ ଥାନାରେ ୧୯୯୫ ପରଠାରୁ ଅଦ୍ୟାବଧି ମାମଲା ଥାଇ ୭୫ ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ଲାଗି ୫ଟି ଟିମ୍ ଗଢ଼ାଯାଇଛି। ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି। ରାଜ୍ୟ ପୋଲିସ ପକ୍ଷରୁ ସ୍ପେଶାଲ ୱାରେଣ୍ଟ ଡ୍ରାଇଭ ଚାଲିଥିବାରୁ ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ଜୋର୍‌ଦାର ଉଦ୍ୟମ କରାଯାଉଥିବା ଥାନା ଅଧିକାରୀ ବିଶୋଇ କହିଛନ୍ତି।

# ଠେଙ୍ଗା ମାଡ଼ରେ ଶଳା ଭାଉଜ ଗୁରୁତର

**ଅନୁଗୋଳ ଅଫିସ, ୧୪।୩**

ଅନୁଗୋଳ ସହର ତାମ୍ରିତ୍ କଲୋନୀରେ ନଣନ୍ଦଙ୍କ ସ୍ୱାମୀ ମାଡ଼ରେ ଶଳା ଭାଉଜ ଗୁରୁତର ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ଦଦରାଘାଟି ଅଞ୍ଚଳର ରାମଚନ୍ଦ୍ର ବାରିକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗୁରୁତର ଥିବା ଶଳା ଭାଉଜ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ସୂଚନାଯୋଗ୍ୟ, ଦଦରାଘାଟି ଅଞ୍ଚଳର ରାମଚନ୍ଦ୍ର ଅନୁଗୋଳର ବଲାସିଂହାରେ ବିବାହ କରିଛନ୍ତି। ସେ ତାଙ୍କ ସ୍ତ୍ରୀଙ୍କ ସହ ତାମ୍ରିତ୍ କଲୋନୀରେ ରହୁଛନ୍ତି। ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପୂର୍ବରୁ ତିକ୍ତତା ରହିଥିଲା। ତେବେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବିବାଦର ସମାଧାନ କରିବାକୁ ଶଳା ଭାଉଜ ଆସିଥିଲେ। ଉଭୟଙ୍କୁ ବୁଝାଶୁଝା କରିବା ସମୟରେ ରାମଚନ୍ଦ୍ର ଉତ୍‌କ୍ଷିପ୍ତ ହୋଇ ସେଠାରେ ପଡ଼ିଥିବା ଏକ ଠେଙ୍ଗାରେ ଆକ୍ରମଣ କରିଥିଲା। ଫଳରେ ଶଳା ଭାଉଜଙ୍କ ମୁଣ୍ଡ ଫାଟିଯାଇଥିଲା। ଏ ନେଇ ଥାନାରେ ମାମଲା ହେବା ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଟ୍ରକ୍ ଧକ୍କାରେ ଟ୍ରକ୍ ଚାଳକ ମୃତ

**କଣିହାଁ, ୧୪।୩(ଡି.ଏନ.ଏ.)**

କଣିହାଁ ବ୍ଲକ ଡେରଙ୍ଗସ୍ଥିତ ଜେଆଇଟିପିଏଲ ପ୍ରକଳ୍ପକୁ କୋଇଲା ପରିବହନ କରୁଥିବା ଏକ ଟ୍ରକ ଧକ୍କାରେ ଶନିବାର ଅନ୍ୟ ଜଣେ ଟ୍ରକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ବଳରାମପୁର ଗ୍ରାମର ଦୁଃଖବନ୍ଧୁ ପାତ୍ର (୪୮)। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରବିବାର ଉତ୍ତେଜନା ଦେଖାଦେଇଥିଲା। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଥିଲା। ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ ପ୍ରତିଶ୍ରୁତି ପରେ ଆନ୍ଦୋଳନ ହଟିଥିଲା। ଏ ସଂକ୍ରାନ୍ତରେ ଡେରଙ୍ଗ ଫାଣ୍ଡି ଅଧିକାରୀ ମୀନକେତନ ପ୍ରଧାନ କହିଛନ୍ତି, ତାଳଚେର ଅଞ୍ଚଳର ଏକ କୋଇଲା ଖଣିରୁ ଟ୍ରକ ନଂ. (ଓଡି ୧୯ ପି ୮୭୦୧) କୋଇଲା ବୋଝେଇ କରି କରି ଆସୁଥିଲା। ଏହି ସମୟରେ ଟାକୁଆ-ଜିନ୍ଦଲ ରାସ୍ତାର ପ୍ରକଳ୍ପ ଫାଟକଠାରୁ କିଛି ଦୂରରେ ଟ୍ରକ୍ ଚକାରେ ସମସ୍ୟା ଉପୁଜିଥିଲା। ଡ୍ରାଇଭର ଦୁଃଖବନ୍ଧୁ ଗାଡ଼ିରୁ ଓହ୍ଲାଇ ଚକା ଯାଞ୍ଚ କରୁଥିବାବେଳେ କୋଇଲା ଖାଲି କରି ଫେରୁଥିବା ଉକ୍ତ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଳଚେର ଅଞ୍ଚଳର ଟ୍ରକ ମାଲିକ ପ୍ରକାଶ ମହାରଣାଙ୍କ ଅଭିଯୋଗକ୍ରମେ ନଂ. ୭୩/୨୧ରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଅନୁଗୋଳକୁ ହରାଇ କଟକ ଚାମ୍ପିୟନ

**ବଅଁରପାଳ, ୧୪।୩(ଡି.ଏନ.ଏ.)**

ବଅଁରପାଳ ବ୍ଲକ ଗୋତମରା ମା’ ବ୍ରହ୍ମାୟଣୀ କ୍ଲବ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଅନୁଗୋଳକୁ ହରାଇ କଟକ ଚାମ୍ପିୟନ ହୋଇଛି। କଟକ ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ୫ ଉଇକେଟ ହରାଇ ୧୯୦ ରନ୍ ସଂଗ୍ରହ କରିଥିଲା। ଜବାବରେ ଅନୁଗୋଳ ୧୮ ଓଭରରେ ୧୦୪ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ରଜନୀକାନ୍ତ ସିଂ, ମୁଖ୍ୟବକ୍ତା ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ, ସମ୍ମାନିତ ଅତିଥି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଆଠମଲ୍ଲିକ ବିଧାୟକ ରମେଶ ସାଏ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ବଅଁରପାଳ ବ୍ଲକ ଅଧକ୍ଷା ଅଞ୍ଜଳି ଭୋଇ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଆୟୋଜକ କ୍ଲବ ସଭାପତି ସୁବାସ ଚନ୍ଦ୍ର ପଟ୍ଟନାୟକ ସଭା ପରିଚାଳନା କରିଥିଲେ। କ୍ଲବର ଉପେନ୍ଦ୍ର ସାମଲ, ଭରତଚନ୍ଦ୍ର ମାଝି, ବବି ସିଂ, ଲିଟୁ ଭୂତିଆ, କାଳିଆ ସାମଲ, ସଞ୍ଜୀବ ଭୂତିଆ, ଇଲୁ ବେହେରା ପ୍ରମୁଖ ସହଯୋଗ କରିଥିଲେ। ତ୍ରିନାଥ ସାମଲ, ସୁଶାନ୍ତ ମୁଦୁଲି ଖେଳ ପରିଚାଳନ କରିଥିଲେ।



ଚାମ୍ପିୟନ ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ମୌଳିକ ସୁବିଧା ପାଇଁ ରକ୍ତ ଦେବୁ

**ବନ୍ତଳା, ୧୪।୩(ଡି.ଏନ.ଏ.)**




ବୈଠକରେ ଯୋଗଦେଇଥିବା କ୍ଷତିଗ୍ରସ୍ତ ପ୍ରଜା ସମିତିର ସଦସ୍ୟ, ଜନପ୍ରତିନିଧିଙ୍କ ସମେତ ଅନ୍ୟମାନେ।

- ସାତକୋଶିଆ କ୍ଷତିଗ୍ରସ୍ତ ପ୍ରଜା ସୁରକ୍ଷା ସମିତିର ରଣହୁଙ୍କାର
- ଯୋଗଦେଲେ ୧୫ ପଞ୍ଚାୟତର ଅଧିବାସୀ, ଜନପ୍ରତିନିଧି

ସାତକୋଶିଆ ଅଭୟାରଣ୍ୟ ଭିତରେ ରହୁଥିବା ଅଧିବାସୀ, ସଂରକ୍ଷିତ ଜଙ୍ଗଲ ସୀମାନ୍ତ ପଞ୍ଚାୟତବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ବନ୍ୟପ୍ରାଣୀ ଉପଦ୍ରବରେ ସେମାନେ ବ୍ୟାପକ କ୍ଷତି ସହୁଛନ୍ତି। ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏଥିରେ ଅତିଷ୍ଠ ହୋଇ ଚାଷୀମାନେ ଚାଷ କାର୍ଯ୍ୟରୁ ବିମୁଖ ହେଲେଣି। ମୌଳିକ ସୁବିଧା ପାଇଁ ଆବଶ୍ୟକ ପଡ଼ିଲେ ରକ୍ତ ଦେବୁ ବୋଲି ରଣହୁଙ୍କାର ଦେଇଛି ସାତକୋଶିଆ କ୍ଷତିଗ୍ରସ୍ତ ପ୍ରଜା ସୁରକ୍ଷା ସମିତି। ଏ ସଂକ୍ରାନ୍ତରେ ରବିବାର ସମିତିର ସଭାପତି ଜନାର୍ଦ୍ଦନ ସାହୁଙ୍କ ସଭାପତିତ୍ୱରେ ଜଗନ୍ନାଥପୁର ଆମ୍ବତୁରୀଠାରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଭୟାରଣ୍ୟକୁ ଲାଗି ରହିଥିବା ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଗ୍ରାମ ସଭାପତି, ମୁଖିଆମାନେ ଯୋଗଦେଇ ଦୀର୍ଘଦିନରୁ ଲାଗିରହିଥିବା ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ବିଷୟରେ ଆଲୋଚନା କରିଥିଲେ।

ସମିତି ସଦସ୍ୟଙ୍କ କହିବା କଥା, ପୁରୁଣାକୋଟଠାରୁ ଟୁନଭାଟି, ସିଆରୀ ଭଣ୍ଡି ରାସ୍ତାକୁ ବନ୍ଦ କରି ଦିଆଯାଇଛି। ଫଳରେ ନରସିଂହପୁର ଅଞ୍ଚଳକୁ ବନ୍ତଳା, ହିନ୍ଦୋଳ ଦେଇ ଲୋକମାନେ ଯାଉଛନ୍ତି। ଏଥିରେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ମହିପଡାରୁ ବିନିକେଇ ରାସ୍ତା ନିର୍ମାଣ କରାଯାଉ ନାହିଁ। ପୁରୁଣାକୋଟଠାରୁ ବାଘମୁଣ୍ଡା ସରକାରୀ ରାସ୍ତାକୁ କୋର ଏରିଆ କହି ବନ ବିଭାଗ ରାସ୍ତା ତିଆରି କରାଇ ଦେଉନାହିଁ। ଟୁଲୁକା ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହେଉନାହିଁ। ଟିକରପଡା ପଞ୍ଚାୟତର ୧୫୦ ମତ୍ସଜୀବୀଙ୍କୁ ସାତକୋଶିଆ ଗଣ୍ଡରେ ମାଛ ମାରିବା ନେଇ କଟକଣା ଲଗାଯାଉଛି। ସାତକୋଶିଆର ପରିବେଶ ବାଘ ସଂରକ୍ଷଣ ପାଇଁ ଅନୁକୂଳ ନୁହେଁ। ୩୦ ବର୍ଷ ପୂର୍ବରୁ ଏଠାରେ ୨୦୦ ବାଘ ଥିଲେ। ଏବେ ସଂଖ୍ୟା ଶୂନକୁ ଖସିଆସିଛି। ଅଞ୍ଚଳବାସୀଙ୍କ ଭିତରେ ଏକତା ରହିଲେ ସମସ୍ୟା ସମାଧାନ ହେବ ବୋଲି ମତ ପ୍ରକାଶ ପାଇଥିଲା।

ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟା ବିନୋଦିନି ପ୍ରଧାନ, ସାତକୋଶିଆ କ୍ଷତିଗ୍ରସ୍ତ ପ୍ରଜା ସୁରକ୍ଷା ସମିତିର ସମ୍ପାଦକ ବିରଜା ଜାନୀ, କୋଷାଧ୍ୟକ୍ଷ କୀର୍ତ୍ତନ ସାହୁ, ଉପଦେଷ୍ଟା ଡିଳେଶ୍ୱର ପ୍ରଧାନ, ପୁରୁଣାକୋଟ ସରପଞ୍ଚ ଅନନ୍ତ ବାସୁଦେବ ମହାନ୍ତି, ସମିତିସଭ୍ୟ ଲିଟୁ ସାହୁ, ଆଇନ ପରାମର୍ଶଦାତା ବୀରେନ ନାଏକ, ପ୍ରଦୀପ ପ୍ରଧାନ, ଅନ୍ତୁଲିଆ ସମିତିସଭ୍ୟ ବାବୁ ସ୍ୱାଇଁ, ଜଗନ୍ନାଥପୁର ସରପଞ୍ଚ ବିନୋଦ ସାହୁ, ସମିତିସଭ୍ୟା ନମିତା ପ୍ରଧାନ, ଟିକରପଡା ସରପଞ୍ଚ, ସମିତିସଭ୍ୟ ବିଦ୍ୟାଧର ପ୍ରଧାନ ନିଜସ୍ୱ ମତ ରଖିଥିଲେ। ଅଭୟାରଣ୍ୟ ନିକଟ ୧୫ ପଞ୍ଚାୟତର ମାନ୍ୟଗଣ୍ୟ ବ୍ୟକ୍ତି ବୈଠକରେ ଯୋଗଦେଇଥିଲେ।

# ଦ୍ୱିତୀୟ ଟି୨୦: ଭାରତର ସହଜ ବିଜୟ

**ଅହମଦାବାଦ, ୧୪।୩ (ପି.ଟି.)**

ଅଧିନାୟକ ବିରାଟ କୋହଲି ଓ ପଦାର୍ପଣ କରିଥିବା ଯୁବ ଓପନର ଇଶାନ କିଷନଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ଭାରତ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଭ୍ରମଣକାରୀ ଇଂଲଣ୍ଡକୁ ୭ ଉଇକେଟରେ ସହଜରେ ପରାସ୍ତ କରିଛି। ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ରବିବାର ଟସ୍ ଜିତି ଭାରତ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୬ ଉଇକେଟ ହରାଇ ୧୬୪ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୧୭.୫ ଓଭରରେ ୩ ଉଇକେଟ ହରାଇ ୧୬୬ ରନକରି ବିଜୟୀ ହୋଇଛି। ଏଥିସହ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧–୧ ସମାନ ସ୍ତରରେ ପହଞ୍ଚିଛି। ଇଶାନ କିଷନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୬୫ ରନର ଆଭରେଜ୍ ଟାର୍ଗେଟର ପିଛା କରି ଭାରତ ବିନା ସ୍କୋରରେ ଓପନର ଲୋକେଶ ରାହୁଲଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ଝଟକା ଖାଇଥିଲା। ପ୍ରଥମ ଓଭରର ଷଷ୍ଠ ବଲ୍‌ରେ ରାହୁଲ ସାମ୍ କୁରାନଙ୍କ ବଲ୍‌କୁ ମାରିବାକୁ ଯାଇ ଫେଲ୍ ମାରିଥିଲେ। ବଲ୍ ବ୍ୟାଟ୍‌ର ଏଜ୍ ନେଇ ଉଇକେଟକିପର ଜୋଶ ବଟଲରଙ୍କ ହାତକୁ ଯାଇଥିଲା। ଏହାପରେ ଦ୍ୱିତୀୟ ଉଇକେଟରେ ଯୁବ ଓପନର ଇଶାନ କିଷନ ଓ ଅଧିନାୟକ ବିରାଟ କୋହଲି ୫୬ ବଲରୁ ୯୪ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିବା ସହ ବିଜୟର ମୂଳଦୁଆ ପକାଇଥିଲେ। ତେବେ ପଦାର୍ପଣରେ ୨୨ ବର୍ଷୀୟ ଇଶାନ ୩୨ଟି ବଲ୍ ଖେଳି ୫ ଚୌକା ଓ ୪ ଛକା ସହ ୫୬ ରନର ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ ଖେଳିବା ପରେ ସ୍ପିନର ରସିଦ ଖାଁଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ ୧୩ ବଲରୁ ୨ ଚୌକା ଓ ୨ ଛକା ସହ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଦ୍ରୁତ ୨୬ ରନ କରି କ୍ରିସ୍ ଜୋର୍ଡାନଙ୍କ ବଲ୍‌ରେ ଡିପ୍ ମିଡ୍‌ଉଇକେଟରେ ଜନି ବେୟାରଷ୍ଟୋଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ତୃତୀୟ ଉଇକେଟରେ କୋହଲି ଓ ପନ୍ତ ୨୨ ବଲରୁ ୩୬ ରନ ସଂଗ୍ରହ କରିଥିଲେ। ଶେଷରେ କୋହଲି ଛକା ମାରି ଦଳକୁ ବିଜୟୀ କରାଇଥିଲେ। ଚତୁର୍ଥ ଉଇକେଟରେ କୋହଲି ଓ ଶ୍ରେୟାସ ଆୟାର ୨୫ ବଲରୁ ଅପରାଜିତ ୩୬ ରନ ସଂଗ୍ରହ କରିଥିଲେ। କୋହଲି ୪୯ ବଲରୁ



ଦ୍ୱିତୀୟ ଉଇକେଟ୍‌ରେ ୯୩ ରନ୍‌ର ଭାଗୀଦାରି ଅବସରରେ ଇଶାନ କିଷନ ଓ ବିରାଟ କୋହଲି।

### ଟି୨୦ ଡେବ୍ୟୁରେ ୫୦+ ସ୍କୋର

| ସ୍କୋର | ଖେଳାଳି | ବିପକ୍ଷ | ମସିହା | ଭେନ୍ୟୁ |
|---|---|---|---|---|
| ୬୧ | ଅଜିଙ୍କ୍ୟ ରାହାନେ | ଇଂଲଣ୍ଡ | ୨୦୧୧ | ମାଞ୍ଚେଷ୍ଟର |
| ୫୬ | ଇଶାନ କିଷନ | ଇଂଲଣ୍ଡ | ୨୦୨୧ | ଅହମଦାବାଦ |
| ୫୦ | ରବିନ ଉଥପ୍ପା | ପାକିସ୍ତାନ | ୨୦୦୭ | ଡର୍ବାନ |
| ୫୦* | ରୋହିତ ଶର୍ମା | ଦକ୍ଷିଣ ଆଫ୍ରିକା | ୨୦୦୭ | ଡର୍ବାନ |

୫ ଚୌକା ଓ ୩ ଛକା ସହ ୭୩ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ଅପରାଜିତ ରହିଥିଲେ। ସେହିପରି ଆୟାର ୮ ରନକରି ଅପରାଜିତ ରହିଥିଲେ। କୋହଲି ଏହି କ୍ରମରେ ଅନ୍ତର୍ଜାତୀୟ ଟି୨୦ରେ ୩୦୦୦ ରନ ପୂରଣ କରିଛନ୍ତି। ବୋଲିଂରେ ଇଂଲଣ୍ଡ ତରଫରୁ ସାମ୍ କୁରାନ, ଆଦିଲ ରସିଦ ଓ ଜୋର୍ଡାନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ଆରମ୍ଭରୁ ଝଟକା ଖାଇଥିଲା ଓ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। ଫଳରେ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ଓପନର ତଥା ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋଶ ବଟଲର ଖାତା ଖୋଲିବା ପୂର୍ବରୁ ପ୍ରଥମ ଓଭରର ତୃତୀୟ ବଲ୍‌ରେ ଦ୍ରୁତ ବୋଲର ଭୁବନେଶ୍ୱର କୁମାରଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ସେ ଗୁଡ୍‌ଲେନ୍ଥ ବଲ୍‌କୁ ଲେଗ୍ ସାଇଡ୍‌କୁ ମାରିବାକୁ ପ୍ରୟାସ କରିଥିଲେ। ତେବେ ବଲ୍ ପ୍ୟାଡ୍‌ରେ ବାଜିଥିଲା ଓ ତାଙ୍କୁ ପ୍ୟାଭିଲିୟନ ଫେରିବାକୁ ହୋଇଥିଲା। ଦ୍ୱିତୀୟ ଉଇକେଟରେ ଡାୱିଡ ମଲାନ ଓ ଜାସନ ରଏ ୫୦ ବଲରୁ ୬୩ ରନକରି ସ୍ଥିତି ସମ୍ଭାଳିଥିଲେ। ତେବେ ମଲାନ ୨୩ ବଲରୁ ୪ ଚୌକା ସହ ୨୪ ରନ କରିଥିବା ବେଳେ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ବଲ୍‌ରେ ସୁଇପ୍ କରିବାକୁ ଯାଇ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଓପନର ଜାସନ ରଏଙ୍କ ପାଳି ପଡିଥିଲା। ସେ ୩୫ ବଲରୁ ୪ ଚୌକା ଓ ୨ ଛକା ସହ ସର୍ବାଧିକ ଦ୍ରୁତ ୪୬ ରନକରି କ୍ରିଜ୍‌ରେ ଜମି ଆସୁଥିବା ବେଳେ ୱାଶିଂଟନ ସୁନ୍ଦରଙ୍କ ବଲ୍‌ରେ ଡିପ୍ ସ୍କୋୟାର ଲେଗ୍‌ରେ ଭୁବନେଶ୍ୱରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ୨୦ ରନ କରିଥିବାବେଳେ ଅଲରାଉଣ୍ଡର ବେୟାରଷ୍ଟୋ ଡିପ୍ ସ୍କୋୟାରଲେଗ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କୁ କ୍ୟାଚ୍ ଦେଇ ସୁନ୍ଦରଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଅଧିନାୟକ ଇଅନ ମୋର୍ଗାନ ୨୦ ବଲରୁ ୪ ଚୌକା ସହ ୨୮ ରନ କରିଥିବା ବେଳେ ଦ୍ରୁତ ବୋଲର ଶାର୍ଦ୍ଦୁଳ ଠାକୁରଙ୍କ ଏକ ଅଫ୍‌ସାଇଡ ବାହାର ସ୍ଲୋ ବଲ୍‌କୁ ଏକ୍ସଟ୍ରାକଭର ଉପରେ ମାରିବାକୁ ଚେଷ୍ଟା କରିଥିଲେ। ବଲ ବ୍ୟାଟ୍‌ର ଟପ୍ ଏଜ୍ ନେଇଥିଲା ଓ ଉଇକେଟକିପର ରିଷଭ ପନ୍ତ ଏକ ସହଜ କ୍ୟାଚ୍ ନେଇ ତାଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଶେଷରେ ତାରକା ଅଲରାଉଣ୍ଡ ବେନ୍ ଷ୍ଟୋକ୍ସ ୨୧ଟି ବଲ୍ ଖେଳି ଗୋଟିଏ ଚୌକା ସହ ୨୪ ରନ କରିଥିବା ବେଳେ ଲଙ୍ଗ୍‌ଅନ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ କ୍ୟାଚ୍ ଦେଇ ଠାକୁରଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ସାମ୍ କୁରାନ ଗୋଟିଏ ଚୌକା ସହ ୫ ବଲରୁ ୬ ରନ ଓ କ୍ରିସ୍ ଜୋର୍ଡାନ ବିନା ସ୍କୋରରେ ଅପରାଜିତ ରହିଥିଲେ। ବୋଲିଂରେ ଭାରତ ପକ୍ଷରୁ ସୁନ୍ଦର ଓ ଠାକୁର ୨ଟି ଲେଖାଏ, ଭୁବନେଶ୍ୱର ଓ ଚହଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଭାରତୀୟ ଫିଲ୍ଡରମାନେ ଦୁଇଟି କ୍ୟାଚ୍ ହାତଛଡ଼ା କରିଥିଲେ। ୧୪ତମ ଓଭରରେ ସୂର୍ଯ୍ୟକୁମାର ବାଉଣ୍ଡାରି ଉପରେ ବେୟାରଷ୍ଟୋଙ୍କ କ୍ୟାଚ୍ ଛାଡ଼ିଥିଲେ। ଫଳରେ ସୁନ୍ଦରଙ୍କ ଏହି ବଲ୍‌ରେ ଇଂଲଣ୍ଡକୁ ଛକା ମିଳିଥିଲା। ତେବେ ଏହି ଓଭରର ଶେଷ ବଲ୍‌ରେ ବେୟାରଷ୍ଟୋ ସୂର୍ଯ୍ୟକୁମାରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସେହିପରି ୧୧ତମ ଓଭରରେ ଚହଲ ଜାସନ ରଏଙ୍କ ସିଧା କ୍ୟାଚ୍ ଧରି ନ ପାରି ଆହତ ହୋଇଥିଲେ।

ଭାରତୀୟ ଦଳରେ ଦୁଇଟି ପରିବର୍ତ୍ତନ କରାଯାଇଥିଲା। ଅଭିଜ୍ଞ ଓପନର ଶିଖର ଧାୱନ ଓ ଅକ୍ଷର ପଟେଲଙ୍କ ବଦଳରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସେନ୍‌ସେସନ ସୂର୍ଯ୍ୟକୁମାର ଯାଦବ ଓ ଇଶାନ କିଷନଙ୍କୁ ପଦାର୍ପଣ କରିବାର ସୁଯୋଗ ମିଳିଥିଲା। ସେହିପରି ମାର୍କ ଉଡ୍‌ଙ୍କ ବଦଳରେ ଟମ୍ କୁରାନ ଇଂଲଣ୍ଡ ଦଳରେ ସାମିଲ ହୋଇଥିଲେ।

### ସ୍କୋର ବୋର୍ଡ

**ଇଂଲଣ୍ଡ ଇନିଂସ**
ଜାସନ ରୟ–କ–ଭୁବନେଶ୍ୱର–ବୋ ୱାଶିଂଟନ–୪୬
ବଟଲର–ଏଲ୍‌ବିଡବ୍ଲ୍ୟୁ–ଭୁବନେଶ୍ୱର–୦
ମଲାନ–ଏଲବିଡବ୍ଲ୍ୟୁ–ଚହଲ–୨୪
ବେୟାରଷ୍ଟୋ–କ–ସୂର୍ଯ୍ୟକୁମାର–ବୋ–ୱାଶିଂଟନ–୨୦
ମୋର୍ଗାନ–କ–ପନ୍ତ–ବୋ–ଶାର୍ଦ୍ଦୁଳ–୨୮
ଷ୍ଟୋକ୍ସ–କ–ହାର୍ଦ୍ଦିକ–ବୋ–ଶାର୍ଦ୍ଦୁଳ–୨୪
ସାମ୍ କୁରାନ–ନଟ ଆଉଟ–୬
କ୍ରିସ୍ ଜୋର୍ଡାନ– ନଟ ଆଉଟ–୦
ଅତିରିକ୍ତ–୧୬
ମୋଟ:(୨୦ ଓଭର,୬ ଉଇକେଟ) ୧୬୪।
ଉଇକେଟ ପତନ: ୧/୧, ୨/୬୪, ୩/୯୧,୪/୧୧୯, ୫/୧୪୨,୬/୧୬୦।

**ବୋଲିଂ (ଭାରତ)**
ଭୁବନେଶ୍ୱର କୁମାର ୪–୦–୨୮–୧
ୱାଶିଂଟନ ସୁନ୍ଦର ୪–୦–୨୯–୨
ଶାର୍ଦ୍ଦୁଳ ଠାକୁର ୪–୦–୨୯–୨
ହାର୍ଦ୍ଦିକ ପାଣ୍ଡ୍ୟା ୪–୦–୩୩–୦
ଯୁଜବେନ୍ଦ୍ର ଚହଲ ୪–୦–୩୪–୧

**ଭାରତ ଇନିଂସ**
ରାହୁଲ–କ–ବଟଲର–ବୋ–କୁରାନ–୦
ଇଶାନ କିଷନ–ଏଲ୍‌ବିଡବ୍ଲ୍ୟୁ–ରଶିଦ–୫୬
କୋହଲି–ନଟ ଆଉଟ–୭୩
ରିଷଭ ପନ୍ତ–କ–ବେୟାରଷ୍ଟୋ–ବୋ–ଜୋର୍ଡାନ–୨୬
ଶ୍ରେୟାସ ଆୟାର–ନଟ ଆଉଟ–୮
ଅତିରିକ୍ତ–୩
ମୋଟ: (୧୭.୫ ଓଭର, ୩ ଉଇକେଟ) ୧୬୬।
ଉଇକେଟ ପତନ: ୧/୦, ୨/୯୪, ୩/୧୩୦।

**ବୋଲିଂ (ଇଂଲଣ୍ଡ)**
ସାମ୍ କୁରାନ ୪–୧–୨୨–୧
ଜୋଫ୍ରା ଆର୍ଚର ୪–୦–୨୪–୦
କ୍ରିସ୍ ଜୋର୍ଡାନ ୨.୫–୦–୩୮–୧
ଟମ୍ କୁରାନ ୧–୦–୨୬–୦
ବେନ୍ ଷ୍ଟୋକ୍ସ ୧–୦–୧୭–୦
ଅଦିଲ ରଶିଦ ୪–୦–୩୮–୧

## ଭାରତକୁ ୭ ଉଇକେଟରେ ହରାଇଲା ଦକ୍ଷିଣ ଆଫ୍ରିକା

**ଲକ୍ଷ୍ନୌ, ୧୪।୩ (ପି.ଟି.):** ଦକ୍ଷିଣ ଆଫ୍ରିକା ବିପକ୍ଷ ଚତୁର୍ଥ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ୭ ଉଇକେଟରେ ପରାସ୍ତ ହୋଇଛି। ଏଥିସହିତ ଭ୍ରମଣକାରୀ ଦଳ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୩–୧ରେ ଅଗ୍ରଣୀ ଲାଭ କରିବା ସହ ଆଗୁଆ ସିରିଜ କବ୍‌ଜା କରିନେଇଛି। ଲିଜେଲି ଲି' (୬୯), ଲଉରା ଭଲ୍‌ଭାଡଟ୍ (୫୩), ମିଗ୍ନନ୍ ଡୁ' ପ୍ରିଜ୍ (୬୧) ଏବଂ ଲାରା ଗୁଡାଲ (୫୯*)ଙ୍କ ଉଲ୍ଲେଖନୀୟ ଅବଦାନ ଯୋଗୁ ୨୬୭ ରନ ବିଜୟ ଲକ୍ଷ୍ୟକୁ ଭ୍ରମଣକାରୀ ଦଳ ୪୮.୪ ଓଭରରେ ୩ ଉଇକେଟ ବିନିମୟରେ ହାସଲ କରିନେଇଥିଲା। ନୀତୁ ଡେଭିଡ୍‌ଙ୍କ ଅଧୀନରେ ନୂଆ କମିଟିର ଦୁର୍ବଳ ଦଳ ଚୟନ ଭାରତ ପରାଜୟର ମୁଖ୍ୟ କାରଣ ବୋଲି କୁହାଯାଉଛି।

**ମହିଳା କ୍ରିକେଟ**

ଶେଫାଳି ବର୍ମାଙ୍କ ଭଳି ବିସ୍ଫୋରକ ବ୍ୟାଟ୍ସ୍‌ମ୍ୟାନ ଏବଂ ଶିଖା ପାଣ୍ଡେଙ୍କ ଭଳି ଅଭିଜ୍ଞ ବୋଲରଙ୍କୁ ଉପେକ୍ଷା କରାଯାଇଥିଲା। ଫଳରେ ପୁନମ ରାଉତ (୧୦୪*)ଙ୍କ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ ଏବଂ ଭେଟେରାନ ହରମନପ୍ରୀତ କୌରଙ୍କ ୩୫ ବଲ୍‌ରୁ ୫୪ରନ ବୃଥା ପ୍ରମାଣିତ ହୋଇଥିଲା। ମ୍ୟାଚରେ ଦକ୍ଷିଣ ଆଫ୍ରିକା ଓପନିଂ ଯୋଡ଼ି ଲିଜେଲି ଲି' ଓ ଅଧିନାୟିକା ଲଉରା ଭଲ୍‌ଭାଡଟ୍ ୨୩ ଓଭରରେ ପ୍ରଥମ ଉଇକେଟରେ ମୂଲ୍ୟବାନ ୧୧୬ରନ କରି ଦଳର ବ୍ୟାଟିଂ ମୂଳଦୁଆ ପକାଇଥିଲେ। ଉଭୟ ସତର୍କତା ଅବଲମ୍ବନ ସହ ଆକ୍ରମଣାତ୍ମକ ମଧ୍ୟ ଖେଳିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ମହିଳା ଦଳ: ୫୦ ଓଭରରେ ୨୬୬/୪ (ପୁନମ ରାଉତ–୧୦୪*, ହରମନପ୍ରୀତ କୌର–୫୪, ମିଥାଲି ରାଜ–୪୫, ପ୍ରିୟା ପୁନିଆ–୩୨ ; ଟୁମି ଶେଖୁହୁନେ–୨/୬୩)। ଦକ୍ଷିଣ ଆଫ୍ରିକା ମହିଳା ଦଳ: ୪୮.୪ ଓଭରରେ ୨୬୯/୩ (ଲିଜେଲି ଲି'–୬୯, ମିଗ୍ନନ୍ ଡୁ' ପ୍ରିଜ୍–୬୧, ଲାରା ଗୁଡାଲ–୫୯*, ଲଉରା ଓଲ୍‌ଭାଡଟ୍–୫୩; ହରମନପ୍ରୀତ କୌଦ–୧/୩୮)।

## ଜାତୀୟ ସବ୍‌ଜୁନିୟର ହକି ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୧୪।୩ (ସ୍ପୋର୍ଟ୍ସ ବ୍ୟୁରୋ):** ହରିୟାଣାର ଉଚାନାଠାରେ ଜାତୀୟ ସବ୍‌ଜୁନିୟର ହକି ଚାମ୍ପିୟଶିପ୍ ଚଳିତ ମାସ ୧୭ରୁ ୨୫ ତାରିଖ ପର୍ଯ୍ୟନ୍ତ ହେବ। ଏଥିରେ ଅଂଶଗ୍ରହଣ କରିବା ଲାଗି ୧୮ ଜଣିଆ ଦଳ ରବିବାର ରାଉରକେଲାରୁ ଯାତ୍ରା କରିଛନ୍ତି। କୋଚ୍ ବିଜୟ କୁମାର ଲାକ୍ରା ଓ ମୃଣାଳ ଚୌବେ ମଧ୍ୟ ଏହି ଦଳ ସହିତ ଯାଇଛନ୍ତି। ଏହାପୂର୍ବରୁ ରାଉରକେଲାସ୍ଥିତ ସ୍ପୋର୍ଟ୍ସ ହଷ୍ଟେଲଠାରେ ରାଜ୍ୟ କ୍ୟାମ୍ପ ହୋଇଥିଲା। ଓଡ଼ିଶା ଦଳ: ମୁକେଶ ଟପ୍ପୋ, ନୀତେଶ ମିଞ୍ଜ, ଅଭିଷେକ ଟପ୍ପୋ, ଅଜିତ ମାହତୋ, ବିଲ୍‌କାନ୍ ଓରାମ, ପ୍ରତାପ ଟପ୍ପୋ, ରୋଶନ କୁଜୁର, ଅମିତ ସିଂ, ହାରୁନ ମିଞ୍ଜ, ନୀତେଶ ଟପ୍ପୋ, ବିନିତ ଖାଲ୍‌କୋ, ରବି ବାରା, ମିଲନ ଭୂୟାଁ, ଅଙ୍କିତ ମାଝି, ମେନ୍‌ଝସ ଏକ୍କା, ପ୍ରବୀଣ ସୋରେଙ୍ଗ, ସତୀଶ ମୁଣ୍ଡା ଓ ୱିଲସନ ଖାଖା।



ଚାମ୍ପିୟନ ପଟିଆ କଳିଙ୍ଗ କବାଡ଼ି ଆସୋସିଏଶନ ଦଳର ଖେଳାଳିମାନେ ଅତିଥିଙ୍କ ସହ।

## ପଟିଆ କଳିଙ୍ଗ କବାଡ଼ି ଆସୋସିଏଶନ ଚାମ୍ପିୟନ

**ଭୁବନେଶ୍ୱର, ୧୪।୩ (କ୍ରୀଡ଼ା ପ୍ରତିନିଧି):** ଜନନୀ ଫାଉଣ୍ଡେଶନ ଆନୁକୂଲ୍ୟରେ ଆଇଆରସି ଭିଲେଜସ୍ଥିତ କଳିଙ୍ଗ ସ୍ପୋର୍ଟ୍ସ କାଉନ୍‌ସିଲ ପଡ଼ିଆରେ ଅନୁଷ୍ଠିତ ମହିଳା କବାଡ଼ି ଟୁର୍ନାମେଣ୍ଟରେ ପଟିଆ କଳିଙ୍ଗ କବାଡ଼ି ଆସୋସିଏଶନ ଚାମ୍ପିୟନ ହୋଇଛି। ଫାଇନାଲରେ ଏହି ଦଳ ୩୫–୨୩ ପଏଣ୍ଟରେ ବାରଙ୍ଗର ରେନ୍‌ବୋ କ୍ଲବକୁ ପରାସ୍ତ କରିଛି। ଜୟ ଓଡ଼ିଶା ଦଳ ତୃତୀୟ ସ୍ଥାନ ହାସଲ କରିଛି। ସସ୍ମିତା ଦାସ, ମାନସ ବାରିକ, ରଚିତା ନାୟକ, ଲତାଞ୍ଜଳି ବେହେରା, ବସନ୍ତ କୁମାର ସାହୁ, ଗାୟତ୍ରୀ ସେଠୀ, ପୁଷ୍ପଲତା ଜେନା, ସନାତନ ସାହୁ, ପଞ୍ଚାନନ ପ୍ରଧାନ, ଦିଲୀପ କୁମାର ବେହେରା, ହର୍ଷମଣୀ ସ୍ୱାଇଁ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରୁଚିର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ ମୁଖ୍ୟଅତିଥି ଏବଂ ଓଡ଼ିଶା ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା, ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁବିକାଶ ବିଭାଗ ଉପଦେଷ୍ଟା ସୁଲତା ଦେଓ, ସାମାଜିକକର୍ମୀ ନମ୍ରତା ଚଢ଼ା, ରିନା ରାଉତରାୟ, ମୀରା ପରିଡ଼ା, ପ୍ରୀତିନନ୍ଦା ରାଉତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ବିଜୟ ହଜାରେ ଟ୍ରଫି: ମୁମ୍ବାଇକୁ ଚତୁର୍ଥ ଟାଇଟଲ



ଚାମ୍ପିୟନ ମୁମ୍ବାଇ ଦଳ।

**ନୂଆଦିଲ୍ଲୀ, ୧୪।୩(ପି.ଟି.)**

ଅଧିନାୟକ ତଥା ଓପନର ପୃଥ୍ୱୀ ଶ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଆଦିତ୍ୟ ତାରେଙ୍କ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ ବଳରେ ମୁମ୍ବାଇ ୫୧ଟି ବଲ ବାକିଥାଇ ୬ ଉଇକେଟରେ ଉତ୍ତର ପ୍ରଦେଶକୁ ପରାସ୍ତ କରି ବିଜୟ ହଜାରେ ଟ୍ରଫି ହାସଲ କରିଛି। ଦେଶର ସର୍ବବୃହତ୍ ଘରୋଇ ଦିନିକିଆ ଟୁର୍ନାମେଣ୍ଟ ତଥା ରଣଜୀ ଦିନିକିଆ ଭାବେ ଜଣାଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ସ୍ଥାନୀୟ ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଉତ୍ତର ପ୍ରଦେଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୪ ଉଇକେଟ ହରାଇ ୩୧୨ ରନର ଚ୍ୟାଲେଞ୍ଜିଂ ସ୍କୋର ହାସଲ କରିଥିଲା। ଜବାବରେ ମୁମ୍ବାଇ ୪୧.୩ ଓଭରରେ ୪ଉଇକେଟ ହରାଇ ୩୧୫ ରନକରି ବିଜୟୀ ହୋଇଥିଲା। ଏଥିସହିତ ମୁମ୍ବାଇ ଚତୁର୍ଥ ଥର ପାଇଁ ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ୧୦୭ ବଲରୁ ୧୮ ଚୌକା ସହ ଅପରାଜିତ ୧୧୮ ରନର ଶତକୀୟ ପାଳି ଖେଳିଥିବା ତାରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୩୧୩ ରନ ଟାର୍ଗେଟର ପିଛା କରି ମୁମ୍ବାଇ ଭଲ ଆରମ୍ଭ କରିଥିଲା। ପୃଥ୍ୱୀ ୩୯ ବଲର ସମ୍ମୁଖୀନ ହୋଇ ୧୦ ଚୌକା ଓ ୪ ଛକା ସହ ୭୩ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଟୁର୍ନାମେଣ୍ଟରେ ପୃଥ୍ୱୀ ୮୨୭ ରନ ସଂଗ୍ରହ କରିଛନ୍ତି। ତେବେ ପ୍ରଥମେ ଯଶସ୍ୱୀ ଜୟସ୍ୱାଲ ୨୯ ରନକରି ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ସ ମୁଲାନି ୩୬, ଶିବମ୍ ଦୁବେ ୪୨ ରନକରି ଆଉଟ ହୋଇଥିବା ବେଳେ ସର୍ଫରାଜ ଖାଁ ୩ ରନକରି ଅପରାଜିତ ରହିଥିଲେ। ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଅଭିଜ୍ଞ ତାରେ ଦଳକୁ ବିଜୟୀ କରାଇଥିଲେ। ବୋଲିଂରେ ଉତ୍ତରପ୍ରଦେଶ ତରଫରୁ ୟସ ଦୟାଲ, ଶିବମ୍ ମାଭି, ଶିବମ୍ ଶର୍ମା, ସମୀର ଚୌଧୁରୀ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଉତ୍ତରପ୍ରଦେଶ ତରଫରୁ ଓପନର ମାଧବ କୌଶିକ ୧୫୮ ରନ (୧୫୬ ବଲ, ୧୫ ଚୌକା, ୪ ଛକା)ର ଶତକୀୟ ପାଳି ଖେଳି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମର୍ଥ ସିଂ ୫୫, ଆକାଶଦୀପ ନାଥ ୫୫ ରନ୍ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଉତ୍ତରପ୍ରଦେଶ ୫୦ ଓଭରରେ ୩୧୨/୪ (କୌଶିକ– ୧୫୮*, ସମର୍ଥ– ୫୫, ଆକାଶଦୀପ– ୫୫, କୋଟିଆନ– ୨/୫୪, ସୋଲାଙ୍କି– ୧/ ୭୧)। ମୁମ୍ବାଇ ୪୧.୩ ଓଭରରେ ୩୧୫/୪ (ତାରେ– ୧୧୮*, ପୃଥ୍ୱୀ– ୭୩, ଜୟସ୍ୱାଲ– ୨୯, ମୁଲାନି– ୩୬, ଶିବମ୍ ଦୁବେ– ୪୨, ସମୀର– ୧/ ୪୩, ଦୟାଲ– ୧/୭୧, ମାଭି– ୧/ ୬୩, ଶିବମ ଶର୍ମା– ୧/୭୧ ।)

## ସ୍ମରଣୀୟ ଛାପ ଛାଡ଼ିଲା ଜାତୀୟ ସିନିୟର ଭଲିବଲ

**ଭୁବନେଶ୍ୱର, ୧୪।୩(କ୍ରୀଡ଼ା ପ୍ରତିନିଧି)**

ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଉପଲବ୍ଧ ଯୋଗୁ ଏବେ ଓଡ଼ିଶାରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ ପ୍ରତିଯୋଗିତା ସମ୍ଭବ ହୋଇପାରୁଛି। ଭୁବନେଶ୍ୱର ଦେଶର ଅଘୋଷିତ କ୍ରୀଡ଼ା ରାଜଧାନୀ ବିବେଚିତ ହେଉଥିବାବେଳେ ଏବେ ଦେଶ ବିଦେଶର କ୍ରୀଡ଼ାବିତ୍‌ଙ୍କ ନଜର ଓଡ଼ିଶା ଓ କଳିଙ୍ଗ ଷ୍ଟାଡିୟମ ଉପରେ। ନିକଟରେ କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ୬୯ତମ ଜାତୀୟ ସିନିୟର ଭଲିବଲ୍ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଅନେକ କାରଣରୁ ଏହି ପ୍ରତିଯୋଗିତା ଭାରତୀୟ ଭଲିବଲ୍ ଇତିହାସରେ ସ୍ମରଣୀୟ ହୋଇଛି। କରୋନା କାଳରେ ଏହା ଥିଲା ଓଡ଼ିଶା ତଥା କିଟ୍‌ର ପ୍ରଥମ ବଡ଼ କ୍ରୀଡ଼ା ପ୍ରତିଯୋଗିତା, ଯାହାକି ସଫଳତାର ସହ ଶୃଙ୍ଖଳିତ ଭାବେ ଆୟୋଜନ ହୋଇଥିଲା। ଏହି ମେଗା ପ୍ରତିଯୋଗିତାରେ ୨୮ ରାଜ୍ୟ ଓ ୮ କେନ୍ଦ୍ରଶାସିତ ଅଞ୍ଚଳରୁ ୧୨ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ବର୍ଗର ଖେଳାଳି ଏବଂ ଅଫିସିଆଲ୍ ଯୋଗ ଦେଇଥିଲେ। ପ୍ରଥମ ଥର ଲାଗି ଏକ ରାଜ୍ୟର ଗୋଟିଏ ଅନୁଷ୍ଠାନରେ ଦୁଇଥର ଜାତୀୟ ସିନିୟର ଭଲିବଲ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବା ଭାରତୀୟ ଭଲିବଲରେ ପ୍ରଥମ ଦୃଷ୍ଟାନ୍ତ। ଏହା ବ୍ୟତୀତ ଭାରତୀୟ ଭଲିବଲ୍ ଇତିହାସରେ ପ୍ରଥମଥର ପାଇଁ ଜାତୀୟ ସିନିୟର ପ୍ରତିଯୋଗିତାର ପୁରୁଷ ବର୍ଗରେ ୩୦ ଓ ମହିଳା ବର୍ଗରେ ୨୮ଟି ଦଳ ଭାଗ ନେଇଥିଲେ। ପୂର୍ବରୁ ଯେତେ ପ୍ରତିଯୋଗିତା ହୋଇଥିଲା କେବେ ଏତେସଂଖ୍ୟକ ଦଳ ଭାଗ ନେଇ ନ ଥିଲେ।

ଇନ୍‌ଡୋର ଷ୍ଟାଡିୟମର ୪ଟି ଫ୍ଲଡ୍ ଲାଇଟ୍ ଭଲିବଲ୍ କୋର୍ଟରେ ଦିବାରାତ୍ର ମ୍ୟାଚ ଅନୁଷ୍ଠିତ ହୋଇଥିଲା। କରୋନା କଟକଣା ଯୋଗୁ ସାଧାରଣ ଦର୍ଶକଙ୍କ ପାଇଁ ମ୍ୟାଚ ଦେଖିବା ସମ୍ଭବ ହୋଇ ନ ଥିଲା। ଏହା ସତ୍ତ୍ୱେ ମ୍ୟାଚଗୁଡ଼ିକ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚାଲିଥିଲେ ମଧ୍ୟ ଖେଳାଳି ଓ ଅଫିସିଆଲ୍‌ଙ୍କ ମନରେ ଉତ୍ସାହ ଭରି ରହିଥିଲା। ଆଉ ଏକ ଉଲ୍ଲେଖନୀୟ ଘଟଣା ହେଉଛି ଭାରତୀୟ ଭଲିବଲ୍ ଆସୋସିଏଶନ ଇତିହାସରେ ଏଥର ପ୍ରଥମ ଥର ଲାଗି ଚାମ୍ପିୟନ ଓ ରନର୍ସ ଅପ୍ ଦଳ ପାଇଁ ଆର୍ଥିକ ପୁରସ୍କାର ବ୍ୟବସ୍ଥା କରାଯାଇଥିଲା। ଉଭୟ ପୁରୁଷ ଓ ମହିଳା ବର୍ଗରେ ବିଜେତା ଓ ଉପବିଜେତା ଦଳକୁ ଯଥାକ୍ରମେ ୫୧ହଜାର ଓ ୩୧ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏପରି କି ଆଗାମୀ ୨୫ବର୍ଷ ପର୍ଯ୍ୟନ୍ତ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ ବୋଲି ଭଲିବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ)ର ସଭାପତି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଘୋଷଣା କରିଥିଲେ।

ଗତ ପ୍ରତିଯୋଗିତା ଓଡ଼ିଶା ପାଇଁ ମଧ୍ୟ ସ୍ମରଣୀୟ ସ୍ମୃତି ଛାଡ଼ିଛି। କାରଣ ଦୀର୍ଘ ୨୬ବର୍ଷ ପରେ ଓଡ଼ିଶା ଦଳ ପ୍ଲେ–ଅଫ୍‌ରେ ପ୍ରବେଶ କରିଥିଲା। କ୍ରୀଡ଼ା ପ୍ରତି ଅଚ୍ୟୁତଙ୍କ ବିଶେଷ ଆଗ୍ରହ ଯୋଗୁ କିଟ୍ ଓ କିସ୍‌ରେ ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି ହୋଇପାରିଛି। ଗତବର୍ଷ ଭାରତକୁ କରୋନା ଆସିବାର ଠିକ୍ ପୂର୍ବରୁ ଏଠାରେ ପ୍ରଥମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହୋଇଥିଲା। ଅଚ୍ୟୁତ ଭିଏଫ୍‌ଆଇର ସଭାପତି ନିର୍ବାଚିତ ହେବା ପରେ ସମଗ୍ର ଦେଶରେ ଏହି କ୍ରୀଡ଼ାକୁ ଅଧିକରୁ ଅଧିକ ଲୋକପ୍ରିୟ କରିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ନିକଟରେ କନ୍ଧମାଳ ଓ ବୌଦ୍ଧ ଜିଲାର ୫ଟି ସ୍ଥାନରେ ଫ୍ଲଡ୍ ଲାଇଟର ବ୍ୟବସ୍ଥା କରାଯାଇଛି। ଓଡ଼ିଶାର ଖେଳାଳିମାନେ କିପରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରିବେ ସେଥିପାଇଁ ପ୍ରୟାସ ଜାରି ରହିଛି।



ଉଦ୍‌ଯାପନୀ ଉତ୍ସବରେ ପୁରୁଷ ବିଭାଗ ଚାମ୍ପିୟନ ହରିୟାଣା ଦଳ ସହ ଅତିଥିମାନେ।

ଧରିତ୍ରୀ
DHARITRI
ସୋମବାର, ୧୫ ମାର୍ଚ୍ଚ, ୨୦୨୧





ବଲିଉଡ ବେବୋ କରିନା କପୁର ଖାଁ 'ସୀତା' ଚରିତ୍ରରେ ନଜର ଆସିବେ। କିଛିଦିନ ପୂର୍ବରୁ ଆଲୌକିକ ଦେଶାଇ ତାଙ୍କ ଆଗାମୀ ଫିଲ୍ମ 'ସୀତା-ଦ-ଇନକାର୍ନେଶନ' ବିଷୟରେ ଘୋଷଣା କରିଥିଲେ । ଏହାସହ କହିଥିଲେ କି ସୀତା ଚରିତ୍ରରେ ଅଭିନୟ ପାଇଁ ଏବେ ସେ ନାୟିକା ଖୋଜୁଛନ୍ତି । ବଲିଉଡ ହଙ୍ଗାମାର ଏକ ରିପୋର୍ଟ ଅନୁଯାୟୀ, ଏବେ ଅଲୌକିକ ଦେଶାଇଙ୍କ ଫିଲ୍ମରେ ସୀତା ଚରିତ୍ର ପାଇଁ କରିନାଙ୍କ ନାମ ଫାଇନାଲ ହୋଇଛି । ହେଲେ ଏହା ଅଫିସିୟାଲି ଘୋଷଣା କରାଯାଇନାହିଁ । ଯଦି ଏଥିରେ କରିନା ଅରାଜି ହୁଅନ୍ତି ତେବେ ଆଲିଆ ଭଟ୍ଟଙ୍କୁ ଏହି ସୁଯୋଗ ଦିଆଯିବ ବୋଲି ଜଣାପଡିଛି । ଫିଲ୍ମ 'ସୀତା-ଦ-ଇନକାର୍ନେଶନ' ରାମାୟଣ କଥାବସ୍ତୁଠାରୁ ସମ୍ପୂର୍ଣ୍ଣ ଅଲଗା ।

# ସିରିଏଲ୍ ଯୋଗୁ ବଢୁଛି ଛାଡ଼ପତ୍ର

**ୱାଶିଂଟନ:** ଏବେ ଟିଭି, କମ୍ପ୍ୟୁଟର, ମୋବାଇଲ ଆଦି ଆମ ଦୈନନ୍ଦିନ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏସବୁରେ ବ୍ୟସ୍ତ ରହି କେତେକ ନିଜର ବାସ୍ତବ ଜୀବନରେ ଜୀବନସାଥୀଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରୁଛନ୍ତି। ଫଳରେ ଅନେକ କ୍ଷେତ୍ରରେ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହେଉଛି। ଅଧିକ ସିରିଏଲ ଦେଖିଲେ ପାରିବାରିକ ଜୀବନରେ ଅଶାନ୍ତି ସୃଷ୍ଟି ହେଉଥିବା ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବହୁ କ୍ଷେତ୍ରରେ ଏଭଳି ଅଶାନ୍ତିର ଅନ୍ତ ଛାଡ଼ପତ୍ରରେ ହିଁ ଘଟୁଛି। ସୁଖୀ ଦାମ୍ପତ୍ୟ ଜୀବନରେ ଅଯଥା କୋର୍ଟ କଚେରି ମାମଲାର ଅନୁପ୍ରବେଶ ହେଉଛି। ସିରିଏଲ୍ ଚରିତ୍ରଙ୍କ ପ୍ରତି ଦର୍ଶକ ନିଜକୁ ଅଧିକ ଜଡ଼ିତ କରି ନେଉଛନ୍ତି। ଫଳରେ ସେମାନଙ୍କ ମନରେ ନିଜ ଜୀବନସାଥୀଙ୍କ ପ୍ରତି ବେଳେବେଳେ ନକାରାତ୍ମକ ଭାବନା ସୃଷ୍ଟି ହେଉଛି। ୩୯୦ ଜଣ ଦମ୍ପତିଙ୍କ ଉପରେ ହୋଇଥିବା ସର୍ଭେରୁ ଏହା ଜଣାପଡ଼ିଛି। ଆମେରିକାର ମିସିଗାନସ୍ଥିତ ଏଲବିଅନ କଲେଜ ପକ୍ଷରୁ ଏହି ସର୍ଭେ କରାଯାଇଥିଲା।

# ଜ୍ୟାକଲିନଙ୍କ ଟପ୍‌ଲେସ୍ ଫଟୋ

**ମୁମ୍ବାଇ:** ବଲିଉଡ ନାୟିକା ଜ୍ୟାକଲିନ ଫର୍ଣ୍ଣାଣ୍ଡିଜ ଏବେ ତାଙ୍କ ସୁନ୍ଦରତା ଓ ଅଭିନୟକୁ ନେଇ ଦର୍ଶକଙ୍କର ମନ କିଣୁଛନ୍ତି । ଏବେ ସେ ସୋସିଆଲ ମିଡିଆରେ ଏକ ଫଟୋ ଶେୟାର କରିଛନ୍ତି ଯାହା ହଙ୍ଗାମା କରୁଛି । ଗୋଟିଏ ଦିନ ପୂର୍ବରୁ ସେ ଏକ ଟପ୍ ଲେସ ଫଟୋ ଶେୟାର କରିଛନ୍ତି ଯେଉଁଥିରେ ସେ ଖୁବ ସୁନ୍ଦର ଲାଗୁଛନ୍ତି । ଆଉ ପ୍ରଶଂସକମାନେ ତାଙ୍କ ପ୍ରଶଂସା କରି କରି ଥକି ପଡୁ ନାହାନ୍ତି । ଏହି ମନୋକ୍ରୋମ ଇନଷ୍ଟାଗ୍ରାମ ଫଟୋରେ ଜ୍ୟାକଲିନ ଏକ ସୋଫା ଉପରେ ଟପ୍‌ଲେସ ହୋଇ ଶୋଇଥିବା ନଜର ଆସିଛନ୍ତି । ଯେଉଁଥିରେ ତାଙ୍କର ଗୋଟିଏ ଆଖି ନିଜ କେଶ ଦ୍ୱାରା ଘୋଡେଇ ହୋଇଯାଇଛି । ଆଉ ସ୍ମୋକି ଆଇ ମେକଅପ ସହ ସେ ତାଙ୍କ ଲୁକ୍‌ସକୁ ପୁରା କରିଛନ୍ତି । ସେ ଫଟୋଟି ଶେୟାର କରିବା ସହ ନିଜେ ନିଜର ପ୍ରଶଂସା କରିଛନ୍ତି । କ୍ୟାପଶନରେ ଲେଖିଛନ୍ତି 'ୱାଃ ୱାଃ' । ଏହାସହ ଏକ ଲଭ ଇମୋଜି ଦେଇଛନ୍ତି। ଜ୍ୟାକଲିନ କିଛିଦିନ ତଳେ ଜୈସଲମେରରେ ତାଙ୍କର ଆଗାମୀ ଫିଲ୍ମ 'ବଚ୍ଚନ ପାଣ୍ଡେ' ର ଶୁଟିଂ ସାରି ମୁମ୍ବାଇ ଆସିଛନ୍ତି । ଏହି ଆକ୍ସନ କମେଡି ଫିଲ୍ମରେ ସେ ଅକ୍ଷୟ କୁମାର ଓ କ୍ରିତି ସାନନଙ୍କ ସହ ନଜର ଆସିବେ ।



# ରହସ୍ୟମୟ ହୁଞ୍ଜା ସମ୍ପ୍ରଦାୟ

**ମଣିଷକୁ ରୋଗଗ୍ରସ୍ତ କରିବାରେ ଲାଗିଛି ଆଧୁନିକ ଜୀବନଶୈଳୀ। କମ୍ ଶାରୀରିକ ପରିଶ୍ରମ, ସାରରୁ ପ୍ରସ୍ତୁତ ଖାଦ୍ୟ, ପ୍ରଦୂଷିତ ପରିବେଶ ଆଦି ଅନେକ କାରକ ଯୋଗୁ ବିଭିନ୍ନ ରୋଗ ମାଡ଼ିବସୁଛି। ଫଳରେ ଦିନକୁ ଦିନ ମଣିଷର ଆୟୁ କମୁଛି। ଭାରତରେ ଜଣେ ବ୍ୟକ୍ତିଙ୍କ ହାରାହାରି ବୟସ ୬୯ ବର୍ଷ। କିନ୍ତୁ ପୃଥିବୀରେ ଏମିତି ଏକ ସ୍ଥାନ ରହିଛି ଯେଉଁଠାରେ ମଣିଷର ହାରାହାରି ବୟସ ୧୨୦ ବର୍ଷ। ଉତ୍ତର ପାକିସ୍ତାନର ଏକ ଘାଟିରେ ରହୁଥିବା ହୁଞ୍ଜା ସମ୍ପ୍ରଦାୟ ୧୨୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି। ଏପରିକି ମୃତ୍ୟୁ ପର୍ଯ୍ୟନ୍ତ ଏଠାକାର ଅଧିକାଂଶ ଲୋକଙ୍କୁ ଡାକ୍ତରଖାନା ମଧ୍ୟ ଯିବାକୁ ପଡ଼ି ନ ଥାଏ। ତେବେ ଏଭଳି ସୁସ୍ଥକର ଜୀବନଯାପନ ପଛର କାରଣ ଆଜି ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ଏହି ସମ୍ପ୍ରଦାୟର କାହାଣୀ ହଲିଉଡ୍ ଫିଲ୍ମ ଓ କେତେକ ଜଣାଶୁଣା ପୁସ୍ତକରେ ସ୍ଥାନିତ ହୋଇଛି। ଏତେ ବର୍ଷ ବଞ୍ଚିବାରେ ହୁଞ୍ଜା ସମ୍ପ୍ରଦାୟ ଦୁନିଆର ଦୀର୍ଘଜୀବୀ ମଣିଷ ବୋଲି କୁହାଯାଏ।**



- ଦୁନିଆର ଦୀର୍ଘଜୀବୀ ମଣିଷ
- ହାରାହାରି ଆୟୁ ୧୨୦ ବର୍ଷ

**ଇସଲାମାବାଦ:** ଉତ୍ତର ପାକିସ୍ତାନରେ ରହିଛି ହୁଞ୍ଜା ଘାଟି। ଏଠାରେ ବସବାସ କରୁଥିବା ଲୋକେ ହୁଞ୍ଜା ସମ୍ପ୍ରଦାୟ ଭାବେ ପରିଚିତ। ମୁସଲମାନ ଧର୍ମ ପାଳନ କରୁଥିବା ଏହି ସମ୍ପ୍ରଦାୟ ସୁସ୍ଥକର ଜୀବନଯାପନ ସହ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ବଞ୍ଚୁଥିବାରୁ ସାରା ବିଶ୍ୱରେ ଜଣାଶୁଣା। ସେମାନଙ୍କ ହାରାହାରି ବୟସ ୧୨୦ ବର୍ଷ, ଯାହାକି ଦୁନିଆର ଯେ କୌଣସି ଦେଶବାସୀଙ୍କ ହାରାହାରି ବୟସଠାରୁ ଅଧିକ। ହୁଞ୍ଜାମାନଙ୍କ ଅନନ୍ୟ ବଞ୍ଚିବା ଶୈଳୀ ଯୋଗୁ ଅନେକ ପୁସ୍ତକରେ ସେମାନଙ୍କୁ ସ୍ଥାନିତ କରାଯାଇଛି। ଏମାନଙ୍କ ପୂର୍ବଜଙ୍କ ବାବଦରେ ବିଶେଷ କିଛି ଜଣାପଡ଼ି ନାହିଁ। କିନ୍ତୁ ଇତିହାସକାରଙ୍କ ମତରେ ଗ୍ରୀକ ପ୍ରଶାସକ ସିକନ୍ଦର କିମ୍ବା ଆଲେକଜାଣ୍ଡର ଦି ଗ୍ରେଟଙ୍କ ଶାସନ କାଳରୁ ଏହି ସମ୍ପ୍ରଦାୟ ରହିଆସିଛନ୍ତି।

## ୯୦ ବର୍ଷ ପର୍ଯ୍ୟନ୍ତ ଗର୍ଭବତୀ

ସାଧାରଣତଃ ୫୦ରୁ ୫୫ ବର୍ଷ ମଧ୍ୟରେ ମହିଳାଙ୍କ ମାସିକ ଧର୍ମ ବନ୍ଦ ହୋଇଯାଇଥାଏ। ଏଥିଯୋଗୁ ମା' ହେବା ପାଇଁ ଆବଶ୍ୟକ ଶାରୀରିକ ପ୍ରକ୍ରିୟା ହୋଇ ନ ଥାଏ। କିନ୍ତୁ ହୁଞ୍ଜା ସମ୍ପ୍ରଦାୟର ମହିଳାଙ୍କ ମାସିକ ଧର୍ମ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଚାଲିଥାଏ। ନୋମାଡିକ୍ ୱେବସାଇଟ୍ ଅନୁଯାୟୀ, ଏଠାକାର ମହିଳା ୬୦ରୁ ୯୦ ବର୍ଷ ବୟସ ପର୍ଯ୍ୟନ୍ତ ଗର୍ଭବତୀ ହେବା ସହ ସନ୍ତାନ ଜନ୍ମ ମଧ୍ୟ ଦେଇପାରିଥାନ୍ତି।

## ଖାଦ୍ୟ ଅର୍ଗାନିକ, ଭାଷା ବୁରୁଶାକି

ପାକିସ୍ତାନର ଏହି ବାସିନ୍ଦାଙ୍କୁ ସ୍ଥାନୀୟ ଭାଷାରେ ବୁରୁଶୋ ବୋଲି କୁହାଯାଏ। ସେମାନେ ବୁରୁଶାକି ଭାଷା କହିଥାନ୍ତି। ପ୍ରାୟ ୮୭,୦୦୦ ଜନସଂଖ୍ୟା ବିଶିଷ୍ଟ ବୁରୁଶୋ ଲୋକଙ୍କ ବିଷୟରେ ବିଶେଷ ତଥ୍ୟ ଜଣା ନ ଥିବାବେଳେ ସେଠାକୁ ବୁଲିବାକୁ ଯାଉଥିବା ପର୍ଯ୍ୟଟକମାନେ ସେମାନଙ୍କ ବାବଦରେ ଜାଣିବା ପାଇଁ ଆଗ୍ରହୀ ଥାନ୍ତି। ଏଭଳି ଅଲଗା ଭାବେ ବଞ୍ଚୁଥିବା ବୁରୁଶୋମାନେ କିନ୍ତୁ ବେଶ୍ ଶିକ୍ଷିତ। ନିଜର ସ୍ୱତନ୍ତ୍ର ବିଦ୍ୟାଳୟରେ ପାଠପଢ଼ା ଯାଏ। ଏହାସହ ସେମାନେ ଚାଷରେ କୌଣସି ରାସାୟନିକ ସାର ପ୍ରୟୋଗ ନ କରି ଅର୍ଗାନିକ ବା ଜୈବିକ ଖାଦ୍ୟ ଖାଇଥାନ୍ତି। ଖୁବାନି ଫଳ ହୁଞ୍ଜାମାନଙ୍କ ବେଶ୍ ପସନ୍ଦ। କୁହାଯାଏ, କେବଳ ଏହି ଫଳରସ ପିଇ ଜଣେ ଅନେକ ମାସ ପର୍ଯ୍ୟନ୍ତ ବଞ୍ଚିପାରିବ। ଜରୁରୀ ପୋଷକ ତତ୍ତ୍ୱ ଥିବାରୁ ଏହି ଫଳ ଖାଇଲେ ମଣିଷ କ୍ୟାନ୍ସରରେ ପୀଡ଼ିତ ହେବା ସମ୍ଭାବନା ମଧ୍ୟ କମିଯାଇଥାଏ।

## ହଲିଉଡ୍‌ରେ ହୁଞ୍ଜା

ହୁଞ୍ଜା ସମ୍ପ୍ରଦାୟ ମଣିଷଙ୍କ କଥା ଲୋକପ୍ରିୟ ପୁସ୍ତକ ଓ ହଲିଉଡ୍ ଚଳଚ୍ଚିତ୍ରରେ ମଧ୍ୟ ସ୍ଥାନ ପାଇଛି। ସେଥିମଧ୍ୟରୁ ଜେ.ଆଇ ରୋଡାଲଙ୍କ 'ଦି ହେଲ୍‌ଦି ହୁଞ୍ଜାସ୍' ଏବଂ ଡକ୍ଟର ଜୋ କ୍ଲାର୍କଙ୍କ 'ଦି ଲାଷ୍ଟ କିଙ୍ଗଡମ୍ ଅଫ୍ ଦି ହିମାଳୟଜ୍' ପୁସ୍ତକ ହୁଞ୍ଜା ଉପରେ ଆଧାରିତ। ସେହିପରି 'ଲାଷ୍ଟ ହୋରାଇଜନ' ହଲିଉଡ୍ ଫିଲ୍ମରେ ହୁଞ୍ଜାଙ୍କ ଜୀବନଶୈଳୀ ଦେଖିବାକୁ ମିଳିଛି।

# ସାଇକେଲରେ ୬ ଥର ଦେଶ ଭ୍ରମଣ



**ଭୋପାଳ:** ଯୌତୁକ ପ୍ରଥା ରୋକିବା ପାଇଁ ସଚେତନତା ସୃଷ୍ଟି କରୁଛନ୍ତି ଭାଉ ସାହେବ। ଏହି ବ୍ୟକ୍ତି ଜଣକ ୨୭ ବର୍ଷ ଧରି ସାଇକେଲରେ ୬ ଥର ଭାରତ ଭ୍ରମଣ କରିସାରିଲେଣି। ଗୋଟିଏ ଦିନରେ ୭୦ରୁ ୮୦ କିଲୋମିଟର ଯାତ୍ରା କରିଥାନ୍ତି। ସେ ତାଙ୍କ ଭଉଣୀ ବିବାହ ସମୟରେ ଯୌତୁକ ସମସ୍ୟାର ସମ୍ମୁଖୀନ ହେବା ପରେ ଏପରି ସଚେତନତା ସୃଷ୍ଟି କରିବାକୁ ସ୍ଥିର କରିଥିଲେ। ଭାଉ ସାହେବ ମହାରାଷ୍ଟ୍ରର ମୂଳବାସିନ୍ଦା ଅଟନ୍ତି। ପ୍ରତି ସହରରେ ଅନେକ ଲୋକଙ୍କୁ ଭେଟି ଭାଉ ନିଜର ଯାତ୍ରା ସମ୍ପର୍କରେ ବୁଝାଇଥାନ୍ତି। ୧୯୯୩ ମସିହାରୁ ସେ ଏହି ଯାତ୍ରାରେ ବାହାରିଛନ୍ତି। ବର୍ତ୍ତମାନ ମଧ୍ୟପ୍ରଦେଶରେ ପହଞ୍ଚିଛନ୍ତି। ତାଙ୍କ ମତରେ ଯୌତୁକ ଏକ କଳଙ୍କ।

# ପରିଚୟ ଦେଲା ଭାଇରାଲ ଡ୍ୟାନ୍ସ

**ମୁମ୍ବାଇ:** ବଣ ମଲ୍ଲୀର ମହକକୁ ଦୁନିଆ ସାମ୍ନାକୁ ଆଣିପାରୁଛି ସୋସିଆଲ ମିଡିଆ। ଏଥିଯୋଗେ ଲୋକଲୋଚନକୁ ଆସିଛନ୍ତି ଜଣେ ଅଟୋ ଡ୍ରାଇଭର ବାବାଜି କାମ୍ବଲେ। ସୋସିଆଲ ମିଡିଆରେ ଏବେ ହଠାତ୍ ଏମିତି ଏକ ଭିଡିଓ ଭାଇରାଲ ହୋଇଛି, ଯେଉଁଥିରେ ବାବାଜି ନାଚୁଥିବା ଦେଖିବାକୁ ମିଳିଛି। ଏହା ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଆଣିଦେଇଛି।

ମହାରାଷ୍ଟ୍ର ପୁଣେର ବାରାମତୀରେ ଥିବା ଜଣେ ଅଟୋ ଡ୍ରାଇଭର ହେଉଛନ୍ତି ବାବାଜୀ । ଅଟୋ ଷ୍ଟାଣ୍ଡରେ ସେ ଲାଭାନୀ ( ସ୍ୱତନ୍ତ୍ର ନୃତ୍ୟ) ପ୍ରଦର୍ଶନ କରି ଲୋକଙ୍କ ଦୃଷ୍ଟି ଆକର୍ଷଣ କରି ପାରିଛନ୍ତି। ବାବାଜୀଙ୍କର ନୃତ୍ୟକଳା ଏବେ ସୁନ୍ଦର ହୋଇଛି ଯେ ଦେଖିଲେ ମନେହେବ ସେ ଜଣେ ଅଭିଜ୍ଞ ନୃତ୍ୟଶିଳ୍ପୀ। କାମ୍ବଲେଙ୍କର ଏହି ନାଚକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି ଦୟାନନ୍ଦ କାମ୍ବଲେ ନାମକ ଜଣେ ବ୍ୟକ୍ତି। ପ୍ରଥମେ ଭିଡିଓକୁ ଶେୟାର କରି ସେ କ୍ୟାପସନ ଦେଇଥିଲେ କି ଏହି ବ୍ୟକ୍ତିଙ୍କୁ ଅଧିକ ଲୋକପ୍ରିୟ କରାନ୍ତୁ। ବାବାଜୀ କାମ୍ବଲେଙ୍କର ଲାଭାନୀ ଏତେ ସୁନ୍ଦର ହୋଇଛି ଯେ ଏହାକୁ ଏବେ ବହୁ ସଂଖ୍ୟାରେ ଲୋକ ପସନ୍ଦ କରୁଛନ୍ତି। ତେବେ ଏହି ଭିଜୁଆଲକୁ ଦୟାନନ୍ଦ ସୋସିଆଲ ମିଡିଆରେ ଶେୟାର କରିବା ପୂର୍ବରୁ ମହାରାଷ୍ଟ୍ରର ସୂଚନା କେନ୍ଦ୍ର ମଧ୍ୟ ଭିଡିଓଟିକୁ ସୋସିଆଲ ମିଡିଆରେ ଶେୟାର କରିଥିଲା। କିନ୍ତୁ ଦୟାନନ୍ଦ ଏହି ଭିଜୁଆଲ ସହିତ ଅଟୋ ଡ୍ରାଇଭର ବାବାଜୀଙ୍କ ସମ୍ପର୍କରେ ଅଧିକ ସୂଚନା ଦେଇ ରିଟୁଇଟ୍ କରିଥିଲେ। ପ୍ରାୟ ୪ ମିନିଟର ଏହି ଭିଜୁଆଲରେ ବାବାଜୀ ଅଟୋଷ୍ଟାଣ୍ଡରେ ବେଶ୍ ସୁନ୍ଦରଭାବେ ମ୍ୟୁଜିକ୍‌ର ତାଳେତାଳେ ଲାଭାନୀ ପ୍ରଦର୍ଶନ କରିଛନ୍ତି। ଭିନ୍ନ କଥା ହେଉଛି ଲାଭାନୀ ପ୍ରଦର୍ଶନ ସମୟରେ ତାଙ୍କର ନୃତ୍ୟ ସାଙ୍ଗକୁ ଅଙ୍ଗଭଙ୍ଗୀ ବି ବେଶ୍ ସୁନ୍ଦର ହୋଇପାରିଛି। ଏଥିପାଇଁ ସୋସିଆଲ ମିଡିଆରେ ଏବେ ଲୋକେ ଏହି ଭିଜୁଆଲକୁ ଦେଖି ବାବାଜୀଙ୍କୁ ଖୁବ୍ ପ୍ରଶଂସା କରିଛନ୍ତି। ସୋସିଆଲ ମିଡିଆରେ ତାଙ୍କର ନୃତ୍ୟ ପ୍ରତିଭାକୁ ଖୁବ୍ ପ୍ରଶଂସା କରାଯାଇଛି।



# ଜମ୍ମୁରେ ସର୍ବୋଚ୍ଚ ରେଲୱେ ବ୍ରିଜ



**ଶ୍ରୀନଗର:** ଭାରତର ଜମ୍ମୁ-କଶ୍ମୀରରେ ବିଶ୍ୱର ସବୁଠୁ ଉଚ୍ଚା ରେଲୱେ ଆର୍କ ବ୍ରିଜ ତିଆରି କରାଯାଉଛି। ଏହି ରେଲୱେ ବ୍ରିଜ ପ୍ୟାରିସର ଆଇଫେଲ ଟାୱାରଠାରୁ ୩୫ ମିଟର ଉଚ୍ଚ। ଏହି ବ୍ରିଜଟି ଖମ୍ବ ଉପରେ ଝୁଲି ରହିଛି। କୁତବମୀନାର ଠାରୁ ଏହାର ଉଚ୍ଚତା ଅଧିକ। କୁତବମୀନାର ୭୫ ମିଟର ହୋଇଥିବା ବେଳେ ଏହି ବ୍ରିଜର ଉଚ୍ଚତା ୧୩୧ ମିଟର। ଏହାର ଲମ୍ବ ୧୩୧୫ ମିଟର। ନଦୀଠାରୁ ୩୫୯ ମିଟର ଉଚ୍ଚରେ ଏହା ରହିଛି। ଏଥିରେ ରୋପ୍ ଲିଫ୍ଟର ସୁବିଧା ରହିବ। ସେନ୍ସର ବି ଲଗାଯିବ। ଯେଉଁଥିରେ କୌଣସି ପ୍ରକାର ଅସୁବିଧା ହେଲେ ତୁରନ୍ତ ଜଣାପଡ଼ିଯିବ।

ରେଳମନ୍ତ୍ରୀ ପୀୟୂଷ ଗୋୟଲ କିଛିଦିନ ପୂର୍ବରୁ ଟୁଇଟ କରି ଏ ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ, ଜମ୍ମୁ-କଶ୍ମୀରର କ୍ୟାରି ଅଞ୍ଚଳରେ ନିର୍ମାଣ କରାଯାଉଥିବା ବିଶ୍ୱର ସବୁଠୁ ଉଚ୍ଚ ରେଳ ବ୍ରିଜ। ଏହାର ନିର୍ମାଣ କୋଙ୍କଣ ରେଲୱେ କର୍ପୋରେଶନ ଲିମିଟେଡ ଦ୍ୱାରା କରାଯାଉଛି। ଏହି ବ୍ରିଜ ଦ୍ୱାରା ଉଦମପୁର-ଶ୍ରୀନଗର-ବାରାମୂଳା ବ୍ୟତୀତ ଦେଶର ଅନ୍ୟ ରାଜ୍ୟଗୁଡ଼ିକୁ ମଧ୍ୟ ଯୋଡ଼ାଯାଇପାରିବ ବୋଲି ସେ କହିଥିଲେ।

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SMS JOB BUSINESS
Send SMS, Earn Money
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ବିଜ୍ନେସ କରି ମାସକୁ 15000/- ରୁ 45000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
9142914076
8092781316

DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9499135756

BINODAYA FINANCE
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହଋଣ, ଗାଈପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI


ALL EDITION - B/W
(Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଧିକାଂଶ ଜିଲାରେ ପାଗ ଶୁଷ୍କ ରହିବ। ବିଭିନ୍ନ ସ୍ଥାନରେ ଦିନ ଓ ରାତି ତାପମାତ୍ରା ପ୍ରାୟ ୪ରୁ ୫ ଡିଗ୍ରୀ ସେଲ୍‌ସିଅସ୍ ବୃଦ୍ଧି ପାଇପାରେ।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ପାଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘାଚ୍ଛନ୍ନ ରହିପାରେ। ସୋମବାର ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୫ | ୨୦.୧ |
| ଚାନ୍ଦବାଲି | ୩୪.୩ | ୧୯.୦ |
| କଟକ | ୩୫.୨ | ୧୯.୮ |
| ପାରାଦୀପ | ୩୦.୪ | ୨୧.୪ |
| ଭୁବନେଶ୍ୱର | ୩୫.୭ | ୨୧.୪ |
| ଗୋପାଳପୁର | ୩୪.୦ | ୨୨.୪ |
| ପୁରୀ | ୩୧.୬ | ୨୩.୪ |
| ଅନୁଗୋଳ | ୩୫.୧ | ୧୯.୬ |
| ବାରିପଦା | ୩୫.୫ | ୧୯.୦ |
| ଝାରସୁଗୁଡ଼ା | ୩୫.୨ | ୧୮.୮ |
| କେନ୍ଦୁଝର | ୩୩.୦ | ୧୭.୦ |
| ସମ୍ବଲପୁର | ୩୫.୩ | ୨୦.୦ |
| ସୁନ୍ଦରଗଡ଼ | ---- | ୧୫.୫ |
| ହୀରାକୁଦ | ୩୪.୩ | ୧୯.୬ |
| ତାଳଚେର | ୩୬.୨ | ୨୧.୦ |
| ଭବାନୀପାଟଣା | ୩୬.୦ | ୧୯.୨ |
| ବଲାଙ୍ଗୀର | ୩୫.୮ | --- |
| କୋରାପୁଟ | ୩୨.୬ | ୧୬.୮ |
| ଫୁଲବାଣୀ | --- | ୧୫.୫ |
| ଟିଟିଲାଗଡ଼ | ୩୬.୦ | ୨୧.୩ |
| ମାଲକାନଗିରି | ୩୮.୫ | ୨୧.୫ |
| ସୋନପୁର | ୩୫.୬ | ୧୯.୬ |
| ଦାରିଙ୍ଗିବାଡ଼ି | ୩୧.୫ | ୧୭.୦ |
| ନୟାଗଡ଼ | ୩୫.୩ | ୨୧.୫ |
| ବୌଦ୍ଧ | ୩୭.୫ | ୨୨.୦ |
| ଛତ୍ରପୁର | ୩୨.୪ | ୨୨.୦ |
| ପାରଳାଖେମୁଣ୍ଡି | --- | ୨୪.୫ |
| ରାୟଗଡ଼ା | ୩୬.୫ | --- |

ଡିଗ୍ରୀ ସେଲ୍‌ସିୟସ୍

ମନେ ପଡ଼ନ୍ତି

୬ଷ୍ଠ ଶ୍ରାଦ୍ଧବାର୍ଷିକୀ




୰ଚିତ୍ତରଞ୍ଜନ ପରିଡ଼ା
ମଉଗଜପୁର, ବିରିବାଟୀ, କଟକ
ଆବିର୍ଭାବ: ୩୦।୦୫।୧୯୪୦
ତିରୋଧାନ: ୨୦।୦୨।୨୦୧୫
ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା, ତୁମର ଆତ୍ମା ଶାନ୍ତିରେ ଥାଉ।
-:ଶୋକସନ୍ତପ୍ତ:-
ପତ୍ନୀ: ଶାନ୍ତିଲତା, ଝିଅ: ସଞ୍ଜୁକ୍ତା, ଜ୍ୱାଇଁ: କୁଞ୍ଜବନ, ପୁତ୍ର: ସଞ୍ଜୟ, ଅଜୟ, ବିଜୟ, ଅକ୍ଷୟ, ଅଭୟ, ହୃଦୟ, ଧନଞ୍ଜୟ, ଚିନ୍ମୟ, ମୃତ୍ୟୁଞ୍ଜୟ, ଭାଇ: ଲକ୍ଷ୍ମୀଧର, ଶରତ, ପ୍ରଭାତ, ଆଶୁତୋଷ
ଧ-୧୪୫୮୦

ଶ୍ରଦ୍ଧାଞ୍ଜଳି



୰ ବ୍ରଜମୋହନ ପଣ୍ଡା
ଆର୍ବିଭାବ: ୦୫.୦୬.୧୮୯୦
ତିରୋଧାନ: ୧୫.୦୩.୧୯୬୫
ପ୍ରତିଷ୍ଠାତା- ଲରମ୍ଭା ହାଇସ୍କୁଲ ଏବଂ ଲରମ୍ଭା କଲେଜ ।
ସେ ଜଣେ ସମାଜସେବୀ, ସ୍ୱାଧିନତା ସଂଗ୍ରାମୀ ଓ ଶ୍ରୀ ଗଙ୍ଗାଧର ମେହେରଙ୍କ ଅତି ନିକଟତର ଥିଲେ । ତାଙ୍କର ପୁଣ୍ୟତିଥିରେ ତାଙ୍କ ପରିବାର ଏବଂ ଅନେକ ବନ୍ଧୁ ତଥା ଶ୍ରଦ୍ଧାଳୁଙ୍କ ପକ୍ଷରୁ ବିନମ୍ର ଶ୍ରଦ୍ଧାଞ୍ଜଳି ।
ଧ-୨୦୨୪୦





ନିକୁଞ୍ଜ ବିହାରୀ ସାହୁ

"ମଙ୍ଗଳ ପୃଷ୍ଠରେ ଅବତରଣ କରିବା ଏକ କଷ୍ଟକର ଏବଂ ଜଟିଳ ପ୍ରଯୁକ୍ତିଗତ ପ୍ରକ୍ରିୟା । ଏଥିପାଇଁ ଏପର୍ଯ୍ୟନ୍ତ ଗ୍ରହକୁ ପ୍ରେରଣ କରାଯାଇଥିବା ମାତ୍ର ୪୦ ପ୍ରତିଶତ ଅଭିଯାନ ସଫଳ ହୋଇପାରିଛି । ବୈଜ୍ଞାନିକମାନେ କମ୍ପ୍ୟୁଟର ପର୍ଦ୍ଦାକୁ ଚାହିଁ ରହିଥାଆନ୍ତି ନିର୍ଲିପ୍ତ ଭାବରେ । ଯାନଟି ବାୟୁମଣ୍ଡଳରେ ଘଣ୍ଟାକୁ ପ୍ରାୟ ୨୦,୦୦୦ କି.ମି. ବେଗରେ ପ୍ରବେଶ କରିଥାଏ ।"

# ଲୋହିତ ଗ୍ରହରେ ଜୀବନର ସନ୍ଧାନ

ଲୋହିତ ଗ୍ରହ ମଙ୍ଗଳ ଜଳ ଓ ଜୀବନର ଉପସ୍ଥିତି ନିମନ୍ତେ ଯୁଗେ ଯୁଗେ ମନୁଷ୍ୟ ପାଇଁ ଏକ ରହସ୍ୟ, ରୋମାଞ୍ଚଘେରା ରାଇଜ ରୂପେ ରହି ଆସିଛି । ଗ୍ରହଟି ଅନେକାଂଶରେ ଆମ ପୃଥିବୀ ଭଳି। ଏହା ପୃଥିବୀ ଭଳି ପ୍ରାୟ ୨୪ ଘଣ୍ଟାରେ ଥରେ ନିଜ ଅକ୍ଷ ଚାରିପଟେ ଘୂରିଥାଏ ; ଫଳରେ ଏଠାରେ ପୃଥିବୀ ଭଳି ପ୍ରାୟ ପ୍ରତି ୧୨ ଘଣ୍ଟା ଅନ୍ତରରେ ଦିନରାତିର ପରିବର୍ତ୍ତନ ଘଟିଥାଏ । ପୃଥିବୀ ଭଳି ଗ୍ରହଟିର ଅକ୍ଷର ଆନତି ପ୍ରାୟ ୨୩.୫ ଡିଗ୍ରୀ ହୋଇ ଥିବାରୁ ଗ୍ରହଟିରେ ମଧ ଋତୁଚକ୍ରର ମଧୁର ରାସଲୀଳା ଗଡିଚାଲେ । ପୃଥିବୀ ଭଳି ଗ୍ରହଟିର ବାୟୁମଣ୍ଡଳ ମଧ ବିଭିନ୍ନ ଗ୍ୟାସ୍‌ର ମିଶ୍ରଣ । ଏହାର ମେରୁରେ ପୃଥିବୀ ଭଳି ବରଫାବୃତ ଶୃଙ୍ଗ ଦେଖିବାକୁ ମିଳେ, ଯେଉଁଠାରେ ପ୍ରଚୁର ଜଳ କଠିନ ରୂପରେ ଗଚ୍ଛିତ ଥିବାର ଅନୁମାନ କରାଯାଏ । ମାତ୍ର ଏସବୁ ଅନୁକୂଳ ପରିସ୍ଥିତି ସତ୍ତ୍ୱେ ଗ୍ରହଟି ଭୀଷଣ ରୁକ୍ଷ ଏବଂ ତାପମାତ୍ରା ଶୂନ୍ୟ ଡିଗ୍ରୀରୁ ବହୁତ ତଳେ, ଯେଉଁଥିରେ ଜୀବନ ବଞ୍ଚିବା ସମ୍ଭବପର ନୁହେଁ। ଏବେ ଜଣାପଡିଛି ଯେ, ମଙ୍ଗଳ କେବଳ ଶୁଖିଲା ନଈ, ଧୂସର ଉପତ୍ୟକା ଏବଂ ଲାଲ ମାଟିରେ ଢଙ୍କା ଏକ ନୀରବ, ନିଷ୍ପ୍ରାଣ ଗ୍ରହ। ମାତ୍ର ଏ ପ୍ରସଙ୍ଗରେ ଏକ ପ୍ରଶ୍ନ ସର୍ବଦା ମନକୁ ଆନ୍ଦୋଳିତ କରେ: ଅତୀତରେ ଗ୍ରହପୃଷ୍ଠରେ ଜଳର ଉପସ୍ଥିତି ଓ ଜୀବନକୁ ସୁହାଇଲା ଭଳି ଜଳବାୟୁ ଥିଲା କି ? ଯଦି ଥିଲା, ସେଭଳି ପରିସ୍ଥିତିରେ କେଉଁ ସ୍ତରର ଜୀବନ ବିକଶିତ ହୋଇଥିଲା ? ଅର୍ଥାତ୍, ସେଠାରେ ସୂକ୍ଷ୍ମ ଅନୁନ୍ନତ ଅଣୁଜୀବ ସ୍ତରର ନା ମଣିଷ ଭଳି ବୁଦ୍ଧିମାନ୍ ଉଚ୍ଚତର ଜୀବର ବିକାଶ ଘଟିଥିଲା ? ମଣିଷ ଆଗାମୀ ଦିନରେ ମଙ୍ଗଳରେ ନିଜର ବସତି ସ୍ଥାପନ କରିପାରିବ କି, ଇତ୍ୟାଦି ଇତ୍ୟାଦି ? ଏହି ସବୁ ଜଟିଳ, ଅସମାହିତ ତଥା ରହସ୍ୟମୟ ପ୍ରଶ୍ନର ଉତ୍ତର ପାଇବା ନିମନ୍ତେ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା 'ନାସା' ନିକଟରେ ମଙ୍ଗଳ ଗ୍ରହକୁ ସଫଳତାର ସହ ପ୍ରେରଣ କରିଛି ଏକ ଯନ୍ତ୍ରଯାନ।

## ବାୟୁମଣ୍ଡଳ ପ୍ରବେଶ, ନିମ୍ନଗତି ଓ ଅବତରଣ

ଗତ ଫେବୃୟାରୀ ୧୮ ତାରିଖର ଏକ ଶୀତୁଆ ଅପରାହ୍ନ। ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା 'ନାସା'ର କାଲିଫର୍ନିଆ ପାସାଡେନାସ୍ଥିତ ଜେଟ୍ ପ୍ରପଲସନ୍ ଲାବରେଟୋରିର କଣ୍ଟ୍ରୋଲ ରୁମ୍‌ଠାରେ ଏକ ଉଦ୍‌ବେଗ ଓ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ । ଲୋହିତ ଗ୍ରହ ମଙ୍ଗଳକୁ ୪୭.୨ କୋଟି କି.ମି. ଦୂରତା ଅତିକ୍ରମ କରି ଯାଇଥିବା ମହାକାଶଯାନ 'ପର୍ସିଭେରେନ୍ସ' ୨୦୩ ଦିନର ଯାତ୍ରା ପରେ ଏହାର ବାୟୁମଣ୍ଡଳ ମଧ୍ୟରେ ପ୍ରବେଶ କରି ଦ୍ରୁତଗତିରେ ଛୁଟି ଯାଉଛି ଏବଂ ଆଉ କେଇ ମିନିଟ୍ ମଧ୍ୟରେ ଗ୍ରହପୃଷ୍ଠରେ ଅବତରଣ କରିବ। ମାତ୍ର ଗ୍ରହର ବାୟୁମଣ୍ଡଳ ଦେଇ ସାତ ମିନିଟ୍ କାଳର ଏହି ସଂକଟପୂର୍ଣ୍ଣ ଯାତ୍ରାର ବାୟୁମଣ୍ଡଳରେ ପ୍ରବେଶ, ନିମ୍ନଗତି ଏବଂ ଅବତରଣ ଅଭିଯାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଜଟିଳ ପର୍ଯ୍ୟାୟ। ଯାନଟି ମଙ୍ଗଳର ବାୟୁମଣ୍ଡଳ ଭେଦ କରି ଘଣ୍ଟାକୁ ପ୍ରାୟ ୨୦,୦୦୦ କି.ମି. ଗତିରେ ଗ୍ରହର ପୃଷ୍ଠ ଆଡ଼କୁ ଆଗେଇ ଯାଉଥାଏ । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଯାନର ବେଗକୁ ଯଥେଷ୍ଟ ହ୍ରାସ କରି ଗ୍ରହପୃଷ୍ଠରେ ଧୀର ଅବତରଣ କରାଇବାକୁ ପଡିବ ; ନଚେତ୍ ଯାନଟି ଦ୍ରୁତ ଗତିରେ ଗ୍ରହପୃଷ୍ଠରେ ପିଟି ହୋଇ ନଷ୍ଟ ହୋଇଯିବ ଏବଂ ବୈଜ୍ଞାନିକମାନଙ୍କ ବର୍ଷ ବର୍ଷର ସମସ୍ତ ଅକ୍ଳାନ୍ତ ପରିଶ୍ରମ ବ୍ୟର୍ଥ ହୋଇଯିବ । ସୁତରାଂ ଏହି ସଂକ୍ଷିପ୍ତ ସମୟ ମଧ୍ୟରେ ଶତାଧିକ ଜଟିଳ ବୈଜ୍ଞାନିକ ପ୍ରକ୍ରିୟାକୁ ସୂଚାରୁ ରୂପେ ଏବଂ ସଠିକ ସମୟରେ ସମ୍ପାଦନ କରିବାକୁ ପଡିବ । ଆହୁରି ମଧ ଏସବୁ ପ୍ରକ୍ରିୟାକୁ ଯାନକୁ ନିଜେ ସମ୍ପାଦନ କରିବାକୁ ପଡିବ ; କାରଣ ଅତ୍ୟଧିକ ଦୂରତା ହେତୁ ଯାନକୁ ପୃଥିବୀରୁ ରେଡିଓ ସଂକେତ ପ୍ରେରଣ କରି ଆବଶ୍ୟକ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ୧୧ ମିନିଟ୍ ସମୟ ଲାଗିଥାଏ । ଏହାର ଅର୍ଥ, ଯାନଟି ଗ୍ରହର ବାୟୁମଣ୍ଡଳରେ ପ୍ରବେଶ ବାର୍ତ୍ତା ପୃଥିବୀରୁ ବୈଜ୍ଞାନିକମାନେ ଶୁଣିବା କ୍ଷଣି ଏହା ପ୍ରକୃତରେ ଗ୍ରହ ପୃଷ୍ଠକୁ ଛୁଇଁ ସାରିଥିବ।


ମଙ୍ଗଳ ପୃଷ୍ଠରେ ଅବତରଣ କରିବା ଏକ କଷ୍ଟକର ଏବଂ ଜଟିଳ ପ୍ରଯୁକ୍ତିଗତ ପ୍ରକ୍ରିୟା । ଏଥିପାଇଁ ଏପର୍ଯ୍ୟନ୍ତ ଗ୍ରହକୁ ପ୍ରେରଣ କରାଯାଇଥିବା ମାତ୍ର ୪୦ ପ୍ରତିଶତ ଅଭିଯାନ ସଫଳ ହୋଇପାରିଛି। ବୈଜ୍ଞାନିକମାନେ କମ୍ପ୍ୟୁଟର ପର୍ଦ୍ଦାକୁ ଚାହିଁ ରହିଥାଆନ୍ତି ନିର୍ଲିପ୍ତ ଭାବରେ । ଯାନଟି ବାୟୁମଣ୍ଡଳରେ ଘଣ୍ଟାକୁ ପ୍ରାୟ ୨୦,୦୦୦ କି.ମି. ବେଗରେ ପ୍ରବେଶ କରିଥାଏ । ଯାନଟିର ଏହି ପ୍ରଚଣ୍ଡ ଗତି ଯୋଗୁଁ ଏହା ବାୟୁମଣ୍ଡଳୀୟ ପ୍ରଚଣ୍ଡ ଘର୍ଷଣ ବଳର ସମ୍ମୁଖୀନ ହୋଇ ତାପମାତ୍ରା ପ୍ରାୟ ୧୩୦୦ ଡିଗ୍ରୀ ସେଲ୍‌ସିୟସରେ ପହଞ୍ଚିଲା। ଏହି ଉଚ୍ଚ ତାପମାତ୍ରାରୁ ଯାନକୁ ସୁରକ୍ଷିତ ରଖିବା ପାଇଁ ଯାନ ଚାରିପଟେ ଏକ ତାପନିରୋଧକ ଖୋଳପା ରହିଥାଏ। ଏହା ଯାନକୁ ପ୍ରଚଣ୍ଡ ତାପମାତ୍ରାରୁ ରକ୍ଷା କରିବା ସହିତ ବାୟୁମଣ୍ଡଳରେ ଯାନର ବେଗକୁ କିଛି ମାତ୍ରାରେ ହ୍ରାସ କରେ।

ବାୟୁମଣ୍ଡଳ ପ୍ରବେଶର ୨୪୦ ସେକେଣ୍ଡ ପରେ ଗ୍ରହପୃଷ୍ଠରୁ ପ୍ରାୟ ୧୧ କି.ମି. ଉର୍ଦ୍ଧ୍ୱରେ ୭୦.୫ ଫୁଟ ବ୍ୟାସ ବିଶିଷ୍ଟ ଯାନର ବିଶାଳକାୟ ପାରାସୁଟ୍ ଖୋଲି ଦିଆଗଲା। ସେତେବେଳେ ଯାନଟି ଘଣ୍ଟା ପ୍ରତି ୧୫୧୨ କି.ମି. ବେଗରେ ଗତି କରୁଥିଲା। ପାରାସୁଟ୍ ଖୋଲିବାର ୨୦ ସେକେଣ୍ଡ ପରେ ଯାନରୁ ହିଟ୍ ସିଲ୍ଡ ଖୋଳପା ବିଚ୍ଛିନ୍ନ କରିଦିଆଗଲା ଏବଂ ଯାନକୁ ପ୍ରଥମଥର ବାୟୁମଣ୍ଡଳ ସଂସ୍ପର୍ଶରେ ଆସିବାକୁ ଦିଆଗଲା । ଏହା ଦ୍ୱାରା ଯାନରେ ଖଞ୍ଜା ଯାଇଥିବା ରାଡାର ଏବଂ ଟେରେନ୍ ରିଲେଟିଭ୍ ନାଭିଜେସନ୍ ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇ ସ୍ପଷ୍ଟ ତଳକୁ ଦେଖିପାରିଲେ ଏବଂ ଗ୍ରହପୃଷ୍ଠରୁ ଯାନର ଉଚ୍ଚତା, ଅବସ୍ଥାନ ଓ ବେଗର ମୂଲ୍ୟ ନିର୍ଭୁଲ ରୂପେ ମାପିବା ସହିତ ନିରାପଦ ଅବତରଣସ୍ଥଳୀ ସମ୍ପର୍କରେ ସୂଚନା ଦେବା ଆରମ୍ଭ କଲେ।

ନିମ୍ନମୁଖୀ ଯାନର ବେଗ ହ୍ରାସ ପାଇ ଘଣ୍ଟା ପ୍ରତି ୩୨୦ କି.ମି. ମୂଲ୍ୟରେ ପହଞ୍ଚିଲା କ୍ଷଣି ବେଗକୁ ଆହୁରି ମନ୍ଥର କରିବା ନିମନ୍ତେ ଗ୍ରହପୃଷ୍ଠରୁ ୨.୧ କି.ମି. ଉର୍ଦ୍ଧ୍ୱରେ ଯାନର ୮ଟି ଇଞ୍ଜିନ ବିଶିଷ୍ଟ ରେଟ୍ରୋ-ରକେଟ୍‌ଗୁଡିକୁ କାର୍ଯ୍ୟକ୍ଷମ କରାଗଲା ; ଫଳରେ ଯାନର ବେଗ ଘଣ୍ଟା ପ୍ରତି ୨.୭ କି.ମି.କୁ ହ୍ରାସ ପାଇଲା । ଯାନଟି ଗ୍ରହପୃଷ୍ଠରୁ ୬୬ ଫୁଟ ଉର୍ଦ୍ଧ୍ୱରେ ଥିବାବେଳେ ଏକ ଅଭିନବ ପଦ୍ଧତି ଅନୁସାରେ ସ୍କାଇ କ୍ରେନ୍ ବ୍ୟବସ୍ଥାକୁ ଚାଲୁ କରାଯାଇ ମୂଳଯାନରୁ ୨୧ ଫୁଟ ଲମ୍ବର ଏକ ତାର ଜରିଆରେ ଯନ୍ତ୍ରଯାନକୁ ଅତି ଯତ୍ନର ସହ ତଳକୁ ଅର୍ଥାତ୍ ଗ୍ରହପୃଷ୍ଠକୁ ଖସାଇ ଦିଆଗଲା। ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଜଟିଳ ପ୍ରକ୍ରିୟା। କାରଣ ଏହାଦ୍ୱାରା ଯାନଟି ସିଧାସଳଖ ଗ୍ରହପୃଷ୍ଠକୁ ଛୁଇଁବ। ଯନ୍ତ୍ରଯାନଟିର ଚକା ଗ୍ରହପୃଷ୍ଠକୁ ଛୁଇଁବାକ୍ଷଣି ଯାନକୁ ସଂଯୁକ୍ତ କରିଥିବା ଏହି ତାରକୁ ସ୍ୱୟଂଚାଳିତ ବ୍ୟବସ୍ଥା ଜରିଆରେ କାଟି ଦିଆଗଲା। ତେଣେ ନାସାର କଣ୍ଟ୍ରୋଲ୍ ରୁମ୍‌ରେ ଯାନର ଏହି ରୋମାଞ୍ଚକର ଅବତରଣ ସମ୍ପର୍କରେ ନିରବଚ୍ଛିନ୍ନ ଭାବେ ପ୍ରତ୍ୟକ୍ଷଦର୍ଶୀ ଧାରାବିବରଣୀ ଦିଆଯାଉଥାଏ। (କ୍ରମଶଃ..)

-ଏଜୁକେଶନ୍ ଅଫିସର୍,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର,
ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୦୧୮୭୦୮୮୫୮





# ଡାଇବେଟିସ୍ ଓ ଦୃଷ୍ଟିଶକ୍ତି

ଡାଇବେଟିସ ବା ମଧୁମେହକୁ ନୀରବ ଘାତକ ଭାବରେ ବିବେଚନା କରାଯାଏ। କାରଣ ଏହାଦ୍ୱାରା ଶରୀରର ଅଧିକାଂଶ ଅଙ୍ଗ ଆକ୍ରାନ୍ତ ହୋଇଥାଏ, ଯାହାଫଳରେ ପରବର୍ତ୍ତୀ ସମୟରେ ରୋଗୀ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୁଏ। ବିଶେଷଭାବରେ ଡାଇବେଟିସ୍ ଅସନ୍ତୁଳିତ ରହିଲେ ତାହାର ପ୍ରଭାବ ମୁଖ୍ୟତଃ ହୃତ୍‌ପିଣ୍ଡ (ହାର୍ଟ), କିଡ୍‌ନୀ ଏବଂ ଚକ୍ଷୁ ଉପରେ ପଡିଥାଏ। ଏହାଦ୍ୱାରା ଚକ୍ଷୁ ଆକ୍ରାନ୍ତ ହେଲେ ରେଟିନାରେ ଥିବା ଶିରା ପ୍ରଶିରା ପ୍ରଭାବିତ ହୁଏ। ଡାଇବେଟିସ ଅଧିକ ବଢ଼ିଗଲେ ଶିରା ଫାଟି ସେଥିରୁ ରକ୍ତ କ୍ଷରଣ ହୁଏ। ଫଳରେ ଏହାର ପ୍ରଭାବ ଦୃଷ୍ଟିଶକ୍ତି ଉପରେ ପଡିଥାଏ। ଡାଇବେଟିସ୍ ଦ୍ୱାରା ଆଖି ଆକ୍ରାନ୍ତ ହେଲେ ତାହା ହଠାତ୍ ଜଣାପଡି ନ ଥାଏ। ଦୃଷ୍ଟିଶକ୍ତି ଜନିତ ସମସ୍ୟା ଅଧିକ ବଢ଼ିଗଲେ ପରୀକ୍ଷା ସମୟରେ ଆଖି ଭିତରେ ସୃଷ୍ଟି ହୋଇଥିବା ଗୁରୁତର ସମସ୍ୟା ବିଷୟରେ ଡାକ୍ତର ଜାଣିପାରନ୍ତି। ସେହି ସମୟରେ ଚକ୍ଷୁ ସମସ୍ୟାର ଅବସ୍ଥାକୁ ଅନୁଧ୍ୟାନ କରି ଚକ୍ଷୁ ବିଶେଷଜ୍ଞ ସଂପୃକ୍ତ ବ୍ୟକ୍ତିଙ୍କର ଚିକିତ୍ସା କରିଥାଆନ୍ତି। ବେଳେବେଳେ ଅବହେଳା କାରଣରୁ ରୋଗୀକୁ ଦୃଷ୍ଟିଶକ୍ତି ହରାଇବା ପରି ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ତେଣୁ ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ, ତେବେ ନିୟମିତ ସମୟ ଅନ୍ତରାଳରେ ଚକ୍ଷୁ ସହ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।



# ଇୟର ବଡ୍

ସାଧାରଣତଃ କାନ ସଫା କରିବା ପାଇଁ ଆମେ ଇୟର ବଡ୍ ବ୍ୟବହାର କରିଥାଉ। ହେଲେ ଏ ସମୟରେ କେତୋଟି ଦିଗ ପ୍ରତି ସତର୍କ ରହିବାକୁ ପଡ଼ିଥାଏ। ଜାଣନ୍ତୁ ସେ ସମ୍ପର୍କରେ...



- କାନକୁ ବାରମ୍ବାର ଇୟର ବଡ୍ ଦ୍ୱାରା ସଫା କଲେ କାନ ଭିତର ନଳୀ ଓସାର ହୋଇଯାଏ। ଏହାଫଳରେ କାନ ଭିତରକୁ ଧୂଳିମଳି ସହଜରେ ପ୍ରବେଶ କରିବା ଦ୍ୱାରା ତାହାର ପ୍ରଭାବ ଶ୍ରବଣ ଶକ୍ତି ଉପରେ ପଡ଼ିଥାଏ।
- ପୁରୁଣା କିମ୍ବା ପୂର୍ବରୁ ବ୍ୟବହୃତ ଇୟର ବଡ୍ ଆଦୌ ବ୍ୟବହାର କରନ୍ତୁ ନାହିଁ। ଏହାଦ୍ୱାରା କାନ ସଂକ୍ରମଣ ପରି ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ତେଣୁ କାନ ସଫା କରିବା ଲାଗି ସବୁବେଳେ ନୂଆ ଏବଂ ପରିଷ୍କାର ଇୟର ବଡ୍ ବ୍ୟବହାର କରନ୍ତୁ।
- କାନର ଭିତର ଅଂଶ ଯେପରି ସବୁବେଳେ ପରିଷ୍କାର ରହେ, ସେଥିପ୍ରତି ଧ୍ୟାନ ଦିଅନ୍ତୁ। ତେଣୁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଭିଜ୍ଞ କର୍ଣ୍ଣ ବିଶେଷଜ୍ଞଙ୍କ ନିକଟରେ କାନ ଦେଖାଇ ନିଅନ୍ତୁ।
- ଇୟର ବଡ୍‌ରେ କାନ ସଫା କରିବା ସମୟରେ ସତର୍କତାର ସହ ସଫା କରନ୍ତୁ। କାରଣ ବେଳେବେଳେ ଏହାର ତୁଳା ଅଂଶ କାନ ଭିତରେ ରହିଯାଇଥାଏ। ପରବର୍ତ୍ତୀ ସମୟରେ କାନରେ ଧୂଳିମଳି ଜମି ରହିବା ଏବଂ ପାଣି ସଂସ୍ପର୍ଶରେ ଆସିବା ଦ୍ୱାରା କାନ ଇନ୍‌ଫେକଶନ ଆଶଙ୍କା ରହିଛି।

# ଉପବାସ କରୁଥିଲେ..



କେତେକ ପୂଜା ପାର୍ବଣରେ ଉପବାସ ରହିଲେ ତାହା ମନକୁ ଶାନ୍ତି ଦେବା ସହ ମନରେ ଆଧାତ୍ମିକ ଭାବନା ଜାଗ୍ରତ କରିଥାଏ ବୋଲି ଅନେକେ ବିଶ୍ୱାସ କରନ୍ତି। ତେଣୁ ଏହି ସମୟରେ ଉପବାସ ରହିବାକୁ କେତେକ ପସନ୍ଦ କରନ୍ତି। ହେଲେ ଏହାର ପ୍ରଭାବ ମାନସିକତା ଉପରେ ପଡିଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି। 'ଉପବାସ ଓ ମାନସିକତା' ଶୀର୍ଷକ ବିଷୟ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱବିତ୍‌ମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ଉପବାସ କରୁଥିଲେ ସେମାନଙ୍କ ମାନସିକତାରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିଲା। ଏପରି କି କେତେକଙ୍କଠାରେ ଚିଡିଚିଡା ସ୍ୱଭାବ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଉପବାସ ରହିବା ସମୟରେ ନିଜର ମାନସିକତାକୁ ସନ୍ତୁଳିତ ରଖିବା ସମ୍ପୂର୍ଣ୍ଣ ଭାବରେ ନିଜ ଉପରେ ନିର୍ଭର କରେ।

# ସ୍ୱାସ୍ଥ୍ୟ ସୂଚନା

- ଅଧିକାଂଶ ସମୟରେ ଅନେକ ବ୍ୟକ୍ତିବିଶେଷ ଭାଇରାଲ କିମ୍ବା ଇନ୍‌ଫେକଶନ ଦ୍ୱାରା ଆକ୍ରାନ୍ତ ହୋଇଥାଆନ୍ତି। ଏଥିରୁ ନିଜକୁ ରକ୍ଷା କରିବା ପାଇଁ ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ତା'ସହ ପ୍ରତିଦିନ ତଟକା ଫଳମୂଳ ଏବଂ ସବୁଜ ପନିପରିବାରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ।
- ଆପଣ ଆଜ୍‌ମା କିମ୍ବା ଡାଇବେଟିସ ଦ୍ୱାରା ଆକ୍ରାନ୍ତ କି ? ଯଦି ହଁ, ତେବେ ଅଧିକ ସମୟ ଓଦା ହୋଇ ରହନ୍ତୁ ନାହିଁ। କାରଣ ଏହାଦ୍ୱାରା ଫୋଙ୍ଗାଲ ଇନ୍‌ଫେକଶନ ହେବାର ଆଶଙ୍କା ଅଧିକ ଥାଏ।
- ଯଦି ଆପଣ କୌଣସି ଦୀର୍ଘକାଳୀନ ରୋଗ (କ୍ରୋନିକ ଡିଜିଜ୍)ରେ ପୀଡିତ, ତେବେ ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରିବା ସହ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।
- ଯଦି ଅଧିକ ସମୟ ଗୋଟିଏ ସ୍ଥାନରେ ବସି ରହି କାମ କରୁଛନ୍ତି, ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଉଠି କିଛି ସମୟ ଚାଲବୁଲ କରନ୍ତୁ। ଏହାଦ୍ୱାରା ଅଣ୍ଟାକୁ ଆରାମ ମିଳିଥାଏ।
- କେତେକ ବ୍ୟକ୍ତି ଦିନକୁ ଥରେ ଦାନ୍ତ ଘଷିଥାଆନ୍ତି। ହେଲେ ରାତ୍ର ଭୋଜନ ପରେ ଦାନ୍ତ ଘଷିବାକୁ ଭୁଲନ୍ତୁ ନାହିଁ। ତା'ସହ ରାତିରେ ଖାଇବା ପରେ କିଛି ସମୟ ଚାଲବୁଲ କଲେ ଖାଦ୍ୟ ହଜମ ହୋଇଥାଏ।



# କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରେ ବ୍ୟବହାର

ନିଜର ବ୍ୟବହାର ଉପରେ କାର୍ଯ୍ୟଦକ୍ଷତା କେତେକାଂଶରେ ନିର୍ଭର କରିଥାଏ। ବିଶେଷଭାବରେ ଯଦି ବ୍ୟବହାର ରୁକ୍ଷ ହୁଏ, ସେହି ଅନୁସାରେ କାର୍ଯ୍ୟଦକ୍ଷତା ପ୍ରଭାବିତ ହୋଇଥାଏ। ଏପରି ରୋଚକ ତଥ୍ୟ ବିଷୟରେ ଏକ ସଦ୍ୟତମ ସର୍ଭେରୁ ଜାଣିବାକୁ ମିଳିଛି। 'କାର୍ଯ୍ୟଦକ୍ଷତା ଓ ବ୍ୟବହାର' ଶୀର୍ଷକ ବିଷୟବସ୍ତୁ ଉପରେ ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କର ବ୍ୟବହାର ସହ କାର୍ଯ୍ୟଦକ୍ଷତାକୁ ତୁଳନା କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ଯେଉଁମାନଙ୍କର ବ୍ୟବହାର ରୁକ୍ଷ ଥିଲା, ସେମାନଙ୍କର କାର୍ଯ୍ୟ ସମ୍ପାଦନ ଶୈଳୀ ଆଶାନୁରୂପ ନ ଥିଲା। ଅନ୍ୟପକ୍ଷରେ ନମ୍ର ବ୍ୟବହାର କରୁଥିବା ବ୍ୟକ୍ତିମାନେ ନିଜ କାମକୁ ବେଶ୍ ସୂଚାରୁ ରୂପେ ତୁଲାଉଥିବାର ଦେଖିବାକୁ ମିଳିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ଦେବାଶିଷ, ସୁଶ୍ରୀ କ୍ରିକେଟର ଅଫ୍ ଦି ଇୟର


ପୁରସ୍କାର ଉତ୍ସବରେ ଉପସ୍ଥିତ କ୍ରୀଡ଼ାବିତ୍ ଓ ଅତିଥିମାନେ।

**ଭୁବନେଶ୍ୱର, ୧୪।୩(କ୍ରୀଡ଼ା ପ୍ରତିନିଧି)**

''ଅନେକ ବ୍ୟକ୍ତି ଅତ୍ୟନ୍ତ ନିଷ୍ଠାର ସହ କାର୍ଯ୍ୟକରି ତୃଣମୂଳ ସ୍ତରରୁ ପ୍ରତିଭା ବାହାର କରୁଛନ୍ତି। ମାତ୍ର ପରେ ଭିତ୍ତିଭୂମି, ସରଞ୍ଜାମ ଅଭାବ ଯୋଗୁ ହେଉ କିମ୍ବା ଚୟନ ପ୍ରକ୍ରିୟାରେ ଅନିୟମିତତା ପାଇଁ ସେମାନଙ୍କୁ ଜିଲା ଆସୋସିଏଶନ ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପଛରେ ଗୋଡ଼ାଇବାକୁ ପଡ଼ିଥାଏ। ମାତ୍ର ତୃଣମୂଳ ସ୍ତରର ଏହି ପିଲାଙ୍କୁ ଏଣିକି ସାହାଯ୍ୟ କରିବା ପାଇଁ ଓସିଏ ବଦ୍ଧପରିକର ଏବଂ ବ୍ୟକ୍ତିଗତ ଭାବେ ମୁଁ ପ୍ରତିଶ୍ରୁତିବଦ୍ଧ'' ବୋଲି ସହିଦ ସ୍ପୋର୍ଟିଂ-ମାରୁତି ଇଷ୍ଟେଟ ଇଣ୍ଡିଆ ପକ୍ଷରୁ ଏଠାରେ ଆୟୋଜିତ 'କ୍ରିକେଟର ଅଫ୍ ଦି ଇୟର' ପୁରସ୍କାର ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓସିଏ ସମ୍ପାଦକ ସଞ୍ଜୟ ବେହେରା ପ୍ରକାଶ କରିଛନ୍ତି। ଓଡ଼ିଶାର ଦେବାଶିଷ ମହାନ୍ତି ଜାତୀୟ ସିନିୟର ଚୟନକର୍ତ୍ତା ହେବାର ଗୌରବ ପାଇଛନ୍ତି। ଏବେ କେବଳ ଆମ ରାଜ୍ୟ ଖେଳାଳିଙ୍କୁ ଭଲ ପ୍ରଦର୍ଶନ କରିବାର ଅଛି। ପୂର୍ବରୁ ସେମାନଙ୍କ ପାଇଁ ଲଢ଼ିବାକୁ ଉଚ୍ଚସ୍ତରରେ କେହି ନ ଥିଲେ। ଏବେ ଦେବାଶିଷ ଅଛନ୍ତି ଏବଂ ଓସିଏ ମଧ୍ୟ ଲଢ଼େଇ ଜାରି ରଖିବ ବୋଲି ସେ କହିଛନ୍ତି। ଏହା ବ୍ୟତୀତ ଜିଲା ଆସୋସିଏଶନ ମାଧ୍ୟମରେ ବିଭିନ୍ନ ପଡ଼ିଆର ଉନ୍ନତି ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। କ୍ଲବଗୁଡ଼ିକ ଜିଲା ଆସୋସିଏଶନ ସହ ଏଗ୍ରିମେଣ୍ଟ କରି ଓସିଏକୁ ଅବଗତ କରାଇବେ। ଏହାପରେ ସେହି ପଡ଼ିଆର ମେଣ୍ଟେନାନ୍ସ ପାଇଁ ଓସିଏ କାର୍ଯ୍ୟ କରିବ। ଏହା ବ୍ୟତୀତ ପିଲାମାନଙ୍କୁ କୋଚିଂ ଦେବାପାଇଁ ପୂର୍ବରୁ ଜୁନିୟର ସ୍ତରରେ ହେଉ କି ସିନିୟରରେ ଖେଳିବାର ଅଭିଜ୍ଞତା ରଖିଥିବା ଖେଳାଳିଙ୍କୁ ନିଯୁକ୍ତି ଦିଆଯାଇ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ସଞ୍ଜୟ ପ୍ରକାଶ କରିଛନ୍ତି।

୨୦୧୯-୨୦ ସିଜନରେ ସଫଳତା ଅର୍ଜନ କରିଥିବା ବାମହାତୀ ବ୍ୟାଟ୍ସମ୍ୟାନ ଦେବାଶିଷ ସାମନ୍ତରାୟ ଓ ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ରବିବାର ପୁରୁଷ ଓ ମହିଳା 'କ୍ରିକେଟର ଅଫ୍ ଦି ଇୟର' ପୁରସ୍କାରରେ ସମ୍ମାନିତ କରାଯାଇଛି। ଦେବାଶିଷ ଏହି ସିଜନରେ ୮ଟି ମ୍ୟାଚ ଖେଳି ୧୨ ଇନିଂସରେ ୫୩.୫୦ ହାରରେ ମୋଟ ୫୩୫ ରନ କରିଥିଲେ। ଏହା ମଧ୍ୟରେ ୨ ଶତକ ଓ ୨ ଅର୍ଦ୍ଧଶତକ ସାମିଲ ଥିଲା। ତାଙ୍କୁ ୨୮ତମ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଗତ ସିଜନରେ ସୁଶ୍ରୀଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଥିଲା। ଏକଦିବସୀୟ ଜାତୀୟ ପ୍ରତିଯୋଗିତାରେ ଅଲରାଉଣ୍ଡର ସୁଶ୍ରୀ ୨୦୪ ରନ କରିବା ସହ ୮ ମ୍ୟାଚରେ ୧୬ ଉଇକେଟ ଅକ୍ତିଆର କରିଥିଲେ। ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜ ଟ୍ରଫିରେ ଇଣ୍ଡିଆ 'ବି' ପକ୍ଷରୁ ଖେଳି ସେ ୪ ମ୍ୟାଚରେ ୭ ଉଇକେଟ ଦଖଲ କରିଥିଲେ। ଏହା ବ୍ୟତୀତ ଇମର୍ଜିଂ ଏସିଆ କପ୍, ଇମର୍ଜିଂ ଭାରତୀୟ ଦଳ ସହ ବାଂଲାଦେଶ ଗସ୍ତ ଏବଂ ଟି୨୦ ଇମର୍ଜିଂ ୪ ଦଳୀୟ ମୁକାବିଲାରେ ସେ ସଫଳ ରହିଥିଲେ। ଦେବାଶିଷ ପ୍ରଥମଥର ପାଇଁ କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଥିବାବେଳେ ସୁଶ୍ରୀଙ୍କ ପାଇଁ ଏହା ଦ୍ୱିତୀୟ ପୁରସ୍କାର। ପୂର୍ବରୁ ସେ ୨୦୧୭-୧୮ ସିଜନରେ ଏହି ପୁରସ୍କାର ପାଇଥିଲେ।

ଏହି ଅବସରରେ ପୂର୍ବତନ କର୍ପୋରେଟର ଶାଶ୍ୱତୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବିତ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ପୁରସ୍କାରର ପ୍ରାୟୋଜକ ମାରୁତି ଇଷ୍ଟେଟର ପରିଚାଳନା ନିର୍ଦ୍ଦେଶକ ଜିତେନ୍ଦ୍ର ପ୍ରସାଦ ସିଂ, ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀ, ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଅଲିମ୍ପିଆନ ଲାଜରୁସ ବାର୍ଲା, ଭାରତୀୟ ମହିଳା ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସହିଦ

**'ତୃଣମୂଳ ସ୍ତରରୁ ଖେଳାଳିଙ୍କୁ ସାହାଯ୍ୟ ପାଇଁ ଓସିଏ ବଦ୍ଧପରିକର'**

ସ୍ପୋର୍ଟିଂ ସମ୍ପାଦକ ପଙ୍କଜ ପଟ୍ଟନାୟକ, କୋଷାଧ୍ୟକ୍ଷ ନିକୁଞ୍ଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସହିଦ ସ୍ପୋର୍ଟିଂର ଅନ୍ୟତମ ସଦସ୍ୟ ତଥା ଓଡ଼ିଶା କ୍ରିକେଟ ଆସୋସିଏଶନ କୋଚ୍ ରଶ୍ମିରଞ୍ଜନ ପରିଡ଼ା ଏବଂ ସୁଶ୍ରୀଙ୍କ କୋଚ୍ କ୍ଷୀରୋଦ ବେହେରା ସେମାନଙ୍କ ବକ୍ତବ୍ୟ ରଖିଥିଲେ। ସୁରଟରେ ଚାଲିଥିବା ଜାତୀୟ ସିନିୟର ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ପକ୍ଷରୁ ଖେଳୁଥିବାରୁ ସୁଶ୍ରୀ ବ୍ୟକ୍ତିଗତଭାବେ ଅନୁପସ୍ଥିତ ଥିଲେ। ତାଙ୍କ ମା' ଚନ୍ଦ୍ରାବତୀ ଓ ପିତା ନିବାସ ପ୍ରଧାନ ପୁରସ୍କାର ଗ୍ରହଣ କରିଥିଲେ। ପ୍ରକାଶଯୋଗ୍ୟ ଯେ, ସୁଶ୍ରୀ ନୟାପଲ୍ଲୀର ଇନ୍ଦିରା ମଇଦାନ ଜାଗୃତି କ୍ରିକେଟ ଏକାଡେମୀ (ଏସ୍‌ଜିଓ)ରେ ପ୍ରତିଷ୍ଠିତ କୋଚ୍ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ।


# ଭବାନୀ ଦେବୀ ପ୍ରଥମ ଭାରତୀୟ ଫେନ୍‌ସର

**ଚେନ୍ନାଇ, ୧୪।୩ (ପି.ଟି.):** ତାମିଲନାଡୁର ସି.ଏ. ଭବାନୀ ଦେବୀ ପ୍ରଥମ ଭାରତୀୟ ଫେନ୍‌ସର ଭାବେ ଟୋକିଓ ଅଲିମ୍ପିକ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଟିମ୍ ଇଭେଣ୍ଟ କ୍ୱାର୍ଟରଫାଇନାଲରେ ଆୟୋଜକ ଦଳର ପରାଜୟ ଦ୍ୱାରା ଦକ୍ଷିଣ କୋରିଆର ସେମିଫାଇନାଲ ପ୍ରବେଶ ଯୋଗୁ ଏହି ସାବ୍ରେ ଫେନ୍‌ସର ହଙ୍ଗେରୀ ବିଶ୍ୱକପ୍‌ରେ ସ୍ଥାନ ପକ୍କା କରିଥିଲେ। ଭବାନୀ ଦେବୀ ଆଡଜଷ୍ଟେଡ୍ ଅଫିସିଆଲ ର୍‌ୟାଙ୍କିଙ୍ଗ (ଏଓଆର) ପଦ୍ଧତିରେ ଯୋଗ୍ୟତା ଅର୍ଜନ କରିଛନ୍ତି। ୨୦୨୧ ଏପ୍ରିଲ ୫ ବିଶ୍ୱ ର୍‌ୟାଙ୍କିଙ୍ଗ ଭିତ୍ତିରେ ଏସିଆ ଓ ଓସିନିଆରୁ

**ଅଲିମ୍ପିକ୍ସ ଯୋଗ୍ୟତା**

ବ୍ୟକ୍ତିଗତ ଇଭେଣ୍ଟ ପାଇଁ ଗୋଟିଏ ଗୋଟିଏ କୋଟା ରହିଛି। ର୍‌ୟାଙ୍କିଙ୍ଗର ୪୫ତମ ସ୍ଥାନରେ ରହିଥିବା ଭବାନୀ ଦେବୀ ର୍‌ୟାଙ୍କିଙ୍ଗ ଭିତ୍ତିରେ ଥିବା ଦୁଇଟି ସ୍ଥାନରୁ ଗୋଟିଏ ସ୍ଥାନ ହାସଲ କରିଛନ୍ତି। ଏପ୍ରିଲ ୫ରେ ର୍‌ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇବା ମାତ୍ରେ ଏହି ୨୭ ବର୍ଷୀୟା ଫେନସରଙ୍କ ନାମ ସ୍ପଷ୍ଟ ହେବ। ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ କିରନ ରିଜିଜୁ ଭବାନୀ ଦେବୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଆଫଗାନିସ୍ତାନ ୬ ଉଇକେଟରେ ବିଜୟୀ


ଦ୍ୱିତୀୟ ଟେଷ୍ଟରେ ବିଜୟୀ ଆଫଗାନିସ୍ତାନ ଦଳ।

**ଆବୁଧାବି, ୧୪।୩**

ସ୍ଥାନୀୟ ଶେଖ ଜାଏଦ୍ ଷ୍ଟାଡିୟମରେ ଖେଳାଯାଇଥିବା ଜିମ୍ବାୱେ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଆଫଗାନିସ୍ତାନ ୬ ଉଇକେଟରେ ବିଜୟୀ ହୋଇଛି। ଟସ୍ ଜିତି ଆଫଗାନିସ୍ତାନ ପ୍ରଥମ ଇନିଂସରେ ହାଶମାତୁଲ୍ଲା ଶାହିଦିଙ୍କ ୨୦୦ ରନର ଅପରାଜିତ ଦ୍ୱିଶତକୀୟ ପାଳି ବଳରେ ୧୬୦.୪ ଓଭରରେ ୪ ଉଇକେଟ ହରାଇ ୫୪୫ ରନ କରି ଇନିଂସ ଘୋଷଣା କରିଥିଲା। ଜବାବରେ ଜିମ୍ବାୱେ ପ୍ରଥମ ଇନିଂସ ଆରମ୍ଭ କରି ୯୧.୩ ଓଭରରେ ୨୮୭ ରନକରି ଅଲଆଉଟ ହୋଇଥିଲା। ଜିମ୍ବାୱେ ପ୍ରଥମ ଇନିଂସ ଭିତ୍ତିରେ ୨୫୮ ରନ ପଛରେ ପଡି ଫଲୋଅନ ହୋଇଥିଲା। ଫଲୋଅନ ହେବା ପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଜିମ୍ବାୱେ ରବିବାର ପଞ୍ଚମ ତଥା ଅନ୍ତିମ ଦିବସରେ ୧୪୮.୫ ଓଭରରେ ୩୬୫ ରନକରି ଅଲଆଉଟ ହୋଇଥିଲା। ଫଳରେ ଆଫଗାନିସ୍ତାନ ସମ୍ମୁଖରେ ୧୦୮ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଆଫଗାନିସ୍ତାନ ୨୬.୧ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଫଳରେ ୨ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧-୧ରେ ଅମୀମାଂସିତ ରହିଛି। ହାଶମାତୁଲ୍ଲା ଶାହିଦି ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ଜିମ୍ବାୱେ ଅଧିନାୟକ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।

ଦ୍ୱିତୀୟ ଇନିଂସରେ ଆଫଗାନିସ୍ତାନ ତରଫରୁ ରହମଦ ଶାହ ୫୮ ଓ ଇବ୍ରାହିମ ଜଦ୍ରାନ ୨୯ ରନ ସଂଗ୍ରହ କରିଥିଲେ। ବୋଲିଂରେ ଜିମ୍ବାୱେର ବ୍ଲେସିଂ ମୁଜାରବାନୀ ଓ ରିଆନ ବର୍ଲ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୨୬୬/୭ରୁ ଜିମ୍ବାୱେ ଖେଳ ଆରମ୍ଭ କରି ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ସିନ୍ ୱିଲିୟମ୍ସ ୧୦୬ ରନରୁ ଖେଳ ଆରମ୍ଭ କରି ୧୫୧ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେହିପରି ୬୩ ରନରୁ ଖେଳ ଆରମ୍ଭ କରି ଡୋନାଲ୍ଡ ଟିରିପାନୋ ୯୫ ରନକରି ଆଉଟ ହେବା ସହ ଶତକରୁ ବଞ୍ଚିତ ହୋଇଥିଲେ। ବୋଲିଂରେ ଆଫଗାନିସ୍ତାନ ତାରକା ସ୍ପିନର ରସିଦ ଖାଁ ସର୍ବାଧିକ ୭ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ପ୍ରଥମ ଇନିଂସ: ୧୬୦.୪ ଓଭରରେ ୫୪୫/୪ (ଇନିଂସ ଘୋଷଣା)।
ଜିମ୍ବାୱେ ପ୍ରଥମ ଇନିଂସ: ୯୧.୩ ଓଭରରେ ୨୮୭
ଜିମ୍ବାୱେ ଦ୍ୱିତୀୟ ଇନିଂସ(ଫଲୋଅନ): ୧୪୮.୫ ଓଭରରେ ୩୬୫ ଅଲଆଉଟ (ସିନ୍ ୱିଲିୟମ୍ସ- ୧୫୧*, ଡୋନାଲ୍ଡ ଟିରିପାନୋ- ୯୫*, ରସିଦ- ୭/୧୩୭)।
ଆଫଗାନିସ୍ତାନ ଦ୍ୱିତୀୟ ଇନିଂସ: ୨୬.୧ ଓଭରରେ ୧୦୮/୪ (ରହମଦ- ୫୮, ଇବ୍ରାହିମ- ୨୯, ମୁଜାରବାନି- ୨/୨୫)।

# ସୁଶ୍ରୀଙ୍କୁ ୪ ଉଇକେଟ: ଓଡ଼ିଶାର ବୃହତ୍ ବିଜୟ


ସୁଶ୍ରୀ ଦିବ୍ୟଦର୍ଶିନୀ


ମାଧୁରୀ ମେହେଟ୍ଟା


ସରିତା ମେହେର

**ଭୁବନେଶ୍ୱର, ୧୪।୩ (ସ୍ପୋର୍ଟ୍ସ ବ୍ୟୁରୋ):** ସୁଶ୍ରୀ ଦିବ୍ୟଦର୍ଶନୀଙ୍କ ଚମତ୍କାର ବୋଲିଂ ଓ ପରେ ମାଧୁରୀ ମେହେଟ୍ଟା ଏବଂ ସରିତା ମେହେରଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଓଡ଼ିଶା ସିନିୟର ମହିଳା ଦିନିକିଆ ଟ୍ରଫିରେ ୯ ଉଇକେଟରେ ହାଇଦ୍ରାବାଦ୍‌କୁ ପରାସ୍ତ କରିଛି। ସୁରଟ୍‌ର ସି.କେ. ପିଥାୱାଲା ଗ୍ରାଉଣ୍ଡରେ ରବିବାର ଟସ୍ ଜିତି ଓଡ଼ିଶା ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ୍ ୪୬.୪ ଓଭରରେ ୧୫୯ ରନକରି ଅଲଆଉଟ ହୋଇଥିଲା। ଜବାବରେ ଓଡ଼ିଶା ୪୨.୩ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ୧୬୦ ରନ ଟାର୍ଗେଟର ପିଛା କରି ଓଡ଼ିଶା ଅତି ସହଜରେ ବିଜୟୀ ହୋଇଥିଲା। ଦଳ ତରଫରୁ ସରିତା ମେହେର ୧୦୩ଟି ବଲର ସମ୍ମୁଖୀନ ହୋଇ ୬୧ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେହିପରି କାଜଲ ଜେନା ୪୮ ବଲରୁ ୩୨ ରନ ସଂଗ୍ରହ କରିଥିଲେ। ମାଧୁରୀ ମେହେଟ୍ଟା ୧୦୫ଟି ବଲର ସମ୍ମୁଖୀନ ହୋଇ ୬୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହି ଦଳକୁ ଜିତାଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ତରଫରୁ ମମ୍ଥା କାନୋଜିଆ ୩୪, ଜି. ତ୍ରିଶା ୩୨, ଅନୁରାଧା ନାଏକ ୩୧ରନ ସଂଗ୍ରହ କରିଥିଲେ। ବୋଲିଂରେ ଓଡ଼ିଶା ତରଫରୁ ସୁଶ୍ରୀ ୮.୫ ଓଭର ବୋଲିଂ କରି ୩୪ ରନ ବ୍ୟୟ କରିବା ସହ ସର୍ବାଧିକ ୪ ଉଇକେଟ ଅକ୍ତିଆର କରିଥିଲେ। ସେହିପରି ମଧୁସ୍ମିତା ବେହେରା ୧୦ ଓଭର ବୋଲିଂ କରି ୩୭ ରନ ବ୍ୟୟ କରି ୩ ଓ ପ୍ରିୟାଙ୍କା ପ୍ରିୟଦର୍ଶନୀ ୯ ଓଭର ବୋଲିଂ କରି ୨୧ ରନ ବ୍ୟୟ କରି ୨ ଉଇକେଟ ଅକ୍ତିଆର କରିଥିଲେ। ଓଡ଼ିଶା ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ୧୬ ତାରିଖ ମଙ୍ଗଳବାର ସୁରଟ୍‌ର ଖୋଲଭାଡ ଜିମ୍‌ଖାନା ଗ୍ରାଉଣ୍ଡରେ ତ୍ରିପୁରାକୁ ଭେଟିବ।

**ସଂକ୍ଷିପ୍ତ ସ୍କୋର**

ହାଇଦ୍ରାବାଦ୍ ୪୬.୪ ଓଭରରେ ୧୫୯ ଅଲଆଉଟ୍ (ମମ୍ଥା- ୩୪, ତ୍ରିଶା- ୩୨, ଅନୁରାଧା- ୩୧, ସୁଶ୍ରୀ- ୪/୩୪, ମଧୁସ୍ମିତା- ୩/ ୩୭, ପ୍ରିୟଙ୍କା- ୨/୨୧)।
ଓଡ଼ିଶା ୪୨.୩ ଓଭରରେ ୧୬୦/୧ (ମାଧୁରୀ- ୬୦, ସରିତା- ୬୧, କାଜଲ- ୩୨)।

# ଢେଙ୍କାନାଳକୁ ହରାଇ କୁଚିଣ୍ଡା ଚାମ୍ପିୟନ



ଚାମ୍ପିୟନ କୁଚିଣ୍ଡା ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଅନୁଗୋଳ ଅଫିସ, ୧୪।୩**

ଅନୁଗୋଳ ଟାଉନ୍ ହାଇସ୍କୁଲ ପଡ଼ିଆରେ ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ ପକ୍ଷରୁ ଆୟୋଜିତ ୧୦ମ ହେମସୁରପଡ଼ା ଫୁଟବଲ୍ କପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ଢେଙ୍କାନାଳକୁ ୨-୧ ଗୋଲରେ ହରାଇ କୁଚିଣ୍ଡା ଟ୍ରଫିର ହକ୍‌ଦାର ହୋଇଛି।

ରୋମାଞ୍ଚଭରା ଫାଇନାଲ ମ୍ୟାଚର ପ୍ରଥମାର୍ଦ୍ଧ ବିନା ଗୋଲରେ ଶେଷ ହୋଇଥିଲା। ଉଭୟ ଦଳ ପରସ୍ପରକୁ କଡ଼ା ଟକ୍କର ଦେଇଥିଲେ। ଢେଙ୍କାନାଳର ଖେଳାଳି ବିକି ୬୬ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରି ଦଳକୁ ୧-୦ରେ ଆଗୁଆ କରିଥିଲେ। କୁଚିଣ୍ଡାର କାହ୍ନୁ ୭୦ତମ ମିନିଟ୍‌ରେ ଏହାକୁ ପରିଶୋଧ କରି ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ୭୭ତମ ମିନିଟ୍‌ରେ କୁଚିଣ୍ଡାର ସିନ୍ଧୁ ଦ୍ୱିତୀୟ ଗୋଲ କରି ମ୍ୟାଚକୁ ୨-୧ରେ ଆଗୁଆ ରଖିଥିଲେ। ଶେଷ ମୁହୂର୍ତ୍ତରେ ଢେଙ୍କାନାଳକୁ ଗୋଲ୍ କରିବାର ସୁଯୋଗ ମିଳିଥିଲେ ମଧ୍ୟ ଦଳ ଏହାକୁ ହାତଛଡ଼ା କରିଥିଲା। ମ୍ୟାଚକୁ ସୁରେଶ ଦାସ ପରିଚାଳନା କରିଥିବାବେଳେ ପ୍ରଶାନ୍ତ ପାଲ, ସଲିଳ ବେହେରା ସହଯୋଗ କରିଥିଲେ। ୪ର୍ଥ ଅଫିସିଆଲ ଭାବେ ଦିଲୀପ କୁମାର ରାଉତ ମ୍ୟାଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଅଗସ୍ତି ବେହେରା, ନଗର ବିଜେଡି ଉପସଭାପତି ସତ୍ୟାନନ୍ଦ ଦଳବେହେରା, ହୃଷୀକେଶ ସାହୁ, ଅନିଲ ରାଉତ, ଉଲ୍ଲାସ ସାହୁ, ମନୋଜ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। କ୍ଲବର ବଳରାମ ଜେନା, ଶାନ୍ତନୁ ସ୍ୱାଇଁ ପରିଚାଳନା କରିଥିଲେ। ଉପସଭାପତି ରଶ୍ମିରଞ୍ଜନ ସାମଲଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ।

## ତେନ୍ଦୁଲକର, ଯୁବରାଜଙ୍କ ଚମତ୍କାର ବ୍ୟାଟିଂ

**ରାଏପୁର, ୧୪।୩ (ପି.ଟି.):** ସ୍ଥାନୀୟ ଶହୀଦ ବୀର ନାରାୟଣ ସିଂ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଚଳିତ ରୋଡ୍ ସେଫ୍ଟି ୱାର୍ଲ୍ଡ ସିରିଜ ଟି୨୦ ଟୁର୍ନାମେଣ୍ଟର ରବିବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ଲିଜେଣ୍ଡ୍ସ ୫୭ ରନରେ ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସକୁ ପରାସ୍ତ କରିଛି। ରବିବାର ଏହି ବିଜୟ ଦ୍ୱାରା ଭାରତ ଲିଜେଣ୍ଡ୍ସ ରନ ରେଟ୍‌ରେ ଶ୍ରୀଲଙ୍କାକୁ ପଛରେ ପକାଇ ୧୬ ପଏଣ୍ଟ ସହ ଟେବୁଲର ଶୀର୍ଷକୁ ଫେରିଛି। ସଚିନ ତେନ୍ଦୁଲକର ଓ ଯୁବରାଜ ସିଂ ବିସ୍ଫୋରକ ବ୍ୟାଟିଂ କରି ଭାରତକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୪୭ବର୍ଷୀୟ ତେନ୍ଦୁଲକର ଟୁର୍ନାମେଣ୍ଟରେ ତାଙ୍କର ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ମାତ୍ର ୩୭ ବଲ୍‌ରେ ୬୦ ରନ କରିଥିଲେ। ତନ୍ମଧ୍ୟରେ ୯ ଚୌକା ଓ ଗୋଟିଏ ଛକା ରହିଥିଲା। ଅନ୍ୟପକ୍ଷରେ ଯୁବରାଜ ୨୨ବଲ୍‌ରୁ ୫୨ରନ ସଂଗ୍ରହ କରି ଅପରାଜିତ ରହିଥିଲେ। ସେ କ୍ରମାଗତ ୪ ଛକା ଲଗାଇଥିଲେ। ଏସ୍. ବଦ୍ରିନାଥଙ୍କ ୪୨ (୩୪ବଲ୍, ୨ ଛକା, ୪ଚୌକା)ରନର ଅବଦାନ ରହିଥିଲା। ୟୁସୁଫ ପଠାନ ୧୦ ବଲ୍‌ରୁ ୨ ଛକା ଓ ୨ ଚୌକା ସହ ୨୩ରନ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୦୫ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଜଣ୍ଟି ରୋଡ୍ସଙ୍କ ନେତୃତ୍ୱାଧୀନ ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୧୪୮ ରନ କରିଥିଲା। ଭାରତ ତରଫରୁ ୟୁସୁଫ ପଠାନ ୩୪ରନ ଦେଇ ୩ ଏବଂ ଯୁବରାଜ ୧୮ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ।

# ଦିନିକିଆରେ ୭ ହଜାର ରନ ପୂରଣରେ ମିଥାଲି ପ୍ରଥମ

**ଲକ୍ଷ୍ନୌ, ୧୪।୩ (ପି.ଟି.)**

ଭାରତର ଭେଟେରାନ ବ୍ୟାଟ୍ସଓମ୍ୟାନ ମିଥାଲି ରାଜ ଆଉ ଏକ କୀର୍ତ୍ତିମାନ ଅର୍ଜନ କରିଛନ୍ତି। ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ୭,୦୦୦ ରନ ପୂରଣ କରିବାରେ ସେ ପ୍ରଥମ ମହିଳା କ୍ରିକେଟର ହୋଇଛନ୍ତି। ରବିବାର ଦକ୍ଷିଣ ଆଫ୍ରିକା ବିପକ୍ଷ ଚତୁର୍ଥ ଅନ୍ତର୍ଜାତୀୟ ଦିନିକିଆରେ ସେ ଏହି ସଫଳତା ହାସଲ କରିଛନ୍ତି। ଭାରତୀୟ ଅଧିନାୟିକା ତାଙ୍କ ୨୧୩ତମ ମ୍ୟାଚରେ ୭,୦୦୦ରନ ମାଇଲଖୁଣ୍ଟ ହାସଲ କରିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଟୁଇଟ କରି ମିଥାଲିଙ୍କର ଉଚ୍ଚପ୍ରଶଂସା କରିଛି। ୩୮ ବର୍ଷୀୟା ବ୍ୟାଟ୍ସଓମ୍ୟାନ ୧୯୯୯ରେ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ମହିଳା ଅନ୍ତର୍ଜାତୀୟ ଦିନିକିଆରେ ୬,୦୦୦ ରନ ପୂରଣ କରିବାରେ ମଧ୍ୟ ସେ ପ୍ରଥମ ଖେଳାଳି। ଦିନିକିଆରେ ସର୍ବାଧିକ ରନ ସଂଗ୍ରହ କରିବା ତାଲିକାରେ ଇଂଲଣ୍ଡର ଚାର୍ଲୋଟ ଏଡୱାର୍ଡ୍ସ ମିଥାଲିଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ୫,୯୯୨ ରନ ସଂଗ୍ରହ କରିଛନ୍ତି। ରବିବାର ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଚତୁର୍ଥ ଦିନିକିଆର ୩୮ତମ ଓଭରରେ ମିଡିୟମ ପେସର ଟୁମି ଶେଖୁହୁନେଙ୍କ ଦ୍ୱାରା ଆଉଟ ହେବା ପୂର୍ବରୁ ସେ ୭୧ ବଲ୍‌ରେ ୪୫ ରନ କରିସାରିଥିଲେ। ଏହାମଧ୍ୟରେ ତାଙ୍କର ୪ଟି ଚୌକା ସାମିଲ। ଶୁକ୍ରବାର ଅନୁଷ୍ଠିତ ତୃତୀୟ ମ୍ୟାଚରେ ମିଥାଲି ପ୍ରଥମ ଭାରତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ଦ୍ୱିତୀୟ ଖେଳାଳି ହିସାବରେ ଖେଳର ସମସ୍ତ ଫର୍ମାଟରେ ୧୦,୦୦୦ ରନ ପୂରଣ କରିଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ